ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୧/୨୦୨୫ (୧୬ ପୃଷ୍ଠା) | Bhubaneswar, Friday, July 11/2025 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୨୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 226 | ମୂଲ୍ୟ ₹୭/-

ଫାଇନାଲରେ ଆନିସିମୋଭା

ୱିମ୍ବେଲଡନ ଟେନିସ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଆମେରିକାର ଆମାଣ୍ଡା ଆନିସିମୋଭା।

୧୬ ୦୨

ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍'

ଆସନ୍ତା ଅକ୍ଟୋବର ୩୧ରେ ଅଭିନେତା ପ୍ରଭାସଙ୍କ 'ବାହୁବଳୀ ଦି ଏପିକ୍' ରିଲିଜ୍ ହେବା ଏନେଇ ନିର୍ଦ୍ଦେଶକ ଏସ୍. ଏସ୍. ରାଜମୌଲୀ ସୂଚନା ଦେଇଛନ୍ତି।

ଗଡୁନି ଗାଡ଼ି, ବଢୁଛି ଦୁର୍ଦ୍ଦଶା

ଡ୍ରାଇଭର ମହାସଂଘ ଆନ୍ଦୋଳନ: ତୈଳ ସଙ୍କଟ, ତେଜିଲା ରାଜନୀତି

ଡ୍ରାଇଭର ମହାସଂଘର ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ରିପୋର୍ଟ ଲେଖାହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିଲା। ଏଥିଯୋଗୁ ରାଜ୍ୟରେ ଯାତ୍ରୀ ଓ ମାଲ୍ ପରିବହନ ସମେତ ଅନେକ ଜରୁରୀ ସେବା ଗୁରୁତର ପ୍ରଭାବିତ ହୋଇ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବସ୍‌ଷ୍ଟାଣ୍ଡଗୁଡ଼ିକରୁ ଘରୋଇ ବସ୍ ଚଳାଚଳ କରୁ ନ ଥିବାରୁ ଲୋକେ ଯାତାୟାତ କରି ନ ପାରି ଯନ୍ତ୍ରଣା ଭୋଗୁଛନ୍ତି। ମେଡିକାଲ ଭଳି ଜରୁରୀ କାର୍ଯ୍ୟରେ ଅନ୍ୟତ୍ର ଯାଉଥିବା ଲୋକମାନେ ବିଶେଷ ଭାବେ ହଇରାଣ ହେଉଛନ୍ତି। ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନ ପାଇଁ ପ୍ରବେଶିକା ପରୀକ୍ଷା, ନାମଲେଖା ଆଦି କାର୍ଯ୍ୟ ଚାଲିଥିବାବେଳେ ଆନ୍ଦୋଳନ ଯୋଗୁଁ ତାହା ବାଧାପ୍ରାପ୍ତ ହୋଇ ଛାତ୍ରଛାତ୍ରୀଙ୍କ ପାଇଁ ଘୋର ସମସ୍ୟା ସୃଷ୍ଟି କରିଛି। ସେହିପରି ପେଟ୍ରୋଲ, ଡିଜେଲ ଫିଲିଂ ଷ୍ଟେଶନଗୁଡ଼ିକୁ ପ୍ରାୟତଃ ତୈଳ ପରିବହନ ହୋଇପାରୁ ନ ଥିବା କୁହାଯାଉଛି। ଏଥିଯୋଗୁ ଅନେକ ଫିଲିଂ ଷ୍ଟେଶନରେ ପେଟ୍ରୋଲ, ଡିଜେଲ ମିଳୁନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଯେଉଁଠି ମିଳୁଛି, ସେଠି ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। କେବଳ ତୈଳ ନୁହେଁ, ଅନ୍ୟାନ୍ୟ ମାଲ୍ ମଧ୍ୟ ପହଞ୍ଚିପାରୁ ନ ଥିବାରୁ ବଜାରଗୁଡ଼ିକରେ ଖାଦ୍ୟ ସାମଗ୍ରୀର ଅଭାବ ଦେଖାଦେଲାଣି। ଫଳରେ କଳାବଜାର, ଦରବୃଦ୍ଧି ସ୍ଥିତି ଉପୁଜିଥିବା ଲୋକଙ୍କ ଅଭିଯୋଗରୁ ଜଣାପଡୁଛି। ଅନ୍ୟପକ୍ଷରେ ଡ୍ରାଇଭର ଆନ୍ଦୋଳନକୁ ନେଇ ରାଜନୀତି ମଧ୍ୟ ସରଗରମ ହୋଇଛି। ୧୧ ତାରିଖ ଶୁକ୍ରବାର ରାହୁଲ ଗାନ୍ଧୀଙ୍କ ଭୁବନେଶ୍ୱର ଗସ୍ତ ଓ ସମ୍ବିଧାନ ବଞ୍ଚାଅ ସମାବେଶ ଥିବାରୁ ଏହାକୁ ଭଣ୍ଡୁର କରିବା ପାଇଁ ସରକାର ଜାଣିଶୁଣି ଡ୍ରାଇଭର ଆନ୍ଦୋଳନର ସମାଧାନ ଦିଗରେ ବିଳମ୍ବ କରୁଥିବା ପିସିସି ସଭାପତି ଭକ୍ତଚରଣ ଦାସ ଅଭିଯୋଗ କରିଛନ୍ତି। ଏହାକୁ ଭାଜପା ପକ୍ଷରୁ ଖଣ୍ଡନ କରାଯିବା ସହ ବିରୋଧୀଙ୍କ ଚାଲ୍ ବୋଲି କୁହାଯାଉଛି। ରାଜ୍ୟରେ ପେଟ୍ରୋଲ, ଡିଜେଲ ସଙ୍କଟ ନ ଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସରକାର ମଧ୍ୟ ତୈଳ ସଙ୍କଟ ଆଶଙ୍କାକୁ ଦୃଷ୍ଟିରେ ରଖି ଏକ ଟାସ୍କଫୋର୍ସ ଗଠନ କରିଛନ୍ତି।

ଭୁବନେଶ୍ୱରସ୍ଥିତ ଏକ ପେଟ୍ରୋଲ ପମ୍ପରେ ଗୁରୁବାର ଦେଖିବାକୁ ମିଳିଥିବା ଲୋକଙ୍କ ଭିଡ଼। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

ଭକ୍ତ କହିଲେ ସରକାରୀ ଷଡ଼ଯନ୍ତ୍ର, ଜବାବ ଦେଲା ଭାଜପା

ତିନିଦିନ ଧରି ୬ଦଫା ଦାବିରେ ଡ୍ରାଇଭର ମହାସଂଘ ଆନ୍ଦୋଳନ ଚଳାଇଛି। ମହାସଂଘର ପ୍ରାୟ ୫ଲକ୍ଷ ସଦସ୍ୟ ଗାଡ଼ି ଷ୍ଟିଅରିଂ ଛାଡ଼ିବା ଯୋଗୁ ଯାତାୟାତ ଓ ପରିବହନ କ୍ଷେତ୍ରରେ ସଙ୍କଟ ସୃଷ୍ଟି ହୋଇଛି। ପେଟ୍ରୋଲ ସଙ୍କଟ ଅନୁଭବ କରି ପ୍ରାୟ ସବୁ ଟାଙ୍କିରେ ଗାଡ଼ିଗୁଡ଼ିକର ଲମ୍ବା ଧାଡ଼ି ରହୁଛି। ଅନ୍ୟପକ୍ଷରେ ଭୁବନେଶ୍ୱର ବରମୁଣ୍ଡା ସମେତ ରାଜ୍ୟ ପ୍ରାୟ ସମସ୍ତ ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡ଼ିକ ଅଟକି ରହିଥିବାବେଳେ ଲୋକେ ନିଜ ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଦୁର୍ଦ୍ଦଶା ଭୋଗୁଛନ୍ତି। ପରିବହନ ବ୍ୟବସ୍ଥାରେ ସୁଧାର ଆସୁ ନ ଥିବାରୁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢ଼ିବାରେ ଲାଗିଛି।

ଅନ୍ୟପକ୍ଷରେ ଲୋକ ସଭାର ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ଶୁକ୍ରବାର(୧୧ ତାରିଖ) ରହିଥିବା ବେଳେ ଡ୍ରାଇଭର ମହାସଂଘ ଚଳାଇଥିବା ଆନ୍ଦୋଳନକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିଛି। ଡ୍ରାଇଭର ମହାସଂଘକୁ ଗୋଟିଏ ଦିନ ପାଇଁ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନିବେଦନ କରିଛନ୍ତି। ଏହାସହିତ ସେ କହିଛନ୍ତି, ଏହି ଆନ୍ଦୋଳନ ପଛରେ ସରକାରୀ ଷଡ଼ଯନ୍ତ୍ର ରହିଛି। ଗୁରୁବାର ଅପରାହ୍ନରେ ପିସିସି ସଭାପତି ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି, କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ମହାସମାବେଶରେ ରାହୁଲ ଗାନ୍ଧୀ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଓ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ପୂର୍ବରୁ ଘୋଷଣା ହୋଇଛି। କଂଗ୍ରେସର ସମାବେଶକୁ ସଫଳ କରିବା ପାଇଁ ରାଜ୍ୟସାରା ଲୋକେ ରାଜଧାନୀକୁ ଆସିବାକୁ ଚାହୁଁଛନ୍ତି। ହେଲେ ଏଥିରେ ଡ୍ରାଇଭର ମହାସଂଘର ଆନ୍ଦୋଳନ ବାଧା ସୃଷ୍ଟି କରୁଛି। ଏହି ଆନ୍ଦୋଳନ ପଛରେ ସରକାରଙ୍କ ପ୍ରଚ୍ଛନ୍ନ ହାତ ☞ ପୃଷ୍ଠା-୪

ଆଜି ଆସିବେ ରାହୁଲ, ଖାର୍ଗେ

ରାହୁଲ ଗାନ୍ଧୀ

ମଲ୍ଲିକାର୍ଜ୍ଜୁନ ଖାର୍ଗେ

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ଯୋଗଦେବେ

ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଶୁକ୍ରବାର ଆୟୋଜିତ ହେବ କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ। ଏଥିରେ ଯୋଗଦେବେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହିତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ। ସମାବେଶକୁ ସଫଳ କରିବାପାଇଁ କଂଗ୍ରେସ ନେତୃବୃନ୍ଦ ଦିନରାତି ଏକାଠି କରିଦେଇଛନ୍ତି। ତୃଣମୂଳସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ସବୁଆଡ଼େ ପୋଷ୍ଟର ବ୍ୟାନର ଛାଇଗଲାଣି। ହେଲେ ଏତିକି ବେଳେ ଡ୍ରାଇଭର ମହାସଂଘର ଆନ୍ଦୋଳନ ସମାବେଶରେ କେଁ କରିବ ବୋଲି ଆଶଙ୍କା କରାଯାଉଛି। ଏହାକୁ ନେଇ ରାଜନୈତିକ ବାଦ ବିବାଦ ଲାଗି ରହିଛି। ଅନ୍ୟପକ୍ଷରେ କଂଗ୍ରେସ ରାଜ୍ୟରେ ବଢ଼ିଚାଲିଥିବା ନାରୀ ନିର୍ଯ୍ୟାତନା, କୃଷକ ଅବହେଳାଠାରୁ ଆରମ୍ଭ କରି ଆଦିବାସୀ ଓ ପଛୁଆବର୍ଗଙ୍କୁ ସରକାରଙ୍କ ପକ୍ଷପାତିତା ସହିତ ହଇଜା ଓ ଅପପୁଷ୍ଟି ଭଳି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରୁଛି। ଏତିକିବେଳେ ରାହୁଲଙ୍କ ଗସ୍ତ ରାଜ୍ୟ କଂଗ୍ରେସକୁ କିଭଳି ବରଦାନ ହେଉଛି ତାକୁ ନେଇ ରାଜନୈତିକ ମହଲରେ ଉତ୍ସୁକତାର ସହ ଅପେକ୍ଷା ରହିଛି।

ଓଡ଼ିଶା ସରକାରଙ୍କୁ ଜବାବ ମାଗିଲେ କଲିକତା ହାଇକୋର୍ଟ

ବଙ୍ଗାଳୀ ଶ୍ରମିକ ଅଟକ ପ୍ରସଙ୍ଗ

କୋଲକାତା,୧୦।୭

ଓଡ଼ିଶାରେ ବଙ୍ଗାଳୀ ଶ୍ରମିକଙ୍କୁ ଅଟକ ରଖାଯିବା ପ୍ରସଙ୍ଗରେ କଲିକତା ହାଇକୋର୍ଟ ଗୁରୁବାର ଓଡ଼ିଶା ସରକାରଙ୍କୁ ଜବାବ ମାଗିଛନ୍ତି। ଶ୍ରମିକମାନଙ୍କ ମୁକ୍ତି ସୁନିଶ୍ଚିତ କରିବା ପାଇଁ ଓଡ଼ିଶାର ଅଧିକାରୀମାନଙ୍କୁ ଯୋଗାଯୋଗ କରିବା ଲାଗି ଜଣେ ନୋଡାଲ ଅଫିସରଙ୍କୁ ନିଯୁକ୍ତ କରିବାକୁ ହାଇକୋର୍ଟ ପଶ୍ଚିମବଙ୍ଗ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଥାନା ଅଧୀନ ଅଞ୍ଚଳର ନିର୍ମାଣ ଓ ଖଣି ଖନନ କାର୍ଯ୍ୟରେ ନିୟୋଜିତ ଥିବା ୪୪୪ ଜଣଙ୍କୁ ବାଂଲାଦେଶୀ ନାଗରିକ ହୋଇଥିବା ସନ୍ଦେହକରି ଅଟକ ରଖାଯାଇ ସେମାନଙ୍କ ପ୍ରମାଣପତ୍ର ଯାଞ୍ଚ ଚାଲିଥିବା ନେଇ ମଙ୍ଗଳବାର ଜିଲ୍ଲା ପୋଲିସ ଓ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଦେଶରେ ବେଆଇନ ଭାବେ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଚିହ୍ନଟକରି ବାହାର କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶକ୍ରମେ ଓଡ଼ିଶା ସରକାର ଏହି ଅପରେଶନ୍ ଚଳାଇଥିବା ଜଣାପଡ଼ିଛି। ଏହାର ଦିନକ ପରେ ଅର୍ଥାତ୍ ବୁଧବାର ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ସମ୍ପୃକ୍ତ ଶ୍ରମିକଙ୍କ ମଧ୍ୟରୁ ୨୩ ଜଣ ତାଙ୍କ କ୍ରିଷ୍ଣାନଗର ସଂସଦୀୟ ନିର୍ବାଚନମଣ୍ଡଳୀର ବାସିନ୍ଦା ଦର୍ଶାଇ ସେମାନଙ୍କ ମୁକ୍ତି ପାଇଁ ଓଡ଼ିଶା ସରକାରଙ୍କୁ ଚେତବାନୀ ଦେଇଥିଲେ। ଇତିମଧ୍ୟରେ ଉକ୍ତ ମାମଲା କଲିକତା ହାଇକୋର୍ଟରେ ପହଞ୍ଚିଛି। ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀ ଏବଂ ରୀତୋବ୍ରତ ମିତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହ ସୋମବାର ସୁଦ୍ଧା ଅଦାଲତରେ ରିପୋର୍ଟ ଦାଖଲକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ବଙ୍ଗଳା ଭାଷୀ ଶ୍ରମିକମାନଙ୍କୁ କାହିଁକି ଅଟକ ରଖାଯାଇଛି? ସେମାନଙ୍କୁ କେଉଁ ଆଧାରରେ ଅଟକ ରଖାଯାଇଛି? ଶ୍ରମିକଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇଛି କି? ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇଛି କି? ଏବେ ସେହି ଶ୍ରମିକମାନେ କେଉଁଠି ଅଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଏଥିସହ ଖଣ୍ଡପୀଠ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥଙ୍କୁ ଓଡ଼ିଶା ପ୍ରତିପକ୍ଷ ମନୋଜ ଆହୁଜାଙ୍କଠାରୁ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ମାଗିବାକୁ କହିଛନ୍ତି।

ଆଜିର ସମ୍ପାଦକୀୟ ବାହ୍ୟ ଆକ୍ରମଣ ଓ ବିଦ୍ରୋହ

ଗଞ୍ଜେଇ ଯାଞ୍ଚ ବେଳେ ୧୧୦ କେଜି ରୁପା ଜବତ

ସମ୍ବଲପୁର,୧୦।୭(ପ୍ରମୋଦ ବହିଦାର)

ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଧରିବାକୁ ଯାଇ ସମ୍ବଲପୁର ଅବକାରୀ ବିଭାଗ ଗୁରୁବାର ଏକ ବଡ଼ଧରଣର ରୁପା ଚୋରାଚାଲାଣକୁ ଧରିଛି। ବିଜୁ ଏକ୍ସପ୍ରେସ୍ ୱେର ରେଙ୍ଗାଲି ତହସିଲ୍ ଛକ ନିକଟରେ ଅପରାହ୍ନରେ ବିଭାଗ ଏକ ସ୍କର୍ପିଓରୁ ବିପୁଳ ରୁପା ଜବତ କରିଛି। ଜବତ ସାମଗ୍ରୀ ମଧ୍ୟରେ ରହିଛି ୭୦ କେଜିର ୧୦୦ ଗ୍ରାମ ଓଜନର ୭୦୦ଟି ରୁପା ବିସ୍କୁଟ, ୨୦କିଲୋଗ୍ରାମ ଲେଖାଏ ୫ ଗ୍ରାମ ଓଜନ ବିଶିଷ୍ଟ ୪୦୦ଟି ଓ ୨୦ ଗ୍ରାମ ଓଜନ ବିଶିଷ୍ଟ ୧,୦୦୦ଟି ରୁପା କଏନ। ଅବକାରୀ ବିଭାଗ ଜବତ ରୁପାକୁ ସମ୍ବଲପୁର ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରିଛନ୍ତି। ଜବତ ମୋଟ ରୁପାର ଓଜନ ୧ କୁଇଣ୍ଟାଲ ୧୦ କେଜି ଓ ଏହାର ଆନୁମାନିକ ମୂଲ୍ୟ ୧ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଇଛି। ଏହାସହ ଗାଡ଼ିରେ ଥିବା ୨ ଆରୋହୀଙ୍କୁ ସମ୍ବଲପୁରରେ ଅଟକ ରଖି ଜିଏସ୍‌ଟି ଅଧିକାରୀମାନେ ପଚାରଉଚରା କରିଛନ୍ତି। ସେମାନେ ହେଲେ ଗୁଜୁରାଟ ରାଜ୍ୟ ସୁରାଟ ଜିଲ୍ଲାର ଚନ୍ଦ୍ରକାନ୍ତ ସୋମାଭାଇ ପଟେଲ(୫୩) ଓ ମେହେଶାନ ଜିଲ୍ଲା ବିଷନଗର ଗ୍ରାମର ସଞ୍ଜୟ ପଟେଲ(୫୧)। ସେମାନଙ୍କୁ ନୋଟିସ୍ ଦେଇ ଛାଡ଼ି ଦିଆଯାଇଥିବା ସମ୍ବଲପୁର ଜିଏସ୍‌ଟି ଡେପୁଟି କମିଶନର ଟେକଚାନ୍ଦ ମେହେର ସୂଚନା ଦେଇଛନ୍ତି।।

ଗଞ୍ଜେଇ ଚୋରାଚାଲାଣ ହେଉଥିବା ସନ୍ଦେହରେ ରେଙ୍ଗାଲି ତହସିଲ କାର୍ଯ୍ୟାଳୟ ନିକଟରେ ଅପରାହ୍ନ ☞ ପୃଷ୍ଠା-୪

ଜବତ ରୁପା

ଗୁରୁପୂର୍ଣ୍ଣିମାରେ ଗୁରୁଙ୍କୁ ହତ୍ୟା ୨୯ ସେଲିବ୍ରିଟିଙ୍କୁ ଘେରିଲା ଇଡି

କେଶ କାଟିବାକୁ କହିବାରୁ ପ୍ରିନ୍ସିପାଲଙ୍କୁ ଛୁରି ଭୁସିଲେ

ହିସାର,୧୦।୭

ଦେଶବ୍ୟାପୀ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁବାର ଧୁମଧାମ୍‌ର ସହ ଗୁରୁପୂର୍ଣ୍ଣିମା ପାଳନ ହୋଇଥିବା ବେଳେ ହରିୟାଣାର ହିସାରରୁ ଏକ ଚାଞ୍ଚଲ୍ୟକର ଖବର ସାମ୍ନାକୁ ଆସିଛି। ଦ୍ୱାଦଶ ଶ୍ରେଣୀର ୨ ଛାତ୍ର ନିଜ ସ୍କୁଲ ପ୍ରିନ୍ସିପାଲଙ୍କୁ ଛୁରିରେ ଭୁସି ହତ୍ୟା କରିଛନ୍ତି। ଗୁରୁ ପୂର୍ଣ୍ଣିମାରେ ଗୁରୁ-ଶିଷ୍ୟ ସମ୍ପର୍କକୁ କଳଙ୍କିତ କରିଥିବା ଏହି ଘଟଣା ହିସାର ଜିଲ୍ଲା ବଶ୍ ବାଦଶାହପୁର ଗ୍ରାମର କର୍ତାର ମେମୋରିଆଲ ସିନିୟର ସେକେଣ୍ଡାରି ସ୍କୁଲରେ ଘଟିଛି।

ପୋଲିସ ସୂଚନା ମୁତାବକ, କର୍ତାର ମେମୋରିଆଲ ସ୍କୁଲ୍‌ର ଦ୍ୱାଦଶ ଶ୍ରେଣୀରେ ପଢୁଥିବା ୨ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରିନ୍ସିପାଲ ଜଗବୀର ସିଂ ପନ୍ନୁ (୫୦) କେଶ କାଟିବାକୁ କହିବା ସହ ଉଭୟଙ୍କୁ ଶୃଙ୍ଖଳା ମଧ୍ୟରେ ରହିବାକୁ ତାଗିଦ୍ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଉଭୟ ଛାତ୍ର ସ୍କୁଲ ପରିସରରେ ଜଗବୀରଙ୍କୁ ଏକ ଛୁରିରେ ବହୁବାର ଭୁସିଥିଲେ। ଏହାପରେ ସେମାନେ ଖସି ପଳାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ପ୍ରିନ୍ସିପାଲଙ୍କୁ ସ୍କୁଲ କର୍ମଚାରୀ ହିସାରସ୍ଥିତ ପ୍ରାଇଭେଟ୍ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇ ପୋଲିସ ସ୍କୁଲରେ ପହଞ୍ଚି ତଦନ୍ତ କରିବା ସହ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରିଛି।

ଜଗବୀର ସିଂ ପନ୍ନୁ

ବେଟିଂ ଆପ୍‌କୁ ପ୍ରୋତ୍ସାହନ ଅଭିଯୋଗ

ହାଇଦ୍ରାବାଦ,୧୦।୭

ଅନ୍‌ଲାଇନ୍ ବେଟିଂ ଆପ୍‌କୁ ପ୍ରୋତ୍ସାହନ ଦେବା ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨ ଡଜନରୁ ଊର୍ଦ୍ଧ୍ୱ ଅଭିନେତାଙ୍କ ସମେତ ୨୯ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଇଡି କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇଥିବା ସେଲିବ୍ରିଟିଙ୍କ ମଧ୍ୟରେ ରହିଛନ୍ତି କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ବିରୋଧ କରିଥିବା ପ୍ରକାଶ ରାଜଙ୍କ ସମେତ ଦକ୍ଷିଣ ଭାରତୀୟ ଷ୍ଟାର ବିଜୟ ଦେବେରାକୋଣ୍ଡା ଓ ରାଣା ଦୁଗୁବତୀ। ଏମାନଙ୍କ ବ୍ୟତୀତ ତେଲଙ୍ଗାନାର କେତେଜଣ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଓ ୟୁଟ୍ୟୁବର୍ ମଧ୍ୟ ଏଜେନ୍ସି ତଦନ୍ତ ପରିସରଭୁକ୍ତ ହୋଇଥିବା ଗୁରୁବାର ଇଡି ସୂତ୍ରରୁ ଜଣାପଡ଼ିଛି।

ପ୍ରକାଶ ରାଜ

ନିଧି ଅଗ୍ରୱାଲ

ଜଣେ ବରିଷ୍ଠ ଇଡି ଅଧିକାରୀ କହିଛନ୍ତି, ଅଭିଯୁକ୍ତମାନେ ଅନ୍‌ଲାଇନ୍ ବେଟିଂ ଆପ୍‌କୁ ପ୍ରୋତ୍ସାହନ ଦେବା ପବ୍ଲିକ୍ ଗ୍ୟାମ୍ବ୍ଲିଂ ଆକ୍ଟ, ୧୮୬୭ର ଉଲ୍ଲଂଘନ। ତେଲଙ୍ଗାନା ଓ ଆନ୍ଧ୍ର ପ୍ରଦେଶରେ ଏନେଇ ୫ଟି ଏଫ୍‌ଆଇଆର୍ ହୋଇଛି। ଏହାକୁ ଭିତ୍ତିକରି ମନି ଲଣ୍ଡରିଂ ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ଆଇନ ବଳରେ ଏମାନଙ୍କ ବିରୋଧରେ ଇଡି ତଦନ୍ତ ଚଳାଇଛି। ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରେ ମାଞ୍ଚୁ ଲକ୍ଷ୍ମୀ, ନିଧି ଅଗ୍ରୱାଲ, ପ୍ରଣୀତା ସୁଭାଷ, ଅନନ୍ୟା ନଗେଲ୍ଲାଙ୍କ ଭଳି ତେଲୁଗୁ ସିନେ କଳାକାର ଏବଂ ଶ୍ରୀମୁଖୀ, ଶ୍ୟାମଳା, ବର୍ଷିନୀ ସୌନ୍ଦରାଜନ, ହର୍ଷ ସାଇ, ବେୟା ସନ୍ନି ଯାଦବଙ୍କ ଭଳି ଡିଜିଟାଲ କ୍ରିଏଟର ରହିଛନ୍ତି। ଏହି ସେଲିବ୍ରିଟିମାନେ ବିଭିନ୍ନ ପ୍ଲାଟ୍‌ଫର୍ମରେ ବେଟିଂ ଆପ୍ ସପକ୍ଷରେ ପ୍ରଚାରଧର୍ମୀ ଅଭିଯାନ ଚଳାଇବା ଫଳରେ ୟୁଜର୍ସ ବିଭ୍ରାନ୍ତ ହୋଇଛନ୍ତି। ଜଙ୍ଗଲୀ ରମି, ଜିତ୍‌ୱିନ୍, ଲୋଟସ୍ ୩୬୫ ଆଦି ଆପ୍‌ର ପରିଚାଳନାକାରୀ ସଂସ୍ଥାଗୁଡ଼ିକ ବେଆଇନ ଭାବେ ପାଣ୍ଠି ସଂଗ୍ରହ କରିବାରେ ସକ୍ଷମ ହୋଇଥିବା ଇଡି ସନ୍ଦେହ କରୁଛି। ଇଡି ଏହି ସେଲିବ୍ରିଟିମାନଙ୍କ ବୟାନ ରେକର୍ଡ କରିପାରେ।

ବନ୍ୟା, ଭୂସ୍ଖଳନ ପ୍ରଭାବିତ ୬ ରାଜ୍ୟକୁ ୧,୦୬୬ କୋଟିର ସହାୟତା

ନୂଆଦିଲ୍ଲୀ, ୧୦।୭

ଚଳିତବର୍ଷ ମୌସୁମୀରେ ବନ୍ୟା ଏବଂ ଭୂସ୍ଖଳନରେ ପ୍ରଭାବିତ ହୋଇଥିବା ୬ ରାଜ୍ୟ ପାଇଁ ଗୁରୁବାର କେନ୍ଦ୍ର ସରକାର ୧,୦୬୬ କୋଟି ଟଙ୍କାର ଆର୍ଥିକ ସହାୟତା ରାଶି ମଞ୍ଜୁର କରିଛନ୍ତି। ଆସାମ, ମଣିପୁର, କେରଳ, ମେଘାଳୟ, ମିଜୋରାମ, ଉତ୍ତରାଖଣ୍ଡ ପାଇଁ ଏହି ସହାୟତା ରାଶି ମଞ୍ଜୁର ହୋଇଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏକ୍ସ'ରେ ସୂଚନା ଦେଇଛନ୍ତି। ଏହି ରାଶି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍) ଅଧୀନରେ ଜାରି କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍) ଏବଂ ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ୧୯ ରାଜ୍ୟକୁ ୮ ହଜାର କୋଟି ଟଙ୍କାରୁ ଅଧିକ ସହାୟତା ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଉତ୍ତରାଖଣ୍ଡକୁ ସବୁଠାରୁ ଅଧିକ ୪୫୫.୬ କୋଟି, ଆସାମକୁ ୩୭୫.୬ କୋଟି, କେରଳକୁ ୧୫୩.୨ କୋଟି, ମଣିପୁରକୁ ୨୯.୨ କୋଟି, ମିଜୋରାମକୁ ୨୨.୮ କୋଟି, ମେଘାଳୟକୁ ୩୦.୪ କୋଟି ଟଙ୍କାର ସହାୟତା ରାଶି ମିଳିଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରାଜ୍ୟଗୁଡ଼ିକର ସହାୟତା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ଶାହା କହିଛନ୍ତି।



ୟୁକ୍ରେନ୍ ରାଜଧାନୀ କିଭ୍ ଉପରେ ଗୁରୁବାର ରୁଷୀୟ ସେନା ପକ୍ଷରୁ ବଡ଼ଧରଣର ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ଏୟାର ଷ୍ଟ୍ରାଇକ୍‌ରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଛନ୍ତି। ଲୋକେ ସୁରକ୍ଷିତ ସ୍ଥାନକୁ ପଳାୟନ କରୁଥିବାବେଳେ କିଭ୍‌ର ମେଟ୍ରୋ ଷ୍ଟେଶନ୍‌ରେ ନିଜ ବିଲେଇକୁ ଧରି ଛିଡ଼ା ହୋଇଛନ୍ତି ଜଣେ ମହିଳା।

ପକ୍ଷୀ ଶୁଆ ହେବାକୁ ଲାଗିଲାଣି

ଏମର୍ଜେନ୍ସିକୁ ନେଇ ଶଶୀ ଥରୁର୍‌ଙ୍କ ଆଲେଖ୍ୟ, କଂଗ୍ରେସର କଟାକ୍ଷ

ନୂଆଦିଲ୍ଲୀ, ୧୦।୭

ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁରଙ୍କ ଦ୍ୱାରା ଏମର୍ଜେନ୍ସିକୁ ନେଇ ଲେଖାଯାଇଥିବା ଏକ ଆଲେଖ୍ୟକୁ କଂଗ୍ରେସ ତାମିଲନାଡୁର ବିରୁଧନଗରରୁ କଂଗ୍ରେସ ଏମ୍‌ପି ମଣିକମ୍ ଟାଗୋର ସମାଲୋଚନା କରିଛନ୍ତି। ସେ ଥରୁର୍‌ଙ୍କୁ କଟାକ୍ଷ କରି କହିଛନ୍ତି, ଯେତେବେଳେ କେହି ଭାଜପାର ମତକୁ ଦୋହରାଇଥାନ୍ତି, ତେବେ ମାନିନେବା ଉଚିତ ପକ୍ଷୀ ଶୁଆ ହେବାକୁ ଲାଗିଲାଣି। ପକ୍ଷୀମାନଙ୍କ ଦ୍ୱାରା ଅନୁକରଣ କରାଯିବା ସୁନ୍ଦର ଲାଗିଥାଏ। କିନ୍ତୁ ରାଜନୀତି କ୍ଷେତ୍ରରେ ଏହାର ଠିକ୍ ବିପରୀତ ହୋଇଥାଏ। ଥରୁର୍ ମାଲୟାଲମ ଖବରକାଗଜ ଦୀପିକାରେ ଏମର୍ଜେନ୍ସିକୁ ଏକ ଆଲେଖ୍ୟ ଲେଖି କହିଥିଲେ, ଏମର୍ଜେନ୍ସି କାଳ (୧୯୭୫ରୁ ୧୯୭୭ ମସିହା)କୁ କେବଳ ଏକ କଳା ଅଧ୍ୟାୟ ଭାବେ ମନେରଖିବା ଉଚିତ ନୁହେଁ

ବରଂ ଏଥିରୁ ଶିକ୍ଷା ନେବା ଉଚିତ। ଶୃଙ୍ଖଳା ଏବଂ ବ୍ୟବସ୍ଥା ନାମରେ ସେତେବେଳେ କରାଯାଇଥିବା କାର୍ଯ୍ୟଗୁଡ଼ିକୁ ଯଥାର୍ଥ ବୋଲି ଦର୍ଶାଯାଇପାରିବ ନାହିଁ। ଏମର୍ଜେନ୍ସି ଲାଗିବାରେ ସଞ୍ଜୟ ଗାନ୍ଧୀଙ୍କର ଭୂମିକାକୁ ନେଇ ଏହି ଆଲେଖ୍ୟରେ ସେ ପ୍ରଶ୍ନ ଉଠାଇଥିଲେ।

ଏସ୍‌ଆଇଆର୍ ସମୟକୁ ନେଇ ପ୍ରଶ୍ନ

- ବିହାର ଭୋଟର ତାଲିକା ସଂଶୋଧନ ଜାରି ରହିବ
- ପଞ୍ଜୀକରଣ ପାଇଁ ଆଧାର, ଭୋଟର ଆଇଡି, ରାଶନ କାର୍ଡ ଗ୍ରହଣ ପାଇଁ ଇସିଙ୍କୁ ପରାମର୍ଶ

ନୂଆଦିଲ୍ଲୀ, ୧୦।୭

ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ନିର୍ବାଚନ କମିଶନ(ଇସି)ଙ୍କ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ (ଏସ୍‌ଆଇଆର୍) ଜାରି ରହିବ। ଏସ୍‌ଆଇଆର୍ ନିଷ୍ପତ୍ତିକୁ ଚ୍ୟାଲେଞ୍ଜକରି ଦାଖଲ ୧୦ରୁ ଊର୍ଦ୍ଧ୍ୱ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ତେବେ ଭୋଟର ପଞ୍ଜୀକରଣ ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରାଶନ୍ କାର୍ଡକୁ ଗ୍ରହଣ କରିବା ଲାଗି ବିଚାର କରିବାକୁ ସର୍ବୋଚ୍ଚ ଅଦାଲତ ଇସିଙ୍କୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ନଭେମ୍ବର ଆଡ଼କୁ ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏବେ କାହିଁକି ରିଭିଜନ୍ କରାଯାଉଛି ବୋଲି ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ଜୁଲାଇ ୨୮ରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଜୁଲାଇ ୧ରୁ ଇସିଙ୍କ ପକ୍ଷରୁ ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ଏଥିରେ ରାଜ୍ୟର ୭.୯ କୋଟି ଭୋଟର ସାମିଲ ହେବେ। ତେବେ ଏସ୍‌ଆଇଆର୍‌ରେ ଭୋଟର ଆଇଡି ଏବଂ ଆଧାର କାର୍ଡକୁ ଗ୍ରହଣ କରାଯାଉନାହିଁ। ଏଥିଯୋଗୁ ବିହାରର ପ୍ରାୟ ୧.୫ କୋଟି ମତଦାତା ଭୋଟର ତାଲିକାରୁ ବାଦ୍ ପଡ଼ିବା ଆଶଙ୍କା କରି ଇଣ୍ଡିଆ ବ୍ଲକ୍‌ର ନେତାମାନେ ଇସିଙ୍କୁ ଭେଟିଥିଲେ। ଏଥିରୁ କୌଣସି ସୁଫଳ ନ



ମିଳିବାରୁ ସୁପ୍ରିମକୋର୍ଟରେ ୧୦ରୁ ଅଧିକ ପିଟିଶନ ଦାଖଲ କରାଯାଇଛି। ଏନ୍‌ଜିଓ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ମୁଖ୍ୟ ଆବେଦନକାରୀ ହୋଇଥିବାବେଳେ ଅନ୍ୟ ପିଟିଶନରମାନେ ହେଲେ ଆର୍‌ଜେଡି ଏମ୍‌ପି ମନୋଜ ଝା, ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର, କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଏନ୍‌ସିପି-ଏସ୍‌ପି ନେତ୍ରୀ ସୁପ୍ରିୟା ସୁଲେ, ସିପିଆଇ ନେତା ଡି. ରାଜା, ସମାଜବାଦୀ ପାର୍ଟିର ହରିନ୍ଦର ସିଂ ମଲିକ, ଶିବସେନା ୟୁବିଟି ନେତା ଅରବିନ୍ଦ ସାୱନ୍ତ, ଜେଏମ୍‌ଏମ୍‌ର ସରଫରାଜ ଅହମଦ ଏବଂ ସିପିଆଇଏମ୍‌ଏଲ୍‌ର ଦୀପଙ୍କର ଭଟ୍ଟାଚାର୍ଯ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଇସିଙ୍କ ଅର୍ଡର ଖାରଜ କରିବାକୁ ଏହି ନେତାମାନେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି। ଗୁରୁବାର ଆଂଶିକ କାର୍ଯ୍ୟଦିବସ ଥିବାବେଳେ ଜଷ୍ଟିସ୍ ସୁଧାଂଶୁ ଧୂଳିଆ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଏହାର ଶୁଣାଣି ଆରମ୍ଭ କରିଛନ୍ତି। ଖଣ୍ଡପୀଠ ଇସିଙ୍କୁ ପ୍ରଶ୍ନ କରିଛନ୍ତି, ଭୋଟର ତାଲିକା ସମୀକ୍ଷା ପାଇଁ ଆୟୋଗଙ୍କ କ୍ଷମତା ରହିଛି କି? ଏସ୍‌ଆଇଆର୍ ପାଇଁ ଯେଉଁ ପ୍ରକ୍ରିୟା ଆପଣାଯାଇଛି, ତା'ର ଯଥାର୍ଥତା କ'ଣ? ଏଭଳି ସମୟରେ କାହିଁକି ତାଲିକା ସଂଶୋଧନ କରୁଛନ୍ତି? ତେବେ ଏହି ପ୍ରକ୍ରିୟାକୁ 'କୃତ୍ରିମ' କିମ୍ବା 'କାଳ୍ପନିକ' ବୋଲି କହିବାରୁ ଆବେଦନକାରୀମାନେ ନିବୃତ୍ତ ରୁହନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ଜୁଲାଇ ୨୮ରେ ଉକ୍ତ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ଇସିଙ୍କୁ ସପ୍ତାହେ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଉଦ୍‌ବେଗ ପ୍ରକାଶକଲେ ସୁପ୍ରିମକୋର୍ଟ

➤ବିହାର ଭୋଟର ତାଲିକାର ଏସ୍‌ଆଇଆର୍ ପାଇଁ ଲୋକଙ୍କ ଆଧାର କାର୍ଡ, ଭୋଟର ପରିଚୟପତ୍ର ଓ ରାଶନ କାର୍ଡ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଇସିଙ୍କୁ ପରାମର୍ଶ ଦେଇଛନ୍ତି।

➤ଏସ୍‌ଆଇଆର୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ଯାହାକି ଗଣତନ୍ତ୍ରର ମୂଳ ଏବଂ ମତଦାନ ଅଧିକାର ସହ ଜଡ଼ିତ।

➤ଭୋଟର ତାଲିକା ସଂଶୋଧନ କ୍ଷମତା, ଏଥିପାଇଁ ଆପଣାଯାଇଥିବା

ପଦ୍ଧତି ଓ ପ୍ରକ୍ରିୟାର ସମୟକୁ ନେଇ ସୁପ୍ରିମକୋର୍ଟ ଇସିଙ୍କୁ ପ୍ରଶ୍ନ କରିଛନ୍ତି।

➤ବିହାରରେ ନାଗରିକତ୍ୱ ପ୍ରମାଣ ପାଇଁ ଉଦ୍ଦିଷ୍ଟ ସୂଚୀବଦ୍ଧ ତାଲିକା ଦସ୍ତାବିଜରୁ ଆଧାର କାର୍ଡକୁ ବାଦ୍ ଦିଆଯିବା ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

➤ନାଗରିକତ୍ୱ ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପରିସରଭୁକ୍ତ ବିଷୟ ବୋଲି ସୁପ୍ରିମକୋର୍ଟ କହିବା ସହ ଏଥିରେ ଇସି କାହିଁକି ମୁଣ୍ଡ ପୂରାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି।

ୟୁରୋପରେ ଗ୍ରୀଷ୍ମ ଲହରି: ୧୦ ଦିନରେ ୨,୩୦୦ ମୃତ

ନୂଆଦିଲ୍ଲୀ, ୧୦।୭

ୟୁରୋପର ୧୨ଟି ସହରରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରି ଯୋଗୁ ଜୁନ୍ ୨୩ରୁ ଜୁଲାଇ ୨ ତାରିଖ ୧୦ ଦିନ ମଧ୍ୟରେ ୨,୩୦୦ ଲୋକଙ୍କ ମୃତ୍ୟୁ ଘଟିଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ସେଥିରୁ ଦୁଇ-ତୃତୀୟାଂଶ ବା ୧,୫୦୦ ଜଣଙ୍କ ମୃତ୍ୟୁର ଜଳବାୟୁ ପରିବର୍ତ୍ତନ ସହ ପ୍ରତ୍ୟକ୍ଷ ସମ୍ପର୍କ ରହିଥିବା କୁହାଯାଇଛି। ପଶ୍ଚିମ ୟୁରୋପର ବିସ୍ତୀର୍ଣ୍ଣ ଅଞ୍ଚଳ ଗ୍ରୀଷ୍ମ ଲହରି ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବାବେଳେ ସ୍ପେନ୍‌ରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଅତିକ୍ରମ କରିଛି। ଫ୍ରାନ୍ସରେ ବନାଗ୍ନି ଯୋଗୁ ତାପମାତ୍ରା ବୃଦ୍ଧି ପାଇଛି। ବାର୍ସିଲୋନା, ମାଡ୍ରିଡ୍, ଲଣ୍ଡନ ଓ ମିଲନ ସମେତ ୧୨ଟି ୟୁରୋପୀୟ ସହରରେ ୩ କୋଟିରୁ ଊର୍ଦ୍ଧ୍ୱ ଲୋକ ରହୁଥିବାବେଳେ ସେଠାରେ ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇଛି।

ଆଲିଆ ଭଟ୍ଟଙ୍କୁ ୭୭ ଲକ୍ଷ ଠକିଥିବା ପୂର୍ବତନ ପିଏ ଗିରଫ

ମୁମ୍ବାଇ, ୧୦।୭

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ପୂର୍ବତନ ବ୍ୟକ୍ତିଗତ ସହାୟକ(ପିଏ) ବେଦିକା ପ୍ରକାଶ ଶେଟ୍ଟୀ ବୁଧବାର ଗିରଫ ହୋଇଛନ୍ତି। ସେ ଗତ ୬ ମାସ ଧରି ଫେରାର ଥିଲେ। ବେଦିକା ଗତ ୨ ବର୍ଷ ଧରି ଆଲିଆଙ୍କୁ ଠକି ଆସୁଥିଲେ। ସେ ନକଲି ବିଲ୍ ଏବଂ ଆଲିଆଙ୍କ ନକଲି ଦସ୍ତଖତକୁ ବ୍ୟବହାରକରି ତାଙ୍କୁ ୭୭ ଲକ୍ଷ ଟଙ୍କା ଠକିଥିଲେ। କିଛି ମାସ ତଳେ ଏନେଇ ଆଲିଆଙ୍କ ମା' ସୋନି ରାଜ୍‌ଦାନ ଥାନାରେ ଅଭିଯୋଗ କରିଥିଲେ। ମୁମ୍ବାଇ ପୋଲିସ ତାଙ୍କୁ ବେଙ୍ଗାଲୁରୁରୁ ଗିରଫ କରିଛି।

ଭାରତରେ ଜନ୍ମିତ ସାବିହ ଖାନ୍ ହେଲେ ଆପଲ୍ ସିଓଓ

ନ୍ୟୁୟର୍କ, ୧୦।୭

ଉତ୍ତରପ୍ରଦେଶର ମୋରାଦାବାଦରେ ଜନ୍ମିତ ସାବିହ ଖାନ୍ ଆଇଫୋନ୍ ଉତ୍ପାଦନକାରୀ କମ୍ପାନୀ ଆପଲ୍‌ର ମୁଖ୍ୟ ଅପରେଟିଂ

ଅଫିସର (ସିଓଓ) ଭାବେ ପଦୋନ୍ନତି ପାଇଛନ୍ତି। ଭାରତୀୟ-ଆମେରିକୀୟ ଇଞ୍ଜିନିୟର ଖାନ୍(୫୯) ୩ ଦଶନ୍ଧି ହେଲା ଆମେରିକାର ବୃହତ୍ ପ୍ରଯୁକ୍ତି କମ୍ପାନୀ ସହ ଯୋଡ଼ିହୋଇ ରହିଛନ୍ତି। ସେ ୧୯୯୫ରେ ଆପଲ୍‌ରେ ଯୋଗ ଦେଇଥିବାବେଳେ ୨୦୧୯ ଜୁନ୍‌ରେ ଏହାର ପରିଚାଳନା ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ହୋଇଥିଲେ। ଚଳିତ ମାସ ଶେଷଭାଗରେ ଜେଫ୍ ୱିଲିଅମ୍ସଙ୍କ ସ୍ଥାନରେ ସେ ଆପଲ୍ ସିଓଓ ଭାବେ କାର୍ଯ୍ୟଭାର ଗ୍ରହଣ କରିବାକୁ ଯାଉଛନ୍ତି।

ଏକ୍ସ ସିଇଓ ପଦରୁ ଲିଣ୍ଡା ୟାକାରିନୋଙ୍କ ଇସ୍ତଫା

ନ୍ୟୁୟର୍କ, ୧୦।୭

ଏଲନ୍ ମସ୍କଙ୍କ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ର ସିଇଓ ପଦରୁ ଲିଣ୍ଡା ୟାକାରିନୋ ଇସ୍ତଫା ଦେଇଛନ୍ତି। ସେ ବୁଧବାର ଏକ ବାର୍ତ୍ତା ପୋଷ୍ଟ କରି ଏକ୍ସ'ରେ ତାଙ୍କ କାର୍ଯ୍ୟକାଳ ସମ୍ପର୍କରେ ଲେଖିଛନ୍ତି।

ଟେସ୍‌ଲା କମ୍ପାନୀ ମୁଖ୍ୟ ମସ୍କ ୨୦୨୨ରେ ଟୁଇଟରକୁ ୪୪ ବିଲିୟନ ଡଲାରରେ କିଣିବା ପରେ ଏହାର ନାଁ ବଦଳାଇ ଏକ୍ସ ରଖିଥିଲେ। ୨୦୨୩ ମେ'ରେ ସେ ଲିଣ୍ଡାଙ୍କୁ ଏହାର ସିଇଓ ନିଯୁକ୍ତ କରିଥିଲେ। ତାଙ୍କୁ କମ୍ପାନୀର ବ୍ୟବସାୟ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ଏକ୍ସ'ରେ ଲିଣ୍ଡାଙ୍କ ୨ ବର୍ଷର କାର୍ଯ୍ୟକୁ ମସ୍କ ପ୍ରଶଂସା କରିଛନ୍ତି।

ଛାତ୍ର, ପର୍ଯ୍ୟଟକ, ଏଚ୍-୧ବି ଭିଜା ଶୁଳ୍କ ବଢ଼ାଇଲା ଆମେରିକା

ୱାଶିଂଟନ୍, ୧୦।୭ (ପି.ଟି.)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୱାନ୍ ବିଗ୍ ବିୟୁଟିଫୁଲ୍ ବିଲିୟନ୍ ବିଲ୍ ଆକ୍ଟ ଅଧୀନରେ ଦେଶର ଆପ୍ରବାସୀ ନୀତିରେ ପରିବର୍ତ୍ତନ କରାଯାଇ ୨୫୦ ଡଲାରର ଭିଜା ଇଣ୍ଟିଗ୍ରିଟି ଫି'ର ପ୍ରଚଳନ କରାଯାଇଛି। ଏକ ସୁରକ୍ଷା ଜମା ଭଳି ଏହି ବାଧ୍ୟତାମୂଳକ ଶୁଳ୍କକୁ ଲାଗୁ କରାଯାଇଛି। ନୂତନ ନିୟମ ଅନୁଯାୟୀ, ଏହି ବାଧ୍ୟତାମୂଳକ ଶୁଳ୍କ ୨୦୨୬ଠାରୁ କାର୍ଯ୍ୟକାରୀ ହେବ। ଏଥିରେ ପର୍ଯ୍ୟଟକ/ବ୍ୟବସାୟ (ବି୧-ବି୨) ଭିଜା, ଛାତ୍ର ଭିଜା (ଏଫ୍ ଏବଂ ଏମ୍) ଏବଂ ଏଚ୍-୧ ଭିଜା ଅନ୍ତର୍ଭୁକ୍ତ ଥିବାବେଳେ କେବଳ କୂଟନୈତିକ ଭିଜା ଶ୍ରେଣୀ (ଏ ଏବଂ ଜି)କୁ ଏଥିରୁ ଛାଡ଼ କରାଯାଇଛି। ଅଧିକାଂଶ ଅଣ-ଆପ୍ରବାସୀ ଭିଜା ଶ୍ରେଣୀରେ ୨୫୦ ଡଲାରର ଏହି ଭିଜା ଇଣ୍ଟିଗ୍ରିଟି ଫି'କୁ ଯୋଡ଼ାଯାଇଛି। ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି ଏହି ପଦକ୍ଷେପକୁ ଆମେରିକାର ଆପ୍ରବାସ ଆଇନକୁ ପାଳନ କରିବା ପାଇଁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଏକ ପ୍ରୟାସ ବୋଲି ବିଚାର କରାଯାଉଛି।

ହସ୍ପିଟାଲରେ ମୃତ, କବର ପୂର୍ବରୁ ନବଜାତକ ଜୀବିତ

ବିଡ୍, ୧୦।୭

ମହାରାଷ୍ଟ୍ରର ବିଡ୍ ଜିଲାରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଅମ୍ବାଯୋଗାଇ ଅଞ୍ଚଳରେ ଥିବା ସ୍ୱାମୀ ରାମାନନ୍ଦ ତୀର୍ଥ ସରକାରୀ ହସ୍ପିଟାଲରେ ଜନ୍ମ ହୋଇଥିବା ଏକ ନବଜାତକକୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ କବର ଦେବା ପୂର୍ବରୁ ନବଜାତକଟି ଜୀବିତ ଥିବା ଜଣାପଡ଼ିଥିଲା।

ଗତ ୭ ତାରିଖ ରାତିରେ ରାମାନନ୍ଦ ତୀର୍ଥ ହସ୍ପିଟାଲରେ ଜଣେ ମହିଳା ଏକ ନବଜାତକକୁ ଜନ୍ମ ଦେଇଥିଲେ। କିଛି ସମୟ ପରେ ଡାକ୍ତର ଉକ୍ତ ଶିଶୁକୁ ମୃତ ଘୋଷଣା କରିଥିଲେ। ୧୨ ଘଣ୍ଟା ପର୍ଯ୍ୟନ୍ତ ଶିଶୁଟିକୁ ହସ୍ପିଟାଲରେ ରଖାଯାଇଥିଲା। ପରିବାର ଲୋକ ଏବଂ ସମ୍ପର୍କୀୟ ଶିଶୁଟିକୁ କବର ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ନବଜାତକର ଜେଜେବାପା କହିଛନ୍ତି, ସେମାନେ ଏକ ବ୍ୟାଗ୍‌ରେ ନବଜାତକକୁ ରଖି ମୋଟର ସାଇକେଲରେ କବର ଦେବା ପାଇଁ ନେଇଥିଲେ। ତେବେ କବର ଦେବାର ଠିକ୍ ପୂର୍ବରୁ ନଜାତକର ଜେଜେମା' ଶିଶୁଟିର ଚେହେରା ଦେଖିବାକୁ ଜିଦ୍

କରିଥିଲେ। ବ୍ୟାଗ୍‌ରୁ ଶିଶୁକୁ ବାହାର କରିବା ପରେ ସେ ହଲୁଥିବାର ଦେଖିବାକୁ ମିଳିଥିଲା। ଶିଶୁଟି ବଞ୍ଚିଥିବା ଜାଣି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତୁରନ୍ତ ଶିଶୁଟିକୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏବେ ଶିଶୁଟିର ଅବସ୍ଥା ସ୍ଥିର ରହିଛି। ଡାକ୍ତରଙ୍କ ଅବହେଳାରୁ ଏହି ସ୍ଥିତି ଉପୁଜିଥିବା ନେଇ ଶିଶୁର ପରିବାର ଅଭିଯୋଗ ଆଣିଛନ୍ତି। ଘଟଣାକୁ ନେଇ ଏକ ତଦନ୍ତ କମିଟି ଗଠନ ହୋଇଛି ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାମାନନ୍ଦ ତୀର୍ଥ ହସ୍ପିଟାଲର ଡିନ୍ ଡାକ୍ତର ରାଜେଶ କଚ୍‌ରେ କହିଛନ୍ତି।

ଫୁରସତ୍

ପ୍ରଭାସ

ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍'

ହାଇଦ୍ରାବାଦ

୨୦୧୫ରେ ରିଲିଜ୍ ହୋଇଥିବା 'ବାହୁବଳୀ ଦି ବିଗ୍‌ନିଂ' ଭାରତୀୟ ସିନେମାର ଚିନ୍ତାଧାରାକୁ ବଦଳାଇଥିଲା। ବୁଧବାର ଏହି ଫିଲ୍ମର ରିଲିଜ୍‌କୁ ୧୦ ବର୍ଷ ପୂରଣ ହୋଇଛି। ଏହି ବିଶେଷ ଅବସରକୁ ସ୍ମରଣୀୟ କରିବା ପାଇଁ ନିର୍ଦ୍ଦେଶକ ରାଜମୌଳୀ ଏକ ବଡ଼ ଘୋଷଣା କରିଛନ୍ତି। ଆସନ୍ତା ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍' ରିଲିଜ୍ ହେବାକୁଯାଉଛି। ଏଥିରେ ବାହୁବଳୀର ଉଭୟ ଭାଗକୁ ମିଶ୍ରଣ କରାଯାଇଥିବା ସେ କହିଛନ୍ତି। ବୁଧବାର ସେ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, ୧୦ ବର୍ଷ ତଳେ 'ବାହୁବଳୀ'ର ଯାତ୍ରା ଆରମ୍ଭ ହୋଇଥିଲା। ଆସନ୍ତା ଅକ୍ଟୋବର ୩୧ରେ 'ବାହୁବଳୀ ଦି ଏପିକ୍' ଦର୍ଶକଙ୍କ ପାଇଁ ରିଲିଜ୍ ହେବ, ଯେଉଁଥିରେ ଫିଲ୍ମର ଉଭୟ ଭାଗକୁ ମିଶ୍ରଣ କରାଯାଇଛି। ବାହୁବଳୀର ଦ୍ୱିତୀୟ ଭାଗ 'ବାହୁବଳୀ ୨: ଦି କନ୍‌କ୍ଲୁଜନ୍' ୨୦୧୭ରେ ରିଲିଜ୍ ହୋଇଥିଲା। ଉଭୟ ଫିଲ୍ମରେ ଅଭିନେତା ପ୍ରଭାସ, ରାଣା ଦଗ୍ଗୁବତି, ସତ୍ୟରାଜ୍, ନାସର ଏବଂ ଅଭିନେତ୍ରୀ ଅନୁଷ୍କା ଶେଟ୍ଟୀ, ତମନ୍ନା ଭାଟିଆ, ରମ୍ୟା କ୍ରିଷ୍ଣନ୍ ପ୍ରମୁଖଙ୍କ ଅଭିନୟକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। 'ବାହୁବଳୀ ଦି ବିଗ୍‌ନିଂ' ବିଶ୍ୱବ୍ୟାପୀ ୬୫୦ କୋଟି ଟଙ୍କାର ବ୍ୟବସାୟ କରିଥିବାବେଳେ 'ବାହୁବଳୀ ୨: ଦି କନ୍‌କ୍ଲୁଜନ' ୧୭୮୮.୦୬ କୋଟି ଟଙ୍କାର ବ୍ୟବସାୟ କରିଥିଲା।

ସବୁଠୁ ଛୋଟ ପକ୍ଷୀ ବି ହମିଂବାର୍ଡ

ହଭାନା

ବିଶ୍ୱର ସବୁଠାରୁ ଛୋଟ ପକ୍ଷୀର ନାମ ହେଉଛି ବି ହମିଂବାର୍ଡ। କାରବିଆନ୍ ଦେଶ କ୍ୟୁବାର ଘନ ଜଙ୍ଗଲରେ ମାତ୍ର ୫ରୁ ୬ ସେଣ୍ଟିମିଟର ଲମ୍ବ ବିଶିଷ୍ଟ ଏହି ପକ୍ଷୀକୁ ଦେଖିବାକୁ ମିଳିଥାଏ। ଏହି ପକ୍ଷୀଟି ଆକାରରେ ଏତେ କ୍ଷୁଦ୍ର ଯେ ଏହା କୌଣସି ମଣିଷର କାଣି ଆଙ୍ଗୁଠିଠାରୁ ମଧ୍ୟ ଛୋଟ ହେବ। ବି ହମିଂବାର୍ଡର ଓଜନ ମାତ୍ର ୧.୫ରୁ ୨ ଗ୍ରାମ୍ ମଧ୍ୟରେ ହେବ। ଏହି କାରଣରୁ ଅନେକେ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଦେଇଥାନ୍ତି। ଉଡ଼ିବା ସମୟରେ ବି ହମିଂବାର୍ଡ ମହୁମାଛି ପରି ଶବ୍ଦ କରିଥାଏ ଏବଂ ଏହାର ଆକାର ମଧ୍ୟ ମହୁମାଛି ପରି ହୋଇଥିବାରୁ ଏହି ପକ୍ଷୀକୁ ମହୁମାଛି ବୋଲି ଭାବି ଅନେକେ ଭ୍ରମରେ ପଡ଼ିଥାନ୍ତି।

ଏହି କ୍ଷୁଦ୍ର ପକ୍ଷୀର ଅନେକ ଆଶ୍ଚର୍ଯ୍ୟଜନକ ବିଶେଷତ୍ୱ ରହିଛି। ସାଧାରଣତଃ ଅଧିକାଂଶ ପକ୍ଷୀ କେବଳ ଆଗକୁ ଉଡ଼ିପାରନ୍ତି, କିନ୍ତୁ ବି ହମିଂବାର୍ଡ ପକ୍ଷୀ ଆଗ ସହ ପଛକୁ ମଧ୍ୟ ଉଡ଼ିପାରିଥାଏ। ଏହି ପକ୍ଷୀ ଫୁଲ ଭିତରେ

ନିଜ ଥଣ୍ଟ ଭର୍ତ୍ତି କରି ଶୋଷିବା ପରେ ତୁରନ୍ତ ପଛକୁ ଫେରିଯାଇ ପରବର୍ତ୍ତୀ ଫୁଲ ପାଖକୁ ଯାଇପାରିଥାଏ। ଏହି ପକ୍ଷୀର ଡେଣା ଫଡ଼ଫଡ଼ ଏତେ ଦ୍ରୁତ ଯେ, ଏହାକୁ ଖାଲି ଆଖିରେ ଦେଖି ହୋଇ ନ ଥାଏ। ପ୍ରତି ସେକେଣ୍ଡରେ ଏହି ପକ୍ଷୀ ୮୦ରୁ ଅଧିକ ଥର ନିଜ ଡେଣାକୁ ଫଡ଼ଫଡ଼ କରିପାରିଥାଏ। ତେବେ କେବେ କେବେ ଉଡ଼ିବା ସମୟରେ ବି ହମିଂବାର୍ଡର ଡେଣା ଫଡ଼ଫଡ଼ କରିବାର ଗତି ସେକେଣ୍ଡ୍ ପ୍ରତି ୨୦୦ରୁ ଅଧିକ ଥର ହୋଇଯାଇଥାଏ, ଫଳରେ ଏହି ଶବ୍ଦ ଠିକ୍ ମହୁମାଛିର ଗୁଞ୍ଜରଣ ପରି ଶୁଭିଥାଏ।

ତେବେ ପୁରୁଷ ଏବଂ ମାଈ ବି ହମିଂବର୍ଡ ପକ୍ଷୀ ମଧ୍ୟରେ ଅନେକ କିଛି ପାର୍ଥକ୍ୟ ରହିଛି। ପୁରୁଷ ହମିଂବାର୍ଡ ଅଧିକ ଉଜ୍ଜ୍ୱଳ ହୋଇଥାନ୍ତି। ସେମାନଙ୍କର ମୁଣ୍ଡ ଏବଂ ବେକରେ ଇନ୍ଦ୍ରଧନୁ, ଲାଲ୍ କିମ୍ବା କମଳା ରଙ୍ଗର ପର ଥାଏ, ଯାହା ସୂର୍ଯ୍ୟକିରଣରେ ଚମକୁଥାଏ। ଅନ୍ୟପକ୍ଷରେ ମାଈ ହମିଂବାର୍ଡ ପକ୍ଷୀମାନଙ୍କର ରଙ୍ଗ ଟିକିଏ ହାଲୁକା ରହିଥାଏ ଏବଂ ପୁରୁଷ ପକ୍ଷୀଙ୍କ ଭଳି ସେମାନଙ୍କ ଶରୀରରେ ଉଜ୍ଜ୍ୱଳ ଚିହ୍ନ ନ ଥାଏ।

ବି ହମିଂବାର୍ଡ ପକ୍ଷୀ ସେମାନଙ୍କର ବସାକୁ ଖୁବ୍ ସୁନ୍ଦର ଭାବେ ତିଆରି କରିଥାନ୍ତି। ଏହି ବସାଗୁଡ଼ିକ ସାଧାରଣତଃ ଗଛର ପତଳା ଡାଳରେ ରହିଥାଏ ଏବଂ ଏହା ଏତେ ଛୋଟ ହୋଇଥାଏ ଯେ, ସେମାନଙ୍କୁ ଖୋଜିବା କଷ୍ଟକର ହୋଇପଡ଼ିଥାଏ। ଏହି କ୍ଷୁଦ୍ର ପକ୍ଷୀ ସାଧାରଣତଃ ଏକାଥରକେ କେବଳ ୨ଟି ଅଣ୍ଡା ଦେଇଥାଏ। ଆକାରରେ ଏହି ଅଣ୍ଡାଗୁଡ଼ିକ ମଟରଠାରୁ ମଧ୍ୟ ଛୋଟ ହୋଇଥାଏ। ସାଧାରଣତଃ କ୍ୟୁବାର ଘନ ଜଙ୍ଗଲ ଏବଂ ବିଭିନ୍ନ ଖୋଲା ଅଞ୍ଚଳରେ ଏହି ପକ୍ଷୀମାନେ ବାସ କରିଥାନ୍ତି। ତେବେ କୃଷି ଏବଂ ସହରୀକରଣ ଯୋଗୁ ଜଙ୍ଗଲ କ୍ଷୟ ଏବଂ କୀଟନାଶକର ବ୍ୟବହାର ବଢ଼ିଥିବାରୁ ଦ୍ରୁତ ଗତିରେ ଏହି କ୍ଷୁଦ୍ର ପକ୍ଷୀଙ୍କର ପ୍ରାକୃତିକ ବାସସ୍ଥାନ ବିଲୁପ୍ତ ହେବାରେ ଲାଗିଛି ବୋଲି ପରିବେଶ ବିଶେଷଜ୍ଞମାନେ ମତ ରଖିଛନ୍ତି।



ନବୀନ ବିକିବେ ନା ନେତା ଚେତିବେ

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

୨୦୨୬ ଏପ୍ରିଲରେ ଓଡ଼ିଶାରେ ୪ଟି ରାଜ୍ୟ ସଭା ଆସନ ଖାଲି ହୋଇଯିବ। ଖାଲି ହେବାକୁ ଥିବା ଏହି ରାଜ୍ୟ ସଭା ଆସନଗୁଡିକୁ ନେଇ ଏବେଠାରୁ ୩ ମୁଖ୍ୟ ଦଳ ଗଣିତ କଷିବା ଆରମ୍ଭ କରିଦେଲେଣି। ରାଜ୍ୟ ସଭା ସଦସ୍ୟ ମୁଜିବୁଲ୍ଲା ଖାନ୍(ମୁନା), ନିରଞ୍ଜନ ବିଶି, ସୁଜିତ୍ କୁମାର ଏବଂ ମମତା ମହାନ୍ତଙ୍କ କାର୍ଯ୍ୟକାଳ ଏକାସଙ୍ଗେ ଶେଷହେବ। ଏହି ୪ ଆସନ ଲାଗି ହେବାକୁ ଥିବା ନିର୍ବାଚନ ବହୁ ରୋଚକପୂର୍ଣ୍ଣ ହେବ ବୋଲି ଏବେଠାରୁ ଚର୍ଚ୍ଚା ହେଲାଣି। ଉକ୍ତ ରାଜ୍ୟ ସଭା ନିର୍ବାଚନର ଗଣିତ ଯାହା କହୁଛି, ବିଜେଡିର ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିବ। ପୂର୍ବଭଳି ବିଜେଡି ଏହି ୪ ଆସନ ଲାଗି ନିର୍ବାଚନ ହେବା ସମୟରେ ପୁଣି ଥରେ ଭାଜପା ଆଡ଼କୁ ଢଳିଯିବ ନା ବିରୋଧୀ ଦଳ ଭୂମିକାକୁ ନିଷ୍ଠାପର ଭାବେ ତୁଲାଇବ, ତାହାକୁ ନେଇ ମୁଖ୍ୟତଃ ଆଲୋଚନା ହେଉଛି । ହେଲେ ଗୋଟିଏ ରାଜ୍ୟ ସଭା ଆସନ ନିଶ୍ଚିତ ଜିତିବାକୁ ଥିବା ବିଜେଡିର ଏକାଧିକ ନେତା ଏବେଠାରୁ ସେହି ବିଚାର ଚଳାଇଲେଣି। ଗତ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ଅନେକ ନେତା କେମିତି ଟିକେ ସେହି ଗୋଟେ ରାଜ୍ୟ ସଭା ଆସନ ଜରିଆରେ ନିଜ ରାଜନୈତିକ ଜୀବନକୁ ସୁରକ୍ଷିତ କରିଦେବେ ସେଥିପାଇଁ ବହୁ ବିକଳ ହେଲେଣି। ହେଲେ ଖାଲି ହେବାକୁ ଥିବା ୪ର୍ଥ ରାଜ୍ୟ ସଭା ଆସନଟି ବିଶେଷ ଚର୍ଚ୍ଚାର କାରଣ ହେବ। କାରଣ କଂଗ୍ରେସ ଭୋଟ୍ ରାଜ୍ୟ ସଭା ନିର୍ବାଚନରେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ସୃଷ୍ଟି କରିବ। ରାଜ୍ୟ ସଭା ନିର୍ବାଚନ ପାଇଁ ବିଧାନସଭାରେ ଯେଉଁ ଅଙ୍କ ରହିଛି ତାହା ରୋଚକ ସ୍ଥିତି ସୃଷ୍ଟି କରିବା ସମ୍ଭାବନା ଅଧିକ। ଏଥର ଭୋଟିଂର ଗଣିତ ହିଁ ସେହିପରି ରହିଛି। କେତେ ବର୍ଷ ହେଲା ରାଜ୍ୟ ସଭା ଆସନ ଲାଗି ଭୋଟିଂ କରିବାକୁ ପଡୁ ନ ଥିଲା। ଏଥର କିନ୍ତୁ କୌଣସି ଦୁଇଟି ଦଳ ଯଦି ଏକାଠି ନ ହୁଅନ୍ତି ତେବେ ରାଜ୍ୟ ସଭାର ଗୋଟିଏ ଆସନ ଲାଗି ନିର୍ବାଚନ ହେବା ଏକ ପ୍ରକାର ନିଶ୍ଚିତ।

ରାଜ୍ୟ ସଭାରେ ବିଜେଡିର ବର୍ତ୍ତମାନ ୭ ଜଣ ସଦସ୍ୟ ଥିବାବେଳେ ଭାଜପାର ସଂଖ୍ୟା ୩ ରହିଛି। ଓଡ଼ିଶା କଂଗ୍ରେସରୁ ଏବେ ରାଜ୍ୟ ସଭାରେ କେହି ନାହାନ୍ତି। ପୂର୍ବରୁ ବିଜେଡି ସହଯୋଗରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨ ଥର ରାଜ୍ୟ ସଭା ଯାଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପରେ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର ଏବଂ ମମତା ମହାନ୍ତ ବିଜେଡି ଛାଡ଼ିବା ସହ ରାଜ୍ୟ ସଭାରୁ ଇସ୍ତଫା ଦେଇଥିଲେ। ଏହାପରେ ସେହି ଦୁଇ ନେତା ଭାଜପାରେ ଯୋଗଦେଲେ। ଭାଜପା ମଧ୍ୟ ଉଭୟଙ୍କୁ ନିଜ ଦଳରୁ ରାଜ୍ୟ ସଭା ପାଇଁ ପ୍ରାର୍ଥୀ କରିଥିଲା। ଉଭୟ ମମତା ଏବଂ ସୁଜିତ୍ କୁମାର ସଂଖ୍ୟାବଳରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ସହ ବର୍ତ୍ତମାନ ବଳକା ସମୟ ପାଇଁ ଭାଜପାର ରାଜ୍ୟ ସଭା ସଦସ୍ୟ ହୋଇଛନ୍ତି। ବିଧାନସଭା ସଂଖ୍ୟା ଅନୁଯାୟୀ ଭାଜପାର ୭୮ ଜଣ ସଦସ୍ୟ ଥିବାବେଳେ ସେମାନଙ୍କ ସହ ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିବା ଯୋଗୁ ଏହି ସଂଖ୍ୟା ୮୧ରେ ପହଞ୍ଚିଛି। ସେହିପରି ବିଜେଡିର ୫୧, କଂଗ୍ରେସର ୧୪, ଜଣେ ସିପିଆଇ(ଏମ୍) ବିଧାୟକ ଏବେ ବିଧାନସଭାରେ ଅଛନ୍ତି। ଅର୍ଥାତ୍ ଏଠାରେ ଶାସକ ଦଳ ବିରୋଧରେ ଯଦି ସବୁ ବିରୋଧୀ ଯଥା ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ଏକାଠି ହୁଅନ୍ତି ତେବେ ସେହି ସଂଖ୍ୟା ୬୬ରେ ପହଞ୍ଚିବ। ୪ଟି ଆସନ ବିଶିଷ୍ଟ ରାଜ୍ୟ ସଭା ଭୋଟିଂର ଗଣିତ ଦେଖିଲେ ଜଣେ ପ୍ରାର୍ଥୀକୁ ଜିତିବା ଲାଗି (ଫାଷ୍ଟ ପ୍ରିଫରେନ୍ସ)

୨୦୨୬ ରାଜ୍ୟ ସଭା

୩୦ ଖଣ୍ଡ ଭୋଟ୍‌ର ଆବଶ୍ୟକତା ପଡିବ।

ତେଣୁ ଖାଲି ହେବାକୁ ଥିବା ୪ ଆସନ ମଧ୍ୟରୁ ୨ଟି ଭାଜପା ନିର୍ଦ୍ୱନ୍ଦ୍ୱରେ ଦଖଲ କରିପାରିବ। ଆଉ ୨ ଖାଲି ଆସନ ମଧ୍ୟରୁ ବିଜେଡି ଖାତାକୁ ମଧ୍ୟ ନିଶ୍ଚିତ ଗୋଟିଏ ଯିବ। ଶେଷ ଗୋଟିଏ ଆସନ ଲାଗି ଗଣିତ ଖେଳ ବଡ ଜଟିଳ ରହିବ। ଏଠାରେ ଯଦି କଂଗ୍ରେସ, ସିପିଆଇ(ଏମ୍) ଏବଂ ବିଜେଡି ଏକାଠି ହୋଇଯାଆନ୍ତି ତେବେ ୪ର୍ଥ ଆସନ ବିରୋଧୀ ସହଜରେ ରଖିଦେଇପାରିବେ। ଏହି ପରିସ୍ଥିତିରେ ରାଜନୈତିକ ଦୃଷ୍ଟିକୋଣରୁ କଂଗ୍ରେସ ନିଶ୍ଚିତ ସେହି ଗୋଟିଏ ଆସନରେ ନିଜର ପ୍ରାର୍ଥୀ ଦେବା ପାଇଁ ଚାହିଁପାରେ। କିନ୍ତୁ ୨୦୧୪ ପରଠାରୁ ବିଜେଡିର ଆଭିମୁଖ୍ୟ ଦେଖିଲେ ରାଜ୍ୟ ସଭାଠାରୁ ଲୋକ ସଭା ପର୍ଯ୍ୟନ୍ତ ସବୁଥିରେ ସେମାନେ ଭାଜପା ସମର୍ଥିତ ଏନ୍‌ଡିଏ ସହ ରହି ଆସିଛନ୍ତି। ଅନେକ ସମୟରେ କେନ୍ଦ୍ରର ଭାଜପା ନେତୃତ୍ୱ କୌଣସି ବିଷୟରେ ସମର୍ଥନ ଲୋଡିବା ପୂର୍ବରୁ ବିଜେଡି ନିଜର ସମର୍ପଣ ଭାବ ଦେଖାଇବାର ଅନେକ ନଜିର ରହିଛି। ବିଜେଡି ସରକାର ସମୟରେ ଅତ୍ୟଧିକ କ୍ଷମତାଶାଳୀ ଥିବା କେତେଜଣ ଆଇଏଏସ୍ ଏବଂ ଆଇପିଏସ୍ ଅଫିସରଙ୍କ ବଦଳି ଯେଭଳି ଢଙ୍ଗରେ ଭାଜପା ସରକାର କିଛିଦିନ ତଳେ କରି ସେମାନଙ୍କୁ ସୁରକ୍ଷା ଦେଇଛନ୍ତି, ସେଥିରୁ ଭାଜପା କେନ୍ଦ୍ରୀୟ ନେତାଙ୍କ ସହ ରାଜ୍ୟ ବିରୋଧୀ ଦଳର ସମ୍ପର୍କ କେତେ ନିବିଡ଼ ସେକଥା ଏକ ପ୍ରକାର ସ୍ପଷ୍ଟ। ଅନ୍ୟପଟେ ରାଜ୍ୟ ସଭାରେ ମଧ୍ୟ ଭାଜପା ତା'ର ଗୋଟିଏ ହେଲେ ଆସନ କମିଯାଉ ସେକଥା କେବେହେଲେ ଚାହିଁ ନ ପାରେ। ଏହି ବିଷୟକୁ ଲକ୍ଷ୍ୟକରି ବୋଧହୁଏ, ବିଜେଡି ସରକାରରେ ଦୁର୍ନୀତି କରିଥିବା ବଡ ବଡ଼ିଆଙ୍କ ଉପରେ ଭାଜପା ଯେଉଁ କାର୍ଯ୍ୟାନୁଷ୍ଠାନ ନେବ ବୋଲି ନିର୍ବାଚନ ପୂର୍ବରୁ କହୁଥିଲା ତାହା ଏପର୍ଯ୍ୟନ୍ତ ଦେଖିବାକୁ ମିଳୁନାହିଁ। ଅନେକଙ୍କ କହିବାନୁଯାୟୀ, କେନ୍ଦ୍ର ଭାଜପା ସହ ବିଜେଡିର ଅତ୍ୟଧିକ ମଧୁର ସମ୍ପର୍କ ରାଜ୍ୟରେ ସରକାର ପରିବର୍ତ୍ତନର ଏକ ବଡ କାରଣ ପାଲଟିଲା। ଏହି ଆଭିମୁଖ୍ୟ କିପରି ବଦଳିବ ସେନେଇ ଏଯାଏ ବିଜେଡି ଶୀର୍ଷ ନେତା ଚିନ୍ତାକରିବା ଭଳି ମନେହେଉନାହିଁ।

ରାଜ୍ୟ ସଭା ଗଣିତ ଏତେ ଜଟିଳ ଥିଲେ ସୁଦ୍ଧା ବିଜେଡିର ବହୁ ବରିଷ୍ଠ ନେତା ଏକାଠି ହୋଇ ଆସନ୍ତା ରାଜ୍ୟ ସଭା ନିର୍ବାଚନରେ କିପରି ସେମାନେ ୨ଟି ଯାକ ଆସନ ରଖିପାରିବେ ସେକଥା ଚିନ୍ତା କରୁନାହାନ୍ତି। ସେମାନଙ୍କ ମଧ୍ୟରୁ ପରାଜିତ ହୋଇଥିବା ବହୁ ନେତା କିନ୍ତୁ ନିଜକୁ ସୁରକ୍ଷିତ ରଖିବା ଲାଗି କିପରି ଏହି ଆସନରେ ବସିଯିବେ ସେଥିଲାଗି ମସୁଧା ଆରମ୍ଭ କଲେଣି। ଗତ କେତେବର୍ଷ ହେଲା ନବୀନଙ୍କ ଅତି ଆପଣାର ଭି.କେ. ପାଣ୍ଡିଆନ୍ ଭାଜପା କେନ୍ଦ୍ରୀୟ ନେତାଙ୍କ ସହ ରାଜ୍ୟ ସଭା ଆସନକୁ ନେଇ କିଭଳି ଚୁକ୍ତି କରିଛନ୍ତି ସେ ଆଡ଼କୁ ଆଉ କେହି ଭାବୁନାହାନ୍ତି। ୱକଫ୍ ବିଲ୍ ସମୟରେ ଭି.କେ.ଙ୍କ ଖେଳ ଦେଖିବା ପରେ ରାଜ୍ୟ ସଭା ନିର୍ବାଚନରେ ଗୋଟିଏ ଆସନ ଯେ ଭାଜପା ହାତକୁ ସେ ଟେକି ନ ଦେବେ ସେକଥାକୁ ଏଡ଼ାଇ ଦିଆଯାଇ ନ ପାରେ।

ରାଜ୍ୟ ସଭା ଭୋଟିଂର ଫର୍ମୁଲା

ରାଜ୍ୟ ସଭା ନିର୍ବାଚନ ପ୍ରିଫରେନ୍ସିଆଲ ଭୋଟିଂ ଆଧାରରେ କରାଯାଇଥାଏ। ରାଜ୍ୟ ସଭା ନିର୍ବାଚନରେ କେବଳ ବିଧାନସଭାର ସଦସ୍ୟମାନେ ଭୋଟ ଦେଇଥାଆନ୍ତି। ଓଡ଼ିଶା ବିଧାନସଭାର ସଦସ୍ୟ ସଂଖ୍ୟା ୧୪୭। ନିୟମାନୁଯାୟୀ ଗୋଟିଏ ଭୋଟ ପରିମାଣ ୧୦୦ ଧରାଯାଇଥାଏ। ଏହାର ଭୋଟିଂ ଫର୍ମୁଲା ହେଉଛି, ବିଧାନସଭାର ଭ୍ୟାଲିଡ୍ ଆସନ ସଂଖ୍ୟା(୧୪୭) ଗୁଣନ(x) ୧୦୦ ବିଭକ୍ତ(/) ରାଜ୍ୟ ସଭା ପାଇଁ ଖାଲିଥିବା ଆସନ ସଂଖ୍ୟା(୪) ଯୁକ୍ତ(+) ୧ ଯାହା ଫଳ ବାହାରିବ ତାହା ସହ ଯୁକ୍ତ(+) ୧। ଅର୍ଥାତ୍ (୧୪୭ x୧୦୦/୪+୧)+୧ ହିସାବରେ ଯାହା ବାହାରିବ ସେତିକି ଭୋଟ୍ ଜଣେ ପ୍ରାର୍ଥୀକୁ ଆବଶ୍ୟକ ପଡିବ। ଏହାକୁ ହିସାବ କଲେ ଫଳ ୨୯୪୧ ବାହାରୁଛି। ତେଣୁ ଜଣେ ପ୍ରାର୍ଥୀଙ୍କୁ ଜିତିବା ଲାଗି ୩୦ ଖଣ୍ଡ ଭୋଟ୍‌ର ଆବଶ୍ୟକତା ପଡିବ। ଆସନ୍ତା ଏପ୍ରିଲରେ ଖାଲି ହେବାକୁ ଥିବା ୪ ଆସନକୁ ନେଇ ଏହି ହିସାବ କରାଯାଇଛି। ପ୍ରତି ଭୋଟରଙ୍କ ପ୍ରଥମ ଭୋଟ୍ ଯାହାକୁ ଯାଇଥିବ ସେ ହିଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ। ସେହି ଅନୁଯାୟୀ ଯଦି ୪ ଖାଲି ଆସନକୁ ନେଇ ଦେଖିବା ତେବେ ଭାଜପାର ୬୦ ଜଣ ସଦସ୍ୟ ସେମାନଙ୍କ ପ୍ରଥମ ଭୋଟ୍‌ରେ ୨ ଜଣଙ୍କୁ ସରଳ ଭାବେ ଜିତାଇ ଦେଇପାରିବେ। ସେହିପରି ସଂଖ୍ୟା ଦୃଷ୍ଟିରୁ ଗୋଟିଏ ଆସନରେ ବିଜେଡି ମଧ୍ୟ ସହଜରେ ଜିତିପାରିବ। ହେଲେ ୪ର୍ଥ ଆସନ ଲାଗି କୌଣସି ଦଳର ସଂଖ୍ୟା ହେବ ନାହିଁ। ଏହି ଆସନ ସକାଶେ ଭାଜପା ସପକ୍ଷରେ ୨୧ ଏବଂ ବିଜେଡି ସପକ୍ଷରେ ୨୧ ଖଣ୍ଡ ଭୋଟ୍ ରହିବ। ଯଦି ଉଭୟ ଦଳର ସମସ୍ତ ସଦସ୍ୟ ଭୋଟ୍ ଦେବା ଲାଗି ଆସନ୍ତି, ଏହି କ୍ଷେତ୍ରରେ କଂଗ୍ରେସ ପାଖରେ ୧୪ ଏବଂ ଗୋଟିଏ ସିପିଆଇ(ଏମ୍) ସଦସ୍ୟଙ୍କ ଭୋଟ୍ ବହୁ ଗୁରୁତ୍ୱ ବହନ କରିବ। ବିଜେଡି ଯଦି ଏମାନଙ୍କ ସହ ଏକାଠି ହୁଏ ତେବେ ୪ର୍ଥ ଆସନ ବିରୋଧୀଙ୍କ ଦଖଲରେ ରହିପାରିବ। ଯଦି ବିଜେଡି ଏହି ସମୟରେ କଂଗ୍ରେସ ସହ ଏକାଠି ନ ହୁଏ କିମ୍ବା କୌଣସି କାରଣରୁ ବିରୋଧୀ ଏକାଠି ନ ହୁଅନ୍ତି, ତେବେ ଭୋଟ୍ ଦେଇଥିବା ସଦସ୍ୟମାନଙ୍କ ଦ୍ୱିତୀୟ ଭୋଟ୍ (ସେକେଣ୍ଡ ପ୍ରିଫରେନ୍ସ) କାଉଣ୍ଟ କରାଯିବ। ଏପରି ଭାବେ ଯଦି ସମସ୍ତେ ଅଲଗା ଅଲଗା ହୋଇ ଭୋଟ୍ ଦିଅନ୍ତି ସଂଖ୍ୟା ଦୃଷ୍ଟିରୁ ଭାଜପା ଉକ୍ତ ଆସନରେ ବାଜିମାତ୍ କରିଯିବ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେତେବେଳେ ରାଜ୍ୟ ସଭା ଭୋଟିଂ ହେବ ସେତେବେଳେ ଯଦି କୌଣସି ସଦସ୍ୟଙ୍କ ଭୋଟ୍ ନାକଚ ହୋଇଯାଏ ସେ କ୍ଷେତ୍ରରେ ମଧ୍ୟ ଗଣିତ ଅଲଗା ହେବ। କାରଣ ପ୍ରଥମରୁ ଆମେ ଉଲ୍ଲେଖ କରିଛୁ ଭ୍ୟାଲିଡ୍ ଭୋଟ୍‌କୁ ହିଁ ଗଣତିରେ ନିଆଯିବ। ଯେତିକି ଭୋଟ୍ ନାକଚ ହେବ ବିଧାନସଭା ସଦସ୍ୟଙ୍କ ମୋଟ୍ ସଂଖ୍ୟାରୁ ସେହି ଆସନ କାଟିଦେଇ ଗଣିତ କରାଯିବ। ଉଦାହରଣ ଭାବେ ୨ ଜଣଙ୍କ ଭୋଟ୍ ନାକଚ ଯଦି ହୋଇଯାଏ ସେଠାରେ ଫର୍ମୁଲା ହେବ, ୧୪୭-୨=୧୪୫। (୧୪୫x୧୦୦/୪+୧)+୧। ଏହି କ୍ଷେତ୍ରରେ ଗୋଟିଏ ଭୋଟ୍ ଲାଗି ୨୯ ଖଣ୍ଡ ଭୋଟ୍‌ର ଆବଶ୍ୟକତା ପଡିବ। ଏହିଭଳି ହୋଇଥାଏ ରାଜ୍ୟ ସଭା ଭୋଟିଂର ହିସାବ।

୧୨ରେ ଓଡ଼ିଶା ଫେରିବେ ନବୀନ, ସ୍ୱାଗତ କରିବାକୁ ବିଜେଡିର ପ୍ରସ୍ତୁତି

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୧୨ ତାରିଖ ଶନିବାର ମୁମ୍ବାଇରୁ ଫେରିବେ। ଗତ ୨୨ ତାରିଖରେ ଅସ୍ତ୍ରୋପଚାର ଲାଗି ସେ ଗତ ୨୦ରୁ ମୁମ୍ବାଇ ଗସ୍ତରେ ଅଛନ୍ତି। ତାଙ୍କ ଅସ୍ତ୍ରୋପଚାର ସଫଳ ହୋଇଥିବା ବେଳେ ସେ ହସ୍ପିଟାଲରୁ ମଧ୍ୟ ଗତ ସପ୍ତାହରେ ଡିସ୍‌ଚାର୍ଜ ହୋଇଥିଲେ। ଡିସ୍‌ଚାର୍ଜ ହେବା ସମୟରେ ସେ ଡାକ୍ତରମାନଙ୍କ ସହ ଭେଟୁଥିବାର ଏକ ଭିଡିଓ ଜାରି କରିଥିଲେ। ଏହାପରେ ସେ ଫିଜିଓଥେରାପି ନେବା ଲାଗି କିଛିଦିନ ପାଇଁ ମୁମ୍ବାଇରେ ରହିବେ ବୋଲି ତାଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ସୂଚନା ମଧ୍ୟ ଦେଇଥିଲେ। ଶନିବାର ନବୀନ ଫେରିବେ ବୋଲି ଗୁରୁବାର ସନ୍ତୃପ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ନବୀନଙ୍କୁ ସ୍ୱାଗତ ଜଣାଇବା ଲାଗି ବିଜେଡି ପକ୍ଷରୁ ଏବେ ପ୍ରସ୍ତୁତି ଆରମ୍ଭ ହୋଇଛି। ଦଳ ପକ୍ଷରୁ ୧୦ ହଜାର ଲୋକଙ୍କୁ ନେଇ ବିମାନବନ୍ଦରଠାରୁ ନବୀନ ନିବାସ ପର୍ଯ୍ୟନ୍ତ ସମ୍ବର୍ଦ୍ଧନା ଦେବା ଲାଗି ଯୋଜନା ହୋଇଥିବା ଜଣାପଡିଛି।

ବଳକା ଚାଉଳ ନେବ ଏଫ୍‌ସିଆଇ: ଯୋଗାଣମନ୍ତ୍ରୀ

ଭୁବନେଶ୍ୱର,୧୦।୭ (ରବିନାରାୟଣ ଜେନା)

ରାଜ୍ୟରେ ଚଳିତବର୍ଷ ୧୫ଲକ୍ଷ ମେଟ୍ରିକ ଟନ୍ ବଳକା ଚାଉଳ ଭାରତ ସରକାରଙ୍କ ଖାଦ୍ୟ ନିଗମ(ଏଫ୍‌ସିଆଇ) ଉଠାଇବ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଗୁରୁବାର ଲୋକସେବା ଭବନରେ ବୈଠକ ଅବସରରେ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ପ୍ରତିବର୍ଷ ରାଜ୍ୟରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଚାଉଳ ବଳକା ରହୁଥିଲା। ମାତ୍ର ଚଳିତବର୍ଷ ୧୫ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିବାର ସମ୍ଭାବନା ରହିଛି। ଏନେଇ ଏଫ୍‌ସିଆଇ ନ ଉଠାଇଲେ ସମସ୍ୟା ଉପୁଜିବାର ସମ୍ଭାବନା ରହିଥିଲା। ମାତ୍ର କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ସହ ଏସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଚଳିତବର୍ଷ ବଳକା ହେବାକୁ ଥିବା ପ୍ରାୟ ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେବାକୁ ଏଫ୍‌ସିଆଇ ସହମତି ପ୍ରକାଶ କରିଛି। ଏନେଇ କେନ୍ଦ୍ରମନ୍ତ୍ରୀ ଏଫ୍‌ସିଆଇକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଥିଲେ, ଚଳିତବର୍ଷ ରାଜ୍ୟ ସରକାର ୯୪ ଲକ୍ଷ ମେଟ୍ରିକ ଟନ୍ ଧାନ ଚାଷୀମାନଙ୍କଠାରୁ ସଂଗ୍ରହ କରିଛନ୍ତି, ଯାହାକି ପୂର୍ବବର୍ଷ ତୁଳନାରେ ଢେର ଅଧିକ। ଏଥିରୁ ୬୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ବାହାରିବ। ରାଜ୍ୟରେ ୨୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଆବଶ୍ୟକତା ରହିଛି, ବାକି ୨୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ନେଇଥାଏ। ବଳକା ୧୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫ୍‌ସିଆଇ ଉଠେଇବ କି ନାହିଁ ସେନେଇ ପ୍ରଶ୍ନ ଉଠିଥିଲା। ଆଗରୁ ପ୍ରତି ମାସରେ ୧.୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେଉଥିଲା। ଏଣିକି ଏଫ୍‌ସିଆଇ ପ୍ରତି ମାସ ୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବ।

ମନ୍ତ୍ରୀ କହିଥିଲେ, ଚଳିତ ମାସରେ ଖାଉଟିଙ୍କୁ ଗହମ ମିଳିବ। ଯେତିକି ଗହମ ଆସିଥିଲା ହିତାଧିକାରୀଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ପରବର୍ତ୍ତୀ ସମୟରେ ପୁଣି କେନ୍ଦ୍ରରୁ ଗହମ ଆସିଲେ ବଣ୍ଟନ କରାଯିବ।

୧୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୦।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଏସ୍‌ପି ଗୌରବ ରାୟଙ୍କ ନିକଟରେ ଗୁରୁବାର ୧୨ ପୁରସ୍କାର ଘୋଷିତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ଚନ୍ଦ୍ରାନା, ଅମିତ ଓରଫ ହିଂଗା ବାରସା, ୫ ଲକ୍ଷ ପୁରସ୍କାର ଘୋଷିତ ଅରୁଣା, ୩ ଲକ୍ଷ ପୁରସ୍କାର ଘୋଷିତ ଦେବା କବାସୀ, ୨ ଲକ୍ଷ ପୁରସ୍କାର ଘୋଷିତ ରାଜେଶ ମଡକମ୍, ୧ ଲକ୍ଷ ପୁରସ୍କାର ଘୋଷିତ ପଇକେ ଓୟମ୍, ୫୦ ହଜାର ପୁରସ୍କାର ଘୋଷିତ କେସା ସୋଡି, ମହେଶ ଲେକାମ, ରାଜୁ କରଟାମ ରହିଛନ୍ତି। ଏମାନଙ୍କ ସହ ହିଡମେ କବାସୀ, ଜିବୁ ଓରଫ ରୋଶନ ଓ ଅନିଲ ଲେକାମ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ସରକାରଙ୍କ ପୁନର୍ବାସ ନିୟମ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଛତିଶଗଡ ପୋଲିସ ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ସହ ୬ ମାସ ମଧ୍ୟରେ ବହୁ ମାଓବାଦୀଙ୍କୁ ଗୁଳିକରି ହତ୍ୟା କରିଥିବା ବେଳେ ଅନେକ ଆତ୍ମସମର୍ପଣ କରିଛନ୍ତି।

୨ ମହିଳା ମାଓବାଦୀ ଗିରଫ

ମାଲକାନଗିରି, ୧୦।୭ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ଅସ୍ତ୍ରଶସ୍ତ୍ର ସହ ୨ ମହିଳା ମାଓବାଦୀଙ୍କୁ ଗୁରୁବାର ଗିରଫ କରିଛି। କୋହକାମେଟା ଥାନା ଅଞ୍ଚଳରେ କୋମ୍ବିଂ ସମୟରେ ୨ ମହିଳାଙ୍କ ଉପରେ ସନ୍ଦେହକରି ତାଙ୍କୁ ଗିରଫ କରିଥିଲା। ସେମାନେ ହେଲେ ପାରୋ ହପକା ଓ ସୁନିତା ଓରଫ ସଙ୍ଗୀତା ମାଡବି। ଏମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋଟକ ଜବତ କରାଯାଇଛି। ପଚରାଉଚୁରା ପରେ ଏହି ୨ଜଣ ମାଓବାଦୀ ବୋଲି ଜଣାପଡିଥିଲା । ଏମାନେ ବହୁବର୍ଷ ଧରି ଜନତାନା ସରକାର ସଂଗଠନରେ ପ୍ରଚାର ଓ ପୋଲିସ ଉପରେ ଆକ୍ରମଣ ଘଟଣାରେ ସାମିଲ ଥିବା ଜଣାପଡିଛି। ଏମାନଙ୍କ ନିକଟରୁ ୧୨ ବିଜିଏଲ୍ ଲଞ୍ଚର ବନ୍ଧୁକ, ୨ ବିଜିଏଲ୍ ବୋମା, ଗୋଟିଏ ଟିଫିନ ବୋମା, ଗୋଟିଏ ଡିଟୋନେଟର, ୨୪ ପେନ୍‌ସିଲ ସେଲ୍ ସହ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣ ଜବତ କରିଛନ୍ତି।

ବିଦ୍ୟୁତ୍ ଆଘାତରେ ୨ ଚାଷୀଙ୍କ ମୃତ୍ୟୁ

କୋକସରା,୧୦।୭ (ଦୁଷ୍ମନ୍ତ କୁମାର ପାଟଯୋଷୀ)

ଚାଷ ଜମିରେ ପାଣି ମଡ଼ାଉଥିବା ବେଳେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି କଳାହାଣ୍ଡି ଜିଲା କୋକସରା ବ୍ଲକ ବଡପୋଡ଼ାଗୁଡ଼ା ଗ୍ରାମର ଦୁଇ ଚାଷୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଉକ୍ତ ଗାଁର ଧନୁର୍ଜ୍ୟ ମଶ୍ରା (୫୩) ଓ କଛାରପଡା ଗାଁର ଅନିରୁଦ୍ଧ ନାଏକ (୫୫)। ସେମାନେ ସମ୍ପର୍କରେ ଶଳା ଓ ଭିଣୋଇ। ସୂଚନା ଅନୁସାରେ, ସକାଳ ପ୍ରାୟ ୧୦ଟା ବେଳେ ଧନୁର୍ଜ୍ୟ ଓ ଅନିରୁଦ୍ଧ ବଡ଼ ପୋଡ଼ାଗୁଡ଼ା ନିକଟ ମୁତ୍ରା ନଦୀ କୂଳରେ ଥିବା ଉଠା ଜଳସେଚନ ପ୍ରକଳ୍ପରେ ମୋଟର ସଂଯୋଗ କରି ନିଜ ଚାଷ ଜମିକୁ ପାଣି ମଡ଼ାଉଥିଲେ। ଏହି ସମୟରେ କୌଣସି କାରଣରୁ ମୋଟରରେ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିବାବେଳେ ଉଭୟ ଏହା ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଏହା ଜାଣିବା ପରେ ପରିବାର ଲୋକେ ସ୍ଥାନୀୟ ଆମପାଣି ଥାନା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ପୃଥକ୍ ଅପମୃତ୍ୟୁ ମାମଲା (ନଂ.୫ ଓ ୬/୨୫) ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ୨ ଚାଷୀଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ମିନି ଫରେଷ୍ଟ ପ୍ରତିଷ୍ଠା ଅଭିଯାନ ଅବସରରେ ଛାତ୍ରୀଛାତ୍ରଙ୍କ ସହ 'ଇକୋ ୱାକ' ସଂଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

ମନୋଜ କୁମାର ମହାନ୍ତି ଓପିଏସ୍‌ସି ସଦସ୍ୟ ନିଯୁକ୍ତ

ପୂର୍ବରୁ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଉଥିଲେ

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

ଅବସରପ୍ରାପ୍ତ ଆଇଏଏସ୍ ଅଫିସର ମନୋଜ କୁମାର ମହାନ୍ତିଙ୍କୁ ରାଜ୍ୟ ସରକାର ଗୁରୁବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ସଦସ୍ୟ ଭାବେ ନିଯୁକ୍ତ କରିଛନ୍ତି। ତାଙ୍କୁ ୬ ବର୍ଷ ପାଇଁ ଏହି ଦାୟିତ୍ୱ ଦିଆଯାଇଛି। ତେବେ ତାଙ୍କୁ ୬୨ ବର୍ଷ ବୟସ ହେବା ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିପାରିବେ। ଏଥିମଧ୍ୟରୁ ଯେଉଁଟି ପ୍ରଥମେ ଆସିବ ତାହାକୁ ଗ୍ରହଣ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି। ରାଜ୍ୟପାଳ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ପୂର୍ବରୁ ମନୋଜ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଥିଲେ।

ପଞ୍ଚାୟତସ୍ତରରେ 'ମିନି ଫରେଷ୍ଟ' ପ୍ରତିଷ୍ଠା ପାଇଁ ଇକୋ ୱାକର ଉଦ୍ୟମ

ସୋର,୧୦।୭(ଜନ୍ମେଜୟ ମିଶ୍ର)

ପରିବେଶ ସୁରକ୍ଷା ପାଇଁ ଆଉ ପାଦେ ଆଗେଇ ଆସିଛି 'ଇକୋ ୱାକ' ସଙ୍ଗଠନ। ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଆଙ୍ଗୁଳା କଚେରି ପଡ଼ିଆଠାରେ ଗୁରୁବାର ଚାରାରୋପଣ କରି ପଞ୍ଚାୟତସ୍ତରରେ ମିନି ଫରେଷ୍ଟ ପ୍ରତିଷ୍ଠା ଅଭିଯାନକୁ ତ୍ୱରାନ୍ୱିତ କରିଛି। ଜିଲାର ଅଗ୍ରଣୀ ସଙ୍ଗଠନ ରୋଷିଆ, ସ୍ଥାନୀୟ ଗ୍ରାମବାସୀ, ଆଙ୍ଗୁଳା ସରକାରୀ ବିଦ୍ୟାଳୟ ଓ କୃଷ୍ଣଚନ୍ଦ୍ର ଉପ୍ରା ବିଦ୍ୟାଳୟ, ଆଙ୍ଗୁଳାର ମିଳିତ ପ୍ରୟାସରେ ଏହି ଅଭିଯାନ ସଫଳ ହୋଇଛି। ୧୦୦ଚାରା ରୋପଣ କରାଯାଇଥିବା ବେଳେ ଆଗାମୀ ଦିନରେ ଏହି ସ୍ଥାନକୁ 'ମିନି ଫରେଷ୍ଟ' ଭାବେ ତିଆରି କରାଯିବା ଲକ୍ଷ୍ୟ ରହିଛି। ଯେଉଁଠି ୧୫୦ରୁ ଉର୍ଦ୍ଧ୍ୱ କିସମର ୫୦୦୦ ଚାରାରୋପଣ କରାଯିବ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଗଦାଧର ମହାପାତ୍ର ଅତିଥି ଭାବେ ଯୋଗଦେଇ ପରିଚାଳନା କରିଥିଲେ। କୃଷ୍ଣଚନ୍ଦ୍ର ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ନାୟକ, ଆଙ୍ଗୁଳା ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ ପ୍ରସାଦ ଭୋଳ ବିଦ୍ୟାଳୟର ପଞ୍ଚମ, ଷଷ୍ଠ ,ସପ୍ତମ ପିଲାଙ୍କ ସହ ଯୋଗଦାନ କରି ଚାରାରୋପଣ କରିଥିଲେ। ଗଙ୍ଗାଧର ମହାନ୍ତି, ପ୍ରହ୍ଲାଦ ଦାସ, ଗଜେନ୍ଦ୍ର ମହାରଣା, ରଞ୍ଜନ ଦାସ, ନିତ୍ୟାନନ୍ଦ ଦାସ, ରବୀନ୍ଦ୍ର ପ୍ରଧାନ ଓ ଲକି ସାହୁ ପ୍ରମୁଖ ଗ୍ରାମବାସୀ ଏହି ଅଭିଯାନକୁ ସହଯୋଗ କରିବା ସହ ବାଡ ଘେରା ଓ ସୁରକ୍ଷା କାମରେ ସହଯୋଗ କରିଅଛନ୍ତି। ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇବା ସହ ଚାରାରୋପଣର ଉପକାରିତା ସମ୍ପର୍କରେ ଅବଗତ କରଯାଇଥିଲା। ୫୦ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ 'ଏକ ପେଡ୍ ମା' କେ ଲିୟେ' ଶପଥ କରିବା ସହ ନିଜେ ଗଛ ଲଗାଇବା ସହ ବିଦ୍ୟୁତ୍ ବ୍ୟବହାର କମ୍ କରାଇବା, ପାଣି ନଷ୍ଟ ନ କରିବା ପାଇଁ ୭୬ତମ ବନ ମହୋତ୍ସବ ସପ୍ତାହର ଶେଷଦିନରେ ବର୍ଷା ହେତୁ ଏହି କାର୍ଯ୍ୟକ୍ରମକୁ ପାଳନ କରିଥିବା ନେଇ ସଙ୍ଗଠନ ପକ୍ଷରୁ କୁହାଯାଇଛ। ସେହିପରି ଉଭୟ ସଙ୍ଗଠନର ପ୍ରତିଷ୍ଠାତା ଯୁବ ପରିବେଶବିତ୍ ଜଳେନ୍ଦ୍ର ମହାଳିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଙ୍ଗଠନର ସଦସ୍ୟ ବିପ୍ଳବ ରଞ୍ଜନ ବେହେରା, ପ୍ରଭାତ ବେହେରା, ସୁଶାନ୍ତ ବେହେରା, ବିଶ୍ୱଜିତ୍ ରାଜ, ବିଜୟାନନ୍ଦ ପାତ୍ର, ଚିରଞ୍ଜୀବୀ ରାଉଳ, ନବଜ୍ୟୋତି ପାଣିଗ୍ରାହୀ, ପ୍ରଳୟ ଦାସ ମହାପାତ୍ର, ରଶ୍ମିରଞ୍ଜନ ନାୟକ, ପ୍ରସନ୍ନ ବେହେରା, ଚିନ୍ମୟ ପତି, ଦେବୀଦତ୍ତ ନାୟକ, ରାଧାକାନ୍ତ ଦାସ, ଅଜୟ ପ୍ରଧାନ ପ୍ରମୁଖ ଯୋଗଦାନ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ।

ବାଇକ୍-ବୁଲେଟ ମୁହାଁମୁହିଁ ଧକ୍କା, ବାପପୁଅଙ୍କ ସମେତ ୩ ମୃତ

ପାତ୍ରପୁର,୧୦।୭ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ଜରଡ଼ା ଥାନା ଅନ୍ତର୍ଗତ ଠଣାଗାଁ ରାସ୍ତା ନିକଟରେ ଗୁରୁବାର ଅପରାହ୍ନରେ ବାଇକ୍-ବୁଲେଟ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଜରଡ଼ା ଥାନା ଅଧୀନ ସାମନ୍ତରାପୁର ଗ୍ରାମର ଦଉ ଗୌଡ(୫୫), ତାଙ୍କ ପୁଅ ସୁନୀଲ ଗୌଡ(୨୫) ଓ ବି. ଏନ.ପୁର ଥାନା ଅଧୀନ ଗୁଇଲୁଣ୍ଡିର ରାଜେଶ ପାଣିଗ୍ରାହୀ। ପୋଲିସ ୩ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

ସୂଚନା ଅନୁଯାୟୀ, ଗୁଇଲୁଣ୍ଡିର ରାଜେଶ ଓ ତାଙ୍କ ସାଙ୍ଗମାନେ ବାରିଆ ପଥରକୁ ବଣଭୋଜି କରିବାକୁ ଯାଇଥିଲେ। ଭୋଜି ସାରି ରାଜେଶ ବାଇକ୍‌ରେ ଫେରୁଥିବା ବେଳେ ଠଣାଗାଁ ରାସ୍ତାରେ ବୁଲେଟରେ ଜରଡ଼ାରୁ ଫେରୁଥିବା ଦଉ ଓ ସୁନୀଲଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଗାଡିରୁ ଛିଟିକି ପଡି ଆରୋହୀମାନେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ସେତେବେଳକୁ ସୁନୀଲ ଏବଂ ରାଜେଶଙ୍କ ମୃତ୍ୟୁ ଘଟି ସାରିଥିଲା। ସୁନୀଲଙ୍କ ବାପା ଦଉଙ୍କ ଚିକିତ୍ସା ଚାଲିଥିବା ବେଳେ ମୃତ୍ୟୁ ଘଟିଛି ।

ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ବୁଲେଟ

ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ 'ସମ୍ବିଧାନ ବଞ୍ଚାଅ ସମାବେଶ'ରେ ଯୋଗଦାନ, ସ୍ଥାନ: ବରମୁଣ୍ଡା ପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାଞ୍ଛାର ବଗିଚା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

ବାଲେଶ୍ୱର
- ବିଜେଡି ପକ୍ଷରୁ ଗଣବିକ୍ଷୋଭ,ସ୍ଥାନ:ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ନୀଳଗିରି,ସମୟ:ସକାଳ୯ଟା।
- ଏଫ୍ଏମ୍ୟୁର ୨୭ତମ ପ୍ରତିଷ୍ଠା ଦିବସ, ସ୍ଥାନ:ନୂତନ କ୍ୟାମ୍ପସ୍, ନୂଆପାଢ଼ୀ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।

ଭଦ୍ରକ
- ଡ୍ରାଇଭର ସଂଘ ଆନ୍ଦୋଳନର ୪ର୍ଥ ଦିବସ, ସ୍ଥାନ: ଜାତୀୟ ରାଜପଥର ମାଛ ମାର୍କେଟ୍ ଛକ ନିକଟ, ଭଦ୍ରକ, ସମୟ: ସକାଳ ୮ଟା।

ମୟୂରଭଞ୍ଜ
- ଏକ୍ସପୋ ଆଣ୍ଡ ଫନ୍ ଫେୟାର,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

ବ୍ରହ୍ମପୁର
- ରାଜ୍ୟସ୍ତରୀୟ ତ୍ରିଦିବସୀୟ ଯୋଗ ଶିକ୍ଷା ଶିବିର, ସ୍ଥାନ: ବୈକୁଣ୍ଠ ନଗର ଦ୍ୱିତୀୟ ଗଳି, ସମୟ: ଅପରାହ୍ନ ୪.୩୦।

କନ୍ଧମାଳ
- ପୋଲିସ ବିଭାଗ ଦ୍ୱାରା ନିଶା ବିରୋଧୀ ସଚେତନତା ଅଭିଯାନ, ସ୍ଥାନ: ଆଦିବାସୀ କଲେଜ ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପଲେଇ, ଡେରାବିଶ, ସମୟ: ସକାଳ ୭ଟା।

ନୟାଗଡ଼
- ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ରଘୁନାଥ ଆଥ୍ଲେଟିକ୍ ଆସୋସିଏଶନ ଓଡ଼ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ପରିଷଦର ଧାରଣା, ସ୍ଥାନ: ଖଣ୍ଡପଡ଼ା ତହସିଲ ଅଫିସ ସମ୍ମୁଖ, ସମୟ:ପୂର୍ବାହ୍ନ ୧୧ଟା।

ରାୟଗଡ଼ା
- ଓଡିଶା ବିଭାଗର ୨୭ତମ ଆଇଏସ୍‌ଟିଇ ଛାତ୍ର ସମାବେଶ ଏବଂ ଜାତୀୟ ପାଠଚକ୍ର, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୯ଟା ୩୦ ।

ନବରଙ୍ଗପୁର
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ଅଗ୍ରଗତି ସୂଚୀ ତାଲିମ ଶିବିର, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ ପୂର୍ବାହ୍ନ ୧୦ଟା।
- ଗଣଶିକ୍ଷା ମନ୍ତ୍ରୀଙ୍କୁ ଆଶା କର୍ମୀଙ୍କ ଦାବିପତ୍ର, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

ସମ୍ବଲପୁର
- ପଶ୍ଚିମାଞ୍ଚଳ ଏକତା ମଞ୍ଚର ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୯ଟା।
- ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ କୁମ୍ଫୁ ଉସୁ ଆସୋସିଏସନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା ୩୦ ।

ରାଉରକେଲା
- ରାସ୍ତା ସମସ୍ୟା ନେଇ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବର୍ଷା କବିତା ଆସର, ସ୍ଥାନ: ବ୍ୟାସଦେବ ସାହିତ୍ୟ କେନ୍ଦ୍ର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା ୩୦।

ବୌଦ୍ଧ
- ଜିଲାସ୍ତରୀୟ ରାଜସ୍ୱ ବୈଠକ,ସ୍ଥାନ: ଜିଲାପାଳଙ୍କ ସଦଭାବନା ସଭାଗୃହ , ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦

ସୁବର୍ଣ୍ଣପୁର
- ଡ୍ରାଇଭର ମହାସଂଘର ଆନ୍ଦୋଳନ ତୃତୀୟ ଦିନରେ, ସ୍ଥାନ: ସୋନପୁର ତେଲନଦୀ ବ୍ରିଜ୍ ଛକ, ସମୟ: ସକାଳ ୮ଟା।
- ପବିତ୍ର ଶ୍ରାବଣ ଅବସରରେ ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳଶାୟୀ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା।
- ନୂତନ ଚର୍ଚ୍ଚ ଗୃହ ଉଦ୍‌ଘାଟନ, ସ୍ଥାନ: ଡୁଙ୍ଗୁରିପାଲି କଲେଜ ରାସ୍ତାପାର୍ଶ୍ୱ, ସମୟ: ପୂର୍ବାହ୍ନ ୧୦ଟା।
- ବିଏଲ୍ଓ ସୁପରଭାଇ କର୍ମଶାଳା ଉଦ୍‌ଯାପନୀ, ସ୍ଥାନ: ଉଲୁଣ୍ଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।

ନୂଆପଡ଼ା
- ନୂଆପଡ଼ା ଡ୍ରାଇଭର ମହାସଂଘ ପକ୍ଷରୁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଚତୁର୍ଥ ଦିବସ, ସ୍ଥାନ: କୋମନା ବ୍ଲକ କ୍ରିଷ୍ଟା ଛକ, ସମୟ: ସକାଳ ୭ଟା।
- ବିଶ୍ୱ ଜନସଂଖ୍ୟା ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

ଭାଜପା ବିଧାୟକଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଲା ବିଜୁ ମହିଳା ଜନତା ଦଳ

ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନ ନେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ: ପ୍ରମିଳା

ଭୁବନେଶ୍ୱର,୧୦।୭(ସୁନିତ୍ ମିଶ୍ର)

ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ଭାଜପା ବିଧାୟକ ସନ୍ତୋଷ ଖଟୁଆ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗ ନେଇ ଗୁରୁବାର ବିଜୁ ମହିଳା ଜନତା ଦଳ ରାଜରାସ୍ତାକୁ ଓହ୍ଲାଇଛି। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ମହିଳା ବିଜେଡିର ସ୍ୱାଭିମାନ ରାଲି କରାଯିବା ସହ ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ପ୍ରମିଳା କହିଛନ୍ତି, ଜଣେ ମହିଳାଙ୍କ ପ୍ରତି ଭାଜପା ବିଧାୟକଙ୍କ କୁତ୍ସିତ ମନ୍ତବ୍ୟ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। କ୍ଷମତା ନିଶାରେ ଅନ୍ଧହୋଇ ଭାଜପା ବିଧାୟକମାନେ ନିଜର ନୀତିନୈତିକତା ଭୁଲିଯାଉଛନ୍ତି। ଭାଜପା ସରକାରରେ ମହିଳା କେତେ ଅସୁରକ୍ଷିତ ତାହା ଖଟୁଆଙ୍କ ମନ୍ତବ୍ୟରୁ ସ୍ପଷ୍ଟ ଅନୁମେୟ। ଭାଜପା ସରକାରକୁ ଆସିବା ଦିନଠାରୁ ରାଜ୍ୟରେ ମହିଳା ପ୍ରତିଦିନ ନିର୍ଯାତିତ ହେଉଛନ୍ତି। ଗତ ବର୍ଷକ ମଧ୍ୟରେ ରାଜ୍ୟରେ ବଳାତ୍କାର ହାର ଉଦ୍‌ବେଗଜନକ ଭାବେ ବୃଦ୍ଧିପାଇଛି। ଉତ୍ସବରେ ମାତି ଭାଜପା ସରକାର ମହିଳାଙ୍କ ସମ୍ମାନ ଭୁଲିଯାଇଛନ୍ତି। ଲେଖାଶ୍ରୀଙ୍କ ପ୍ରତି ବିଧାୟକ ଦେଇଥିବା ମନ୍ତବ୍ୟ ମାମଲାରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନ ହେଲେ ଆଗାମୀ ଦିନରେ ପ୍ରତି ଜିଲାରେ ବିଜୁ ମହିଳା ଜନତା ଦଳ ଆନ୍ଦୋଳନ କରିବ ବୋଲି ପ୍ରମିଳା କହିଛନ୍ତି। ଏହି ରାଲିରେ ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା, ମନୋରମା ମହାନ୍ତି, ସୁବାସିନୀ ଜେନା, ସୁଜାତା ସାହୁ, ମେୟର ସୁଲୋଚନା ଦାସ ପ୍ରମୁଖ ସାମିଲ ହୋଇଥିଲେ। ଅପରାହ୍ନରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ପୋଲିସ ଡିଜି ୱାଇ.ବି.ଖୁରାନିଆଙ୍କୁ ଭୁବନେଶ୍ୱର କ୍ୟାମ୍ପ ଅଫିସ୍‌ରେ ଭେଟି ସ୍ମାରକପତ୍ର ପ୍ରଦାନ କରିବା ସହ ବିଧାୟକଙ୍କ ଗିରଫ ଦାବି କରିଛନ୍ତି।

ବିଜୁ ମହିଳା ଜନତା ଦଳ ପକ୍ଷରୁ ଗୁରୁବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକରେ ବିଧାୟକ ସନ୍ତୋଷ ଖଟୁଆଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

୪,୩୭୩ ପଞ୍ଚାୟତରେ ନାହିଁ ବ୍ୟାଙ୍କିଙ୍ଗ୍ ସେବା: ମୁଖ୍ୟମନ୍ତ୍ରୀ ମାଝୀ

ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ଇଷ୍ଟର୍ନ ଜୋନାଲ କାଉନସିଲ୍‌ର ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଏବଂ ଅନ୍ୟମାନେ।

୨୭ତମ ପୂର୍ବାଞ୍ଚଳ ଜୋନାଲ କାଉନ୍‌ସିଲ ବୈଠକ

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

ଓଡ଼ିଶାରେ ୪,୩୭୩ ଗ୍ରାମପଞ୍ଚାୟତରେ ଏବେ ବ୍ୟାଙ୍କ ସେବା ପହଞ୍ଚି ପାରିନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଝାଡ଼ଖଣ୍ଡର ରାଞ୍ଚିଠାରେ ଅନୁଷ୍ଠିତ ଇଷ୍ଟର୍ନ ଜୋନାଲ କାଉନସିଲ୍‌ର ୨୭ତମ ବୈଠକରେ ଯୋଗ ଦେଇ ସେ କହିଛନ୍ତି, ଦୁର୍ଗମ ଅଞ୍ଚଳର ଲୋକେ ବ୍ୟାଙ୍କ କାରବାର ଲାଗି ବ୍ୟାଙ୍କ ମିତ୍ର(ବିସି)ଙ୍କ ଉପରେ ନିର୍ଭର କରୁଛନ୍ତି। ହେଲେ ବ୍ୟାଙ୍କମିତ୍ରମାନଙ୍କ ଆର୍ଥିକ କ୍ଷମତା କମ୍ ଥିବାରୁ ଅନେକ ସମୟରେ ସମସ୍ୟା ଉପୁଜୁଛି। ତେଣୁ ଅଧିକ ବ୍ୟାଙ୍କ ଶାଖା ରାଜ୍ୟରେ ଖୋଲିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୬,୭୯୪ ଗ୍ରାମପଞ୍ଚାୟତ ରହିଥିଲେ ହେଁ ୨,୪୨୧ଟି ପଞ୍ଚାୟତରେ ବ୍ରିକ୍ ଆଣ୍ଡ ମୋର୍ଟାର ବ୍ୟାଙ୍କ ଶାଖା ରହିଛି। ଅବଶିଷ୍ଟ ୪,୩୭୩ ପଞ୍ଚାୟତରେ ଏହି ସୁବିଧା ନାହିଁ। ଭୌଗୋଳିକ ଦୃଷ୍ଟିକୋଣରୁ ସେସବୁ ଅଞ୍ଚଳରେ ଠିକଣା ଭାବେ ବ୍ୟାଙ୍କ ସେବା ପହଞ୍ଚି ପାରୁନାହିଁ। ସେଥିପାଇଁ ୪୨ହଜାର ୩୫ଜଣ ବ୍ୟାଙ୍କ ମିତ୍ର ଲୋକଙ୍କୁ ବ୍ୟାଙ୍କ ସେବାରେ ସହାୟତା କରୁଛନ୍ତି, ଯାହାକି ପର୍ଯ୍ୟାପ୍ତ ହୋଇପାରୁ ନାହିଁ। ଅନେକ ସମୟରେ ଦୁର୍ଗମଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ଦେଖାଦେଉଛି, ଫଳରେ ବ୍ୟାଙ୍କ ସେବା ତଥା ଟଙ୍କା ନେଣଦେଣ ବାଧାପ୍ରାପ୍ତ ହେଉଛି। ଏହାବ୍ୟତୀତ ବ୍ୟାଙ୍କଗୁଡ଼ିକର ବ୍ୟାଙ୍କ ମିତ୍ରଙ୍କୁ କମିଶନ ଦେବାରେ ଏକକ ମାର୍ଗଦର୍ଶିକା ନାହିଁ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସହିତ ସହବନ୍ଧନ କରି ବ୍ୟାଙ୍କ ସେବାକୁ ତ୍ୱରାନ୍ୱିତ କରିବାକୁ ଉଦ୍ୟମ କରୁଛନ୍ତି। ସେ ପୁଣି କହିଛନ୍ତି, ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠାରେ ଗ୍ରାହକ ସେବା କେନ୍ଦ୍ର(ସିଏସ୍‌ପି) ସୁବିଧା ଯୋଗାଇ ଦିଆଯାଉଛି। ୨୭୪୨ ଗ୍ରାମପଞ୍ଚାୟତରେ ମୋର୍ଟାର ବ୍ୟାଙ୍କିଙ୍ଗ ନ ଥିଲେ ହେଁ ସିଏସ୍‌ପି ପ୍ଲସ ବ୍ୟାଙ୍କିଙ୍ଗ ସେବା ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଅବଶିଷ୍ଟ ୧,୬୩୧ ଗ୍ରାମପଞ୍ଚାୟତରେ ଯଥାଶୀଘ୍ର ସିଏସ୍‌ପି ପ୍ଲସ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇବା ପାଇଁ ସରକାର ପ୍ରକ୍ରିୟା ଜାରି ରଖିଛନ୍ତି। ଏହାସହିତ ଇଣ୍ଟରନେଟ୍ ସେବା ଓ ବିଦ୍ୟୁତ୍ ସେବାକୁ ତ୍ୱରାନ୍ୱିତ କରାଯିବାକୁ ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୋନାଲ କାଉନ୍‌ସିଲ ବୈଠକର ମୌଳିକ ଉଦ୍ଦେଶ୍ୟ ହେଉଛି ରାଜ୍ୟ–ରାଜ୍ୟ ଓ କେନ୍ଦ୍ର–ରାଜ୍ୟ ମଧ୍ୟରେ ସମ୍ପର୍କକୁ ନିବିଡ଼ କରିବା। ପରସ୍ପରକୁ ସହଯୋଗର ହାତ ବଢ଼ାଇବା ଓ ସାଧାରଣ ଭାବେ ସେମାନଙ୍କ ଏବଂ କେନ୍ଦ୍ର ସରକାରଙ୍କ ସହିତ ଜଡିତ ଥିବା ବିଷୟଗୁଡ଼ିକୁ ଆଲୋଚନା କରି ରାଜ୍ୟ–ରାଜ୍ୟ ମଧ୍ୟରେ ଅର୍ଥନୈତିକ ସମସ୍ୟାର ସମାଧାନ କରିବା; ଯାହାଫଳରେ ରାଜ୍ୟଗୁଡ଼ିକର ସାମାଜିକ ଓ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ଦେବ। ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ସହିତ ଓଡ଼ିଶା କେବଳ ଭୌଗୋଳିକ ସୀମାରେ ସମ୍ପର୍କ ରହିଛି ତାହା ନୁହେଁ, ବରଂ ଇତିହାସ, ସଂସ୍କୃତି, ଅର୍ଥନୀତି ଓ ସମସ୍ୟାଗୁଡ଼ିକ ମଧ୍ୟ ଜଡ଼ିତ ରହିଛି। ଏହିପରି ଅବସ୍ଥାରେ ଆମ ସାମୂହିକ ଉନ୍ନତି ଆମେ କେତେଦୂର ସହଯୋଗ କରିପାରୁଛୁ ଓ ପରସ୍ପରକୁ ସମର୍ଥନ ଦେଉଛୁ, ତାହା ଉପରେ ନିର୍ଭର କରୁଛି। ଏହି ବୈଠକ ରାଜ୍ୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଖୋଲା ଆଲୋଚନା ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ, ଯାହାକି କେନ୍ଦ୍ର–ରାଜ୍ୟ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେହିପରି ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟସେବାକୁ ନିଶ୍ଚିତ କରିବା ଲାଗି ଏବିପିଏମ୍‌ଜେଏୱାଇ, ଆୟୁଷ୍ମାନ ବୟୋବନ୍ଦନା ଯୋଜନା ପ୍ରଭୃତି କାର୍ଯ୍ୟକାରୀ କରାଯାଇଛି। ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରାଯିବା ସହିତ ରାଜ୍ୟରେ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଖୋଲାଯାଇଛି। ସହରାଳୟ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯାଇଛି। ନାରୀ ନିର୍ଯାତନା ହ୍ରାସ ପାଇଁ ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ କରାଯାଇଛି; ଯାହାଫଳରେ ମହିଳା ନିର୍ଯାତନା କ୍ଷେତ୍ରରେ ତ୍ୱରିତ ନ୍ୟାୟ ମିଳିପାରୁଛି ବୋଲି ମୁଖ୍ୟମନ୍ତ୍ରୀ ତଥ୍ୟଭିତ୍ତିକ ଉପସ୍ଥାପନ କରିଥିଲେ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଯମ ଘୋଷାରୁଛି ବାରେ
ଏଣେ ମାୟା ଡାକୁଛି ବାରେ ।

ସାଧାରଣତଃ ସଂସାରର ମାୟାଜାଲରେ ପଡ଼ିଥିବା ବ୍ୟକ୍ତି ଅବସ୍ଥା ଚକ୍ରରେ ଘାଣ୍ଟି ହୋଇଥାନ୍ତି। ଜଞ୍ଜାଳରେ ଘାରି ହେଉଥିବା ବ୍ୟକ୍ତିଙ୍କ ମୃତ୍ୟୁକାଳୀନ ଅବସ୍ଥା ବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ରୂପ ମହଣ୍ଡାର ଗୋଠ
ତାକୁ ନାଇଥିଲା ମାଧିଆ ମାଆ
ତା' ଅଣ୍ଟା ଦିଶଇ ମୋଟ ।

ଗହଣା ପିନ୍ଧି ସଜେଇ ହେବା ନାରୀଙ୍କର ଏକ ସଉକ। ବିଭିନ୍ନ ପ୍ରକାରର ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ସେମାନେ ଆନନ୍ଦ ପାଇଥାନ୍ତି। ଏହିପରି ଗହଣା ପିନ୍ଧି ଅନ୍ୟ ଆଗରେ ନିଜକୁ ଦେଖେଇ ହେଉଥିବା ନାରୀଟି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ସଡ଼କରୁ ସଂସଦ ଯାଏ ଲଢ଼େଇ ହେବ: ଭକ୍ତ

ଭୁବନେଶ୍ୱର,୧୦।୭(ରବିନାରାୟଣ ଜେନା)

କଂଗ୍ରେସ ସମ୍ବିଧାନ ବଞ୍ଚାଇବା ପାଇଁ ଯେଉଁ ଅଭିଯାନ କଂଗ୍ରେସର ବରିଷ୍ଠ ନେତା ତଥା ଏଆଇସିସିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ତାହା ଆଗାମୀ ଦିନରେ ଜୋରଦାର କରାଯିବ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି।। ସଡ଼କରୁ ସଂସଦ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି।

ଗୁରୁବାର କଂଗ୍ରେସଭବନରେ ଅନୁଷ୍ଠିତ ମିଶ୍ରଣପର୍ବରେ ଭକ୍ତ କହିଛନ୍ତି, କଂଗ୍ରେସ ପକ୍ଷରୁ ଶୁକ୍ରବାର ସମ୍ବିଧାନ ବଞ୍ଚାଅ ଓ ଦେଶ ବଞ୍ଚାଅ ମହାସମାବେଶ ଆୟୋଜନ କରାଯାଇଛି। ଏଥିପାଇଁ ତୃଣମୂଳସ୍ତରରେ ଲୋକେ କଂଗ୍ରେସ ସହିତ ଯୋଡି ହେବାପାଇଁ ଆଗେଇ ଆସୁଛନ୍ତି। ଏହାକୁ ଭାଜପା ସରକାର ସହ୍ୟ କରିପାରୁ ନାହିଁ। ବିଗାଡ଼ିବାପାଇଁ ଷଡଯନ୍ତ୍ର ଚଳାଇଛି। ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ କରିବାପାଇଁ ଭାଜପା ଯେଉଁ ପ୍ରୟାସ କରୁଛି ସେଥିରେ ସଫଳ ହେବ ନାହିଁ ବୋଲି ଭକ୍ତ କହିଛନ୍ତି।

ହାତ ଧରିଲେ ସୁନିତା

ଏହି ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଝିଅ ସୁନିତା ବିଶ୍ୱାଳ ବିଜେଡ଼ି ଛାଡ଼ି ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦାନ କରିଥିଲେ। ତାଙ୍କ ପରିବାରର ସମସ୍ତେ କଂଗ୍ରେସରେ ଥିବାରୁ ସେ ନିଜ ପରିବାରକୁ ଫେରିଛନ୍ତି ବୋଲି କହିଥିଲେ। ସୁନିତା କହିଥିଲେ ଯେ, ୧ବର୍ଷ ଧରି ବିଜେଡିରେ ତାଙ୍କୁ ଗୁରୁତ୍ୱ ଦିଆଯାଉ ନଥିଲା। ତେଣୁ ସେ ବିଜେଡି ଛାଡି କଂଗ୍ରେସରେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଗଡୁନି ଗାଡ଼ି... ପ୍ରଥମ ପୃଷ୍ଠାରୁ...

ରହିଛି। ପୂର୍ବରୁ ବିରୋଧୀ ଦଳରେ ଥିବାବେଳେ ଭାଜପା ପକ୍ଷରୁ ମହାସଂଘର ଆନ୍ଦୋଳନକୁ ସରକାର କାହିଁକି ପୂରଣ କରୁନାହାନ୍ତି ବୋଲି ଯୁକ୍ତି ବାଢ଼ୁଥିଲେ। ହେଲେ ଏବେ ଏହି ଆନ୍ଦୋଳନ ଏକ ପ୍ରକାର ପ୍ରାୟୋଜିତ। କଂଗ୍ରେସକୁ ଟାର୍ଗେଟ କରି ଓଡ଼ିଶା ଲୋକଙ୍କୁ ହଇରାଣ କରିବା ପାଇଁ ଏହା ସୁଚିନ୍ତିତ ଯୋଜନା। ହେଲେ ଲୋକେ ଏହାକୁ ବରଦାସ୍ତ କରିବେ ନାହିଁ। ରାଜ୍ୟରେ ଏବେ ଘଡ଼ିସନ୍ଧି ମୁହୂର୍ତ୍ତରେ ରାହୁଲ ଗାନ୍ଧୀ ଓଡ଼ିଶା ଆସୁଛନ୍ତି। ରାହୁଲ ଆସିଲେ ଓଡ଼ିଶାରେ ଏକ ନୂଆ ରାଜନୈତିକ ବାତାବରଣ ସୃଷ୍ଟି ହେବ। ହେଲେ ଏହାକୁ ଭଣ୍ଡୁର କରାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହିପରି ବିଜେଡି ନେତ୍ରୀ ତଥା ବିରୋଧୀଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୂର୍ବରୁ ବିରୋଧୀ ଦଳରେ ଥିବାବେଳେ ଡ୍ରାଇଭର ସଂଘର ଦାବି ଯୁକ୍ତିଯୁକ୍ତ ବୋଲି କହୁଥିଲେ। ସଂଘର ଦାବି ପୂରଣ କରିବାକୁ ସରକାରଙ୍କଠାରେ ଦାବି ରଖିଥିଲେ। ସଂଘର ଦାବି ଯୁକ୍ତିଯୁକ୍ତ, ତେଣୁ ସରକାର ତୁରନ୍ତ ପୂରଣ କରନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି, କଂଗ୍ରେସ ଯେଉଁ ଅଭିଯୋଗ କରୁଛି ତାହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ। ସରକାରଙ୍କୁ ବଦ୍‌ନାମ କରିବାକୁ ଚାହୁଁଛନ୍ତି ବିରୋଧୀ। କଂଗ୍ରେସ ଏବେ ଯାଏ ଡ୍ରାଇଭର ମହାସଂଘକୁ ଆନ୍ଦୋଳନରୁ ଓହରିବାକୁ ଥରେ ହେଲେ କହିନାହିଁ। ବିରୋଧୀମାନେ ହିଁ ଡ୍ରାଇଭର ମହାସଂଘ ଆନ୍ଦୋଳନ ପଛରେ ଅଛନ୍ତି ବୋଲି ସେ କହିଛନ୍ତି।

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଡ୍ରାଇଭର ସଂଘର ଦାବିକୁ ସରକାର ବିଚାର କରୁଛନ୍ତି। ସେମାନଙ୍କର ଦାବି ଖୁବ୍‌ଶୀଘ୍ର ପୂରଣ ହେବ। ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଆଦୌ ସଙ୍କଟ ନାହିଁ। ଭୁବନେଶ୍ୱରକୁ ୧୫୦ ତେଲ ଟ୍ୟାଙ୍କର ଆସିଥିବାବେଳେ କଟକକୁ ୭୬ ଟ୍ୟାଙ୍କର ଆସିଛି। ସବୁ ସହରକୁ ତେଲ ପଠାଯାଇଛି। ତେଲର କଳାବଜାରକୁ ରୋକିବାପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁଠି କଳାବଜାର ହେବା ନଜରକୁ ଆସିବ ସେଠାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଗଞ୍ଜେଇ ଯାଞ୍ଚ ବେଳେ...

ପ୍ରାୟ ୨ଟା ବେଳେ ମହାରାଷ୍ଟ୍ର ନମ୍ବର ଥିବା ଏକ ସ୍କର୍ପିଓ (ଏମ୍ଏଚ୍–୦୧–ଇଏଫ୍–୦୫୪୯)କୁ ଅଟକାଇ ଅବକାରୀ ବିଭାଗ କର୍ମଚାରୀ ଯାଞ୍ଚ କରିଥିଲେ। ଯାଞ୍ଚବେଳେ ଉକ୍ତ ଗାଡ଼ିର ସିକ୍ରେଟ୍ ଚାମ୍ବରରେ ବିପୁଳ ରୁପା ବିସ୍କୁଟ୍ ଥିବା ଦେଖିବାକୁ ମିଳିଥିଲା। ରୁପା ଧରପଗଡ଼ ଅବକାରୀ ବିଭାଗ ପରିସରଭୁକ୍ତ ହୋଇ ନ ଥିବାରୁ ସମ୍ବଲପୁର ସିଟି ଜିଏସ୍‌ଟି ବିଭାଗକୁ ଖବର ଦିଆଯାଇଥିଲା। ଜିଏସ୍‌ଟି ଅଧିକାରୀମାନେ ରେଙ୍ଗାଲି ଯାଇ ତଦନ୍ତ କରିଥିଲେ। ଚାଲାଣ ହେଉଥିବା ରୁପାର କୌଣସି ବୈଧ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡ଼ି ସହିତ ରୁପାକୁ ଜବତ କରାଯାଇଛି। ପଚରାଉଚରା ବେଳେ ଗାଡିରେ ଥିବା ୨ଜଣ ବ୍ୟକ୍ତି ଚୋରି ଭୟରେ ଗାଡ଼ି ସିକ୍ରେଟ୍‌ଚାମ୍ବରରେ ରୁପା ରଖି ଛତିଶଗଡ଼ ରାୟପୁରରୁ କୋଲକାତା ଅଭିମୁଖେ ଯାଉଥିଲେ ବୋଲି କହିଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

ମେଷ — କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିକୁ ସଜାଡି ନେବାରେ ସହକର୍ମୀ ସାହାଯ୍ୟ କରିବେ। ବନ୍ଧୁ ଓ ପରିବାର ସହ ସୁସମ୍ପର୍କ ସ୍ଥାପନ କ୍ଷେତ୍ରରେ ସମୟଟି ଅନୁକୂଳ ରହିବ। ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ କଥା କହୁଥିବା ଶୁଣିବାକୁ ପାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ଅନୁତାପ କରିବେ।

ବୃଷ — ପଡ଼ୋଶୀ ସହଯୋଗର ହାତ ବଢ଼ାଇବା କାରଣରୁ କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

ମିଥୁନ — ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ କଟୁସତ୍ୟ କହିବାରୁ ତିକ୍ତତା ସୃଷ୍ଟି ହେବ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କଳା, ସାହିତ୍ୟ, ରାଜନୀତି , ସଂଗଠନ, ସଭାସମିତି କ୍ଷେତ୍ରରେ ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

କର୍କଟ — ମନ କଥା ମନରେ ରଖି ସବୁ କଥାକୁ ଚିନ୍ତା କରି କାମ କଲେ ଉପକୃତ ହେବେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ସାଧାରଣ କଥାରେ ପାଟିତୁଣ୍ଡ ହେବ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

ସିଂହ — ପରିବାରର ଋଣ ଭାରରେ ଅତିଷ୍ଠ ହେବେ,କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜି ପାଇପାରିବେ ନାହିଁ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ବିବାଦୀୟ ପରିସ୍ଥିତିକୁ ସୁଧାରିବାରେ ପଦାଧିକାରୀଙ୍କ ସହାୟତା ପାଇବେ।

କନ୍ୟା — ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ ଓ କଳହର ସମ୍ଭାବନା ରହିଛି। ସଭାସମିତିରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

ତୁଳା — ଉତ୍ତମ ବୁଝାମଣା ହେତୁ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ,ଫଳତଃ ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ସହକର୍ମୀଙ୍କ ସହ ବିବାଦ ହେବ, ମାତ୍ର ଅନ୍ୟମାନେ ସାହାଯ୍ୟ କରିପାରନ୍ତି।

ବିଛା — ଅର୍ଥ ସମ୍ପର୍କ ଓ ସନ୍ତାନ ହେତୁକ ଦ୍ୱନ୍ଦ୍ୱଜନିତ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଯାହା ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ତାହା ହୋଇଯିବ। ଦୋକାନ, ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେଇଥିଲେ ସୁଦ୍ଧା ବିଶେଷ କିଛି ଅସୁବିଧା ହେବନାହିଁ।

ଧନୁ — ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଅଫିସରେ ସହକର୍ମୀମାନଙ୍କ ସହ ମିଷ୍ଟାଳାପରେ ମାତିରହିପାରନ୍ତି। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ । ଏଣୁ ଗାଡ଼ିକୁ ପରଖି ନେବା ଭଲ ହେବ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

ମକର — କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଶିଳ୍ପ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି,ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

କୁମ୍ଭ — ମନ ବିକ୍ଷିପ୍ତ ରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାଦି କ୍ଷେତ୍ରରେ ବିଜୟ ଲାଭ କରିବେ। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

ମୀନ — ଆଜିର ଗ୍ରହ ସ୍ଥିତି ଅନୁକୂଳ ରହିଥିବାରୁ ଯାହା ଚିନ୍ତା କରୁଛନ୍ତି ତାହା ସହଜରେ ହାସଲ କରିବେ। ପିଲାଙ୍କ ସମସ୍ୟା ସମାଧାନ ପାଇଁ ସମ୍ପର୍କୀୟଙ୍କ ସହ ଆଲୋଚନା କରିବା ଭଲ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେ ଜଟିଳ ମନେକରୁଛନ୍ତି ସେପରି କିଛି ହେବନି। ପରିସ୍ଥିତିବଶତଃ କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ ।

ଆଜି ଜୁଲାଇ ୧୧ ତାରିଖ, ବିଶ୍ୱ ଜନସଂଖ୍ୟା ଦିବସ, ଶ୍ରାବଣ କୃଷ୍ଣ ପ୍ରତିପଦା ଶୁକ୍ରବାର। ରାଶି ନକ୍ଷତ୍ର– ଉତ୍ତରାଷାଢ଼ା/ଧନୁ, ଦିବା ଘ.୧୨।୦୭ ମି. ଗତେ, ମକରଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୮।୩୫ ଗତେ, ଘ.୧୦।୧୩ ମଧ୍ୟେ, ଘ.୧୧।୫୧ ଗତେ, ଘ. ୦୧।୨୮ ମଧ୍ୟେ ଅମୃତ ବେଳା। ଦିବା ଘ.୧୦।୧୩ ଗତେ, ଘ.୦୧।୫୧ ମଧ୍ୟେ, ଘ. ୦୩।୧୦ ଗତେ, ଘ.୦୪।୪୮ ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୩।୦୯ ମି. ଗତେ, ଘ. ୦୪।୪୮ ମଧ୍ୟେ ରାହୁକାଳ।

ବିଗୁଡ଼ୁଛି ଯାତ୍ରୀ ପରିବହନ ସେବା

୬ ଦଫା ଦାବିରେ ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚ ପକ୍ଷରୁ ଗତ ୩ଦିନ ଧରି ସାରା ରାଜ୍ୟରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଜାରି ରହିଛି। ଘରୋଇ ବସ୍ ଚଳାଚଳ ବନ୍ଦ ଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକମାନେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ଠିକ୍ ସମୟରେ ପହଞ୍ଚି ପାରୁନାହାନ୍ତି। କେତେକ ସ୍ଥାନରେ ସରକାରୀ ବସ୍ ଚଳାଚଳ କରୁଥିଲେ ସୁଦ୍ଧା ଏହା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଯାତ୍ରୀ ପରିବହନ ସେବା ବିଗିଡ଼ିବାରେ ଲାଗିଛି। ସରକାର ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରି ଡ୍ରାଇଭର ମହାମଞ୍ଚର ଦାବି ପୂରଣ ଦିଗରେ ନିଷ୍ପତ୍ତି ନେବା ଜରୁରୀ ବୋଲି ବିଭିନ୍ନ ସ୍ଥାନରେ ଫସି ରହିଥିବା ଲୋକମାନେ ମତ ପ୍ରକାଶ କରିଛନ୍ତି।

ବ୍ରହ୍ମପୁର ବସ୍‌ଷ୍ଟାଣ୍ଡରେ ଯାତ୍ରୀମାନେ ଗନ୍ତବ୍ୟସ୍ଥଳକୁ ଯିବା ପାଇଁ ଅପେକ୍ଷା କରିଛନ୍ତି।

ଦୈନନ୍ଦିନ ଜୀବନଯାତ୍ରା ବ୍ୟାହତ

ଡ୍ରାଇଭରମାନେ ସେମାନଙ୍କ ନ୍ୟାଯ୍ୟ ଦାବି ପାଇଁ ଲଢ଼େଇ କରୁଛନ୍ତି। ସରକାର ଏଥିପ୍ରତି ଯତ୍ନବାନ ହେବା ଉଚିତ। ଯାତ୍ରୀଙ୍କ ଅସୁବିଧା ପାଇଁ ସରକାର ଦାୟୀ ଅଟନ୍ତି। ବସ୍ ଚାଲୁ ନ ଥିବାରୁ ଯାତ୍ରୀମାନେ ଦୈନନ୍ଦିନ ଯାତ୍ରାରେ ସମସ୍ୟା ଭୋଗୁଛନ୍ତି। ମାସିକିଆ ଡାକ୍ତରୀ ଚେକ୍‌ଅପ୍ କରିବାକୁ ଯାଉଥିବା ରୋଗୀ ହଇରାଣ ହେଉଛନ୍ତି। ଦୂରଦୂରାନ୍ତରୁ ଆସି ରାଉରକେଲାରେ ପାଠ ପଢ଼ୁଥିବା ଛାତ୍ରୀଛାତ୍ର ଘରକୁ ଯିବାରେ ଅସୁବିଧା ହେଉଛି। ଅନ୍ୟ ଜିଲାରୁ ପନିପରିବା ସମେତ ଅନ୍ୟ ସାମଗ୍ରୀ ଆସିପାରୁନାହିଁ। ଯଥାଶୀଘ୍ର ଡ୍ରାଇଭରମାନଙ୍କ ଦାବି ଉପରେ ଗୁରୁତ୍ୱ ଦିଆଯାଉ। ନଚେତ ଆଗାମୀ ଦିନରେ ଅବସ୍ଥା ସାଂଘାତିକ ହେବ, ଏଥିରେ ଦ୍ୱନ୍ଦ୍ୱ ନାହିଁ।

- ତପନ ସାମଲ, କର୍ମଜୀବୀ, ରାଉରକେଲା

ଯଥାଶୀଘ୍ର ସମସ୍ୟାର ସମାଧାନ ହେଉ

ଜରୁରୀ କାମ ଥିବାରୁ କଟକ ଯିବା ପାଇଁ ଘରୁ ବାହାରି ଆସିଥିଲି। ମାତ୍ର ଡ୍ରାଇଭର ଆନ୍ଦୋଳନ ପାଇଁ ବସ୍ ବନ୍ଦ ଥିବା ଖବର ପାଇପାରି ନ ଥିବାରୁ ହଇରାଣ ହେବାକୁ ପଡ଼ିଲା। ମୋ ଭଳି ଅନେକ ଲୋକ ମଧ୍ୟ ଆର୍ଥିକ କ୍ଷତିଗ୍ରସ୍ତ ହେଉଛନ୍ତି। ଡ୍ରାଇଭରମାନଙ୍କ ଦାବି ପ୍ରତି ସରକାର ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କଲେ ଯାତ୍ରୀମାନେ ସୁରୁଖୁରୁରେ ଯାତାୟାତ କରିପାରିବେ।

- ଦୁଷ୍ମନ୍ତ ବେହେରା, କୁଲିଅଣା, ମୟୂରଭଞ୍ଜ

ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି

ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ଘରୋଇ ବସ୍ ଚଳାଚଳ ବନ୍ଦ ରହିଛି। ଜିଲା ଭିତରେ ଓ ଦୂରସ୍ଥାନକୁ ଯିବା ଆସିବା ପାଇଁ ଲୋକେ ହଇରାଣ ହେଉଛନ୍ତି। ଗୁରୁବାର ଭୁବନେଶ୍ୱରରେ ଜରୁରୀ କାମ ଥିଲା। ସରକାରୀ ବସ୍‌ରେ ଯିବା ପାଇଁ ଭାବିଥିଲି। କିନ୍ତୁ ଟିକେଟ ନ ମିଳିବାରୁ ଯାଇ ପାରିଲିନି। ଓଡ଼ିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ ଯୋଗୁ ରାଜ୍ୟରେ ପରିବହନ ବ୍ୟବସ୍ଥା ଠପ୍ ହୋଇଗଲାଣି। ଯାତ୍ରୀ ଓ ସାମଗ୍ରୀ ପରିବହନ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଛି। ସରକାରୀ ବସ୍‌ରେ ଯାତ୍ରୀମାନେ ଯାତାୟାତ କରୁଥିଲେ ମଧ ତାହା ଯଥେଷ୍ଟ ହେଉନି। ସରକାର ଡ୍ରାଇଭର ସଂଘ ସହିତ ଆଲୋଚନା କରି ସମାଧାନର ବାଟ ବାହାର କରନ୍ତୁ।

- ସରୋଜ ପ୍ରକାଶ ପଧାନ, ଜାଲୋଏ, ସୁବର୍ଣ୍ଣପୁର

ଘରକୁ ଫେରିବା ଚିନ୍ତା ଘାରୁଛି

ବସ୍ ଚଳାଚଳ ବନ୍ଦ ଯୋଗୁ ବହୁ ହଇରାଣ ହେବାକୁ ପଡୁଛି। ଟାଇଲ୍ ମିସ୍ତ୍ରି କାମ କରି ପରିବାର ଚଳାଏ। ବସ୍ ଯୋଗେ ବିଭିନ୍ନ ଅଞ୍ଚଳକୁ କାର୍ଯ୍ୟ ପାଇଁ ଯା'ଆସ କରୁଥିଲି। ଗୁରୁବାର ଉଦଳାକୁ କାମ କରିବାକୁ ଯିବାର ଥିଲା। ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ଦିନତମାମ୍ ଅପେକ୍ଷା କଲି। ମାତ୍ର ବସ୍ ନ ଯିବାରୁ କେମିତି ଘରକୁ ଫେରିବି ସେନେଇ ଚିନ୍ତାରେ ଅଛି। ବସ୍ ଚଳାଚଳ ସ୍ୱାଭାବିକ ଦିଗରେ ସରକାର ପଦକ୍ଷେପ ଗ୍ରହଣ କଲେ ସମସ୍ତ ଯାତ୍ରୀ ଉପକୃତ ହେବେ।

- ବିବେକାନନ୍ଦ ଅଧିକାରୀ, ପୂର୍ବ ମେଦିନୀପୁର, ପଶ୍ଚିମବଙ୍ଗ

କର୍ମସ୍ଥଳକୁ ଆସିବାକୁ ବହୁ ହଇରାଣ ହେବାକୁ ପଡୁଛି

ମୁଁ ଏକ ଦୋକାନରେ କମ୍ପ୍ୟୁଟର କାମ କରିବାକୁ ପ୍ରତିଦିନ ସିଲଟିଗୁଡ଼ା ଗ୍ରାମରୁ ପ୍ରାୟ ୧୫ କି.ମି. ଦୂର ରାୟଗଡା ସହରକୁ ବସ୍ ଯୋଗେ ଆସେ। ଏବେ ଡ୍ରାଇଭରଙ୍କ ଧର୍ମଘଟ ଯୋଗୁ ବସ୍‌ସେବା ବନ୍ଦ ରହିଥିବାରୁ ପ୍ରତିଦିନ କର୍ମସ୍ଥଳକୁ ଆସିବାକୁ ବହୁତ ହଇରାଣ ହେବାକୁ ପଡୁଛି। ଆମ ଗାଁକୁ ମୋ ବସ୍ ସେବା ସୁବିଧା ନ ଥିବାରୁ ରାୟଗଡ଼ା ଯିବାଆସିବା ପାଇଁ ବାଇକ୍ ଚାଳକଙ୍କୁ ଲିଫ୍ଟ ମାଗିବାକୁ ପଡେ। ତେବେ ମୁଁ ଜଣେ ଝିଅ ହୋଇଥିବାରୁ ଅଜ୍ଞାତ ବ୍ୟକ୍ତିଙ୍କ ସହ ଯିବା ପାଇଁ ମନରେ ଭୟ ସୃଷ୍ଟି ହୋଇଥାଏ। ହେଲେ କାମକୁ ନ ଗଲେ ପରିବାର ଭରଣପୋଷଣ ଅସମ୍ଭବ। ତେଣୁ ରାଜ୍ୟ ସରକାର ଡ୍ରାଇଭରଙ୍କ ସମସ୍ୟାର ସମାଧାନ କରି ତୁରନ୍ତ ବସ୍‌ସେବା ଆରମ୍ଭ କରିବାକୁ ଅନୁରୋଧ।

- ଲକ୍ଷ୍ମୀ ପୁଲାକା, କର୍ମଜୀବୀ, ରାୟଗଡ଼ା ବ୍ଲକ୍

ପିଲାଙ୍କୁ ଧରି ହଇରାଣ ହେଉଛି

ବେଙ୍ଗାଲୁରୁରେ କାମ କରୁଥିବାରୁ ସେଠାରେ ପରିବାର ସହ ରହୁଛି। ଜରୁରୀ କାମ ଥିବାରୁ ବୁଧବାର ସନ୍ଧ୍ୟାରେ ପ୍ରଶାନ୍ତି ଏକ୍ସପ୍ରେସ୍‌ରେ ସମସ୍ତେ ଆସି ବ୍ରହ୍ମପୁର ଷ୍ଟେଶନରେ ଓହ୍ଲାଇଲୁ। କନ୍ଧମାଳ ଜିଲାର ବାଲିଗୁଡା ଯିବାପାଇଁ ବ୍ରହ୍ମପୁର ବସ୍‌ଷ୍ଟାଣ୍ଡ ଆସିଲା ବେଳେ ଏଠାରେ ଡ୍ରାଇଭରଙ୍କ ଆନ୍ଦୋଳନ ଚାଲିଥିବା ଶୁଣିଲି। ୨୪ ଘଣ୍ଟା ହୋଇଗଲା, ଘରକୁ ଯିବା ପାଇଁ ପିଲାଙ୍କୁ ଧରି ଅପେକ୍ଷା କରିଛି। ଘରୋଇ ବସ୍ ବନ୍ଦ ଯୋଗୁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛୁ। ପଚାରିଲେ କୁହାଯାଉଛି ଯେ, କେବେ ବସ୍ ଚାଲିବ କହି ହେବନି। ତେଣୁ ବସ୍‌ଷ୍ଟାଣ୍ଡରେ ପଡି ରହିଛୁ। ଖାଇବୁ କେମିତି, ରହିବୁ କେଉଁଠି ତାକୁ ନେଇ ଚିନ୍ତାରେ ରହିଛି।

- କୃପା ମଲ୍ଲିକ, ବସ୍‌ଯାତ୍ରୀ, ବାଲିଗୁଡା

ଲିଫ୍ଟ ମାଗି ବଲାଙ୍ଗୀର ଆସିଲି

ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଗାଡ଼ି ମୋଟର ଚଳାଚଳ ବନ୍ଦ ରହିଛି। ଏଥିଯୋଗୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର ମେଡିସିନ୍ କିଣିବା ପାଇଁ ଆମ ଗାଁ ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକର ଘଣ୍ଟାରପାଲିରୁ ପ୍ରାୟ ୩୦ କିଲୋମିଟର ଦୂର ବଲାଙ୍ଗୀର ସହର ଆସିବାକୁ ମୋତେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ପୂର୍ବାହ୍ନ ୧୧ଟାରୁ ଘରୁ ବାହାରି ଜଣେ ମୋଟର ସାଇକେଲ ଆରୋହୀଙ୍କୁ ଲିଫ୍ଟ ମାଗି ବଲାଙ୍ଗୀର ଆସିଥିଲି। ଅପରାହ୍ନ ୨ଟାରୁ କାମ ସରିଯାଇଥିଲେ ମଧ ବସ୍ ଚଳାଚଳ କରୁ ନ ଥିବାରୁ ଘରକୁ ଫେରି ପାରୁନାହିଁ। ଏବେ ସନ୍ଧ୍ୟା ୬ଟା ହୋଇଗଲାଣି। ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡରେ ସରକାରୀ ବସ୍‌କୁ ଅପେକ୍ଷା କରିଛି। ବସ୍ ଆସିଲେ ଗାଁକୁ ଯିବି।

- ରାମଚନ୍ଦ୍ର ପଧାନ, ଯାତ୍ରୀ, ଘଣ୍ଟାରପାଲି, ସୁବର୍ଣ୍ଣପୁର

ଅପରାଧ

ଏମ୍‌ସିଏଲ୍ ଜିଏମ୍‌ଙ୍କୁ ଗିରଫ କଲା ସିବିଆଇ

- ଘର ଅଧିଗ୍ରହଣ ବାବଦ ଫଣ୍ଡ ରିଲିଜ୍ ଲାଗି ୪୦ ହଜାର ଲାଞ୍ଚ
- ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ ଅଖିଳେଶ

ଭୁବନେଶ୍ୱର,୧୦।୭
(ସତ୍ୟଜିତ୍ ରାଉତ)

୧୦ହଜାର ଟଙ୍କା ନେଇଥିଲେ, ବାକି ୩୦ ହଜାର ଟଙ୍କା ଲାଞ୍ଚ ନେବା ପୂର୍ବରୁ ଫସିଗଲେ ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ୍ (ଏମ୍‌ସିଏଲ୍)ର ସୁନ୍ଦରଗଡ଼ ଜିଲା ବସୁନ୍ଧରା ଏରିଆ ଜେନେରାଲ ମ୍ୟାନେଜର (ଜିଏମ୍) ଅଖିଳେଶ କୁମାର ବର୍ମା। ତାଙ୍କୁ ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗିରଫ କରିଛି। ଭୁବନେଶ୍ୱର ସିବିଆଇ ଶାଖା ଟିମ୍ ଅଖିଳେଶଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିଛି। ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ସିବିଆଇ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଖିଳେଶଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଗିରଫ ଏମ୍‌ସିଏଲ୍ ଜିଏମ୍ ଅଖିଳେଶ କୁମାର ବର୍ମା।

ସିବିଆଇର ଏଫ୍‌ଆଇଆର୍ ଅନୁଯାୟୀ, ଏହି ମାମଲାରେ ଅଭିଯୋଗକାରୀ ହେଲେ ସୁନ୍ଦରଗଡ଼ ଜିଲା ହେମଗିରି ଥାନା ଅନ୍ତର୍ଗତ ଝୁମୁରୁଙ୍ଗା ଗ୍ରାମର ରଞ୍ଜନ ପ୍ରଧାନ। ରଞ୍ଜନଙ୍କ ସମ୍ପର୍କୀୟ ଅଜା ତଥା ନିଜ ଗ୍ରାମର ସୁଜନ ପଟ୍ଟାଙ୍କ ଘର ଅଧିଗ୍ରହଣ ବାବଦକୁ ଏମ୍‌ସିଏଲ୍ ତରଫରୁ ୧୧ ଲକ୍ଷ ୩୭ ହଜାର ୫୯୫ ଟଙ୍କା ଦିଆଯିବା ପାଇଁ ଧାର୍ଯ୍ୟ ହୋଇଥିଲା। ଏନେଇ କାଗଜପତ୍ର ଦାଖଲ ଲାଗି ସୁଜନଙ୍କ ପାଖକୁ ଚିଠି ଆସିଥିଲା। ସୁଜନଙ୍କ ପରିବାର ଉଚ୍ଚଶିକ୍ଷିତ ହୋଇ ନ ଥିବାରୁ ସମସ୍ତ ଅଫିସିଆଲ୍ କାମ ପାଇଁ ରଞ୍ଜନଙ୍କ ସାହାଯ୍ୟ ନେଇଥିଲେ। ପରେ ସୁଜନଙ୍କ ପୁଅ ନକୁଳଙ୍କୁ ସାଙ୍ଗରେ ନେଇ ରଞ୍ଜନ ବସୁନ୍ଧରା ଏମ୍‌ସିଏଲ୍ ଜିଏମ୍ ଅଫିସ ଯାଇ ଆବଶ୍ୟକ ଦସ୍ତାବିଜ ଦାଖଲ କରି ଆସିଥିଲେ। ଏହାର ଏକ ମାସ ପରେ ମଧ ଟଙ୍କା ନ ଆସିବାରୁ ସେମାନେ ପୁଣି ଜିଏମ୍ ଅଫିସକୁ ଯାଇଥିଲେ। ସେଠାରେ ଜିଏମ୍ ଅଖିଳେଶ ଫାଇଲ୍ କାମ ଓ ପେମେଣ୍ଟ ରିଲିଜ୍ ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଟଙ୍କା ନ ଦେଲେ ପେମେଣ୍ଟ ହେବ ନାହିଁ ବୋଲି ସେ ରୋକ୍‌ଠୋକ୍ କହିଦେଇଥିଲେ। ତେବେ ଆଗୁଆ ୧୦ ହଜାର ଟଙ୍କା ଦେଲେ ହିଁ ଫାଇଲ କାମ କରିବେ ବୋଲି ଅଖିଳେଶ କହିଥିଲେ। ବାଧ୍ୟହୋଇ ଜୁଲାଇ ୩ରେ ରଞ୍ଜନ ଓ ଅନ୍ୟମାନେ ଅଫିସକୁ ଯାଇ ଅଖିଳେଶଙ୍କୁ ୧୦ ହଜାର ଟଙ୍କା ଦେଇଆସିଥିଲେ। ଏହାପରେ ଜୁଲାଇ ୪ରେ ସୁଜନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଆସିଥିଲା। ଉକ୍ତଦିନ ଅଖିଳେଶ ବାରମ୍ବାର କଲ୍ କରି ବଳକା ୩୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ସିବିଆଇଙ୍କ ନିକଟରେ ହ୍ୱାଟ୍‌ସଆପ୍ ଜରିଆରେ ରଞ୍ଜନ ଅଭିଯୋଗ କରିଥିଲେ। ଭୁବନେଶ୍ୱର ସିବିଆଇ ଶାଖା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଖିଳେଶଙ୍କୁ ଗିରଫ କରିବାକୁ ଜାଲ ବିଛାଯାଇଥିଲା। ସେପଟେ ସୁନ୍ଦରଗଡ ଟିକିଲିପଡା ବସୁନ୍ଧରା ରେସିଡେନ୍‌ସିଆଲ୍ କଲୋନୀ ପାର୍କସ୍ଥିତ ବାସଭବନକୁ ଆସି ଟଙ୍କା ଦେବାକୁ ଅଖିଳେଶ କହିଥିଲେ। ପୂର୍ବପ୍ରସ୍ତୁତି ଅନୁଯାୟୀ ରଞ୍ଜନ ଟଙ୍କା ଦେବା ବେଳେ ସିବିଆଇ ଟିମ୍ ଚଢ଼ାଉ କରି ଅଖିଳେଶଙ୍କୁ କାବୁ କରିଥିଲା।

ରାଜାଙ୍କ ବାସଭବନରେ ଇଡି ଚଢ଼ାଉ

ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ସିଲ୍

କେନ୍ଦୁଝର,୧୦।୭(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ବହୁ ଚର୍ଚ୍ଚିତ ଶୁଆକାଟି ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଅର୍ଥ ତୋସରପାତ ଘଟଣାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିଜେଡି ନେତା ରାଜା ଚକ୍ରଙ୍କ ଜଗନ୍ନାଥପୁରସ୍ଥିତ ବାସଭବନରେ ଗୁରୁବାର ଚଢ଼ାଉ କରିଛି। ଏ ନେଇ ଇଡି ଅଧିକାରୀ କୌଣସି ସୂଚନା ଦେଉ ନ ଥିବା ବେଳେ ଅର୍ଥ ଅନିୟମିତତା ସମ୍ପର୍କିତ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଛି। ପରିବହନ କାର୍ଯ୍ୟାଳୟକୁ ସିଲ୍ କରିଥିବା ନେଇ ଜଣାପଡ଼ିଛି।

ପ୍ରକାଶ ଯେ, ଅର୍ଥ ତୋସରପାତକୁ ନେଇ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ପୂର୍ବରୁ ଖୋଳତାଡ଼ ହୋଇଛି। ବାରମ୍ବାର ଚଢ଼ାଉ ହୋଇ ବ୍ୟାପକ ସମ୍ପତ୍ତି ଜବତ ହେବା ସହ ଏଥିରେ ସମ୍ପୃକ୍ତ ରାଜା ଚକ୍ର, ସୁଶାନ୍ତ ସାମଲ ଓରଫ ବାବୁଲା ସାମଲ, ଲୋଡିଂ ଏଜେନ୍ସିର ସେହି ସମୟର ସଭାପତି ମାନସ ବାରିକ

ରାଜା ଚକ୍ରଙ୍କ ବାସଭବନ ସମ୍ମୁଖରେ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି।

ଓ ସମ୍ପାଦକ ଉତ୍କଳ ଦାସ ପ୍ରମୁଖଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତ ବାଲେଶ୍ୱର ଜେଲରେ ଅଛନ୍ତି। ଇଓଡବ୍ଲ୍ୟୁର ବାଲେଶ୍ୱର କୋର୍ଟରେ କେସ୍ ଚାଲିଥିବା ବେଳେ ସେମାନଙ୍କ ଜାମିନ ଆବେଦନ ମଧ ଖାରଜ ହୋଇଯାଇଛି। ବର୍ତ୍ତମାନ ଜିଲାରେ ଏ ସମ୍ପର୍କରେ ଚର୍ଚ୍ଚା ଟିକେ ଥମିଯାଇଥିବା ବେଳେ ଇଡ଼ି ଗୁରୁବାର ରାଜାଙ୍କ ବାସଭବନରେ ଚଢ଼ାଉ କରିବା ପରେ ପୁଣି ଚର୍ଚ୍ଚା ଜୋର ଧରିଛି। ଇଡିର ଅଧିକାରୀମାନେ କେନ୍ଦ୍ରୀୟ ପୋଲିସ ସହ ସ୍ଥାନୀୟ ପୋଲିସ ସହାୟତାରେ ଚଢ଼ାଉ କରିଛନ୍ତି। ରାଜାଙ୍କ ମାଇନିଂ ରୋଡ୍ ରାମମନ୍ଦିର ନିକଟସ୍ଥ ପରିବହନ କାର୍ଯ୍ୟାଳୟ ଦିବ୍ୟାନ୍ସି ଟ୍ରାନ୍ସପୋର୍ଟକୁ ସିଲ୍ କରିଥିବା ଜଣାପଡ଼ିଛି।

HDFC BANK We understand your world

AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

The auction will be conducted at the below mentioned branch/s on 18-Jul-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.

Sl. No	LOAN NO.	BORROWER'S NAME	LOAN AMOUNT	Place of Auction (Branch Address)
1	75282637	IMRAN ALI KHAN	181900	**HDFC BANK LTD,** 1ST FLOOR, DALA CHHAK, NEAR SBI, JAJPUR ROAD, JAJPUR-755019
2	75646254	CHANDRA MANDAL	46600	**HDFC BANK LTD,** 7&8, CUTTACK-PURI ROAD, JHARPARA, BHUBANESWAR-751006
3	4000016607	JAYA KRUSHNA PRADHAN	32900	
4	75687344	ANKIT AGARWALLA	266100	**HDFC BANK LTD,** AT-KANDASARA, PO-NALCO NAGAR, ANGUL-759145
5	75863703	SUNIL KUMAR LENKA	225000	
6	75556808	KUMUDA CHANDRA BEHERA	183200	
7	75572813	SUNIL KUMAR LENKA	155900	
8	74258725	LIPUN PRADHAN	41800	
9	75673881	RINA DALBEHERA	40300	
10	75585475	DIPTIDATTA SAHOO	210000	**HDFC BANK LTD,** AT-PANDUA, PO-KOTAGARA, AANLABARENI, DHENKANAL-759026
11	75880404	SAKTI DEHURY	78900	
12	75573738	DIPTIDATTA SAHOO	61000	
13	75696727	DIPTIDATTA SAHOO	35000	
14	75154959	SOUBHAGYA DEHURI	31300	
15	75083883	SOUBHAGYA DEHURI	27000	
16	74266368	RUDRA KHILAR	24300	
17	4000015534	N K TAPAN	220700	**HDFC BANK LTD,** BAJRAKABATI ROAD, CUTTACK-753001
18	75437760	PRIYANKA SAMANTARAY	156700	
19	75053460	CHANDRA NARAYAN NANDI	93800	
20	75599490	PRIYANKA SAMANTARAY	121000	
21	73550116	AMRIK SINGH	300500	**HDFC BANK LTD,** BARBIL JODA HIGHWAY, KEONJHAR, BARBIL-758035
22	75338299	JHALAK AGARWAL	127500	
23	73541796	ARABINDA KUNDA	73300	
24	75281173	RISHAB OJHA	65700	
25	75653283	NILIMA SETHI	28800	**HDFC BANK LTD,** BESIDE TAHASIL OFFICE, CHANDINI CHOWK, CUTTACK-753002
26	74815291	ARUN KUMAR BHUNYA	174400	**HDFC BANK LTD,** BHABA NAGAR SQUARE, BRAHMAPUR, GANJAM-760004
27	75298121	MANDA KUMARI	80000	
28	75238160	MANDA KUMARI	70000	
29	75894138	NIRANJAN DAS	109600	**HDFC BANK LTD,** BIBISARAM MARKET CHAK, JAJPUR TOWN, JAJPUR-755001
30	75450298	SWAGATIKA ROUT	91000	**HDFC BANK LTD,** BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007
31	75282396	RESHMA JAMUDA	76800	**HDFC BANK LTD,** BY PASS SQUARE, CHORDHA, JAJPUR MAIN ROAD, JAJPUR-755019
32	73495505	KASINATH PRADHAN	183500	**HDFC BANK LTD,** C/O-PRITI AUTO COMBINE, GOL BAZAR, SAMBALPUR-768001
33	74625159	KALIM KHAN	108000	**HDFC BANK LTD,** CHANDVALI CHOWK, ATHGARH-754029
34	75948380	CHINMAY KUMAR LENKA	98900	
35	75168414	DHIRA KUMAR BARIK	49200	
36	75486450	TUSHAR LENKA	320400	**HDFC BANK LTD,** DURGA BAZAR, JAGATSINGHAPUR, ORISSA-754103
37	75231173	MANORANJAN MOHARANA	305700	
38	75683434	GYANA RANJAN BASTIA	194100	
39	75521964	TUSHAR LENKA	188600	
40	75341827	TUSHAR LENKA	164500	
41	75453200	SURYANARAYAN DASH	122000	
42	75290920	TUSHAR LENKA	119700	
43	75377820	PABITRA PANDA	96300	
44	75347916	SUJIT MOHNTY	75800	
45	75517963	GOPAKISAN DAS	62100	
46	75964050	PABITRA PANDA	54900	
47	75453733	DEBENDRANATH BEHERA	18200	
48	75348029	KEDAR SHARMA	197100	**HDFC BANK LTD,** DWIBEDI BHAWAN, BISRA ROAD, ROURKELA-769001
49	463028699	BIPIN KUMAR SINGH	153300	
50	75167376	BHOLANATH MAHANTA	93300	
51	75647033	RUBINA KHAN	42000	
52	75206129	BHARAT NAIK	18600	**HDFC BANK LTD,** GHASIPURA, ANANDPUR, KEONJHAR -758015
53	75314903	SUSHANTA KUMAR SETHY	38800	**HDFC BANK LTD,** GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008
54	75591298	TAPAN KUMAR PATRA	167000	**HDFC BANK LTD,** GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001
55	75361960	KALI CHARAN PANIGRAHY	45000	
56	75174057	SHRIKANT MALIK	63946	**HDFC BANK LTD,** GROUND FLOOR, KINGSTON BUSINESS PARK, SHOP NO-1, MANGULI CHOWK, NELIA, CUTTACK-754025
57	75623579	MKIRAN KUMAR ACHARY	51300	**HDFC BANK LTD,** GROUND FLOOR, MAIN ROAD CHIKITI PENTHA, GANJAM-761010
58	75564710	MSANATAN RAO	36200	
59	75604262	SUSANTA BISOYEE	33000	
60	75606092	JYOTISH HIRA	80500	**HDFC BANK LTD,** GROUND FLOOR, NUAGUDA, OPP. FCI-I,ARTS COLLEGE ROAD, MALKANAGIRI-764048
61	75604636	KABITA BALA	73400	
62	75157149	URMILA NAG	41000	
63	75648565	NABIN BHATRA	39909	
64	75184883	RABIN PRADHANI	87100	**HDFC BANK LTD,** GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015
65	75187516	SUDHAKAR BEHERA	39900	**HDFC BANK LTD,** GROUND FLOOR, POKHARIAPADA, PATTAMUNDAI, KENDRAPADA-754215
66	75632142	PRABHAT CHANDRA PRADHAN	52400	**HDFC BANK LTD,** GROUND FLOOR, RAJENDRA VIHAR APARTMENT, BLOCK- D, FOREST PARK, BHUBANESWAR-751020
67	74596315	ANANDA NAIK	72000	**HDFC BANK LTD,** HATATOTA, TALCHER, ANGUL-759100
68	75830725	BIBHUTI BHUSHAN BEHERA	57800	
69	74691527	SURESH KHATUA	39000	
70	75025646	ANANDA NAIK	37000	
71	75870515	SK ABDUL SAHID	87000	**HDFC BANK LTD,** JABARA, JENAPUR, KUAKHIA, RASULPUR, JAJPUR-755023
72	75757039	SOUMYARANJAN PRADHAN	52000	
73	75950766	PRASANT KUMAR MOHARANA	99700	**HDFC BANK LTD,** JAGAMARA, BHUBANESWAR, KHURDA-751030
74	75286987	JAYASHREE PANDA	88300	
75	75327845	SANJUKTA SAHU	540000	**HDFC BANK LTD,** JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001
76	75891479	SABIT KUMAR DALIA	201000	
77	74155434	KRUSHNA CHANDRA NAYAK	184000	
78	75159331	MADHAB TALIA	47000	
79	75452353	SK MUJAHID	135000	**HDFC BANK LTD,** KALINGA NAGAR, DUBURI, JAJPUR-755019
80	75267293	SUBHAM KUMAR BEHERA	235400	**HDFC BANK LTD,** KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110
81	75127364	MD ZUNED IQUBAL	41700	**HDFC BANK LTD,** KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024
82	75941627	BANAMALI MAHARANA	386000	**HDFC BANK LTD,** KUNJURI, NEAR IOCL PETROL PUMP, CHANDESWAR, TANGI, KHORDHA-752023
83	75867154	MOHAMMED RIZWAN	152600	**HDFC BANK LTD,** MAHIPAL, KENDRAPARA-754211
84	75454364	BIBHU PRASAD SINGH	103900	
85	4000254605	RAJEEB DAS	51000	
86	5020087893022	SANTOSHINI NAYAK	803499.27	**HDFC BANK LTD,** MAIN ROAD, GOSANINUAGAON, BERHAMPUR-760003
87	75624856	S RENUKA	338000	
88	75404195	KRUSHNA MAHANTY	252000	
89	75380211	KALIA SAHU	196500	
90	75768227	S RENUKA	143200	
91	74212405	RAMA KRUSHNA SAHU	57000	
92	75529630	RASMITA SAHU	55500	
93	74362345	BINAYAK TRIPATHY	180000	**HDFC BANK LTD,** MAIN ROAD, NEAR RELIANCE TRENDS, BALUGAON-752030
94	75203264	BINAYAK TRIPATHY	55500	
95	4000085963	SATYABRAT MANGARAJ	40800	
96	75206808	RABIN PRADHANI	168000	**HDFC BANK LTD,** MANIKESWARI CHOWK, BHAWANIPATNA, KALAHANDI-766001
97	75834665	BABU UGRESAN NAIK	89000	
98	75500652	LAXMIKANTA MAJHI	29000	
99	75674403	AMARLAL SI	22000	
100	73582467	GITESWARI MUNDA	19500	
101	75067937	RAJ KISHOR KHARA	262600	**HDFC BANK LTD,** NALCO, BIJU PATTNAIK CHOWK, DAMANJODI, KORAPUT-763008
102	75569786	SUPRIYA HIAL	132800	
103	75344267	ANDI FLOWER BAGH	94500	
104	75314229	MAHENDRA MAJHI	56000	
105	75726521	D RAMA KRISHNA	105000	**HDFC BANK LTD,** NEAR R.T.O OFFICE, NH-26, KORAPUT-764020
106	75474673	PRASANT KUMAR BARIK	71000	**HDFC BANK LTD,** NUAPADA CHHAK, CUTTACK, ODISHA-753010
107	75188532	PRASANT KUMAR BARIK	70900	
108	75853054	SABITA MOHAPATRA	129000	**HDFC BANK LTD,** OPPOSITE SESSIONS COURT, KHANDAPADA ROAD, NAYAGARH-752069
109	75439867	PRATAP CHANDRA GHADEI	49000	
110	75847194	TIKINA BEHERA	44000	
111	75175658	AJIT KUMAR GOUDA	139500	**HDFC BANK LTD,** PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002
112	75655846	MANOJ KUMAR SAHOO	197500	**HDFC BANK LTD,** PATRAPADA, BHUBANESWAR, KHURDA-751019
113	75144330	MANOJ KUMAR SAHOO	75000	
114	75736294	CHIDANANDA PRADHAN	36000	
115	75760285	CHIDANANDA PRADHAN	26000	
116	75822242	CHIDANANDA PRADHAN	11900	
117	75446099	SANJAY KUMAR MUDULI	75600	**HDFC BANK LTD,** PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014
118	75892764	NIBEDITA SETHI	75000	
119	75161892	PRATIMA NAYAK	38200	
120	75531859	SUMIT RANJAN SAHOO	79600	**HDFC BANK LTD,** PLOT NO 344, CHANDI CHHAK, CUTTACK-753001
121	75278007	ANADI CHARAN DALAI	70400	**HDFC BANK LTD,** PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142
122	75854082	SASMITA BHUJABAL	70000	
123	75186622	DURGASI VENKATA RAO	26300	
124	74577443	SUSHANKAR SARKAR	24900	
125	75485235	SUSHRIJEET PRADHAN	874700	**HDFC BANK LTD,** PLOT NO 484/1908, MADHUSUDAN NAGAR, BHUBANESWAR-751012
126	75212149	PRIYANKA PRIYADARSINI	792000	
127	75184135	SUNIL KUMAR NAYAK	282700	**HDFC BANK LTD,** PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024
128	75622123	RASMITA MOHAPATRA	240000	
129	75463817	SHAHENAAAZ BEGUM	175000	
130	74892601	SANJAY PATRA	114700	
131	75630532	DEEPAK BHANJA	36600	
132	75641040	SANJUKTA SAHOO	91700	**HDFC BANK LTD,** PLOT NO-1078/1110, SHAMPUR, NUAGAON, BHUBANESWAR-751003
133	75167979	CHANDRA MANI NATH	34700	**HDFC BANK LTD,** PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133
134	75337048	NASIM AKTAR	204000	**HDFC BANK LTD,** PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056
135	75275468	SANJUKTA MAHARANA	61700	
136	75852195	SURESH CHANDRA NAYAK	58700	
137	75046794	SANTOSH KUMAR SAHA	299900	**HDFC BANK LTD,** PLOT NO-381/5/A & 381/5/C, UNIT-3, JANPATH, KHARVEL NAGAR, BHUBNESWAR-751001
138	75633032	AMIR KUMAR RAY	120800	
139	75186564	AJAYA KUMAR BEHERA	117900	**HDFC BANK LTD,** PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100
140	75536525	GANESH CHANDRA PRADHAN	83000	
141	75141790	TARAKANTA ROUL	34200	
142	75146752	ROUPYARANJAN SAHANI	20900	
143	75172984	KISHORE CHANDRA SAHU	249000	**HDFC BANK LTD,** R K TOWERS, DAILY MARKET, BOLANGIR-767001
144	75184876	BHOLANATH CHHATRIA	81000	
145	75877615	SATCHIDANANDA DWARI	55900	
146	75655084	DHABALESWAR MERLI	25600	
147	75148553	SUNIL DEEP	69500	**HDFC BANK LTD,** RAJIV GANDHI CHOWK, KESINGA, KALAHANDI-766012
148	75161296	MEGHA GAHIR	48200	
149	75619815	RANJAN BEHERA	68800	**HDFC BANK LTD,** S. N. PLAZA, NH - 5, NEULPUR, CHANDIKHOL-755024
150	75332570	SATYA PRAKASH MOHAPATRA	28300	
151	75589588	BRAHMANANDA DEHURI	26500	
152	75724868	DEBABRATA DAS	48000	**HDFC BANK LTD,** SAHU NIWAS, JAGANNATHPUR, KASHIPUR ROAD, KEONJHAR-758001
153	75857658	ANITA SAHU	168700	**HDFC BANK LTD,** SALEPUR MAIN ROAD, SALEPUR, CUTTACK-754202
154	75277682	AMAL MOHAMMAD	110400	
155	75290734	BISWAJIT PATI	24000	
156	75695433	PADMA CHARAN TANTI	82000	**HDFC BANK LTD,** SARGUNA STREET, ASKA ROAD, BRAHMAPUR-760006
157	75857022	PARINITA JENA	92100	**HDFC BANK LTD,** UNIT 11, BUXI BAZAR, CANTONMENT, CUTTACK-753001
158	75672013	SANTOSH KUMAR SAHOO	57500	
159	75583530	AMITA KHADIRATNA	79000	**HDFC BANK LTD,** VIP PLAZA, VIP ROAD, PURI-752001
160	75426583	RANAJIT SUNA	100000	**HDFC BANK LTD,** WARD NO 10, JONK, KHARIAR ROAD, NUAPADA-766104
161	75735824	BABITA BISHOYI	670800	**HDFC BANK LTD,** KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110
162	75702968	ARUN KUMAR SAHU	314400	**HDFC BANK LTD,** NALCO, BIJU PATTNAIK CHOWK, DAMANJODI, KORAPUT-763008
163	4000134689	SHANKAR NAYAK	138800	**HDFC BANK LTD,** PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002
164	75539764	RAJALAXMI MOHANTY	1071000	**HDFC BANK LTD,** VIP PLAZA, VIP ROAD, PURI-752001
165	75773274	EPILI DROUPADI	916430	**HDFC BANK LTD,** GRD. FLOOR, MAIN ROAD, OLD CINEMA HALL CHAKA, NEAR UNION BANK-II, HINJILICUT, GANJAM-761102
166	75773323	EPILI KESWARI	611300	
167	74868454	RAMRATAN SANGHAI	570000	**HDFC BANK LTD,** DURGA COMPLEX, JHARSUGUDA-768201
168	75282637	IMRAN ALI KHAN	181900	**HDFC BANK LTD,** 1ST FLOOR, DALA CHHAK, NEAR SBI, VYASANAGAR, JAJPUR ROAD , ODISHA-755019
169	75662692	SK SADRUL ORA	137000	

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 11/07/2025
Place : ODISHA

Sd/- Authorized Officer,
HDFC BANK LTD.

ମନୁଷ୍ୟର ମହତ୍ତ୍ୱ ସେ ଯେଉଁ ଅବସ୍ଥାରେ ବର୍ତ୍ତମାନ ଅଛି– ସେଥିରେ ନାହିଁ । କିନ୍ତୁ ସେ ଯାହା ହୋଇ ଚାଲିଛି ସେଇଥିରେ ଅଛି । ତା'ର ମହତ୍ତ୍ୱ ହେଲା– ତାରି ଗୁପ୍ତ ଗୋପନ କର୍ମଶାଳା ଭିତରେ ଚାଲିଛି ଏକ ଜୀବନ୍ତ ଶ୍ରମ । ତାରି ଭିତରେ ବିଶ୍ୱକର୍ମା ଅତିମାନବଙ୍କୁ ନିର୍ମାଣ କରିଚାଲିଛନ୍ତି । –ଶ୍ରୀଅରବିନ୍ଦ

ବାହ୍ୟ ଆକ୍ରମଣ ଓ ବିଦ୍ରୋହ

ଇଆନ ବୁରୁମା

ଗତ ମାସରେ ଇରାନ୍‌ର ଆଣବିକ କେନ୍ଦ୍ର ଉପରେ ଆମେରିକା ଆକାଶମାର୍ଗରୁ ବୋମା ବର୍ଷଣ କରିଥିଲା ଏବଂ ଏଥିରେ କେତେ କ୍ଷତି ହୋଇଛି, ତାହା ଏବେ ସୁଦ୍ଧା ଆମେ ଜାଣିନୁ। ଜୁନ୍‌ରେ ଅନୁଷ୍ଠିତ ନାଟୋ ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗର୍ବର ସହିତ କହିଥିଲେ, ''ଏହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିବା ମୋର ବିଶ୍ୱାସ''। କିନ୍ତୁ ଏହା ପୂର୍ବରୁ ଆମେରିକାର ଏକ ଗୋଇନ୍ଦା ରିପୋର୍ଟ ପ୍ରକାଶ କରିଥିଲା ଯେ, ଇରାନ୍ ପୁଣି କିଛି ମାସ ମଧ୍ୟରେ ଉନ୍ନତ ମାନର ୟୁରାନିୟମ ପ୍ରସ୍ତୁତି ଆରମ୍ଭ କରିପାରେ। ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ)ର ନିର୍ଦ୍ଦେଶକ ରାଫେଲ୍ ମାରିଆନୋ ଗ୍ରୋସି ମଧ୍ୟ ସମାନ କଥା କହିଥିଲେ। ତେବେ ଆମେ ଗୋଟିଏ କଥା କହିପାରିବା ଯେ, ଇସ୍ରାଏଲ୍–ୟୁଏସ୍‌ର ବମିଂ ଅଭିଯାନ ଇସ୍‌ଲାମିକ ରିପବ୍ଲିକ ଶାସନ ବିରୋଧରେ କୌଣସି ବିଦ୍ରୋହ ସୃଷ୍ଟି କରିପାରିଲା ନାହିଁ। କିନ୍ତୁ ଏଭଳି ଘଟିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆଶା କରିଥିଲେ। ଏପରିକି ଟ୍ରମ୍ପ୍ ମଧ୍ୟ ଭାବୁଥିଲେ ଯେ, ମେକ୍ ଇରାନ୍ ଗ୍ରେଟ୍ ଏଗେନ୍ (ଏମ୍‌ଆଇଜିଏ)ରେ ଅସମର୍ଥ ହୋଇଥିବା ଏକ ଶାସନର ବିକଳ୍ପ ହେଉଛି ତାହାକୁ ପରିବର୍ତ୍ତନ କରିବା। କିନ୍ତୁ ଏମ୍‌ଆଇଜିଏ ପାଇଁ ଚେଷ୍ଟା ଦେଶ ଭିତରୁ ନା ବାହାରୁ ହେବା ଉଚିତ ନା ନାହିଁ, ତାହା ସେ ସ୍ପଷ୍ଟ କରିନାହାନ୍ତି।

କୌଣସି ଏକ ଦେଶ ଉପରେ ଆକ୍ରମଣ କରି ସେହି ଦେଶର ନାଗରିକଙ୍କ ନୈତିକ ମନୋବଳ ଭାଙ୍ଗିଦେବା ସହ ସେମାନଙ୍କୁ ନିଜ ନେତାଙ୍କ ବିରୋଧରେ ସ୍ୱର ଉଠାଇବା ପାଇଁ ପ୍ରେରିତ କରିବା କଥା ଯାହା ଚିନ୍ତା କରାଯାଉଛି, ତାହା ଏକ ପୁରୁଣା ମାନସିକତା ଓ ପ୍ରାୟତଃ ଗ୍ରହଣୀୟ ନୁହେଁ। ଏହା ସ୍ପେନ ଗୃହଯୁଦ୍ଧ ସମୟରେ ଯେତେବେଳେ ଜର୍ମାନ ଓ ଇଟାଲୀ ଗୁଏର୍‌ନିକା ଉପରେ ୧୯୩୭ରେ ଆକ୍ରମଣ କରିଥିଲେ କିମ୍ବା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଯେତେବେଳେ ହିଟ୍‌ଲର ବ୍ରିଟେନ୍ ଉପରେ ଆକ୍ରମଣ କରିଥିଲେ କିମ୍ବା ମିତ୍ର ଦେଶଗୁଡ଼ିକ ନାଜି ଜର୍ମାନୀର ସହରଗୁଡ଼ିକୁ ଧ୍ୱଂସ କରିଥିଲେ, ସେତେବେଳେ ଏହି ସିଦ୍ଧାନ୍ତ କାମ କରି ନ ଥିଲା। ୧୯୬୫–୬୮ ପର୍ଯ୍ୟନ୍ତ ଉତ୍ତର ଭିଏତ୍‌ନାମରେ ଚାଲିଥିବା ଅପରେଶନ ରୋଲିଂ ଥଣ୍ଡର ମଧ୍ୟ ଏହି ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିଲା। ଗାଜା ଉପରେ ଏବେ ଜାରି ରହିଥିବା ଇସ୍ରାଏଲ୍‌ର ଆକ୍ରମଣ କ୍ଷେତ୍ରରେ ମଧ୍ୟ ସେୟା ଘଟିଛି।

ଷ୍ଟ୍ରାଟେଜିକ୍ ବମିଂରେ ଆକାଶମାର୍ଗରୁ ସଂଖ୍ୟାଧିକ ବୋମା ପକାଯାଇ କୌଣସି ଦେଶର ଭିତ୍ତିଭୂମି ଓ ସମ୍ବଳକୁ ଦୁର୍ବଳ କରାଯାଇଥାଏ। ଦୁଇଟି ବିଶ୍ୱଯୁଦ୍ଧରେ ଇଟାଲୀୟ ଜେନେରାଲ ଗିଉଲିଓ ଡୋଉହେଟ ଏହି କୌଶଳ ପ୍ରସ୍ତୁତ କରିଥିଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆକାଶମାର୍ଗରୁ କରାଯାଇଥିବା ଘାତକ ବମିଂରେ ବ୍ରିଟେନ୍‌ର କମାଣ୍ଡର ଇନ୍ ଚିଫ୍, ଆର୍‌ଏଏଫ୍ ବମ୍ବର

କମାଣ୍ଡ, ଅର୍ଥୁର ହାରିସ୍ (ବମ୍ବର ହାରିସ୍ ଭାବେ ଜଣାଶୁଣା) ଏବଂ ଆମେରିକା ଏୟାର ଫୋର୍ସ ଜେନେରାଲ କୁରଟିସ୍ ଏମରଶନ୍ ଲିମେ ଜଡ଼ିତ ଥିଲେ। ପରେ ୧୯୪୪–୪୫ରେ ଜାପାନର ସହରଗୁଡ଼ିକୁ ଧ୍ୱଂସ କରି ଅନେକ ହଜାର ନାଗରିକଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ କୁହାଯାଉଥିଲା ଯେ, ଯଦି ଆମେରିକା ହାରିଥାଆନ୍ତା, ତେବେ ଲିମେଙ୍କୁ ଯୁଦ୍ଧ ଅପରାଧୀ କରିବାକୁ ପଦକ୍ଷେପ ଗ୍ରହଣ କରାଯାଇଥାଆନ୍ତା। ଷ୍ଟ୍ରାଟେଜିକ୍ ବମିଂ ସହରାଞ୍ଚଳକୁ ଧ୍ୱଂସ କରିଦେଲା ଏବଂ ସଂଖ୍ୟାଧିକ ବୋକେ (ଜର୍ମାନ୍ ନାଗରିକଙ୍କ ପାଇଁ ଏକ ଉପହାସପୂର୍ଣ୍ଣ ଶବ୍ଦ)ଙ୍କୁ ହତ୍ୟା କରିବାରେ ହାରିସ୍ ତାଙ୍କ ଆଶା ପୂରଣ କଲେ। କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଷ୍ଟ୍ରାଟେଜିକ୍ ବମିଂକୁ ବ୍ୟାପକ ଭାବେ ବ୍ୟବହାର କଲେ ମଧ୍ୟ ଏହି କୌଶଳ କେବେ ବି ଏକ ବଡ଼ ବିଦ୍ରୋହ ସୃଷ୍ଟି କରିପାରି ନ ଥିଲା। ହିରୋସୀମା ଓ ନାଗାସାକୀ ସହରରେ ପରମାଣୁ ବୋମା ଆକ୍ରମଣର ପରିଣାମ ଯାହା ହୋଇଥାଉନା କାହିଁକି, ଜାପାନରେ ସେଠାକାର ସରକାରଙ୍କ ବିରୋଧରେ କୌଣସି ବିଦ୍ରୋହ ଦେଖାଯାଇ ନ ଥିଲା।

ଏକ ଆକ୍ରମଣ ଲୋକଙ୍କୁ ଭୋକିଲା ରଖିପାରେ, ହେଲେ ଲୋକପ୍ରିୟତା ହରାଇଥିବା ଏକ ସରକାର ପାଇଁ ଏହା ସମର୍ଥନ ଜୁଟାଇବା ସମ୍ଭାବନା ସୃଷ୍ଟି କରେ। ୧୯୪୧ରେ ଲଣ୍ଡନବାସୀଙ୍କ ମନୋବଳ ଭାଙ୍ଗିଦେବା ପାଇଁ ଜର୍ମାନ୍ ପ୍ରଚେଷ୍ଟା କରିଥିଲା। କିନ୍ତୁ ଏହା ଲଣ୍ଡନବାସୀଙ୍କୁ ଅଧିକ ଜିଦିଆ କରିବା ସହ ତାଙ୍କ ସହର ଆକ୍ରମଣର ମୁକାବିଲା କରିପାରିବ ବୋଲି ସେମାନଙ୍କ ମନରେ ଦୃଢ଼ ବିଶ୍ୱାସ ଜନ୍ମାଇଥିଲା। ଅବଶ୍ୟ ସେତେବେଳେ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ଲୋକପ୍ରିୟତା ଥିଲା। କିନ୍ତୁ ବର୍ଲିନ୍‌ବାସୀଙ୍କ ମଧ୍ୟରେ ଏପରିକି ଯେଉଁମାନେ ହିଟ୍‌ଲରଙ୍କୁ ବିରୋଧ କରୁଥିଲେ, ସେମାନଙ୍କର ମଧ୍ୟ ସମାନ ପ୍ରକାର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିନା ଅଭିଯୋଗରେ ଯନ୍ତ୍ରଣା ସହିବା କିମ୍ବା ସମସ୍ୟାରେ ରହିବାର ମାନସିକତା ଗଣତାନ୍ତ୍ରିକ ଦେଶ ତୁଳନାରେ ଯଥେଷ୍ଟ ଅଧିକ ଅଛି ଏକଚ୍ଛତ୍ରବାଦ ଶାସନରେ। ଉତ୍ତର ଭିଏତ୍‌ନାମର ଲୋକେ ସେମାନଙ୍କ ନେତାଙ୍କୁ ମାନିବା ପାଇଁ ବାଧ୍ୟ ହୋଇଥିଲେ, କିନ୍ତୁ ଆମେରିକାର ଆକ୍ରମଣ ସେମାନଙ୍କ ନୈତିକ ଅଧୋଗତି ଘଟାଇବା କିମ୍ବା ଏକ ଜନ ବିଦ୍ରୋହ ସୃଷ୍ଟି କରିବାର କୌଣସି ପ୍ରମାଣ ନାହିଁ। ଆମେରିକାର ଯୁଦ୍ଧ ବିମାନରୁ ଆକ୍ରମଣ କରିଥିଲେ ମଧ୍ୟ ଭିଏତ୍‌ନାମର ନାଗରିକଙ୍କଠାରେ ପ୍ରକୃତ ଦେଶଭକ୍ତି ଥିଲା।

ସତ୍ୟ ହେଉଛି, କୌଣସି ଦେଶରେ ନାଗରିକମାନେ ସେମାନଙ୍କ ନେତାଙ୍କୁ ଯେତେ ଘୃଣା କରନ୍ତୁ ପଛେ, ବିଦେଶୀ ଶକ୍ତିଙ୍କ ଆକ୍ରମଣକୁ ସେମାନେ ସହ୍ୟ କରନ୍ତି ନାହିଁ। ବିଶେଷକରି ଇରାନ୍ ଭଳି ଏକ ଦେଶଭକ୍ତ ଭାବନାରେ ପରିପୂର୍ଣ୍ଣ ତଥା ବୈଦେଶିକ ହସ୍ତକ୍ଷେପର ତିକ୍ତ ଇତିହାସ ସହ ଜଡ଼ିତ ଦେଶରେ ଏହା ସମ୍ଭବ। ୧୯୫୩ରେ ଆମେରିକା ଓ ବ୍ରିଟେନ୍ ସମର୍ଥନରେ ବଳପୂର୍ବକ ପ୍ରତିଶ୍ରୁତିବଦ୍ଧ ଗଣତନ୍ତ୍ରକୁ ହଟାଇ ଦିଆଯାଇଥିଲା। ଏବେ ଏହିସବୁ ପାଶ୍ଚାତ୍ୟ ଦେଶ ପ୍ରତି ଘୃଣାଭାବ କମିଯାଇଥାଇପାରେ, କିନ୍ତୁ ସେମାନଙ୍କ ବିଚାର ତଥା କାର୍ଯ୍ୟକଳାପକୁ ଇରାନୀୟମାନେ ସବୁବେଳେ ସନ୍ଦେହ ଦୃଷ୍ଟିରେ ଦେଖନ୍ତି। ଟ୍ରମ୍ପ୍‌ଙ୍କ ମେକ୍ ଇରାନ୍ ଗ୍ରେଟ୍ ଏଗେନ୍ ଧ୍ୱନିକୁ ଇରାନୀୟମାନେ ସମର୍ଥନ କରିବା କଷ୍ଟକର।

ଏହା ନିଶ୍ଚିତ ଯେ, ଇରାନ୍‌ର ଆଣବିକ କ୍ଷମତା ହ୍ରାସ କରିବା ଏକ ସକାରାତ୍ମକ ପଦକ୍ଷେପ। ଲେବାନନ୍ ଓ ସିରିଆରେ ଇରାନ୍‌ର ସପକ୍ଷବାଦୀ ଉଗ୍ରବାଦୀଙ୍କ ଉପରେ ଇସ୍ରାଏଲ୍‌ର ଆକ୍ରମଣ ମଧ୍ୟ ଏକ ଭଲ ପଦକ୍ଷେପ ହୋଇପାରେ। କିନ୍ତୁ ଏସିଆ ଓ ମଧ୍ୟପ୍ରାଚ୍ୟରେ ଦେଖାଯାଇଥିବା ଅନ୍ୟ ପାଶ୍ଚାତ୍ୟ ସାମରିକ ହସ୍ତକ୍ଷେପ ଗଣତନ୍ତ୍ରକୁ ପରିବର୍ତ୍ତନ କରିପାରିବ ନାହିଁ। ଯେଉଁମାନେ ଇରାନ୍‌ର କଠୋର, ଦମନକାରୀ ଓ କ୍ରୁର ଧର୍ମୀୟ ଶାସନକୁ ହଟାଇପାରିବେ, ସେମାନେ ହେଉଛନ୍ତି ଇରାନ୍‌ର ନାଗରିକ। ଏହି ଶାସନ ଅଧିକ ଲୋକପ୍ରିତା ହରାଇଛି ଏବଂ ୮୦ ପ୍ରତିଶତରୁ ଅଧିକ ଇରାନୀୟ ଗଣତାନ୍ତ୍ରିକ ସରକାର ଚାହାନ୍ତି ବୋଲି ୨୦୨୩ର ଏକ ସର୍ଭେରୁ ଜଣାପଡ଼ିଥିଲା। ଇରାନ୍ ଉପରେ ଆକ୍ରମଣ କଲେ ଏହାର ସାମରିକ ଦୁର୍ବଳତା ସାମ୍ନାକୁ ଆଣିଥାଇପାରେ, କିନ୍ତୁ ଶାସନ ବିରୋଧରେ ବଢ଼ୁଥିବା ବିରୋଧକୁ ଏହା ନିଶ୍ଚିତ ଭାବେ ହ୍ରାସ କରିଥିବା ଜଣାଯାଏ।

ଇରାନ୍‌ର ଅଭିନେତା ରେଜା କିଆନିଆନ ସରକାରଙ୍କ ଦୃଢ଼ ସମାଲୋଚକ ତଥା ୨୦୨୨ ଶାସନ ବିରୋଧୀ ଆନ୍ଦୋଳନର ଜଣେ ସମର୍ଥକ ଭାବେ ସେ ନିଃସନ୍ଦେହରେ ଏକ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସ୍ୱାଗତ କରିଥାଆନ୍ତେ। କିନ୍ତୁ ଇସ୍ରାଏଲ୍ ଓ ଆମେରିକା ଆକ୍ରମଣ ଆରମ୍ଭ କରିଦେବା ଯୋଗୁ ତାଙ୍କ ଦେଶଭକ୍ତି ବଢ଼ିଗଲା। ଫାଇନାନ୍ସିଆଲ ଟାଇମ୍ସକୁ ସେ ସାକ୍ଷାତ୍‌କାରରେ କହିଥିଲେ ଯେ, ଇରାନ୍ ବାହାରେ ରହିଥିବା ଜଣେ ବ୍ୟକ୍ତି ଦେଶକୁ ଆଗକୁ ବଢ଼ିବା ପାଇଁ କହିପାରିବେ ନାହିଁ। ଇରାନ୍ ହେଉଛି ମୋ ଦେଶ। କ'ଣ କରିବାକୁ ହେବ ମୁଁ ସ୍ଥିର କରିବି। ମୋ ନିଜ ଦେଶରେ ମୁଁ କ'ଣ କରିବି ସେ ସମ୍ପର୍କରେ କାହା କଥାକୁ ଅପେକ୍ଷା କରିବି ନାହିଁ। ବାହ୍ୟ ହସ୍ତକ୍ଷେପ ପ୍ରତି ଏହି ବିମୁଖତା ବା ବିରୋଧାଭାଷ ଯୁକ୍ତିଯୁକ୍ତ ମନେହୁଏ ଓ ଏହା ଶୀଘ୍ର ଏକ ନୂଆ ସଙ୍କଳ୍ପର ପଥ ଦେଖାଇପାରେ। ଗୋଟିଏ ଶାସନ ଯେତେବେଳେ ଚାପରେ ରହିଥାଏ, ସେତେବେଳେ କ'ଣ ଘଟିବ କେହି କହିପାରିବେ ନାହିଁ। କିନ୍ତୁ ଇରାନର ଏବକାର ଶାସନ ତଥାକଥିତ ଦେଶଦ୍ରୋହୀ ଏବଂ ଅସନ୍ତୁଷ୍ଟଙ୍କ ସ୍ୱରକୁ ଦୃଢ଼ ହସ୍ତରେ ଦବାଇ ରଖିଛି। ଇରାନର ସାମରିକ ଦୁର୍ବଳତା ହିଁ ଏହାର ନେତାଙ୍କୁ ଏକ ପରମାଣୁ ବୋମା ତିଆରି କରିବା ପାଇଁ ଦୁଇଗୁଣ ପ୍ରେରଣ କରିବାର ସମ୍ଭାବନା ଅଛି।

ପ୍ରତିଷ୍ଠିତ ଲେଖକ

ଦାରୁ ଓ ଦିଘା

ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ

ଦିଘାରେ ଶ୍ରୀମନ୍ଦିର ନିର୍ମାଣ ହେଲା। ଦଇତା ଥିଲେ ଏହାର ମୁଖ୍ୟ ପୁରୋଧା। ମନ୍ଦିରରେ ଦାରୁବ୍ରହ୍ମ ପ୍ରତିଷ୍ଠା ହେଲେ। ପ୍ରତିଷ୍ଠା ସରୁ ନ ସରୁଣୁ ଦିଘା ହୋଇଗଲା 'ପୁରୁଷୋତ୍ତମ ଧାମ'। ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ତ ସାରା ପୃଥିବୀରେ ଚାଲିଛି, ମାତ୍ର ଜଗନ୍ନାଥଧାମ ତିଆରି ହେଲା ଦିଘାରେ କେତେକ ଦଇତାଙ୍କ ଲାଗି। ମନ୍ଦିର ନିର୍ମାଣ ଓ ମହାବିଗ୍ରହ ସ୍ଥାପନ ଭକ୍ତଗଣଙ୍କ ଭାବାବେଗର ସମ୍ଭୁତ। ଛିଦ୍ରାନ୍ୱେଷୀମାନେ କହିଲେଣି ନବକଳେବର ସମୟର ବଳକା ଦାରୁରେ ନୁହେଁ ବରଂ ଶିଳାରେ ମହାପ୍ରଭୁଙ୍କ ସ୍ୱରୂପ ନିର୍ମାଣ କରାଯାଇଛି। ଏହା ସତ ହୋଇଥିଲେ ଦୁଇଟା କଥା ପଦାକୁ ଆସୁଛି। ବଳକା ଦାରୁ ଦଇତା ଯୋଗାଇ ଥାଇପାରନ୍ତି। ଦ୍ୱିତୀୟ କଥା ଯଦି ପାଷାଣ ପ୍ରତିମା ହୋଇଥିବେ ତେବେ ଏହା ଏକ ଭିନ୍ନ ବିଷୟ। କାରଣ ମହାପ୍ରଭୁଙ୍କ ପାଷାଣପ୍ରତିମା ବିଶ୍ୱରେ ବିରଳ। ସିଏ ପାଷାଣ ନୁହନ୍ତି ମଣିଷ। ସିଏ ଦେହତ୍ୟାଗ କରନ୍ତି। ପାଷାଣରେ ଗଢ଼ାଇବା ହିଁ ବିଚିତ୍ରତା। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବିଧାନ ମୁତାବକ ନବକଳେବର ସମୟରେ ଅଙ୍ଗଲାଗି ସେବକ ଦଇତାପତିମାନେ ବ୍ରହ୍ମ ପରିବର୍ତ୍ତନ କରାଇଥାନ୍ତ,ପୁରାତନ ବିଗ୍ରହରୁ ନୂତନ ବିଗ୍ରହକୁ। ଦାରୁ ପରିବର୍ତ୍ତନଶୀଳ, ବ୍ରହ୍ମ ନୁହେଁ। ମହାପ୍ରଭୁଙ୍କ ଇଚ୍ଛାରେ ତାଙ୍କ ଦାରବତନୁରେ ବ୍ରହ୍ମ ସଂସ୍ଥାପନ ଓ ଜୀବନ୍ୟାସ, ନୀଳକନ୍ଦରରେ ପ୍ରଥମେ ସ୍ୱହସ୍ତରେ ବ୍ରହ୍ମା କରାଇଥିଲେ। ଦାରବତନୁ ନିର୍ମାଣ ପରେ ମହାପ୍ରଭୁଙ୍କ ଆଜ୍ଞାମତେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କ ହସ୍ତରେ ବ୍ରହ୍ମ ସଂସ୍ଥାପନ କରାଇଥିଲେ କେଉଁ ଅଜ୍ଞାତ ସମୟରୁ। ସେଇ ସମୟରୁ ବ୍ରହ୍ମଦାରୁ ଉପାସନା ଚାଲିଛି। ସେବେଠୁ ଶ୍ରୀକ୍ଷେତ୍ର ଶ୍ରୀଧାମ, ପୁରୁଷୋତ୍ତମଧାମ, ମର୍ତ୍ତ୍ୟ ବୈକୁଣ୍ଠଧାମ ଇତ୍ୟାଦି।

ଆମ ପୁରାଣ ଆଧାରରେ କୁହାଯାଇପାରେ ଯେ ଶ୍ରୀକ୍ଷେତ୍ରଧାମ ବା ପୁରୁଷୋତ୍ତମଧାମ ବୈଦିକ ଯୁଗରୁ ଧାମ ବା କ୍ଷେତ୍ର ନାମରେ ବିଖ୍ୟାତ ଥିଲା। ବ୍ରହ୍ମାଙ୍କ ଦ୍ୱାରା ଦାରୁବ୍ରହ୍ମ ସ୍ଥାପନା ପରେ ଏହା ପୁରୁଷୋତ୍ତମ କ୍ଷେତ୍ର ବା ଧାମରେ ପରିଣତ ହୋଇଥିଲା। ସେବେଠୁ ପୁରୁଷୋତ୍ତମଧାମ କ୍ଷେତ୍ର ରାଜ ଅଟନ୍ତି। ଏହାପରେ ବାରମ୍ବାର ବିଧର୍ମୀ ଆକ୍ରମଣ ଓ ଲୁଣ୍ଠନର ଶିକାର ହୋଇଛି ଶ୍ରୀମନ୍ଦିର। ଯବନ ଆକ୍ରମଣ ଫଳରେ ୧୪୪ ବର୍ଷ ରତ୍ନସିଂହାସନ ଶୂନ୍ୟ ରହିଥିଲା। ଆଦି ଶଙ୍କରଙ୍କ ଆଗମନ ପରେ ପୁନର୍ବାର ୧୪୪ ବର୍ଷ ଅନ୍ତେ ନବକଳେବର କରାଯାଇ ଦାରୁବ୍ରହ୍ମ ସଂସ୍ଥାପିତ ହେଲେ। ସେ ପର୍ଯ୍ୟନ୍ତ ସୁବର୍ଣ୍ଣପୁରରେ ପାତାଳି ହୋଇଥିବା ଦାରୁ ମଧ୍ୟରୁ ବ୍ରହ୍ମ ପଦାର୍ଥଟି ଅକ୍ଷୁଣ୍ଣ ଅଣାଯାଇ ଆଦି ଶଙ୍କରଙ୍କ ଦ୍ୱାରା ନବ କଳେବର ହୋଇଥିଲ। ଅବଶ୍ୟ ବ୍ରହ୍ମପଦାର୍ଥଟି କ'ଣ ତାହା ଏବେ ବି ରହସ୍ୟାବୃତ। ମାତ୍ର ବ୍ରହ୍ମ ପଦାର୍ଥଟିକୁ ଆଦି ଶଙ୍କର ଜାଣିଥିଲେ ଓ ତଦନୁସାରେ ବ୍ୟବସ୍ଥା କରିଥିଲେ। ଭାରତର ଚାରିଦିଗରେ ଧାର୍ମିକ ବାତାବରଣ ବଜାୟ ଓ ସୁରକ୍ଷିତ ରଖିବା ଅଭିପ୍ରାୟରେ ଆଦି ଶଙ୍କର ୪ଟି ଧାମ ପ୍ରତିଷ୍ଠା କରିଥିଲେ। ସେଠାରେ ଶ୍ରେଷ୍ଠ ସନ୍ଥମାନଙ୍କୁ ନିଜ ପ୍ରତିନିଧି ଭାବେ ଅବସ୍ଥାପିତ କରାଇଥିଲେ। ଏଇ ଚାରିଧାମ ମାଧ୍ୟମରେ ଭାରତର ଧାର୍ମିକ ଗୌରବ ଅକ୍ଷୁଣ୍ଣ ରଖିବାର ଧାରା ଅନୁସୃତ ହୋଇ ଆସୁଅଛି। ଶିବାବତାର ଶଙ୍କର ପୁଣି ଚତୁଃଧାମ ମଧ୍ୟରେ ପୁରୁଷୋତ୍ତମକୁ ଶ୍ରେଷ୍ଠଧାମ ଭାବେ ବିବେଚନା କରିଯାଇଛନ୍ତି।

ପୁରୁଷୋତ୍ତମ ଶ୍ରୀକ୍ଷେତ୍ରର ଧର୍ମୀୟବାତାବରଣ ଓ ଧାମ ସୁରକ୍ଷା ପାଇଁ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପ୍ରତିଷ୍ଠିତ ଗୋବର୍ଦ୍ଧନ ପୀଠ ରହିଛି। ଏହାର ପୀଠାଧୀଶ ମୂଳତଃ ମହାନ ସନ୍ଥ ନିଶ୍ଚଳାନନ୍ଦ ସରସ୍ୱତୀ।

ଧାମ କିଛି ସାଧାରଣ ଶବ୍ଦଟି ନୁହେଁ।
ଜଗନ୍ନାଥ ଧାମ ସେଇଟି, ଯେଉଁଠି
ଲୋକନାଥ ଶିବଯନ୍ତ୍ର, ତୀର୍ଥରାଜ ମହୋଦଧି
ବିମଳା ଭୈରବୀ ଯନ୍ତ୍ର, ଜଗନ୍ନାଥସ୍ତୁ ଭୈରବ।

ଅର୍ଥାତ୍ ଲୋକନାଥ, ବିମଳା ଓ ତୀର୍ଥରାଜ ମହୋଦଧି ଯଦି ଦିଘାରେ ଥିବେ ତେବେ ମହାଭୈରବ ଜଗନ୍ନାଥ ସେଠାରେ ଥିବେ। ତେଣୁ ଦିଘା ଧାମ ହେବାରେ ବାଧାନାହିଁ। ଏହା ନାହିଁ ଦୀଘା ଧାମ ହେବ କେମିତି? କଙ୍କଣ ଲୋଭରେ ବାଘକୁ ପଙ୍କରୁ ଉଦ୍ଧାର କଲାପରେ ପଞ୍ଚତନ୍ତ୍ର କାହାଣୀରେ ବିଚରା ବ୍ରାହ୍ମଣଟି ବାଘର ଆହାର ହୋଇଥିଲା। ତେବେ ଏଠି କ'ଣ ହବ? ଦାରୁ, ଦଇତା, ଦିଘାକୁ ନେଇ ତିଆରି ହୋଇଥିବା ଭୌଗୋଳିକ, ରାଜନୈତିକ, ଆଧ୍ୟାତ୍ମିକ, ମନସ୍ତାତ୍ତ୍ୱିକ, ଅର୍ଥନୈତିକ ତଥା ସାମାଜିକ ନାଟକଟି ସତରେ କିନ୍ତୁ ଏକ ଅନୁସନ୍ଧାନମୂଳକ ନାଟକ। ଉପସଂହାର ଦେଖିବାକୁ ବାକି ରହିଲା।

ମହାସଚିବ, ଗୋବର୍ଦ୍ଧନ ପୀଠ, ପୁରୀ
ମୋ:୯୪୩୭୦୭୭୭୬୭

ଏଇ ଭାରତରେ

ମହାରାଷ୍ଟ୍ରର ସୁନୀଲ କୋଲ୍‌ପେ ୧୬ଟି ମଇଁଷି କିଣି ଏକ ସ୍ମାର୍ଟ ଡାଇରି ଫାର୍ମ କରିଛନ୍ତି । ସୁନୀଲଙ୍କ ବୟସ ଏବେ ୪୩ ଓ ମହାରାଷ୍ଟ୍ର ୟୁବତମଲ ଜିଲାର ଛୋଟ ସହର ମହାଗାଓଁରେ ରହୁଛନ୍ତି ଏବଂ ଏହାଠାରୁ ତାଙ୍କ ଫାର୍ମ ୧୩ କିଲୋମିଟର ଦୂରରେ ଅଛି। ଏହି ଫାର୍ମ ୨୪ ଏକର ଜମିରେ ହୋଇଛି । ସେ କ୍ଷୀର ବିକ୍ରି କରିବା ପାଇଁ ସ୍ମାର୍ଟ କାର୍ଡଯୁକ୍ତ ମିଲ୍କ ଏଟିଏମ୍, ଆଇସ୍‌କ୍ରିମ ପାର୍ଲର କରିଛନ୍ତି। କ୍ଷୀର ଓ ଏଥିରୁ ପ୍ରସ୍ତୁତ ଉତ୍ପାଦ ବିକ୍ରି କରି ସୁନୀଲ ମାସକୁ ୭୫ ହଜାର ଟଙ୍କା ରୋଜଗାର କରୁଛନ୍ତି। ଦିନକୁ ଏବେ ୩୫୦ ଲିଟର କ୍ଷୀର ବିକ୍ରି କରୁଛନ୍ତି। କେବଳ ଏଟିଏମ୍ ମାଧ୍ୟମରେ ସେ କ୍ଷୀର ବିକୁନାହାନ୍ତି, ବରଂ ଘରକୁ ଘର ବୁଲି କ୍ଷୀର ଦେଉଛନ୍ତି। ସେ ବୈଜ୍ଞାନିକ ପଦ୍ଧତିରେ ଗୁହାଳ କରିଛନ୍ତି ଓ ଏଥିରେ ୫.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପ୍ରଥମେ ସେ ପନିପରିବା ଚାଷ କରିଥିଲେ। କିନ୍ତୁ ସେଥିରେ କ୍ଷତି ହେବାରୁ ମଇଁଷି ରଖିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ତାଙ୍କ ଜୀବନର ମୋଡ଼ ହିଁ ବଦଳାଇଦେଇଛି। ସୁନୀଲ ଫାର୍ମରେ ମଇଁଷି ପାଳନ କରିବା ସହିତ ଆଖୁ, ସୋୟାବିନ ଓ କପାଚାଷ ମଧ୍ୟ କରୁଛନ୍ତି।

୫୦ ବର୍ଷ ତଳର ଧରିତ୍ରୀ
DHARITRI

୧୧ ଜୁଲାଇ ୧୯୭୬

- ପେଟ୍ରୋଲ ଓ ପେଟ୍ରୋଲଜାତ ଦ୍ରବ୍ୟର ଆଞ୍ଚଳିକ ଭିତ୍ତିରେ ବିକ୍ରୟ ପାଇଁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟ ୪ କମ୍ପାନୀ ପ୍ରତିଷ୍ଠା ବିଷୟରେ ପ୍ରସ୍ତାବ ଗ୍ରହଣ କରିଛନ୍ତି।
- ନିରପେକ୍ଷ ରାଷ୍ଟ୍ରଗୋଷ୍ଠୀଗୁଡ଼ିକର ପ୍ରସ୍ତାବିତ ସମ୍ବାଦ ସଂସ୍ଥାର ସଦର ମହକୁମା ଭାରତରେ ରଖାଯିବା ପାଇଁ ପ୍ରସ୍ତାବ।

su|do|ku ସୁ–ଡୋ–କୁ
Puzzles by Srikant Ghosh

	4							
				8	9			
7		2	3					8
				1		5	4	
2	7	4		6				
		6		9				
		9				1	7	
				7				
	3				1		5	4

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଥର ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

3	7	9	2	5	6	1	4	8
8	6	1	3	7	4	5	9	2
2	5	4	1	8	9	7	3	6
1	8	6	7	4	2	9	5	3
9	2	5	6	3	1	4	8	7
7	4	3	8	9	5	6	2	1
5	1	2	9	6	3	8	7	4
6	9	8	4	2	7	3	1	5
4	3	7	5	1	8	2	6	9

ଗତକାଲିର ଉତ୍ତର

ମାତୃଭାଷା ବନାମ ବିଶ୍ୱଭାଷା

ରାନୀ ନାୟକ

ଗୋଟିଏ ଜାତିର ପରିଚୟ ହେଉଛି ଭାଷା। ପ୍ରତ୍ୟେକ ଭାଷାର ଏକ ନିର୍ଦ୍ଦିଷ୍ଟ ଇତିହାସ ରହିଛି। ଯଦି ଭାଷାଟିଏ ମରିଯାଏ ତେବେ ଅନେକ କଥା ମରିଯିବାକୁ ହୁଏ। ସେଥିରେ ଥିବା ସାହିତ୍ୟ, ଦର୍ଶନ ନିଶ୍ଚୟ ବଳିପଡିବ ଏବଂ ସେ ଭାଷାର ଶବ୍ଦମାନ ମଧ୍ୟ ଲୋପ ପାଇଥାଏ। ତେଣୁ ଭାଷା ବଞ୍ଚିଲେ ଗୋଟିଏ ଜାତି ଚିରକାଳ ପାଇଁ ଜୀବିତ ରହିପାରିବ। ସେ ଜାତି ସେତେବେଳେ ଯାଇ ବିଶ୍ୱମଣ୍ଡିତ ହେବ ଯେତେବେଳେ ତା' ମାତୃଭାଷା ସମଗ୍ର ପୃଥିବୀ ପୃଷ୍ଠରେ ଆଦୃତ ହେବ। ଏହା କେବଳ ସମ୍ଭବ ଗୋଟିଏ ଭାଷାଭାଷୀ ଜନତା ଦଳଗତ ଭାବେ କିମ୍ବା ଶକ୍ତିଶାଳୀ ବ୍ୟକ୍ତିଙ୍କ ନେତୃତ୍ୱରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାବେଳେ ନିଜର ଚଳଣି, ସଂସ୍କୃତି, ଅଭ୍ୟାସ ସର୍ବୋପରି ନିଜର ମାତୃଭାଷାକୁ ସାଥିରେ ନେଇ ଅନ୍ୟ ସ୍ଥାନରେ ପ୍ରଭାବଶାଳୀ ଉପସ୍ଥିତି ଜାହିର କରିପାରିବ। କିନ୍ତୁ ଦୁଃଖର ବିଷୟ ଯେ ଆମେ ମାତୃଭାଷା ଅପେକ୍ଷା ବିଶ୍ୱଭାଷାକୁ ଅତି ଆଦର କରିବାରେ ବ୍ୟସ୍ତ। ଏହା କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ଇଂରାଜୀ ଭାଷା କାୟାବିସ୍ତାର କରିଛି।

ବିଶ୍ୱଭାଷା ଭାବରେ ଇଂରାଜୀ ଭାଷାର ବ୍ୟବହାର ପଛରେ ରହିଛି ଏକ ଭାଷା କୂଟନୀତି। ନଚେତ୍ ନିଜ ମାତୃଭାଷା କହୁଥିବା ଲୋକଙ୍କ ଗଣତିରେ ବିଶ୍ୱରେ ସର୍ବାଧିକ ଲୋକ ଚାଇନିଜ ଭାଷା 'ମାଣ୍ଡାରିନ' ହିଁ କହିଥାନ୍ତି। ଆମେରିକୀୟ, ଅଷ୍ଟ୍ରେଲିଆ ଏବଂ ପାଖାପାଖି ଅଞ୍ଚଳର ସମସ୍ତ ଇଂରାଜୀ ଭାଷାଭାଷୀ କହୁଥିବା ଲୋକଙ୍କୁ ମିଶାଇଲେ ମଧ୍ୟ ମାତୃଭାଷା ଭାବରେ ଇଂରାଜୀର ସ୍ଥାନ ଦ୍ୱିତୀୟ। ସେହିପରି ଭାରତରେ ହିନ୍ଦୀର ସ୍ଥାନ ଦ୍ୱିତୀୟ ଓ ଓଡ଼ିଆ ସ୍ଥାନ ତେତିଶ। ଏଠାରେ ମାତୃଭାଷା ବନାମ ବିଶ୍ୱଭାଷା କହିବାର ଉଦ୍ଦେଶ୍ୟ ହେଉଛି, ମାତୃଭାଷା ଇଂରାଜୀ ଥିବା ଲୋକଙ୍କଠାରୁ ଏସିଆ ଏବଂ ଆଫ୍ରିକାରେ ଇଂରାଜୀ ଭାଷା ଶିଖୁଥିବା ଲୋକଙ୍କ ସଂଖ୍ୟା ଅଧିକ। ସେହିପରି ଇଂରେଜମାନେ ଯେତେବେଳେ ଭାରତରେ ନିଜର କାୟାବିସ୍ତାର କଲେ ଏବଂ ପରବର୍ତ୍ତୀ ସମୟରେ ସେହି ଆଗନ୍ତୁକମାନଙ୍କର ଆବଶ୍ୟକତା ଥିଲା ସେମାନେ ଆମ ଭାଷା ଶିକ୍ଷା କରିବେ। କିନ୍ତୁ ସେମାନେ କ'ଣ ଆମ ଭାଷା ଶିକ୍ଷା କରିବେ, ବରଂ ତାଙ୍କ ଭାଷା ଅର୍ଥାତ୍ ଇଂରାଜୀ ଭାଷା ପ୍ରତି ଭାରତୀୟମାନଙ୍କର ଏତେ ଆସକ୍ତି ଚାଲି ଆସିଥିଲା ଯେ ଇଂରାଜୀ ଭାଷା ଶିଖିବା ପାଇଁ ଆତୁର ଏବଂ ତତ୍ପର ହୋଇଉଠିଲୁ।

ଇଂରାଜୀ ଭାଷାର କାୟା ବିସ୍ତାର ସମ୍ପର୍କରେ ଇତିହାସର କିଛି ଘଟଣାବଳୀର ପୃଷ୍ଠା ଓଲଟାଇବା। ଆମେରିକାର ପଞ୍ଚଦଶ ଶତକର ଉଦାହରଣ ଦେଖିବା। ପଞ୍ଚଦଶକର କଥା–କନ୍‌ଷ୍ଟାଣ୍ଟିନୋପଲ ପତନ ପରେ ଚାଇନାରୁ ଭାରତ ହୋଇ ୟୁରୋପ ଯାଇଥିବା ରେଶମ ପଥ ଅବରୁଦ୍ଧ ହେବା ପରେ ୟୁରୋପୀୟ ବ୍ୟବସାୟୀ ଓ ଶାସକମାନେ ଅନ୍ୟ ଏକ ବିକଳ୍ପ ପଥ ସନ୍ଧାନ କରୁଥାନ୍ତି। ଏଥିପାଇଁ ସ୍ପେନ୍, ଇଟାଲୀ, ପର୍ତ୍ତୁଗାଲ, ଫ୍ରାନ୍ସ, ଇଂଲଣ୍ଡର ସମୁଦ୍ର ନାବିକମାନଙ୍କୁ ସେତେବେଳେ ପ୍ରୋତ୍ସାହିତ କରାଯାଉଥିଲା। ପ୍ରସିଦ୍ଧ ସ୍ପେନୀୟ ନାବିକ ଖ୍ରୀଷ୍ଟୋଫର୍ କଲମ୍ବସ ୧୪୯୨ରେ ଦିଗଭ୍ରାନ୍ତ ହୋଇ ଭାରତକୁ ଜଳପଥ ଖୋଜି କ୍ୟାରିବିୟନ ସି'ର ବରମୁଡ଼ା ଦୀପପୁଞ୍ଜରେ ପହଞ୍ଚିଲେ ଏବଂ ଏହାକୁ ଭାରତ ବୋଲି ଭାବି ସେଠାକାର ଆଦିମ ଅଧିବାସୀଙ୍କୁ ରେଡ୍ ଇଣ୍ଡିଆନ ଆଖ୍ୟା ଦେଲେ। ଏହା ଥିଲା ଆମେରିକା



ମହାଦେଶର ଅଂଶ(ମାତ୍ର ମୃତ୍ୟୁ ପର୍ଯ୍ୟନ୍ତ କଲମ୍ବସ ଭାବିଥିଲେ ସେ ଭାରତବର୍ଷକୁ ଜଳପଥ ଆବିଷ୍କାର କରିଛନ୍ତି)। ଇଟାଲୀର ନାବିକ ଆମେରିଗୋ ଭେସ୍ପୁଚି ୧୫୦୭ରେ ଏଠାରେ ପହଞ୍ଚିବାରେ ଇଟାଲୀର ରାଜା ଏହି ଅଞ୍ଚଳକୁ ଆମେରିକା ବୋଲି ନାମିତ କଲେ। ପରବର୍ତ୍ତୀ ସମୟରେ ସ୍ପେନୀୟମାନେ ଦକ୍ଷିଣ ଆମେରିକା ମଧ୍ୟ ଆବିଷ୍କାର କରିଥିଲେ। ୧୫୮୮ରେ ସ୍ପେନ୍ କର୍ତ୍ତୃତ୍ୱରେ ଥିବା ଆଣ୍ଟଲାଣ୍ଟିକ ମହାସାଗରର ସ୍ପେନିସ୍ପୌ ଘାଟି ଆର୍ମାଡ ଦ୍ୱୀପକୁ ଇଂରେଜମାନେ ଅଧିକାର କରିନେବା ପରେ ଏହି ସ୍ଥାନରେ ବସତି ସ୍ଥାପନ କରିବାକୁ ଆଗ୍ରହୀ ହୋଇଥିଲେ। କୁହାଯାଏ, ଯେଉଁ ପ୍ରଥମ ଗୋଷ୍ଠୀର ଲୋକେ ଆମେରିକା ଯାଇଥିଲେ ସେମାନଙ୍କର ହୁଏତ ଆମେରିକାର ଆଦିମ ଅଧିବାସୀଙ୍କ ହାତରେ ମୃତ୍ୟୁ ହୋଇଥିଲା କିମ୍ବା ସେମାନେ ନିଖୋଜ ହୋଇଥିଲେ। ସେହିମାନଙ୍କ ସ୍ମୃତିରେ ସ୍ଥାନଟିର ନାମକରଣ କରାଯାଇଥିଲା ଲସ୍ ଏଞ୍ଜେଲେସ। ପରବର୍ତ୍ତୀ ଗୋଷ୍ଠୀ ଯେଉଁମାନେ ତାଙ୍କ ସନ୍ଧାନ ପାଇଁ ଇଂଲଣ୍ଡର ସେ ସମୟର ଶାସକ ରାଲେଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ, ସେମାନେ ରହୁଥିବା ସ୍ଥାନଟିକୁ ନାମ ଦେଇଥିଲେ ରାଲେ। ଏହିଭଳି ଭାବରେ ନୂତନ ଉପନିବେଶର ସ୍ଥାନ ନାମକରଣ ଆରମ୍ଭ ହୋଇଥିଲା। ଇଂରେଜମାନେ ଆମେରିକାରେ ୧୭୮୦ ବେଳକୁ ୧୩ଟି କଲୋନୀ ସ୍ଥାପନ କରିଥିଲେ ଏବଂ ସେଥିରେ ୪୦ଲକ୍ଷ ଇଂରେଜ ବସବାସ କରୁଥିଲେ। ୧୫୮୮ ରୁ ୧୬୦୦ ମଧ୍ୟରେ ମାତ୍ର ୩୫୦ଜଣ ସେଠାରେ ରହୁଥିଲେ। ୧୭୮୧ରେ ଆମେରିକା ସ୍ୱାଧୀନ ହେଲା ଏବଂ ସ୍ଥାନୀୟ ଇଂରେଜ ବଂଶୋଦ୍ଭବ ଜର୍ଜ ୱାଶିଂଟନ ଦେଶର ପ୍ରଥମ ରାଷ୍ଟ୍ରପତି ରୂପେ ଶାସନ ଆରମ୍ଭ କଲେ। ଇଂରେଜମାନଙ୍କ ଦ୍ୱାରା ସୃଷ୍ଟ ବଂଶୋଦ୍ଭବମାନଙ୍କର ବସତିରେ ଏହି ଅସ୍ମିତାର ଜାଗରଣ ଅବଶ୍ୟ ବିଶ୍ୱ ଇତିହାସରେ ଏକ ନୂତନ ଫର୍ଦ୍ଦ ଯୋଗ କରିଛି । ଆମେରିକୀୟ ଇଂରାଜୀର ସ୍ୱାତନ୍ତ୍ର୍ୟ ସାମାନ୍ୟ ହେଲେ ମଧ୍ୟ ଜାତୀୟ ସ୍ୱାଭିମାନ ଦୃଷ୍ଟିରୁ ସେମାନେ ସାଧୀନ ହୋଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

ଇଂରାଜୀ ଭାଷା ସବୁଠି ପ୍ରସାର ମେଲାଇ ଥିଲେ ସୁଦ୍ଧା ଏକଥା ଦୃଢ଼ତାର ସହ କୁହାଯାଇପାରିବ ଯେ, ଓଡ଼ିଆ ଗୋଟିଏ ଅତ୍ୟନ୍ତ ସମୃଦ୍ଧ ଭାଷା ବୋଲି। ପୃଥିବୀର ଅଧିକାଂଶ ଭାଷାର ଲିପି ନାହିଁ। ସବୁଠାରୁ ଶକ୍ତିଶାଳୀ ଇଂରାଜୀ ଭାଷା ରୋମାନ ଲିପି ବ୍ୟବହାର କରେ। ଜର୍ମାନ, ଫ୍ରେଞ୍ଚ, ସ୍ପାନିସ ଭାଷା ମଧ୍ୟ ଏହି ରୋମାନ ଲିପି ବ୍ୟବହାର କରନ୍ତି। ଆମ ଦେଶରେ ମରାଠି ଓ ହିନ୍ଦୀ ଉଭୟ ନାଗରୀ ଲିପି ବ୍ୟବହାର କରନ୍ତି। କୋଙ୍କଣୀ ଭାଷା ଭିନ୍ନ ଭିନ୍ନ ଲିପି ବ୍ୟବହାର କରୁଛି। କିନ୍ତୁ ଓଡ଼ିଆ ଭାଷା ଏକ ସୁନ୍ଦର ଲିପି ବ୍ୟବହାର କରୁଛି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ମିଳିସାରିଛି। କିନ୍ତୁ ପରିତାପର ବିଷୟ ଯେ ଏସବୁ ସତ୍ତ୍ୱେ ଆଜିର ଶିଶୁ, କିଶୋର ଗଣ ଏହି ଭାଷା ପ୍ରତି ଆଗ୍ରହୀ ହେଉନାହାନ୍ତି। ଆମ ଅସ୍ମିତାର ମୁଖ୍ୟ ପ୍ରତୀକ ଭାଷା ଉପରେ ଆଗରୁ ଯେତେ ଯାହା ଆକ୍ରମଣ ହୋଇଥିଲା ତାହା ବାହାରୁ ହୋଇଥିଲା, ମାତ୍ର ଏବେ ଏହି ଆକ୍ରମଣ ଆମ ପରିବାର ଭିତରୁ ହିଁ ଆରମ୍ଭ ହେଉଛି। ଶେଷରେ ଗୋଟିଏ ବାକ୍ୟରେ କହିଲେ, ଓଡ଼ିଆ ଭାଷାର ବିକାଶ ସେତିକିବେଳେ ସମ୍ପୂର୍ଣ୍ଣ ହେବ ଯେତେବେଳେ ଜଣେ ଓଡ଼ିଆ ଭାଷାଭାଷୀ ଉପଲବ୍ଧି କରିବ ଯେ ଏଇ ଭାଷା ମାଧ୍ୟମରେ ସେ ଦେଶ ତଥା ବିଶ୍ୱରେ ଉପଲବ୍ଧ ସମସ୍ତ ଜ୍ଞାନ ହାସଲ କରିପାରିବ। ତେଣୁ ଏହା ସେତେବେଳେ ସମ୍ଭବ ହେବ ଯେବେ ଆମ ଓଡ଼ିଆ ଆମେ ନିଜେ ଜାଗୃତ କରିବା।

ଢେଙ୍କାନାଳ, ମୋ: ୭୬୦୬୯୯୬୦୫୩

ପାଠକ ଶ୍ରେଷ୍ଠ ବିଚାରକ

ସ୍ୱତନ୍ତ୍ର 'କ' ଶ୍ରେଣୀ ରେଳଚାଳକ ଓ ପରିଚାଳକ ପଦବୀ ଆରମ୍ଭ କରାଯାଉ

ମହାଶୟ,
ଭଦ୍ରକ ରେଳଷ୍ଟେଶନ ବ୍ରିଟିଶ ସମୟରୁ ଏକ ପ୍ରମୁଖ ରେଳଷ୍ଟେଶନ ରୂପେ ପରିଗଣିତ ହୋଇଆସୁଛି। ପୂର୍ବରୁ ଏହା ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ଥିଲା ଏବେ ଏହା ପୂର୍ବ ଉତ୍ତର ରେଳ ଅଧୀନ। ଏହା ମଧ୍ୟ ଏହି ଦୁଇ ରେଳ ଜୋନ୍‌ର ସର୍ବଶ୍ରେଷ୍ଠ ପ୍ରମୁଖ ରେଳଷ୍ଟେଶନ ରୋଡ୍। ପୂର୍ବରୁ ଏଠାରେ ସ୍ୱତନ୍ତ୍ର 'କ' ଶ୍ରେଣୀର ରେଳଚାଳକ ପଦବୀ ରହିଥିଲା। ରାଜନୀତି କରାଯାଇ ଦୀର୍ଘବର୍ଷ ତଳୁ ଏହି ପଦବୀକୁ ଖୋର୍ଦ୍ଧା ରୋଡ୍‌କୁ ଉଠାଇ ନିଆଗଲା। ବର୍ତ୍ତମାନ ରେଳଗାଡ଼ି ସଂଖ୍ୟା ଯଥେଷ୍ଟ ବଢ଼ିଛି, ଆଗକୁ ମଧ୍ୟ ବଢ଼ି ବଢ଼ି ଚାଲିବ। ଏପରି ସ୍ଥଳେ ଭଦ୍ରକ ଷ୍ଟେଶନରେ ସ୍ୱତନ୍ତ୍ର 'କ' ଶ୍ରେଣୀ ରେଳ ଚାଳକ ଓ ପରିଚାଳକ ପଦବୀ ଆରମ୍ଭ କରାଯାଉ । କେନ୍ଦ୍ର ରେଳମନ୍ତ୍ରୀ ତୁରନ୍ତ ଏହା ଉପରେ ବିଚାର କରିବେ ବୋଲି ଆଶା।

–ବୀରଭଦ୍ର ନାୟକ, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଚିରନ୍ତନୀ

ମୋ ପ୍ରିୟ ଆସିଛି ଛାଡ଼ି ସିନ୍ଧୁ ସଇକତେ,
ଭ୍ରମୁଛି କାନନ ନଦୀ ପରାଣ ଉଷତେ,
ଆସିଅଛି ଛାଡ଼ି ଘର
ନିଜର କରୁଛି ପର
ନିତି ନୂଆ ଘର ମୋର ଏ ଜଗତ–ପଥେ !
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ଏସ୍ଏମ୍ସି ଆୟୁକ୍ତଙ୍କୁ ୧୬ଦଫା ଦାବିପତ୍ର

ସମସ୍ୟା ଘେରରେ ଏସ୍ଏମସି, ପ୍ରାଧିକରଣ ଅଞ୍ଚଳ

ସମ୍ବଲପୁର,୧୦।୭(ବି.ଶଙ୍କର)

ବିଜେଡି ପ୍ରତିନିଧି ଦଳ ସମ୍ବଲପୁର ମହାନଗର ନିଗମ ଆୟୁକ୍ତଙ୍କ ସହ ଆଲୋଚନା କରୁଛନ୍ତି ।

ସମ୍ବଲପୁର ମହାନଗର ନିଗମ(ଏସ୍ଏମ୍ସି) ଏବଂ ପ୍ରାଧିକରଣ ଅଞ୍ଚଳ ଦୀର୍ଘଦିନ ହେବ ସମସ୍ୟା ଘେରରେ ରହିଛି। ବିଭିନ୍ନ ସମସ୍ୟାର ସମାଧାନ ସକାଶେ ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ଗୁରୁବାର ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ୧୬ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ସମସ୍ୟାର ସମାଧାନ କରା ନଗଲେ ଆଗକୁ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳ ଚେତାବନୀ ଦେଇଛନ୍ତି। ପ୍ରତିନିଧି ଦଳରେ ବିଜେଡି ପୂର୍ବତନ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ଗୋକୁଳ ମେହେର, ମହମ୍ମଦ ସନାଉଲ୍ଲା, ମହମ୍ମଦ ମୁର୍ତ୍ତୁଜା ଏବଂ ଧିରେନ ଦେବତା, ଦୁର୍ଯ୍ୟୋଧନ ମହାନ୍ତି, ସୁମିତ ପଟେଲ, ଚୁମନ ପ୍ରଧାନ, ଶୁଭମ ସାହୁ ଏବଂ ଯୁବନେତା ଚିତ୍ରସେନ ନାୟକ ସାମିଲ ଥିଲେ। ଏମ୍ଏମ୍ସି ଆୟୁକ୍ତଙ୍କୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ୧୨ଟି ଗ୍ରାମପଞ୍ଚାୟତର ଗ୍ରାମଗୁଡିକ ମହାନଗର ନିଗମରେ ସାମିଲ ହେବା ପରେ ଅଧିକ ଅବହେଳିତ। ସର୍ବନିମ୍ନ ଆବଶ୍ୟକତା ପାନୀୟ ଜଳ ଯୋଗାଣ, ରାସ୍ତାଘାଟର ଉନ୍ନତି, ବିଦ୍ୟାଳୟଗୁଡିକ ଆଧୁନିକକରଣ, କଲ୍ୟାଣ ମଣ୍ଡପ ନିର୍ମାଣ, ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବାକୁ ମାଷ୍ଟରପ୍ଲାନ ପ୍ରସ୍ତାବ କରି ପଦକ୍ଷେପ ନିଆଯାଉ। ବୁର୍ଲା ଓ ହୀରାକୁଦରେ ଜନସାଧାରଣଙ୍କ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ ନିର୍ମାଣ, ସମ୍ବଲପୁର, ବୁର୍ଲା ଏବଂ ହୀରାକୁଦରେ ଉଚ୍ଛେଦ ହୋଇଥିବା ଦୋକାନୀଙ୍କ ସକାଶେ ଭେଣ୍ଡିଙ୍ଗ ଜୋନ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ, ସମ୍ବଲପୁର ସହରରେ ଡ୍ରେନେଜ ବ୍ୟବସ୍ଥାରେ ସୁଧାର, ବିଭିନ୍ନ ଛକରେ ଅତ୍ୟାଧୁନିକ ଟ୍ରାଫିକ ବ୍ୟବସ୍ଥା, ପୁରାତନ ଗୋଲ ବଜାରର ପୁନରୁଦ୍ଧାର କାର୍ଯ୍ୟ ସାରି ବ୍ୟବସାୟୀଙ୍କୁ ହସ୍ତାନ୍ତର କରିବାକୁ ଦାବି କରାଯାଇଛି। ଏଥିସହ ସମ୍ବଲପୁରୀ ସଂସ୍କୃତି, ଖାଦ୍ୟପେୟ, ସମ୍ବଲପୁରୀ ହାଣ୍ଡଲୁମର ପ୍ରଚାର ପ୍ରସାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦିଲ୍ଲୀହାଟ, ଏକାମ୍ର ହାଟ ଭଳି କମ୍ପଲେକ୍ସ ତିଆରି କରାଯାଉ ବୋଲି ପ୍ରତିନିଧି ଦଳ ଦାବି କରିଛନ୍ତି।

ଭାରତ ବିକାଶ ପରିଷଦର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୦।୭(ବି.ଶଙ୍କର)

ପ୍ରତିଷ୍ଠା ଦିବସରେ ଗ୍ରାମରେ ବୃକ୍ଷରୋପଣ କରାଯାଇଛି ।

ସର୍ବଭାରତୀୟ ଭାରତ ବିକାଶ ପରିଷଦର ୬୩ତମ ପ୍ରତିଷ୍ଠା ଦିବସ ଗୁରୁବାର ସମ୍ବଲପୁର ଜିଲା ଶାସନ ନିକଟ ତାଲପଦର ଗ୍ରାମରେ ପାଳିତ ହୋଇଯାଇଛି । ଏନେଇ ଭାରତ ବିକାଶ ପରିଷଦ ସମ୍ବଲପୁର ଶାଖା ଆୟୋଜନରେ ପ୍ରକୃତି ଓ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଶାଖାର ପୌଷ୍ୟ ଗ୍ରାମ ତାଲପଦରସ୍ଥିତ ବିଦ୍ୟାଳୟ ଏବଂ ଗାଁ ଭିତରେ ବୃକ୍ଷରୋପଣ କରାଯାଇଥିଲା । ପୃଷ୍ଠପୋଷକ ଡାକ୍ତର ବିନୋଦ ବିହାରୀ ନାୟକ, ଭାରତ ବିକାଶ ପରିଷଦ ସଭାପତି ମକରଧ୍ୱଜ ଯୋଶୀ, ସମ୍ପାଦକ ଡ.ନରେନ୍ଦ୍ର ମେହେର, କୋଷାଧ୍ୟକ୍ଷ ଇଞ୍ଜିନିୟର ଶ୍ୟାମସୁନ୍ଦର ବିଶ୍ୱାଳ, ସମ୍ପର୍କ ସଂଯୋଜକ ବିଶାଳ ବଂଶଲ, ପରିବେଶ ସଂଯୋଜକ କେ.ଭି. ରାଜୁ, ବସନ୍ତ ପାୱାର, ମନୀଷ ଅଗ୍ରୱାଲ, ଅଶୋକ କୁମାର ପଟେଲ ପ୍ରମୁଖଙ୍କ ନେତୃତ୍ୱରେ ବୃକ୍ଷରୋପଣ କରାଯାଇଥିଲା। ଛାତ୍ରୀଛାତ୍ର ଏବଂ ଗ୍ରାମବାସୀଙ୍କୁ ବୃକ୍ଷରୋପଣର ଉପକାରିତା ବିଷୟରେ ଆୟୋଜକମାନେ ଅବଗତ କରାଇଥିଲେ । ଏଥିସହ ସମସ୍ତେ ବୃକ୍ଷ ରୋପଣ କରିବା ସହ ତାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ ।

ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

ନାବାଳିକା ଅପହରଣ, ବଳାତ୍କାର ଉଦ୍ୟମ ମାମଲା

ସମ୍ବଲପୁର,୧୦।୭(ପ୍ରମୋଦ ବହିଦାର)

ଶାସନ ଥାନା ଅଞ୍ଚଳରେ ୨୦୨୧ମସିହାରେ ନାବାଳିକା ଅପହରଣ ଓ ବଳାତ୍କାର ଉଦ୍ୟମ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ସମ୍ବଲପୁର ସ୍ୱତନ୍ତ୍ର ପୋକ୍ସୋ ଫାଷ୍ଟଟ୍ରାକ କୋର୍ଟ ଅତିରିକ୍ତ ଜିଲାଜଜ ରୋହିତ ଲାଲ ପଣ୍ଡା। ଜିଲାଜଜ ପଣ୍ଡା ଗୁରୁବାର ଏହି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ସମ୍ବଲପୁର ଶାସନ ଥାନା କେନାଡ଼ିପା ଭେଇମୁଣ୍ଡାର ସଞ୍ଜୟ ଖଡ଼ିଆ(୨୪)ଙ୍କୁ ଦଫା ୩୬୩ରେ ୩ ବର୍ଷ ସଶ୍ରମ କାରାଦଣ୍ଡ, ଦଫା ୪୫୧ରେ ୧ ବର୍ଷ, ୧୨ ପୋକ୍ସୋ ଆଇନ ଦଫା ୩୫୪(ଏ)ରେ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୨ ମାସ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି। ଏହାସହିତ ଜରିମାନା ଅର୍ଥ ପୀଡ଼ିତାଙ୍କୁ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୧୪ ବର୍ଷୀୟା ପୀଡ଼ିତାଙ୍କ ମାତାପିତା କୌଣସି କାମରେ ବାହାରକୁ ଯାଇଥିବାରୁ ସେ ଘରେ ଏକାକୀ ଥିଲେ। ଏହାର ସୁଯୋଗରେ ୨୦୨୧ ମସିହା ମାର୍ଚ୍ଚ ୯ ଅପରାହ୍ନ ପ୍ରାୟ ୩ଟାରେ ସଞ୍ଜୟ ଘରେ ପଶି ମା' ଓ ବାପାଙ୍କୁ ଜୀବନରେ ମାରି ଦେବାର ଧମକ ଦେଇ ଅପହରଣ କରିନେଇଥିଲେ। ପୀଡ଼ିତାଙ୍କୁ ନିକଟସ୍ଥ ଢ଼ିପାପଡ଼ା ଗ୍ରାମକୁ ନେଇ ଏକ ଘରେ ରଖି ବଳାତ୍କାର ଉଦ୍ୟମ କରିଥିଲେ। ସେ ଏହାର ପ୍ରତିରୋଧ କରି କୌଶଳକ୍ରମେ ଅଭିଯୁକ୍ତଙ୍କ କବଳରୁ ଖସି ଆସି ଘରେ ପହଞ୍ଚିଥିଲେ। ପରିବାର ଲୋକଙ୍କୁ ସମସ୍ତ ବିଷୟ ଜଣାଇବା ପରେ ମାର୍ଚ୍ଚ ୧୩ ତାରିଖରେ ପୀଡ଼ିତାଙ୍କୁ ସାଙ୍ଗରେ ଧରି ପରିବାର ଲୋକେ ଶାସନ ଥାନରେ ରିପୋର୍ଟ କରିଥିଲେ। ଦଫା ୪୫୧, ୩୬୩, ୩୪୨, ୩୫୪(ଏ), ୩୫୪(ବି), ୫୦୬ ଓ ୧୨ ପୋକ୍ସୋ ଆଇନ୍‌ରେ ଏକ ମାମଲା ରୁଜୁକରି ପୋଲିସ ଅଭିଯୁକ୍ତ ସଞ୍ଜୟ ଖଡ଼ିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଦାଲତରେ ଏହି ମାମଲାକୁ ସ୍ୱତନ୍ତ୍ର ପିପି ବସନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ।

ଗୁରୁ ହିଁ ପଥ ପ୍ରଦର୍ଶକ

ସମ୍ବଲପୁର,୧୦।୭(ବି.ଶଙ୍କର): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନୁପାଲି ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ସମ୍ବଲପୁର ଶାଖାର ପ୍ରଚାରକ ସନ୍ତୋଷ ବେହେରା ସମ୍ମାନୀତ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଗୁରୁ ପୂର୍ଣ୍ଣିମାର ମହତ୍ୱ ବିଷୟରେ ଅବତାରଣା କରିଥିଲେ। ଗୁରୁ ହିଁ ପଥ ପ୍ରଦର୍ଶକ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଜୟଶଙ୍କର ପାଢ଼ୀ ଗୁରୁ ପୂର୍ଣ୍ଣିମାର ବୈଶିଷ୍ଟ୍ୟ ବିଷୟରେ ମାର୍ଗଦର୍ଶନ କରିଥିଲେ। ଜ୍ୟୋତିର୍ମୟୀ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।

बैंक ऑफ़ बड़ौदा Bank of Baroda

ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଭର୍ଟିକାଲ
ବ୍ୟାଙ୍କ ଅଫ୍ ବରୋଦା, ବରୋଦା କର୍ପୋରେଟ୍ ସେଣ୍ଟର, ସି-୨୬, ଜି-ବ୍ଲକ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ-୪୦୦୦୫୧ ଇମେଲ: wfd.bcc@bankofbaroda.co.in

BOB:SAMV:117:1438 Date: 07.07.2025

ଇଚ୍ଛାକୃତ ରଣ ଖିଲାପୀ ଶ୍ରେଣୀଭୁକ୍ତ: ସମୀକ୍ଷା କମିଟି ନିକଟରେ ବ୍ୟକ୍ତିଗତ ଶୁଣାଣୀ ନିମନ୍ତେ ସୁଯୋଗ

ଆପଣଙ୍କ ନିକଟକୁ ପ୍ରେରିତ **ତା.୦୩.୦୨.୨୦୨୫ରିଖ** କାରଣ ଦର୍ଶାଅ ନୋଟିସ ଦ୍ରଷ୍ଟବ୍ୟ। ପୁନଶ୍ଚ ଆପଣଙ୍କ ଇଚ୍ଛାକୃତ ରଣ ଖିଲାପୀ ଶ୍ରେଣୀଭୁକ୍ତ ପାଇଁ ଇଚ୍ଛାକୃତି ରଣ ଖିଲାପୀକାରୀମାନଙ୍କ ଚିହ୍ନଟ କମିଟି ସମୀକ୍ଷା କମିଟିକୁ ସୁପାରିଶ କରିଛନ୍ତି ଏବଂ **ତା.୧୭.୦୫.୨୦୨୫ରିଖ** ଚିଠି ଯୋଗାଯୋଗ ନିମନ୍ତେ ଆପଣଙ୍କ ନିକଟକୁ ପ୍ରେରଣ କରାଯାଇଛି। ବର୍ତ୍ତମାନ ଆପଣଙ୍କୁ ପରାମର୍ଶ କି ଆପଣ **ତା.୧୮.୦୭.୨୦୨୫ରିଖ**ରେ ସମୀକ୍ଷା କମିଟି ନିକଟରେ ବ୍ୟକ୍ତିଗତ ଭାବେ ହାଜିର ହେବା ନିମନ୍ତେ ଏହା ଏକ ସୁଯୋଗ ଅଟେ। ଆପଣଙ୍କ ଉପସ୍ଥିତି ନିଶ୍ଚିତ କରିବା ପାଇଁ **ତା.୧୪.୦୭.୨୦୨୫ରିଖ** ପୂର୍ବରୁ ଇ-ମେଲ କିମ୍ବା ଚିଠି ମାଧ୍ୟମରେ ଜଣାନ୍ତୁ। ଯଦି ଆପଣ ସମୀକ୍ଷା କମିଟି ନିକଟରେ ଉପସ୍ଥିତ ନ ହୁଅନ୍ତି ତେବେ ସମୀକ୍ଷା କମିଟି ଆପଣଙ୍କୁ ଇଚ୍ଛାକୃତ ରଣ ଖିଲାପୀ ଶ୍ରେଣୀଭୁକ୍ତ କରିବାର ସ୍ୱତନ୍ତ୍ର ଅଧିକାର ରଖିଛି। ଉପସ୍ଥିତି ହେବାର ସ୍ଥାନ ଓ ତାରିଖ ନିମ୍ନମତେ:

କ୍ର.ନଂ.	ଆକାଉଣ୍ଟର ନାମ	ବ୍ୟକ୍ତିଙ୍କ ନାମ	ଶୁଣାଣୀ ତାରିଖ, ସମୟ, ସ୍ଥାନ ଏବଂ ମାଧ୍ୟମ
୧.	ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ୍	ଶ୍ରୀ ମହେନ୍ଦ୍ର କୁମାର ଗୁପ୍ତା ଶ୍ରୀ ଜିତେନ୍ଦ୍ର ମୋହନ ଗୁପ୍ତା ଶ୍ରୀ ଅଭିଷେକ ଗୁପ୍ତା ଶ୍ରୀ ପ୍ରବିଣ କୁମାର ଅଗ୍ରୱାଲ	ଶୁଣାଣୀ ତାରିଖ: ୧୮.୦୭.୨୦୨୫, ସମୟ: ମଧ୍ୟାହ୍ନ ୧୨.୦୦ ଘଟିକା (୧୫ ମିନିଟ୍ ପୂର୍ବରୁ ଉପସ୍ଥିତ), ସ୍ଥାନ: ବ୍ୟାଙ୍କ ଅଫ୍ ବରୋଦା, କ୍ଷେତ୍ରୀୟ କାର୍ଯ୍ୟାଳୟ, ବିଭବ କମ୍ପ୍ଲେକ୍ସ, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର, ମାଧ୍ୟମ: ଭିଡିଓ କନ୍‌ଫରେନ୍ସ

ସ୍ୱା/- ମହାପ୍ରବନ୍ଧକ

ସଂସ୍କାର ଭାରତୀ ପକ୍ଷରୁ ଗୁରୁ ପୂର୍ଣ୍ଣିମା

ସମ୍ବଲପୁର,୧୦।୭(ଭବାନୀ ଶଙ୍କର ଭୋଇ): ସଂସ୍କାର ଭାରତୀ ଜିଲା ଶାଖା ଏବଂ ନଗର ଶାଖାର ମିଳିତ ଆନୁକୂଲ୍ୟରେ ସମ୍ବଲପୁରରେ ଗୁରୁବାର ଗୁରୁ ପୂର୍ଣ୍ଣିମା ଆୟୋଜିତ ହୋଇଯାଇଛି। ସଂସ୍କାର ଭାରତୀର ପଶ୍ଚିମ ପ୍ରାନ୍ତ ସଭାପତି ନମିତା ବଡ଼ପଣ୍ଡା, ନଗର ଉପସଭାପତି ଦିପାଳି ଚୌଧୁରୀ, ଉପସଭାପତି ମଧୁରିମା ପାଣିଗ୍ରାହୀ, ସମ୍ପାଦିକା ପଦ୍ମିନୀ ଦୋରା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ସମ୍ବଲପୁର ଜିଲା ସଭାପତି ଡ. ମୋହିତ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗୀତ ଗୁରୁ ଶଙ୍କର ପ୍ରସାଦ ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶକ ରତନ ପୂଜାରୀ, ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝୀ, ନୃତ୍ୟଗୁରୁ ରଞ୍ଜନ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ବରିଷ୍ଠ କଳାକାରମାନଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ମନୋଜ ପ୍ରଧାନ, ନବୀନ କୁଜୁର, ହିମାଂଶୁ ପ୍ରଧାନ, ସୁମିତ ପ୍ରଧାନ, ବୈଶାଳୀ ବିଶ୍ୱାସ, ରାଜୀବ ମେହେର, ସଙ୍ଗୀତା ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

ବୁଥ୍ ସ୍ତରୀୟ ଜାତୀୟ ପ୍ରଶିକ୍ଷଣ ଶିବିର

କୁଚିଣ୍ଡା,୧୦।୭(ବିରଞ୍ଚି ଦର୍କା)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଆପତ୍ତିଜନକ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ପୀଡିତା ନାବାଳିକାଙ୍କ ମାତାପିତା ଓ ପରିବାର ଲୋକେ ଗୁରୁବାର ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି.ଙ୍କୁ ଭେଟିଥିଲେ । ପରେ ଏସ୍‌ପି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଅନୁସାରେ, ଗତ କିଛିଦିନ ତଳେ ଉକ୍ତ ଥାନା ଅଞ୍ଚଳର ଏକ ଗାଁରେ ଜଣେ ବିବାହିତ ଯୁବକ ଆତ୍ମହତ୍ୟା କରିଥିଲେ। ସେହି ଘଟଣାର କିଛିଦିନ ପରେ ମୃତ ଯୁବକଙ୍କ ପରିବାର ଲୋକେ ସଂଘବଦ୍ଧ ଭାବେ ନାବାଳିକାଙ୍କ ଘରେ ପଶି ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ତେବେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା ଏବଂ ସାମାଜିକ ଗଣମାଧ୍ୟମରେ ସମ୍ପୃକ୍ତ ନାବାଳିକାଙ୍କ ଆପତ୍ତିଜନକ ଫଟୋ ଓ ଭିଡିଓ ଭାଇରାଲ କରାଯିବାରୁ ପୀଡିତାଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଭେଟିଥିଲେ।

ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଲୋଇସିଂହା,୧୦।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଗୋବିନ୍ଦଚନ୍ଦ୍ର ସାହୁଙ୍କ ପଦୋନ୍ନତି ହୋଇ ଝାରସୁଗୁଡାକୁ ବଦଳି ହୋଇଛି। ଏଠାରେ ନୂତନ ଅଧ୍ୟକ୍ଷ ଭାବେ ବିଭୁଦେନ୍ଦୁ ମହାନ୍ତି ଯୋଗଦାନ କରିଛନ୍ତି । କଲେଜ ଆଲୁମିନି କମିଟି ସଦସ୍ୟମାନେ ନୂତନ ଅଧ୍ୟକ୍ଷ ମହାନ୍ତିଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଆଲୁମିନି କମିଟି ସଭାପତି ସରୋଜ ବିଶ୍ୱାଳଙ୍କ ନେତୃତ୍ୱରେ ସଦସ୍ୟ ଶିବ କୁମାର ଅଗ୍ରୱାଲ, ଅରବିନ୍ଦ ସାହୁ, ପ୍ରଦୀପ ସାହୁ, ରଞ୍ଜନ ବେହେରା, ବୀରେନ ପଧାନ,ସୁଶୀଲ ବିଶ୍ୱାଳ, ରୋହନ ଶିକା ଓ ସମରଜିତ ସାହାଣି ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଅଧ୍ୟକ୍ଷ ମହାନ୍ତିଙ୍କ ସହିତ ଆଲୁମିନି କମିଟି ସଦସ୍ୟ କଲେଜରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଏବଂ କିପରି ଶୃଙ୍ଖଳିତ ଭାବେ ପାଠପଢା ହେବ ସେ ନେଇ ଆଲୋଚନା କରିଥିବା ଆଲୁମିନି କମିଟି ସଭାପତି ବିଶ୍ୱାଳ ଜଣାଇଛନ୍ତି ।

ଜୟ ମା' ପାଟଣେଶ୍ୱରୀ କଲେଜରେ ବନ ମହୋତ୍ସବ

କାର୍ଯ୍ୟକ୍ରମ ଅବସରରେ ଯୋଗ ଦେଇଥିବା ଅତିଥି ।

ଖପ୍ରାଖୋଲ,୧୦।୭(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପଞ୍ଚାୟତ ପାଞ୍ଚ ଛକଠାରେ ଥିବା ଜୟ ମା' ପାଟଣେଶ୍ୱରୀ ମହାବିଦ୍ୟାଳୟରେ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସହିତ ବନ ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ଦଳପତି ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତଥା ମହାବିଦ୍ୟାଳୟର ସଭାପତି ସୁଶୀଲ କୁମାର ଗୁରୁ, ସମ୍ମାନିତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସସ୍ମିତା ସେନ ବାରିକ, ଅଧ୍ୟାପକ ପ୍ରବୀଣ ଦାସ, ପୁଷ୍ପାଞ୍ଜଳି ସୁନାନୀ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଦିଲେଶ୍ୱର୍ ସାହୁ, ଅନିସ ମେହେର, କୁଶଧଜ ବୁଡେକ, ସୁଷମା ରାଉତଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ସ୍ପୋର୍ଟସ୍ ହଷ୍ଟେଲ ଚାମ୍ପିୟନ

ବଲାଙ୍ଗୀର,୧୦।୭(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସ୍ପୋର୍ଟସ୍ ହଷ୍ଟେଲ ଦଳକୁ ଚାମ୍ପିଆନ ଟ୍ରଫି ପ୍ରଦାନ କରାଯାଉଛି।

ବଲାଙ୍ଗୀର ନକ୍ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ବଲାଙ୍ଗୀର ନକ୍ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲ ଖେଳରେ ବଲାଙ୍ଗୀର ସ୍ପୋର୍ଟସ୍ ହଷ୍ଟେଲ ୨-୦ ଗୋଲରେ ସିସିଏଫ୍ଏକୁ ହରାଇ ଚାମ୍ପିୟାନ ଆଖ୍ୟା ଅର୍ଜନ କରିଛି। ସ୍ପୋର୍ଟସ ହଷ୍ଟେଲ ପକ୍ଷରୁ ରାମ ମାଝି ଓ ପ୍ରଭାକର ମାଝି ଗୋଲ ସ୍କୋର କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ ଯୋଗଦେଇ ଚାମ୍ପିୟନ ସ୍ପୋର୍ଟସ ହଷ୍ଟେଲ ଓ ଉପବିଜେତା ସିସିଏଫ୍ଏ ଦଳକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ଅଧ୍ୟକ୍ଷତା କରିଥିଲେ। କ୍ରୀଡା ସଂସଦ ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ, ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଓ ଶତ୍ରୁଘ୍ନ ସିଂ, କୋଷାଧ୍ୟକ୍ଷ ତଥା ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ଓ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମଞ୍ଚାସୀନ ଥିଲେ। ଖେଳକୁ ସଞ୍ଜୀବ ମହାରଣା, ଜିତେନ୍ଦ୍ର ପାତ୍ର, ଦୋଳଗୋବିନ୍ଦ ମୁଣ୍ଡା ଓ ଦେବାଶିଷ ବାଗ ପରିଚାଳନା କରିଥିବା ବେଳେ ଅବଦୁଲ ମୁଜିବ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ । ଜୋନ ଆୟୋଜକ ପ୍ରୋଗ୍ରେସିଭ୍ କ୍ଲବ ବଲାଙ୍ଗୀର, ନବଜ୍ୟୋତି ୟୁଥ୍ କ୍ଲବ ଚୁଡାପାଲି, ସାଇଟ ସଦାଇପାଲି, ଲୋଇସିଂହା ଆଥେଲେଟିକ୍ ଏସୋସିଏଶନ, ବିଏନ୍ଏଏ ଜରାସିଂହା, ସ୍ୱାମୀ ବିବେକାନନ୍ଦ ପାଠାଗାର ବଙ୍ଗୋମୁଣ୍ଡା, ଆଦିବାସୀ କ୍ଲବ ଟିଟିଲାଗଡ ଓ ହଳଧର ପାଠାଗାର ଖୁଜେନପାଲିକୁ ମୁଖ୍ୟଅତିଥି ସାହୁ ସ୍ମାରକୀ ପ୍ରଦାନ କରିଥିଲେ। ଷ୍ଟାଡିୟମରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଦୀପ କୁମାର ପାତ୍ର, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରୀଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ଭଲିବଲ ସମ୍ପାଦକ ସଂଗ୍ରାମ କେଶରୀ ବହିଦାର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ଶିଶିର କୁମାର ବହିଦାର, ବିଜୟ ବଂଶଲ, ଜିଲା କ୍ରୀଡା ଅଧିକାରୀ ପରାଶର ବାଗ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ରବୀନ୍ଦ୍ର ମିଶ୍ର, ରମାକାନ୍ତ ସେଠ, ଇଂ. ନାରାୟଣ ପ୍ରସାଦ ମିଶ୍ର, ଜୟରାମ ମିଶ୍ର, ହରିବନ୍ଧୁ ପାଣି, କୈଳାଶ ଚନ୍ଦ୍ର କର୍ତ୍ତି, ଆଦିତ୍ୟ ପଟ୍ଟନାୟକ ଉପସ୍ଥିତ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

ଯୋଜନାର ସଦୁପଯୋଗ ହେଲେ ମତ୍ସ୍ୟ ଉତ୍ପାଦନ ବଢ଼ିବ

ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

ସୋନପୁର,୧୦।୭(ମୃତ୍ୟୁଞ୍ଜୟ ଶତପଥୀ)

ନଦୀ, ନାଳ, ବନ୍ଧ ଓ ପୋଖରି ପରିବେଷ୍ଟିତ ଜିଲା ସୁବର୍ଣ୍ଣପୁର। ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଓଡିଶାରେ ଏହା ଏକ ଉନ୍ନତ ଜିଲା। ପର୍ଯ୍ୟାପ୍ତ ଭିତ୍ତିଭୂମି ଥିବାରୁ ମଧୁର ଜଳରେ ମତ୍ସ୍ୟ ଚାଷ ପାଇଁ ଏଠାରେ ଅପାର ସମ୍ଭାବନା ରହିଛି। ସରକାରଙ୍କ ଯୋଜନାର ସଦୁପଯୋଗ ହେଲେ ମତ୍ସ୍ୟ ଉତ୍ପାଦନ ବଢିବ। ସୋନପୁର ସରକାରୀ ଫିସଫାର୍ମ ପରିସରରେ ଆୟୋଜିତ ଜାତୀୟ ମତ୍ସ୍ୟଚାଷ ଦିବସ ପାଳନ ଅବସରରେ ଅତିଥି ଓ ମତ୍ସ୍ୟଚାଷୀମାନେ ଏହି ମତପ୍ରକାଶ କରିଛନ୍ତି। ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା ରଞ୍ଜନ ଦାସ କହିଥିଲେ, ଜିଲାରେ ଭଗବାନଙ୍କ ବରଦାନ ସଦୃଶ ମହାନଦୀ, ତେଲ ନଦୀ, ଅଙ୍ଗ ନଦୀ, ସୁକତେଲ ନଦୀ, ନିବୃତ୍ତି ଯୋର, ହରିହରଯୋର ଡ୍ୟାମ ଓ ଶତାଧିକ ପଞ୍ଚାୟତ ପୋଖରୀ ଅଛି। ବିସ୍ତୀର୍ଣ୍ଣ ଜଳାଶୟରେ ମତ୍ସ୍ୟସମ୍ପଦ ଅଭିବୃଦ୍ଧିର ପର୍ଯ୍ୟାପ୍ତ ସୁଯୋଗ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରିଲେ ଏହି ଜିଲା ମତ୍ସ୍ୟ ଉତ୍ପାଦନରେ ରାଜ୍ୟର ଅଗ୍ରଣୀ ଜିଲା ହୋଇପାରିବ ବୋଲି ଡା ଦାସ କହିଥିଲେ। ସୋନପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା ଦୁର୍ଗା ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ମହାନଦୀ ଓ ଅନ୍ୟ ନଦୀମାନଙ୍କରେ ପାରମ୍ପରିକ ଶୈଳୀରେ ମାଛ ଧରି ହଜାର ହଜାର ମତ୍ସ୍ୟଜୀବୀ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଏଥିପାଇଁ ନଦୀରେ ମାଛ ବଂଶ ବୃଦ୍ଧି ସକାଶେ ନଦୀ ଗର୍ଭରେ ମାଛ ଜାଆଁଳ ଛଡା ଯିବା ଉଚିତ ବୋଲି ସେ କହିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ବିଜୟ କୁମାର ସାହୁ କହିଥିଲେ ୧୯୫୭ ଜୁଲାଇ ୧୦ରେ ଅବିଭକ୍ତ ଢେଙ୍କାନାଳ ଜିଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭାରତର ବିଶିଷ୍ଟ ମତ୍ସ୍ୟ ବିଜ୍ଞାନୀ ଡ. କେ. ଏଚ. ଆଲିକୁନି ଏବଂ ଡ. ହୀରାଲାଲ ଚୌଧୁରୀଙ୍କ ପ୍ରଚେଷ୍ଟା ଓ ତତ୍କାଳୀନ ମତ୍ସ୍ୟ ନିର୍ଦ୍ଦେଶକ ଡ. ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା। ଏହି ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ଭାବେ ପାଳନ କରାଯାଇଥାଏ ବୋଲି କହିଥିଲେ। ତରଭା ସହକାରୀ ମତ୍ସ୍ୟ ଅଧିକାରୀ ପ୍ରତାପ କିଶୋର ମେହେର କହିଥିଲେ, ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ, ମତ୍ସ୍ୟ ଉଦ୍ୟୋଗୀଙ୍କ ଅବଦାନ ରହିଛି। ସେମାନଙ୍କ ଅବଦାନକୁ ସ୍ମରଣ କରିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳ ଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଉଲୁଣ୍ଡା ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରବଣ କୁମାର କହଁର, ସୋନପୁର ସରକାରୀ ଫିସ ଫାର୍ମ ଇନଚାର୍ଜ ଚିତ୍ତରଞ୍ଜନ ରାଉତ ସରକାରୀ ଯୋଜନା, ମତ୍ସ୍ୟ ଚାଷର ସୁପରିଚାଳନା, ଜାଆଁଳ ଉତ୍ପାଦନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମାଛ ଜାଆଁଳ ଉତ୍ପାଦନ ପାଇଁ ସୋନପୁର ବ୍ଲକ ହରଡଖୋଲର ଲତା ଦୀପ, ମତ୍ସ୍ୟ ପୋଖରୀ ଯୋଜନାରେ ବୀରମହାରାଜପୁର ବ୍ଲକ ବର୍ଡାକଟାର ଅଂଶୁମାନ ପୁରୋହିତ ଓ ଉଲୁଣ୍ଡା ବ୍ଲକ ବିଶିପଡାର ପୂର୍ଣ୍ଣମାସୀ ଡବ୍ଲ୍ୟୁଏସ୍ଏଚଜିକୁ ପୁରସ୍କୃତ କରା ଯାଇଥିଲା। ଏହି ଅବସରରେ ଜିଲାର ଆଗୁଆ ମତ୍ସ୍ୟ ଚାଷୀମାନେ ଯୋଗଦାନ କରି ନିଜର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ବିନିକା ସହକାରୀ ମତ୍ସ୍ୟ ଅଧିକାରୀ ସଙ୍ଗୀତା କିଷାନ ଧନ୍ୟବାଦ ପ୍ରଦାନ କରିଥିଲେ। ସୋନପୁର ସହକାରୀ ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର ପୃଷ୍ଟି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପୂର୍ଣ୍ଣେନ୍ଦୁ ପଣ୍ଡା, ମାକ୍ସିମା ଲାକ୍ରା, ଅମିତ ଲାକ୍ରା ଓ ଅଙ୍କିତ ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

ମାଛ ଯାଆଁଳ ଉତ୍ପାଦନ କରି ବିକ୍ରି କରୁଥିବା ହରଡଖୋଲର ଲତା ଦୀପଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗୋପାଳଜୀ ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ

ଗୁରୁ ବଂଶୀଧର ଦାସ ଶିଷ୍ୟମାନଙ୍କୁ ଆଶୀର୍ବାଦ ପ୍ରଦାନ କରୁଛନ୍ତି।

ସୋନପୁର,୧୦।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଗଡଭିତର ସ୍ଥିତ ଗୋପାଳଜୀ ମନ୍ଦିର ଗୁରୁଧାମରେ ଆଷାଢ ପୂର୍ଣ୍ଣିମା ତିଥିରେ ଗୁରୁପୂର୍ଣ୍ଣିମା ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଉତ୍ସବରେ ସୁବର୍ଣ୍ଣପୁର, ବଲାଙ୍ଗୀର, ବରଗଡ ଓ ବୌଦ୍ଧ ଜିଲାରୁ ନିମ୍ବାର୍କ ସମ୍ପ୍ରଦାୟର ହଜାର ହଜାର ଗୁରୁ ଭାଇ ଶ୍ରଦ୍ଧାଳୁ ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମୂହିକ ଭାବେ ଗୋପାଳ ସହସ୍ର ନାମ, ରାଧା ସହସ୍ର ନାମ ପାଠ କରାଯାଇଥିଲା। ମୁଖ୍ୟ ପୂଜକ ଲକ୍ଷ୍ମୀନାରାୟଣ ପୂଝାରୀ ଓ ବ୍ରଦ୍ରିନାରାୟଣ ପୂଝାରୀଙ୍କ ସମେତ ୨ହଜାରରୁ ଉର୍ଦ୍ଧ ଭକ୍ତ ନାମ ପାଠ କରିଥିଲେ। ପରେ ପୂଜ୍ୟ ଗୁରୁ ମହାରାଜ ବଂଶୀଧର ଦାସଜୀଙ୍କୁ ପୂଜନ କରାଯାଇଥିଲା। ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଗୁରୁଦେବଙ୍କୁ ପୂଜାର୍ଚ୍ଚନା ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମହନ୍ତ ବଂଶୀଧର ଦାସଜୀ ମହାରାଜ ଶିଷ୍ୟଙ୍କୁ ଆଶିର୍ବାଚନ ପ୍ରଦାନ କରିଥିଲେ। ଶ୍ରଦ୍ଧାଳୁମାନେ ପୀଠରେ ପୂଜା ପାଉଥିବା ବ୍ୟାସଦେବ ଭଗବାନ, ଗୋପାଳଜୀ ଠାକୁରଙ୍କୁ ଦର୍ଶନ ପୂର୍ବକ ବିଭୁକୃପା, ଗୁରୁକୃପା ଲାଭ କରିଥିଲେ। ପରେ ଗୋପାଳଜୀଙ୍କ ଠାରେ ଆରତୀ, ପୁଷ୍ପାଞ୍ଜଳି ତଥା ଭୋଗ ଅର୍ପଣ ସହିତ ବିଶ୍ୱ କଲ୍ୟାଣ ପାଇଁ ଶାନ୍ତିପାଠ ହୋଇଥିଲା। ପୂଜକ ହାରାଧନ ପୂଝାରୀ ପୂଜାକାର୍ଯ୍ୟ ନିର୍ବାହ କରିଥିବା ବେଳେ ଶ୍ରୀବତ୍ସ ମଲ୍ଲିକ, ଆନନ୍ଦ ପୂଝାରୀ, ଲକ୍ଷ୍ମଣ ପାଣ୍ଡିଆ, କାର୍ତ୍ତିକ ପଧାନ, ସୂର୍ଯ୍ୟ ସରାଫ, ଗୋପାଳ ପୂଝାରୀ ଓ ଦାମ ନାଏକ ସଂଯୋଜନା କରିଥିବା ବେଳେ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ, ବ୍ରଜଗୋପାଳ ପୂଝାରୀ, ଦାମୋଦର ନାଏକ ଓ ଗୋପାଳ ପୂଝାରୀ ପ୍ରମୁଖ ପରିଚାଳନାର ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ଗୋପାଳଜୀ ମନ୍ଦିର ପରିସରରେ ଥିବା ଶଙ୍କରଜୀ ଭଗବାନଙ୍କଠାରେ ରୁଦ୍ରାଭିଷେକ, ଜଳାଭିଷେକ କରାଯାଇଥିଲା। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ବାଲଭୋଗ ଓ ଅପରାହ୍ନରେ ସାମୂହିକ ପ୍ରସାନ ସେବନର ବ୍ୟବସ୍ଥା କରାଯାଇଥିଲା। ଗୁରୁପୂର୍ଣ୍ଣିମାରେ ଅନେକ ସାଧୁ ସନ୍ଥ ମଧ୍ୟ ଯୋଗଦାନ କରିଥିଲେ। ଗୁରୁ ପୂର୍ଣ୍ଣିମା ଅବସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ସୋନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସୁବର୍ଣ୍ଣପୁର ନଗର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସନ୍ଧ୍ୟାରେ ଶ୍ରୀଗୁରୁ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ସଂକ୍ଷେପରେ

ଗଞ୍ଜେଇ ସହ ବାଇକ୍ ଜବତ, ୨ଗିରଫ

ବୀରମହାରାଜପୁର,୧୦।୭(ଯୁଗଳ କିଶୋର ମିଶ୍ର)

ବୀରମହାରାଜପୁର ପାଟ୍ରୋଲିଂ ପୋଲିସ ସୋନପୁର-ସମ୍ବଲପୁର ରାସ୍ତାର ବିଦୁରୁପାଲି ଛକ ପାଖରେ ଏକ ବାଇକକୁ ଯାଞ୍ଚ ବେଳେ ୮କେଜି ୭୦୦ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଚାଲାଣ କରୁଥିବା ଅଭିଯୋଗରେ ବୀରମହାରାଜପୁର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁର ସଦର ଥାନା ଟକବା ଅଞ୍ଚଳର ଶଙ୍କର ଅଗ୍ରୱାଲ(୪୨)ଓ ସୁଶୀଲ ଚାଉର(୩୨)। ବାଇକ ବାଜାଜ ସିଟି ୧୦୦ ଓଆର୍ ୧୫ବି ଏଚ ୩୮୭୧କୁ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୭/୨୫)ରୁଜୁ କରି ବୁଧବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି। ବୀରମହାରାଜପୁର ଥାନା ସବ ଇନ୍ସପେକ୍ଟର ଅବିନାଶ ପ୍ରଧାନଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା।

ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଗଦାଧର ମହାପାତ୍ର।

ତରଭା,୧୦।୭(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ନିକଟ ସୀମାନ୍ତ ବଲାଙ୍ଗୀର ଜିଲା ବଇରାସରର ଧର୍ମପରାୟଣ ବ୍ୟକ୍ତି ଗଦାଧର ମହାପାତ୍ରଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୮ବର୍ଷ ହେଉଥିଲା। ସେ କିଛିଦିନ ହେଲା ରକ୍ତ ସଂକ୍ରମଣରେ ଆକ୍ରାନ୍ତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ବିଳମ୍ବିତ ରାତ୍ରିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ଦୀପଙ୍କର ମହାପାତ୍ର ଓ ଶୁଭଙ୍କର ମହାପାତ୍ରଙ୍କ ସହିତ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କର ପାର୍ଥିବ ଶରୀରକୁ ଗୁରୁବାର ବଇରାସର ଅଣାଯାଇଥିଲା। ପରେ ନିବୃତ୍ତୀ ଯୋର କୂଳ ସ୍ୱର୍ଗଦାରଠାରେ ତାଙ୍କର ଅନ୍ତିମ ସତ୍କାର ସମାପନ ହୋଇଥିଲା। ବଡ଼ପୁଅ ଦୀପଙ୍କର ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବଇରାସରରେ ଶୋକର ଛାୟା ଖେଳିଯାଇଛି।

ବୌଦ୍ଧ ଜିଲା ଚାରିଛକଠାରେ ଜାତୀୟ ରାଜପଥ କଡ଼ରେ ଆନ୍ଦୋଳନରେ ଡ୍ରାଇଭର ସଂଘ ବସିରହିଛନ୍ତି।

ଯାତ୍ରୀ ସେବା ବ୍ୟାହତ, ପରିବା ଦର ଆକାଶ ଛୁଆଁ

ଡ୍ରାଇଭର ମହାସଂଘର ଆନ୍ଦୋଳନ

ବୌଦ୍ଧ,୧୦।୭(ଅଜିତ କୁମାର ବାରିକ)

ସାରା ରାଜ୍ୟରେ ଡ୍ରାଇଭର ମହାସଂଘ ପକ୍ଷରୁ ୭ ଦଫା ଦାବି ନେଇ ଦିଆଯାଇଥିବା ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଗୁରୁବାର ତୃତୀୟ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନରେ ବୌଦ୍ଧ ଜିଲା ଡ୍ରାଇଭର ସଂଘ ମଧ୍ୟ ସାମିଲ ହୋଇଛନ୍ତି। ବୌଦ୍ଧ ସହରର ମହାନଦୀ ବ୍ରିଜ ଛକ, ହରଭଙ୍ଗା ବ୍ଲକର ଚାରିଛକ, ମନମୁଣ୍ଡା ଜାତୀୟ ରାଜପଥ କଡ଼ରେ ଧାରଣାରେ ବସିଛନ୍ତି। ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଜିଲାରେ ପୂରାପୂରି ଯାତ୍ରୀ ସେବା ବ୍ୟାହତ ହେବା ସହ ସମସ୍ତ ଘରୋଇ ବସ ସେବା ବନ୍ଦ ହୋଇଛି। ଏଥିସହ ଟ୍ରକ, ଟିପ୍ପର , କାର ସହ ପ୍ରାୟ ଚାରିଚକିଆ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆନ୍ଦୋଳନ ଯୋଗୁ ସାଧାରଣ ଲୋକଙ୍କ ଉପରେ ବୋଝ ପଡୁଛି। ଗରିବ ଲୋକମାନେ ଗାଡ଼ି ଚଳାଚଳ ଠପ ଯୋଗୁ ଜରୁରୀ କାର୍ଯ୍ୟରେ ମଧ୍ୟ ବାହାରକୁ ଯାଇପାରୁନାହାନ୍ତି। ଅନ୍ୟପଟେ ଗାଡ଼ି ଚଳାଚଳ ଯୋଗୁ ବୌଦ୍ଧରେ ପରିବା ଦର ପୂରା ଆକାଶଛୁଆଁ ପାଲଟିଛି। ବୌଦ୍ଧକୁ ପ୍ରତିଦିନ ବାହାର ଜିଲାରୁ ପନିପରିବା ଆସୁଥିବା ବେଳେ ବର୍ତ୍ତମାନ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ପନିପରିବା ଆଦୌ ଆସିପାରୁନାହିଁ। ଏପଟେ ଲଗାଣ ବର୍ଷା ଯୋଗୁ ପନିପରିବା ଫସଲ ନଷ୍ଟ ହେବା ଫଳରେ ଠିକ ଭାବେ ମଧ ଜିଲାର ଚାଷୀମାନେ ଆୟ କରିପାରୁନାହାନ୍ତି। ବୌଦ୍ଧର ଆଳୁ ଓ ପିଆଜ ଦରକୁ ଛାଡ଼ି ସବୁଜ ପରିବା ଦର ୮୦ ଟଙ୍କା ଉପରେ ରହିଛି । ଫଳରେ ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇପଡିଛି। ତୁରନ୍ତ ରାଜ୍ୟ ସରକାର ଡ୍ରାଇଭରମାନଙ୍କ ଆନ୍ଦୋଳନ ପ୍ରତି ଗୁରୁତ୍ୱ ଦେଇ ସମାଧାନ ନ କଲେ ଆଗାମୀ ଦିନରେ ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇପଡ଼ିବ।

କୂଅରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ବାଉଁଶୁଣୀ,୧୦।୭(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଜମଘାଟି ଗ୍ରାମରେ କୂଅକୁ ଖସିପଡିବାରୁ ଗୁରୁବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଶିବ ପ୍ରସାଦ ମହାନନ୍ଦିଆ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ଜିଲଶ ଚିକିତ୍ସାଳୟକୁ ପଠାଇଛି। ସୂଚନା ଅନୁଯାୟୀ, ବାଉଁଶୁଣୀ ପଞ୍ଚାୟତ ଜମଘାଟି ଗ୍ରାମର ଶିବ ପ୍ରସାଦ ସ୍ତ୍ରୀଙ୍କ ସହ ଘରେ ରହୁଥିବା ବେଳେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ଥିଲେ। ଗୁରୁବାର ସେ ଘର ନିକଟରେ ଥିବା ଏକ ପରିତ୍ୟକ୍ତ କୂଅର ପାରାପିଟ୍ ବାଡାରେ ବସିଥିବା ବେଳେ କୌଣସି କାରଣରୁ କୂଅ ଭିତରକୁ ଖସି ପଡିଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କୂଅରୁ ବୃଦ୍ଧଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଲସାଗୋରା,୧୦।୭(ଅଶ୍ୱିନୀ କୁମାର ନନ୍ଦ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଦପଲା କ୍ଲଷ୍ଟରର ଗଡ଼ଫେସ ପେରେଡି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବନମାଳି ବେହେରାଙ୍କୁ ଗୁରୁବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ସାହୁ ସଭାପତିତ୍ୱ କରିଥିଲେ। ସଭାରେ ଦପଲା କ୍ଲଷ୍ଟର ସଂଯୋଜକ ଶ୍ରୀମନ୍ତ କଅଁର ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଲୋକନାଥ ଜାନୀ ମୁଖ୍ୟ ବକ୍ତା, ପୂର୍ବତନ ନାଏବ ସରପଞ୍ଚ ଗୋପବନ୍ଧୁ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ ଉପସ୍ଥିତ ରହି ବେହେରାଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ। ପରେ ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷକ ଚୈତନ୍ୟ ବିଶ୍ୱ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଙ୍ଗନୱାଡ଼ି କର୍ମୀ କୁମାରୀ କୁନ୍ତି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

ଅତିରିକ୍ତ ଜିଲାପାଳଙ୍କ ରାଜସ୍ୱ ସର୍କଲ କାର୍ଯ୍ୟାଳୟ ପରିଦର୍ଶନ

ଅତିରିକ୍ତ ଜିଲାପାଳ କାଗଜପତ୍ର ଯାଞ୍ଚ କରୁଛନ୍ତି।

ବାଉଁଶୁଣୀ,୧୦।୭(ଦେବାଶିଷ ନେପାକ)

ବୌଦ୍ଧ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ ଗୁରୁବାର ଅପରାହ୍ନ ୨ଟା ସମୟରେ ବୌଦ୍ଧ ତହସିଲ ଅନ୍ତର୍ଗତ ବାଉଁଶୁଣୀ ରାଜସ୍ୱ ସର୍କଲ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେ କାର୍ଯ୍ୟାଳୟରେ ପହଞ୍ଚି ରାଜସ୍ୱ ବିଭାଗର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା, ରାଜସ୍ୱ ସଂଗ୍ରହ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ଅତିରିକ୍ତ ତହସିଲଦାର କୁମୁଦ ଚନ୍ଦ୍ର ଦଳବେହେରା, ରାଜସ୍ୱ ନିରୀକ୍ଷକ ସୋନାଲି ମୋନିକା ବିଶୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ବଡ଼ଭାଇଙ୍କ ମୃତଦେହ ଠାବ, ସାନଭାଇଙ୍କ ପତ୍ତା ମିଳୁନି

ପାଣିସୁଅରେ ଭାସି ଯାଇଥିଲେ ୨ଭାଇ

ଡୁଙ୍ଗୁରିପାଲି ୧୦।୭(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ମାଝୀମୁଣ୍ଡା ଗାଁର ୨ଭାଇ ଗାଧୋଇବାକୁ ଯାଇ ବୁଧବାର ଅପରାହ୍ନରେ ନିକଟରେ ଥିବା ଧର୍ମଦାଣ୍ଡି ନାଳରେ ଭାସିଯାଇଥିଲେ। ଡୁଙ୍ଗୁରିପାଲି ଅଗ୍ନିଶମ ସେବା କେନ୍ଦ୍ର ଟିମ୍ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କୁ ଠାବ କରି ପାରି ନ ଥିଲା। ବୁଧବାର ନାଳର ତଳମୁଣ୍ଡ ପ୍ରାୟ ୩କିମି ଦୂର ପାନଖାଇଠାରେ ଏକ ଖୁଣ୍ଟରେ ଅଟକି ଭାସୁଥିବା ଏକ ମୃତଦେହ ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ଓ ଟିମ୍ ସହ ଡୁଙ୍ଗୁରିପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବଡ଼ଭାଇ ଟିକେଶ୍ୱର ବାରିକଙ୍କ ମୃତଦେହ ଜବତ କରିଥିଲେ। ଅନ୍ୟପକ୍ଷେ ଗୁରୁବାର ଦିନସାରା ରାମପୁର ଅଗ୍ନିଶମ ସେବାକେନ୍ଦ୍ର ଓ ଡୁଙ୍ଗୁରିପାଲି ଅଗ୍ନିଶମ ସେବା କେନ୍ଦ୍ରର ଟିମ୍ ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ୍ୟ ସାନ ଭାଇ ନିରଞ୍ଜନ ବାରିକଙ୍କ ପତ୍ତା ପାଇ ଥିବା ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ପାଉଲସ କୁଜୁର କହିଛନ୍ତି।

ସମବାୟ ବିଭାଗ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ସୋନପୁର,୧୦।୭(ମୃତ୍ୟୁଞ୍ଜୟ ଶତପଥୀ)

ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ସୁବର୍ଣ୍ଣପୁର ଜିଲାରେ ସମବାୟ ବିଭାଗ ପକ୍ଷରୁ ବନମହୋତ୍ସବ ପାଳନ କରାଯାଉଛି। ବିଭାଗ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଜାରି ରହିଛି। ଜୁଲାଇ ୧ତାରିଖରୁ ଆରମ୍ଭ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ମାସ ସାରା ଜାରି ରହିବ। ଗୁରୁବାର ସୁବର୍ଣ୍ଣପୁର ସମବାୟ ସମିତି ଉପନିବନ୍ଧକ ଓ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟ ପରିସରରେ ମା' ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧିକାରୀ ଓ କର୍ମଚାରୀମାନେ ଅଁଳା, ବଉଳ ଓ ଅଶୋକ ଆଦି ଚାରା ରୋପଣ କରିଥିଲେ। ଗଛଗୁଡିକୁ ସୁରକ୍ଷା ଦେବା ସହିତ ଖରାଦିନରେ ପାଣି ଦେଇ ବଞ୍ଚାଇବା ପାଇଁ ସମସ୍ତେ ଶପଥ ନେଇଥିଲେ। ସୁବର୍ଣ୍ଣପୁର ବିଭାଜନ ସମବାୟ ସମିତି ସମୂହ ଉପନିବନ୍ଧକ ସଞ୍ଜୟ କୁମାର ତ୍ରିପାଠୀ, ସୋନପୁର ସମବାୟ ସମିତିର ସହକାରୀ ନିବନ୍ଧକ ପାଣ୍ଡୁ ଚରଣ ସାହୁ, ଭାରପ୍ରାପ୍ତ ବୀରମହାରାଜପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ପ୍ରେମାନନ୍ଦ ଦୀପ, ସମବାୟ ସମିତି ନିରୀକ୍ଷକ ପ୍ରଶାନ୍ତ ବରାଡ, ମଳୟ ଭୋଇ ଓ ଲକ୍ଷ୍ମଣ ବାଙ୍କଙ୍କ ସମେତ କର୍ମଚାରୀ ମାନେ ଚାରାରୋପଣ କରିଥିଲେ। ସେହିପରି ଜିଲାର ୭୨ଟି ପ୍ରାଥମିକ ସମବାୟ ସମିତି(ପାକ୍ସ) ପକ୍ଷରୁ କାର୍ଯ୍ୟାଳୟ ପରିସର, ପଞ୍ଚାୟତ କାର୍ଯ୍ୟାଳୟ ପରିସର ଓ ରାସ୍ତା ପାର୍ଶ୍ୱରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଧିନରେ ଚାରାରୋପଣ କରାଯାଉଛି। ପାକ୍ସର ସଭାପତି, ସମ୍ପାଦକ ଓ କର୍ମଚାରୀମାନେ ୮୦ଟି ଲେଖାଏ ଚାରାରୋପଣ କରିବା ପାଇଁ ନିର୍ଦ୍ଦେଶ ରହିଛି। ସୁସ୍ଥ ପରିବେଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ବାର୍ତ୍ତା ଦିଆଯାଉଛି। ଏହି ଅବସରରେ ବିଭାଗ ପକ୍ଷରୁ ଅଁଳା, କଦମ୍ବ, ପିଜୁଳି, କୁସୁମ, ଅଶୋକ, ନିମ୍ବ, ଅର୍ଜୁନ ଓ ରକ୍ତ ଚନ୍ଦନ ଆଦି ଚାରା ରୋପଣ କରାଯାଉଛି।

ସୁବର୍ଣ୍ଣପୁର ଡିଆରସିଏସ୍‌ଙ୍କ ଅଫିସ କ୍ୟାମ୍ପସରେ ଚାରାରୋପଣ କରାଯାଉଛି।

ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୁଆଁରମୁଣ୍ଡା (ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ ଜିଲ୍ଲା ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ଫାଣ୍ଡି ଅଧୀନ ବାର୍ଘାଘୁଟୁ ଗ୍ରାମରେ ଗୁରୁବାର ଭୋର ସମୟରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଜୋନସନ ଟପ୍ପୋ(୧୭)। ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଘର ପଛ ପଟରେ ଥିବା ଏକ ଗଛରେ ଭୋରୁ ଟପ୍ପୋ ଓଢ଼ଣୀ ଦେଇ ଆତ୍ମହତ୍ୟା କରିଥିବା ତାଙ୍କ ଦାଦା ଅଜିତ ଫାଣ୍ଡିରେ ଅଭିଯୋଗ କରିଥିଲେ।

ସଂକ୍ଷେପରେ

ଖତକୁରବାହାଲରେ ଗୁଳିମାଡ଼, ଥାନାରେ ଅଭିଯୋଗ

କୁତ୍ରା,୧୦।୭(ଦେବାଶିଷ ସାହୁ): କୁତ୍ରା ଥାନା ଅନ୍ତର୍ଗତ ଖତକୁରବାହାଲଠାରେ ଗୁଳିମାଡ ହୋଇଥିବା ନେଇ ଗୁରୁବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ କୁତ୍ରା ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ସକାଳ ପ୍ରାୟ ୯ ଟାରେ ଖତକୁରବାହାଲ ଲଖୁଆପଡାର ସଞ୍ଜିତ ଲେହେରିଙ୍କ ପୁଅ ନିଖିଲ ଶୋଇଥିବା ସମୟରେ ହଠାତ ଖତକୁରବାହାଲ ଗ୍ରାମର ୨୦ ରୁ ୨୫ ଜଣ ଯୁବକ ବାଇକ୍ ଯୋଗେ ତାଙ୍କ ଘର ପାଖକୁ ଯାଇ ହୋହାଲ୍ଲା କରିବା ସହିତ ଧମକ ଚମକ ଦେଇଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ଖତକୁରବାହାଲ ଅଞ୍ଚଳରେ ପାଟ୍ରୋଲିଂ କଡାକଡି କରାଯାଇଛି। ତେବେ କ'ଣ ପାଇଁ ଏହି ଗୁଳିମାଡ ହୋଇଛି ତାହା ବର୍ତ୍ତମାନ ସୁଦ୍ଧା ଜଣା ପଡି ନ ଥିବା ବେଳେ ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି। ତେବେ କୁତ୍ରା ଅଞ୍ଚଳରେ ବାରମ୍ୱାର ଗୁଳିମାଡ ଘଟଣା ଦେଖିବାକୁ ମିଳୁଛି।

ସ୍କୁଲ ସାମ୍ନାରେ ପାଣି ଜମୁଛି, ପିଲା ହଇରାଣ

ବାଲିଶଙ୍କରା,୧୦।୭(ସତ ସେଠ୍): ବାଲିଶଙ୍କରା ବ୍ଲକରେ ଗତ ୧୫ ଦିନ ଧରି ଲଗାଣ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ ସ୍କୁଲ ସାମ୍ନାରେ ପାଣି ଜମି ରହିଥିବାରୁ ଛାତ୍ରୀଛାତ୍ର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବନଡେଗା ପଞ୍ଚାୟତର ମୁରକିଆ ଏସଟି ଜୋସେଫ କନଭେଣ୍ଟ ଇଂଲିଶ ମିଡିୟମ ସ୍କୁଲରେ। ଛାତ୍ରୀଛାତ୍ରମାନେ ପାଣିରେ ଓଦା ହୋଇ ସ୍କୁଲକୁ ପ୍ରବେଶ କରୁଛନ୍ତି। ଛୁଟି ହେଲେ ପୁଣି ପାଣିରେ ଓଦା ହୋଇ ଘରକୁ ଯାଉଛନ୍ତି। ବହୁ ଦିନ ଧରି ପାଣି ଜମି ରହିବାରୁ ମଶା ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ତୁରନ୍ତ ସ୍କୁଲ ସାମ୍ନାରେ ଜମି ରହିଥିବା ପାଣିକୁ ନିଷ୍କାସନ କରିବା ପାଇଁ ଓ ପାଣି ଜମୁ ଥିବା ସ୍ଥାନକୁ ଉଚ୍ଚ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ବ୍ରହ୍ମଚାରୀ ମନ୍ଦିରରେ ଗୁରୁପୂର୍ଣ୍ଣିମା

ବଡ଼ଗାଁ,୧୦।୭(ଅଶୋକ ଷଡ଼ଙ୍ଗୀ): ବଡ଼ଗାଁ ଲଟାପଡ଼ାଠାରେ ଥିବା ଗୁରୁ ଶ୍ରୀଶ୍ରୀ ଜୟଶଙ୍କର ବ୍ରହ୍ମଚାରୀଙ୍କ ମନ୍ଦିରରେ ଗୁରୁବାର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଗୁରୁଙ୍କ ବିଗ୍ରହକୁ ନେଇ ଶିଷ୍ୟମାନେ ଗ୍ରାମ ପରିକ୍ରମା କରିଥିଲେ।ପରେ ପାରମ୍ପରିକ ରୀତିନୀତିରେ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁ ଶିଷ୍ୟ ପରମ୍ପରାକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିଷ୍ୟ ସତ୍ୟନାରାୟଣ ପଣ୍ଡା, ଚିନ୍ମୟ ପାଣିଗ୍ରାହୀ, ପ୍ରଫୁଲ୍ଲ ପଣ୍ଡା, ସିମଲା ତ୍ରିପାଠୀ ଛବିଳ ସେଠ, ଉପାଧ୍ୟାୟ ପାଣିଗ୍ରାହୀ, ଜ୍ୟୋତ୍ସ୍ନା ପାଣିଗ୍ରାହୀ ପ୍ରମୁଖ ଶିଷ୍ୟମାନେ ଗୁରୁ ଶିଷ୍ୟ ପରମ୍ପରା ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନରେ ସୁଧିର ବିଶି, ଅଚ୍ୟୁତ ସାହୁ, ଅର୍ଜ୍ଜୁନ ନାୟକ, ପଦ୍ମନାଭ ପାଣିଗ୍ରାହୀ,ରେଣୁମାଧବ ହୋତା, ପ୍ରତାପ ମହାପାତ୍ର, ପଦ୍ମନାଭ ପଣ୍ଡା, ରଘୁନନ୍ଦନ ନାୟକ, ବିଭୁତି ନାୟକ, ପରମାନନ୍ଦ ପାଣିଗ୍ରାହୀ ପ୍ରମୁଖ ସକ୍ରୀୟ ଭୂମିକା ଗ୍ରହଣ କରିଥିଲେ।

ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ

କୁତ୍ରା,୧୦।୭(ଦେବାଶିଷ ସାହୁ): କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡା ସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ଗୁରୁବାର ଯୁକ୍ତ ୩ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଅଧ୍ୟକ୍ଷ ଡ. ପଟେଲ ସମସ୍ତ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇବା ସହ ଶୃଙ୍ଖଳିତ ଭାବେ ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପକ ଏକଲବ୍ୟ ନାଏକ ନୂତନ ଶିକ୍ଷା ନୀତି ୨୦୨୦ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସୁମନ୍ତ କୁମାର ଓଝା ସମସ୍ତ ସେମିଷ୍ଟାର ପରୀକ୍ଷା ବିଷୟରେ ଧାରଣା ଦେଇଥିଲେ। ଅଧ୍ୟାପିକା ଲଳିତା ସାହୁ ଶୃଙ୍ଖଳିତ ଭାବେ ଅଧ୍ୟୟନ କଲେ ସଫଳତା ହାସଲ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ସମାନ କାମକୁ ସମାନ ଦରମା ଦାବି

ସୁନ୍ଦରଗଡ,୧୦।୭(ଜୟ ନାରାୟଣ ମେଣ୍ଟୁଲି)

ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନକ୍ରମେ ପ୍ରତ୍ୟେକ ଜିଲାର ଜିଲାପାଳଙ୍କୁ ସମାନ କାମକୁ ସମାନ ଦରମା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି । ଏହି ଅବସରରେ ସୁନ୍ଦରଗଡ ଜିଲାରେ ମଧ୍ୟ ଗୁରୁବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଏବଂ ଅଣଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ୧ ଜୁନ ୨୦୦୮ ରୁ ୧ ଜୁନ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ସରକାରୀ ଅନୁଦାନ ପରିସରଭୁକ୍ତ କରିବା ଆଦି ଦାବି ନେଇ ଦାବି ପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଏଥିରେ ଦର୍ଶାଯାଇଛି ଯେ, ମାର୍ଚ୍ଚ ୨୦୨୫ ରୁ ସ୍ଥାୟୀ କମିଟି -୪ର ସୁପାରିସ କ୍ରମେ ସରକାର ୨୦୦୮ ରୁ ୨୦୧୮ ଅନୁଦାନ ପ୍ରଦାନ ନିମିତ୍ତ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ମାତ୍ର କମିଟିର ୩ମାସ କାର୍ଯ୍ୟକାଳ ମଧ୍ୟରେ କମିଟି କୌଣସି ନିର୍ଣ୍ଣୟକୁ ପହଞ୍ଚି ପାରିଲାନାହିଁ । ବାରମ୍ୱାର ମନ୍ତ୍ରୀ, ବିଧାୟକ, ଏବଂ ସଚିବ ମାନଙ୍କୁ ଦାବିପତ୍ର ପ୍ରଦାନ ପୂର୍ବକ ଆଲୋଚନା କଲେ ମଧ୍ୟ ଅର୍ଥ ଅଭାବର ଆଳ ଦେଖାଇ ସମସ୍ତେ ସମୟ ଦେଇ ଗଡ଼ାଇ ଚାଲିଛନ୍ତି । ଗତ ୦୧/୦୬/୨୦୨୫ ରେ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ଖବରଦାତା ସମ୍ମିଳନୀ କରି ସରକାରଙ୍କୁ ୯/୬/୨୦୨୫ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ । ଏହି ସମୟସୀମା ମଧ୍ୟରେ ସରକାର ଦାବିପୂରଣ ଦିଗରେ କୌଣସି ମତାମତ ପ୍ରକାଶ ନ କରିବାରୁ ସଭାପତିଙ୍କ ଆହ୍ୱାନକ୍ରମେ ୧୦/୦୬/୨୦୨୫ ଗୁରୁବାର ସାରା ରାଜ୍ୟରେ ରାଜ୍ୟ ସରକାରଙ୍କର ଶିକ୍ଷା ଓ ଶିକ୍ଷକ ମାରଣ ନୀତି ବିରୋଦ୍ଧରେ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ଲୋକଙ୍କ ସରକାର ଲୋକମତକୁ ସମ୍ମାନ ଦେଇ ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ନୂତନ ଅନୁଦାନ ନୀତି ପୋଷଣ କରିବେ, ନଚେତ୍ ଆଗାମୀ ଦିନରେ ଆହୁରି ଆନ୍ଦୋଳନ ତୀବ୍ରତର ଏବଂ ଭୟାବହ ହେବ। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ସଂଘର ସଦସ୍ୟ କହିଛନ୍ତି। ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷେତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା

କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ଼,୧୦।୭(ଜୟ ନାରାୟଣ ମେଣ୍ଟୁଲି)

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷେତ୍ର ଦିବସ ପାଳନ ଉପଲକ୍ଷେ ବୁଧବାର ସ୍ଥାନୀୟ ମ୍ୟୁନିସିପାଲ ଉଚ୍ଚ ବିଦ୍ୟାଳୟଠାରେ ଜିଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କନିଷ୍ଠ ବର୍ଗ (ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ) ଏବଂ ବରିଷ୍ଠ ବର୍ଗ (ନବମ ଏବଂ ଦଶମ ଶ୍ରେଣୀ) ମଧ୍ୟରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି ଏବଂ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବର୍ଗ ପ୍ରବନ୍ଧ ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଲେଫ୍ରିପଡାର ମାନସୀ ଖଡିଆ ପ୍ରଥମ, ସେଣ୍ଟ ମେରୀ ବାଳିକା ବିଦ୍ୟାଳୟ, ରାଜଗାଙ୍ଗପୁରର ଛାତ୍ରୀ ଅଙ୍କିତା ବାରିକ ଦ୍ୱିତୀୟ, ସରକାରୀ ବିଦ୍ୟାଳୟ, ବାଲିଶଙ୍କରାର ରାକ୍ଷୀ ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ମଧୁସୂଦନ କଲୋନୀ ଉଚ୍ଚପ୍ରାଥମିକବିଦ୍ୟାଳୟ, ରାଜଗାଙ୍ଗପୁରର ରାଜ ନନ୍ଦିନୀ ସାମଲ ପ୍ରଥମ, ସରକାରୀ ବିଦ୍ୟାଳୟ,ଟିକିଲିପଡ଼ାର ତ୍ରିସା ଦେଓ ଦ୍ୱିତୀୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତଳଶଙ୍କରାର ଆଦ୍ୟାସା ପଟେଲ ତୃତୀୟ ହୋଇଥିଲେ। କବିତା ଆବୃତ୍ତି ପ୍ରତିଯୋଗିତାରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଶିପାତ୍ରର କ୍ରିଶ ଶତପଥୀ ପ୍ରଥମ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜରଙ୍ଗଲୋଇର ନୈନା ସାହୁ ଦ୍ୱିତୀୟ ଏବଂ ଆର୍‌ଭି ବିଦ୍ୟାଳୟ, ରାଜଗାଙ୍ଗପୁରର ଶ୍ରୁତି ମହାନନ୍ଦିଆ ତୃତୀୟ ହୋଇଥିଲେ। ସେହିଭଳି ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଣାଇଗଡର ଦେବାସ ସାହୁ ପ୍ରଥମ, ସରକାରୀ ବିଦ୍ୟାଳୟ, ଗଙ୍ଗାଜଳର ନିକିତା ସା ଦ୍ୱିତୀୟ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ସୁରୁଗୁଡ଼ାର ନନ୍ଦିନୀ ଲରିଆ ତୃତୀୟ ହୋଇଥିଲେ। ସେହିପରି ବରିଷ୍ଠ ବର୍ଗର ପ୍ରବନ୍ଧ ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଣାଇଗଡର ଅଭିଳାଷ ନାୟକ ପ୍ରଥମ, ସରକାରୀ ବିଦ୍ୟାଳୟ, ବାଲିଶଙ୍କରାର ଯସ୍ମିତା ବାଗ ଦ୍ୱିତୀୟ ଏବଂ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ, ବଡ଼ଗାଁର ତାହେରିନ ପରବିନ ତୃତୀୟ ହୋଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦେଓକରଣପୁରର ସ୍ନେହା କଙ୍ଗାଡି ପ୍ରଥମ , ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଉଜ୍ଜଳପୁରର ଅନୁସୁୟା ମେହେର ଦ୍ୱିତୀୟ ଏବଂ ସେଣ୍ଟ ମେରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଜଗାଙ୍ଗପୁରର ଅର୍ଚ୍ଚିତା ପାଣିଗ୍ରାହୀ ତୃତୀୟ ହୋଇଥିଲେ। କବିତା ଆବୃତ୍ତି ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭୋଇପାଲିର ପ୍ରିୟଙ୍କା ଭୋଇ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଶଙ୍କରାର ହେମନ୍ତୀ ବେହେରା ଦ୍ୱିତୀୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ, ଉଜ୍ଜଳପୁରର ରାଜା ମହାନନ୍ଦିଆ ତୃତୀୟ ହୋଇଥିଲେ। ସେହିପରି ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ରାଜା ଧରଣୀଧର ଉଚ୍ଚ ବିଦ୍ୟାଳୟ, ବଣାଇଗଡର ସୋମେଶ କୁମାର ପଣ୍ଡା ପ୍ରଥମ, ନିଉ ଓଡ଼ିଆ ଉଚ୍ଚ ବିଦ୍ୟାଳୟ, ଗାଇବିରାର ସୋମ ଧାଣ୍ଡି ଦ୍ୱିତୀୟ ଏବଂ ସେଣ୍ଟ ମେରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଜଗାଙ୍ଗପୁରର ସୋନାଲି ଶର୍ମା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଜିଲା ସ୍ତରୀୟ ପ୍ରତିଯୋଗିତାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶିନୀ ପଟେଲ, ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ଉପସ୍ଥିତ ରହିଥିଲେ। ପ୍ରକାଶ ଥାଉକି, ଏହି ସମସ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବା କନିଷ୍ଠ ବର୍ଗର କୃତି ପ୍ରତିଯୋଗୀମାନେ ଚଳିତ ୧୩ ତାରିଖରେ ଏବଂ ବରିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନେ ଚଳିତ ୨୦ରେ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ।

ପିପଲ ବୃକ୍ଷ ମୂଳେ ପାଣି ଢ଼ାଳିଲେ ମହିଳା

ବାଲିଶଙ୍କରା,୧୦।୭(ସତ ସେଠ): ବାଲିଶଙ୍କରା ବ୍ଲକ ଭାଟିପଡାରେ ଇନ୍ଦ୍ର ଦେବତାଙ୍କ ପୂଜା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳରେ ଚାଷ କାର୍ଯ୍ୟ ସମୟରେ ଭଲ ବର୍ଷା ହେବା ପାଇଁ ମହିଳାମାନେ ଇନ୍ଦ୍ର ଦେବତାଙ୍କୁ ପୂଜା କରିଥାନ୍ତି। ଇନ୍ଦ୍ର ପୂଜା ଆବହମାନ କାଳରୁ ହୋଇଆସୁଥିବା ବେଳେ ସେହି ପରମ୍ପରାକୁ ବଜାୟ ରଖିବା ପାଇଁ ଏହି ପୂଜା ଅଞ୍ଚଳରେ ହେଉଛି। ଉକ୍ତ ପଡାର ମହିଳାମାନେ ନିକଟସ୍ଥ ନଦୀରେ ଗାଧୋଇ ସେଠାରୁ ପାଣି ଆଣି ଗ୍ରାମର ପିପଲ ବୃକ୍ଷ ମୂଳେ ଢାଳି ଇନ୍ଦ୍ର ପୂଜା କରିଥିଲେ।

ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଭବାନୀପାଟଣା, ୧୦।୭(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଦୟାନିଧି ଛକଠାରେ ୨୦୨୦ରେ ସାମାନ୍ୟ ରିକ୍ସା ପାର୍କିଂକୁ ନେଇ ଏକ ହତ୍ୟାକାଣ୍ଡ ହୋଇଥିଲା। ଗୁରୁବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ଅନୁପ ରଞ୍ଜନ ପଟ୍ଟନାୟକ ୨୧ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତିକରି ଭବାନୀପାଟଣା ସହର ବାହାଦୁର ବଗିଚାପଡାର ପୂର୍ଣ୍ଣ ମେହେରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ୧୩।୭।୨୦୨୦ ପୂର୍ବାହ୍ନ ୧୦ଟାରେ ରିକ୍ସା ପାର୍କିଂକୁ ନେଇ ଅଭିଯୁକ୍ତ ପୂର୍ଣ୍ଣ ଏକ କାତି ସାହାଯ୍ୟରେ ଭବାନୀପାଟଣା ସହର ବଡ଼ପଡାର ପିଲା ବାଗଙ୍କ ଗଳାକାଟି ହତ୍ୟା କରିଥିଲେ। ଏ ନେଇ ଅଭିଯୋଗ ପରେ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା(ନଂ.୧୮୧/୨୦୨୦) ରୁଜୁ ହୋଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜିତେନ୍ଦ୍ର କୁମାର ମହାନ୍ତି ପରିଚାଳନା କରୁଥିଲେ।

ଲଗାଣ ବର୍ଷାରେ ଭାଙ୍ଗିଲା ଘର

ଲଗାଣ ବର୍ଷାରେ ଭାଙ୍ଗିଯାଇଥିବା ଘର।

ବାଲିଶଙ୍କରା,୧୦।୭(ସତ ସେଠ୍)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ୍‌ରେ ସର୍ବାଧିକ ବର୍ଷା ହୋଇଛି। ଗତ ୧୫ ଦିନ ଧରି ଲଗାଣ ବର୍ଷା ଯୋଗୁ ସ୍ଥିତି ବେହାଲ ହୋଇପଡିଛି। ବ୍ଲକ୍‌ର ୧୯ଟି ପଞ୍ଚାୟତରେ ଚାଳଛପର ଘର ଧସିଯାଇଥିବା ଦେଖିବାକୁ ମିଳିଛି। ସଉନାମରା ପଞ୍ଚାୟତର ସୁରେଶ କୁଜୁର, ଲଳିତ ମହାନନ୍ଦିଆ, ପୁଷ୍ପା ଏକ୍କା, କଳାବତୀ କୁଜୁର, ନାଉରି କୁଜୁର, ଯଦୁମଣି ରାଉତ, ତବିଆନୁଷ ତିର୍କୀ, ପଦ୍ମା ବେହେରା,

ସରକାରୀ ସହାୟତା ଦାବି

ଆଶିଷ କୁମାର ଦେଓ, ବଳରାମ ଗହୀର, ଦେବେନ୍ଦ୍ର ନାଗ, ବିଶ୍ୱେଶ୍ୱର ନାଗ, ଶ୍ରବଣ ନାଗ, ଭୁଲୁ ରାଉତ, ସାବିତ୍ରୀ ପ୍ରଧାନ, ଜିତେନ୍ଦ୍ର ପାତ୍ର, ସୁଷମା ନାଏକ, ଲଳିତା ନାଏକ, ଅଞ୍ଜନା ନାଏକ, ସେଲବେସ୍ତର ବାର୍ଲାଙ୍କ ଘର ଧସିଯାଇଛି। ସେହିପରି ତିଲଡେଗା ଗ୍ରାମର ନୀଳମଣି କୋଠିଙ୍କ ଘର ଭାଙ୍ଗିଯାଇଛି। ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

ସର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଉଛି।

କୁତ୍ରା,୧୦।୭(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରା ସ୍ଥିତ ସର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶାଳ, ସମ୍ମାନିତ ଅତିଥିଭାବେ ବନ ବିଭାଗ ଏସିଏଫ ମାନସ କୁମାର ମୁର୍ମୁ, ରେଞ୍ଜର ପ୍ରଦୀପ ଭୁଟିଆ, ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟ ସିଏସଆର ବିଭାଗ ଅଧୀକ୍ଷକ ଅଲେଖ କୁମାର ଦଳାଇ, ସରପଞ୍ଚ ତରଣିସେନ ବରିହା ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ବନ ମହୋତ୍ସବ ପାଳନ ଓ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଏହାସହ ଏହି ବିଦ୍ୟାଳୟରେ ଗଢି ଉଠିଥିବା ସୁନ୍ଦର ପରିବେଶ ପାଇଁ ପ୍ରଶଂସା କରିଥିଲେ। ଚଳିତ ବର୍ଷ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଏହି ବିଦ୍ୟାଳୟର ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ପାଢ଼ୀ ପ୍ରକୃତି ବନ୍ଧୁ ପୁରସ୍କାର ଲାଭ କରିଥିବା ବେଳେ ଶିକ୍ଷୟିତ୍ରୀ ପାଢ଼ୀଙ୍କୁ ଅତିଥି ଶୁଭେଚ୍ଛା ଜଣାଇଥିଲେ। ପରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଏହି ବନ ମହୋତ୍ସବ ପାଳନ ତଥା ଚାରା ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବ ଛାତ୍ରୀଛାତ୍ର ତଥା ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ପାଢ଼ୀ କାର୍ଯକ୍ରମ ପରିଚାଳନା କରିଥିଲେ।ଶେଷରେ ପ୍ରଧାନ ଶିକ୍ଷକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲା ସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ

ସୁନ୍ଦରଗଡ,୧୦।୭(ଜୟ ନାରାୟଣ ମେଣ୍ଟୁଲି)

ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଦ୍‌ଭାବନା ଭବନରେ ଗୁରୁବାର ଜିଲା ସ୍ତରୀୟ ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ମୁଖ୍ୟ ଅତିଥି ,ସମ୍ମାନିତ ଅତିଥିଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ ପାଣିଗ୍ରାହୀ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡକ୍ଟର ଲକ୍ଷ୍ମୀ ପ୍ରିୟା ପ୍ରଧାନ, ଜିଲା ମୁଖ୍ୟ ଅଧିକାରୀ ଅରୁଣ କୁମାର ସାହୁ, ଆଇଏଏସ ଶିକ୍ଷା ନବୀଶ ପ୍ରମୁଖ ଯୋଗ ଦେଇଥିଲେ। ଦୀପ ପ୍ରଜ୍ୱଳନ ପରେ ଜିଲା ମତ୍ସ୍ୟ ଅଧିକାରୀ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ମତ୍ସ୍ୟ ବିଭାଗର ଦୁଇ ପ୍ରମୁଖ କ୍ଷେତ୍ର ମାଛ ଚାଷ ଓ ଉତ୍ପାଦନ ବୃଦ୍ଧି କ୍ଷମତାର ଅଭିବୃଦ୍ଧି ନିମନ୍ତେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଏଥିସହିତ ଆଇଏଏସ ଶିକ୍ଷା ନବୀଶ ପିବି ରାଶିଦ ଏକ ବ୍ୟବସ୍ଥିତ ମାଛ ଚାଷ ବିକାଶ ନୀତିର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ସଫଳ ମତ୍ସ୍ୟଚାଷୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଜିଲାର ଶ୍ରେଷ୍ଠ ମତ୍ସ୍ୟ ଚାଷୀ ଭାବେ ହିତେଶ୍ୱର ପଟେଲଙ୍କୁ ମତ୍ସ୍ୟ ପୋଖରୀ ଯୋଜନାରେ ପୁରସ୍କୃତ କରାଯାଇଥିଲା। ସେହିପରିଭାବେ ସୁଲତାନା ବେଗମ ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ ପାଇଁ ଏବଂ ବୀଣାପାଣି ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ରୀତାରାଣୀ ପଟେଲଙ୍କୁ ଶ୍ରେଷ୍ଠ ଯାଆଁଳା ଉତ୍ପାଦନକାରୀ ଭାବେ ପୁରସ୍କୃତ ହୋଇଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଜ୍ୟୋତିର୍ମୟୀ ଦାଶ ଧନ୍ୟବାଦ ଦେଇଥିଲେ।

ପ୍ରାଥମିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ,୧୦।୭(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବୁଧବାର ପ୍ରାଥମିକ ଚିକିତ୍ସା ସଚେତନତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନା, ଯୁବ ରେଡକ୍ରସ ସଂସ୍ଥା, ରେଡ ରିବନ କ୍ଲବ, ଆଇକ୍ୟୁସି ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ମିଳିତ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡନାୟକ ସଭାପତିତ୍ୱ କରି ଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା କିପରି କରି ପାରିବେ ସେ ବିଷୟରେ ସଚେତନ କରିଥିଲେ। ଜିଲା ମୁଖ୍ୟ ଡାକ୍ତରଖାନା ଅସ୍ଥିରୋଗ ବିଶେଷଜ୍ଞ ଡାକ୍ତର ଅବିନାଶ ନାଏକ, ଶଲ୍ୟ ବିଶେଷଜ୍ଞ ଡାକ୍ତର ସୁବୋଧ କୁମାର ରଥ, ଭେଷଜ ବିଶେଷଜ୍ଞ ଡାକ୍ତର ଅଙ୍କନ ପଟେଲ, ଡାକ୍ତର ସଂଘମିତ୍ରା ଗଡନାୟକ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଯୁବ ରେଡକ୍ରସ ସଂସ୍ଥାର ସଂଯୋଜକ ସହକାରୀ ପ୍ରଫେସର ଚିତ୍ତରଞ୍ଜନ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ଭାନୁପ୍ରିୟା ଧନ୍ୟବାଦ ଦେଇଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀମାନେ।

ତହସିଲ କାର୍ଯ୍ୟାଳୟ- ଘୋଘର ରାସ୍ତା ଶୋଚନୀୟ

ବାଲିଶଙ୍କରା,୧୦।୭(ସତ ସେଠ)

ଗାଁଠାରୁ ସହର ପର୍ଯ୍ୟନ୍ତ ସଂଯୋଗୀକରଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି କଂକ୍ରିଟ ହେଉ କିମ୍ବା ପିଚୁ ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ଅବହେଳା ଯୋଗୁ ରାସ୍ତା ନିର୍ମାଣ ହେଉ ନ ଥିବା ନେଇ ଗୁରୁତର ଅଭିଯୋଗ ହେଉଛି। ବାଲିଶଙ୍କରା ତହସିଲ କାର୍ଯ୍ୟାଳୟଠାରୁ ଘୋଘର ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ବର୍ଷା ହେଲେ ଖାଲଖମା ପୂର୍ଣ୍ଣ ମାଟି ରାସ୍ତାରେ ପାଣି ପଶି ସମସ୍ୟା ଦ୍ୱିଗୁଣିତ ହେଉଯାଉଛି। ଯାତାୟାତରେ ଅଞ୍ଚଳବାସୀ ଅସୁବିଧାବର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ଜନସାଧାରଣଠାରୁ ଆରମ୍ଭ କରି ଛାତ୍ରୀଛାତ୍ର ପଞ୍ଚାୟତ ସମିତି କଲେଜ, ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟକୁ ଆସିଥାନ୍ତି। ବର୍ଷା ଦିନେ କାଦୁଅ ରାସ୍ତାରେ ଗାଡି ଯା' ଆସ କରିବା ସମ୍ଭବ ହେଉନାହିଁ। ସବୁଠାରୁ

କାଦୁଅ ପଚପଚ ରାସ୍ତା ।

ରାସ୍ତା ନିର୍ମାଣ ଦାବି

ଗୁରୁତ୍ୱପର୍ଣ୍ଣ କଥା ହେଲା ସେହି ରାସ୍ତା ଦେଇ ଚାଲିକି ଆସିବା ମଧ୍ୟ କଷ୍ଟକର ହୋଇ ପଡୁଛି। ଅନେକ ଏହି ରାସ୍ତାରେ ପଡି ଖଣ୍ଡିଆ ଖାବରା ହେଉଥିବାର ନଜିର ରହିଛି। ଏନେଇ ବାଲିଶଙ୍କରା ବିଡିଓ ଜ୍ୟୋର୍ତିମୟୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ, ଏହି ରାସ୍ତା ଆର୍‌ଡି ବିଭାଗ ଅଧୀନରେ ଥିବାବେଳେ ରାସ୍ତାର ଅଧା କାର୍ଯ୍ୟ ହୋଇଛି। ଆଉ ଅଧା କାର୍ଯ୍ୟ ଅତିଶୀଘ୍ର କରାଯିବ ବୋଲି କହିଛନ୍ତି। ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଘୋଘର ଗ୍ରାମବାସୀ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ଦିଗରେ ଜିଲାପାଳ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ସଂକ୍ଷେପରେ

୨୦ରେ ବିଟିଓଏ ନିର୍ବାଚନ

ବ୍ରଜରାଜନଗର,୧୦।୭ (ବିଜୟ ବରାଡ଼)

ବ୍ରଜରାଜନଗର ଟ୍ରକ୍ ମାଲିକ ସଂଘ(ବିଟିଓଏ)କୁ ଗୁରୁବାର ଭାଙ୍ଗି ଦିଆଯାଇଛି। ଆସନ୍ତା ୨୦ରେ ଭୋଟ ଗ୍ରହଣ କରାଯିବ ବୋଲି ସଂଘ ସଭାପତି ଦେବପ୍ରସାଦ ଦାସ ପ୍ରେସ୍‌ବିଜ୍ଞପ୍ତିରେ ଜଣାଇଛନ୍ତି। ଦେବପ୍ରସାଦ କହିଛନ୍ତି, ଗୁରୁବାର ସ୍ଥାନୀୟ ଗାନ୍ଧୀ ଛକ କାର୍ଯ୍ୟାଳୟଠାରେ ସଂଘର କର୍ମକର୍ତ୍ତା ଓ ଟ୍ରକ୍ ମାଲିକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ବାର୍ଷିକ ଆୟବ୍ୟୟ ହିସାବ କରାଯାଇଥିଲା। ଏଥିସହ ସଂଘକୁ ଭାଙ୍ଗି ଦିଆଯାଇଥିଲା। ଆସନ୍ତା ୨୦ରେ ଏନେଇ ନିର୍ବାଚନ କରାଯିବ ବୋଲି ଘୋଷାଣ କରାଯାଇଥିଲା। ୨୦୨୪/୨୫ ବର୍ଷରେ ୭୬୦ ଜଣ ସଦସ୍ୟ ଭୋଟ ଦେଇଥିଲେ। ଚଳିତବର୍ଷ ୫ ଜଣ ମାଲିକଙ୍କ ମୃତ୍ୟୁ ଘଟିଥିବାବେଳେ କାଗଜପତ୍ରରେ ଅନିୟମିତତା ହୋଇଥିବାରୁ ୩୮ ଜଣଙ୍କ ସଦସ୍ୟତା ରଦ୍ଦ କରାଯାଇଛି। ଚଳିତବର୍ଷ ୭୧୭ ଜଣ ସଦସ୍ୟ ମତଦାନ କରିବେ। ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ନାୟକଙ୍କୁ ନିର୍ବାଚନ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୧୨ ଓ ୧୩ ତାରିଖରେ ନାମାଙ୍କନ ପତ୍ର ଦାଖଲ କରାଯିବ। ୧୪ ତାରିଖରେ ଯାଞ୍ଚ କରାଯାଇ ପ୍ରାର୍ଥୀମାନଙ୍କର ନାମ ଘୋଷଣା କରାଯିବ। ୨୦ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ କରାଯିବ। ଅପରାହ୍ନ ୪ଟାରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷାଣ କରାଯିବ।

ଟ୍ରେନ୍‌ରୁ ଯାତ୍ରୀଙ୍କ ବ୍ୟାଗ୍ ଚୋରି

ଝାରସୁଗୁଡ଼ା,୧୦।୭(ଆଶିଷ ରଞ୍ଜନ ଦାଶ)

ଚଳନ୍ତା ଟ୍ରେନ୍‌ରୁ ଜଣେ ମହିଳା ଯାତ୍ରୀଙ୍କ ବ୍ୟାଗ୍ ଚୋରି ହୋଇଥିବା ଝାରସୁଗୁଡ଼ା ରେଲୱେ ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର କିରଣ ଦେବୀ ପରିବାର ସହ ରାଇଗଡ଼ରୁ ରାଉରକେଲା ଟାଟାନଗର ଅଭିମୁଖେ ଟ୍ରେନ୍‌ରେ ଆସୁଥିଲେ। ହେଲେ ଟ୍ରେନ୍ ପାନପାଲିଠାରେ ପହଞ୍ଚିବା ପରେ କେହି ଦୁର୍ବୃତ୍ତ କିରଣଙ୍କ ବ୍ୟାଗ ଚୋରିକରି ନେଇଥିବା ଜଣାପଡିଥିଲା। ଉକ୍ତ ବ୍ୟାଗ୍‌ରେ ମଙ୍ଗଳସୂତ୍ର, ୧ ହଜାର ଟଙ୍କା, ଆଧାର କାର୍ଡ, ଭୋଟର କାର୍ଡ ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ବାର୍‌କୋଟ କାଳୀପୂଜା କମିଟିର ନୂତନ କର୍ମକର୍ତ୍ତା ମନୋନୀତ

ଦେବଗଡ଼,୧୦।୭(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ କାଳୀପୂଜା ଆୟୋଜନ ନିମନ୍ତେ କାଳିପୂଜା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ନିରଞ୍ଜନ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଗତବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରାଯିବା ସହ ଆସନ୍ତା କାଳୀପୂଜାକୁ ଅଧିକ ଯାକଜମକରେ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ବାରକୋଟ କାଳୀପୂଜା କମିଟିର ନୂତନ ସଭାପତି ଭାବେ ପ୍ରକାଶ କୁମାର ପାଣି ଓ ସମ୍ପାଦକ ଭାବେ ଦୁଃଶାସନ ଗୁରୁଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଏହି ବୈଠକରେ କମିଟିର ଶତାଧିକ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ରାସ୍ତାପାର୍ଶ୍ୱରୁ ବେଆଇନ ମାଂସ ଦୋକାନ ସ୍ଥାନାନ୍ତର ଦାବି

ବ୍ରଜରାଜନଗର,୧୦।୭(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳର ରାସ୍ତାପାର୍ଶ୍ୱରେ ବେଆଇନ ଭାବେ ଥିବା ମାଂସ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉ। ଏନେଇ ବ୍ରଜରାଜନଗର ହିନ୍ଦୁ ଚେତନା ମଞ୍ଚ ପକ୍ଷରୁ ଗୁରୁବାର ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଶେଷକରି ଡିଏଭି ପବ୍ଲିକ ସ୍କୁଲ, ମନ୍ଦିର ଓ ସାମାଜିକ ଅନୁଷ୍ଠାନ ନିକଟ ରାସ୍ତାପାର୍ଶ୍ୱରେ ମାଂସ ଦୋକାନ ରହିଥିବାରୁ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ଉପରେ ଖରାପ ପ୍ରଭାବ ପଡୁଛି। ଶ୍ରାବଣ ମାସକୁ ଦୃଷ୍ଟିରେ ରଖି ମାଂସ ଦୋକାନ ସ୍ଥାନାନ୍ତର ପାଇଁ ହିନ୍ଦୁ ଚେତନା ମଞ୍ଚ ପକ୍ଷରୁ ପୌର ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଭାନୁ ପ୍ରକାଶ ସିଂହ, ଲକ୍ଷ୍ମୀକାନ୍ତ ପାତ୍ରଙ୍କ ସମେତ ମଞ୍ଚର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

ବାରଖଣ୍ଡିଆ-କଦଳୀମୁଣ୍ଡା ରାସ୍ତା ଶୋଚନୀୟ

ଝାରସୁଗୁଡ଼ା,୧୦।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଲୋଇସିଂହ ପଞ୍ଚାୟତ ଅଧୀନ ବାରଖଣ୍ଡିଆ-କଦଳୀମୁଣ୍ଡା ରାସ୍ତା ଶୋଚନୀୟ ହୋଇପଡିଛି। ବର୍ଷାଯୋଗୁ ରାସ୍ତାରେ ପାଣି ଜମି କାଦୁଅ ହୋଇଯାଇଛି। ଫଳରେ ଏହି ରାସ୍ତାରେ ଯାତାୟାତ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଜୋର୍ ଧରିଛି। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, କଦଳୀମୁଣ୍ଡା ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ପରିବାର ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏପରି କି ଛାତ୍ରୀଛାତ୍ର ମଧ୍ୟ ଏହି ରାସ୍ତାରେ ଲୋଇସିଂହ ଏବଂ ବାରଖଣ୍ଡିଆ ସ୍କୁଲକୁ ଯାଇଥାନ୍ତି। ବର୍ଷାଯୋଗୁ ଏବେ ଏହି ରାସ୍ତା କାଦୁଅ ହୋଇପଡିଛି। ଏହି ଗ୍ରାମରେ ବର୍ତ୍ତମାନ ୫ ଜଣ ଗର୍ଭବତୀ ମହିଳା ଅଛନ୍ତି। ଗ୍ରାମରେ କୌଣସି ବ୍ୟକ୍ତିଙ୍କ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା

ରାସ୍ତାରେ ପାଣି ଜମି କାଦୁଅ ହୋଇଯାଇଛି।

ଉପୁଜିଲେ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥାଏ। ହେଲେ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ଆମ୍ବୁଲାନ୍ସ ଘର ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ। ଗାଁମୁଣ୍ଡରେ ଆମ୍ବୁଲାନ୍ସ ଅଟକି ରୁହେ ଏବଂ ରୋଗୀଙ୍କୁ ସେପର୍ଯ୍ୟନ୍ତ ବୋହିକି ନେବାକୁ ପଡିଥାଏ। ରାସ୍ତାର ଏଭଳି ଶୋଚନୀୟ ଅବସ୍ଥାକୁ ନେଇ ଗ୍ରାମବାସୀ ପୂର୍ବରୁ ପଞ୍ଚାୟତିରାଜ ବିଭାଗ, ଜିଲାପାଳ, ବିଡିଓ ଏବଂ ସରପଞ୍ଚଙ୍କୁ ଅବଗତ କରିଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ୨୦୨୪ ଅଗଷ୍ଟ ୧୧ ତାରିଖରେ ଗ୍ରାମବାସୀ ଏହି ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଭିଯୋଗ ପ୍ରକୋଷ୍ଠରେ ଜଣାଇଥିଲେ।

ନିର୍ମାଣ ଦାବି କଲେ ଗ୍ରାମବାସୀ

ତଥାପି କୌଣସି ସମସ୍ୟାର ସମାଧାନ ହୋଇପାରି ନାହିଁ। ଅଭିଯୋଗ ଶୁଣାଣି କେବଳ କାଗଜକଲମରେ ଚାଲିଛି ବୋଲି ଗ୍ରାମବାସୀ କହିଛନ୍ତି। ଗୁରୁବାର ସକାଳେ କଦଳୀମୁଣ୍ଡା ଗ୍ରାମର ମହିଳାମାନେ ବର୍ଷାରେ ଭିଜି ସ୍ଥାନୀୟ ସରପଞ୍ଚ ସନାତନ ରୋହିଦାସଙ୍କୁ ଭେଟି ଏନେଇ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ମହିଳାମାନଙ୍କ ସହିତ ସରପଞ୍ଚ ଆସି ରାସ୍ତାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ସରପଞ୍ଚ ସଫେଇ ଦେଇଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ଛୁରିଆ କହିଛନ୍ତି, ଏହି ରାସ୍ତା ନିର୍ମାଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ କରାଯିବ।

ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ

କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଦେବଗଡ଼,୧୦।୭(ଶଶାଙ୍କ ଶେଖର ଝାଙ୍କର)

ଜିଲାପରିଷଦ ସମ୍ମିଳନୀ କକ୍ଷଠାରେ ଜାତୀୟ ମତ୍ସ୍ୟଚାଷୀ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜିଲା ମତ୍ସ୍ୟ ଅଧିକାରୀ ଅଶୋକ କୁମାର ଇନ୍ଦୁଆରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଦେବାଶିଷ ଚନ୍ଦ୍ର ଜଗଦେବ, ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ, ଭାରପ୍ରାପ୍ତ ଜିଲା କୃଷି ଅଧିକାରୀ ମନୋଜ ମାରାଣ୍ଡି ବରେଣ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ବିଲୁଙ୍ଗ ମତ୍ସ୍ୟଚାଷୀଙ୍କୁ ଅଳ୍ପ ଅର୍ଥ ବିନିଯୋଗ କରି ଅଧିକ ଲାଭ କରିବା ପାଇଁ ପରାମର୍ଶ ଦେଇଥିଲେ। ଉନ୍ନତମାନର ମତ୍ସ୍ୟଚାଷ ପାଇଁ ରିଆମାଳ ବ୍ଲକର ମା' ତୁଳସୀ ସ୍ୱୟଂ ସହାୟକ ଗୋଷ୍ଠୀ, ତିଲେଇବଣି ବ୍ଲକ ଦୁଧିଆନାଳୀ ଗ୍ରାମର ପରେଶ ସାହୁ, ତିଲେଇବଣି ବ୍ଲକ କଂସର ଗ୍ରାମର ସଞ୍ଜୟ କୁମାର ଗାଣ୍ଡିଆ, ବାରକୋଟ ବ୍ଲକ ରମ୍ଭେଇ ଗ୍ରାମର ଶ୍ରୀନୁଷ ଲାକ୍ରାଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ୩ଟି ବ୍ଲକରୁ ଆସିଥିବା ମତ୍ସ୍ୟଚାଷୀ, ମତ୍ସ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସହକାରୀ ମତ୍ସ୍ୟ ଅଧିକାରୀ ଭୁବନାନନ୍ଦ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

'ପରିବେଶ ସୁରକ୍ଷା ପାଇଁ ଗଛ ଲଗାନ୍ତୁ'

କାର୍ଯ୍ୟକ୍ରମରେ ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ।

ଝାରସୁଗୁଡ଼ା,୧୦।୭(ଆଶିଷ ରଞ୍ଜନ ଦାଶ)

ଜିଲାସ୍ତରୀୟ ବନ ମହୋତ୍ସବ ପାଳିତ

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅଧୀନ ଦୁର୍ଲଗାଠାରେ ଗୁରୁବାର ପୂର୍ବାହ୍ନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜିଲାସ୍ତରୀୟ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବାକୁ କହିଥିଲେ। ସେହିପରି ସମ୍ମାନିତ ଅତିଥି ଜିଲାପାଳ ଆବୋଲୀ ସୁନୀଲ ନରୱାଣେ ଯୋଗଦେଇ ଜିଲାକୁ ସବୁଜସୁନ୍ଦର କରିବା ପାଇଁ ସଂକଳ୍ପବଦ୍ଧ ହେବାକୁ କହିଥିଲେ। ଏହି ଅବସରରେ ଜିଲାରେ ସଚେତନତା ସୃଷ୍ଟି ପାଇଁ ପରିବେଶ ସଚେତନତା ରଥ ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ଅଶୋକ ମନୁ ଭଙ୍ଗଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଜଙ୍ଗଲ ବିଭାଗର ଅଧିକାରୀ ଓ ଛାତ୍ରୀଛାତ୍ର ସାମିଲ ଥିଲେ।

ବନ ମହୋତ୍ସବରେ ଚାରାରୋପଣ

ଝାରସୁଗୁଡ଼ା,୧୦।୭(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରର କାଳିବାରୀ ପରିସରରେ ଗୁରୁବାର ସକାଳେ ବିକାଶ ଇଣ୍ଟରନ୍ୟାଶନାଲ ସ୍କୁଲ, ରାମକୃଷ୍ଣ ବିଦ୍ୟାପୀଠ, କାଳିବାରୀ ଦୁର୍ଗାପୂଜା କମିଟି, ବଙ୍ଗାଳୀ ସମିତି, ବିବେକାନନ୍ଦ ସେବା ସଂସଦ ଦ୍ୱାରା ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରକାର ଫୁଲ, ଫଳ ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦେବଯାନୀ ଲାଲା, ପାମ୍ପ ମୁଖାର୍ଜୀ, କୋନିକା ମୁଖାର୍ଜୀ, ତାପସ ରାୟଚୌଧୁରୀ, ସୁନୀଲ ଚକ୍ରବର୍ତ୍ତୀ, ଶ୍ରୀକାନ୍ତ ମହାନ୍ତି, ଅମିତ୍ ବିଶ୍ୱାସ, ଆଶିଷ ଭଟ୍ଟାଚାର୍ଯ୍ୟ, ଅନିଲ ରାଠୋଡ଼ ପ୍ରମୁଖ ସାମିଲ ଥିଲେ।

ସ୍ଥିତି ଅନୁଧ୍ୟାନକଲେ ମନ୍ତ୍ରୀ, ବିଧାୟକ, ଜିଲାପାଳ

ଝାରସୁଗୁଡ଼ା,୧୦।୭(ଆଶିଷ ରଞ୍ଜନ ଦାଶ)

ଲଗାଣ ବର୍ଷାରେ କ୍ଷୟକ୍ଷତି ଘଟଣା

ଲଗାଣ ବର୍ଷାରେ ଝାରସୁଗୁଡ଼ା ଜିଲାର ଲଇକେରା ଓ କିର୍ମିରା ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷତି ଘଟିଛି। ବିଭିନ୍ନ ସ୍ଥାନରେ ରାସ୍ତା ଧୋଇଯାଇଥିବାବେଳେ ପୋଲ ଓ ବନ୍ଧ ଭାଙ୍ଗିଯାଇଛି। ବର୍ଷାରେ ଲୋକଙ୍କ ଅନେକ କ୍ଷତି ଘଟିଛି। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ଜିଲାପାଳ ଆବୋଲୀ ସୁନୀଲ ନରୱାଣେ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏନେଇ ମନ୍ତ୍ରୀ ପୂଜାରୀ କହିଛନ୍ତି, ଫସଲ ନଷ୍ଟ ଓ ଘର ଭାଙ୍ଗିଥିବା ଲୋକଙ୍କୁ ରାଜ୍ୟ ସରକାର ସହାୟତା ଯୋଗାଇଦେବେ। ସେହିପରି ବିଧାୟକ ତ୍ରିପାଠୀ କହିଛନ୍ତି, ଭାଙ୍ଗି ଯାଇଥିବା ପୋଲ, ରାସ୍ତା କାମ ଆସନ୍ତା ୧/୨ ଦିନ ମଧ୍ୟରେ ଶେଷ ହେବ। ଏହି ପରିଦର୍ଶନ ସମୟରେ ସ୍ଥାନୀୟ ତହସିଲଦାର, ଆର୍‌ଆଇ, ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ପଞ୍ଚାୟତିରାଜ ବିଭାଗର ଅଧିକାରୀଙ୍କ ସମେତ ଭାଜପା କର୍ମୀ ଉପସ୍ଥିତ ଥିଲେ।

ଜିଲାସ୍ତରୀୟ ଆଧାର ତଦାରଖ କମିଟି ବୈଠକ

ଦେବଗଡ଼,୧୦।୭(ଶଶାଙ୍କ ଶେଖର ଝାଙ୍କର)

ଆଧାର କାର୍ଡ ପ୍ରସ୍ତୁତି ସମ୍ପର୍କିତ ବୈଠକ ଆଭାସୀ ମାଧ୍ୟମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଲୁଙ୍ଗ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲାରେ ଆଧାର ସମସ୍ୟାର ସମାଧାନ ଉପରେ ଆଲୋକପାତ କରିଥିଲେ। ଏଥିସହ ଆଧାର କାର୍ଡ ପ୍ରସ୍ତୁତିରେ ହେଉଥିବା ଅସୁବିଧା ଯଥା- ନବଜାତଙ୍କ କାର୍ଡ ତିଆରି, ଜନ୍ମ ତାରିଖ ବାରମ୍ବାର ପରିବର୍ତ୍ତନ, ଛାତ୍ରୀଛାତ୍ରଙ୍କ କାର୍ଡରେ ଭୁଲ୍ ସୁଧାରିବା, ଜନଜାତିଙ୍କ ଆଧାର ପ୍ରସ୍ତୁତି ଶତ ପ୍ରତିଶତ କରିବା ଉପରେ ଆଲୋଚନା କରିଥିଲେ। ଆଧାର କାର୍ଡ ନିର୍ଭୁଲ୍ ଓ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିକାଶ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବର୍ଷା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ ରାଜସ୍ୱ ମନ୍ତ୍ରୀ

ଇଟାଭଟା ମଣ୍ଡପଠାରେ ମନ୍ତ୍ରୀ ସୁରେଶ ପୂଜାରୀ କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ବ୍ରଜରାଜନଗର,୧୦।୭(ବିଜୟ ବରାଡ଼)

ଲଗାଣ ବର୍ଷା ଯୋଗୁ ବ୍ରଜରାଜନଗର ପୌରାଞ୍ଚଳରେ ଅନେକ କ୍ଷୟକ୍ଷତି ଘଟିଛି। ଗୁରୁବାର ମଧ୍ୟାହ୍ନ ୧୨ଟାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କାଳୀନଗର କଲୋନିର ତଳିଆ ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ନାଳର ଉଭୟ ପାର୍ଶ୍ୱରେ କଂକ୍ରିଟ୍ ୱାଲ୍ କରାଯିବ ଏବଂ ରାଜ୍ୟ ସରକାର ଭୂମିହୀନଙ୍କ ପାଇଁ କରିଥିବା ଯୋଜନା ଅନୁସାରେ ଘର ତିଆରି କରି ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଇଟାଭଟା ମଣ୍ଡପଠାରେ କ୍ଷତିଗ୍ରସ୍ତଙ୍କୁ ଭେଟି ଆଲୋଚନା କରିଥିଲେ। ତୁରନ୍ତ ପ୍ରକୃତ କ୍ଷତିଗ୍ରସ୍ତଙ୍କ ତାଲିକା ପ୍ରସ୍ତୁତ କରି ସହାୟତା ଯୋଗାଇଦେବାକୁ ତହସିଲଦାରଙ୍କୁ ମନ୍ତ୍ରୀ କହିଥିଲେ। ଏହାପରେ ମନ୍ତ୍ରୀ ପୂଜାରୀ ଏମ୍‌ଜା ଗ୍ରାମ ପରିଦର୍ଶନ କରି ଭାଙ୍ଗିଥିବା ରୋଡ୍‌କୁ ଯୁଦ୍ଧକାଳୀନ ଭିତ୍ତିରେ ତିଆରି କରିବା ପାଇଁ ପୌରାଧ୍ୟକ୍ଷ ଗୋପାଳ ସୀତାନିଙ୍କୁ କହିଥିଲେ। ମନ୍ତ୍ରୀଙ୍କ ଏହି ପରିଦର୍ଶନବେଳେ ଜିଲାପାଳ ଆବୋଲୀ ସୁନୀଲ ନରୱାଣେ, ତହସିଲଦାର, ଆର୍‌ଆଇ, ପୌରାଧ୍ୟକ୍ଷା, ପୌରଯନ୍ତ୍ରୀ ଓ କାଉନ୍‌ସିଲର ଦ୍ରୌପଦୀ ମେହେର ଉପସ୍ଥିତ ଥିଲେ।

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ କ୍ଲଷ୍ଟରସ୍ତରୀୟ ବୈଠକ

ଦେବଗଡ଼,୧୦।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରଥମ କ୍ଲଷ୍ଟରସ୍ତରୀୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼ ଯୋଗଦେଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଇଥିଲେ। ପ୍ରଥମ ପର୍ଯ୍ୟାୟରେ ବରିଷ୍ଠ ପ୍ରଶିକ୍ଷିକା ନିବେଦିତା ବେହେରା ଶିଶୁବାଟିକା ଶିକ୍ଷକ ସହାୟକ ପୁସ୍ତିକା, କାର୍ଯ୍ୟପୁସ୍ତିକା, ଜୁଲାଇର ଶିଶୁବାଟିକା, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଶୈକ୍ଷିକ କ୍ୟାଲେଣ୍ଡର ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ଗୁରୁଚରଣ ବୋଦ୍ରା ଶ୍ରେଣୀ ପରିଚାଳନା,

କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା, ପ୍ରଶିକ୍ଷକ ଓ ଅନ୍ୟମାନେ।

ଶିକ୍ଷକଙ୍କ ଦ୍ୱାରା ପାଠ ଟିକା ପ୍ରସ୍ତୁତି ଓ ଉପସ୍ଥାପନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବରିଷ୍ଠ ପ୍ରଶିକ୍ଷିକା ଅନିମା ତିର୍କୀ ଯୋଗଦେଇ ବିଦ୍ୟାଳୟ ପରିଦର୍ଶନ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଆଧାରିତ ଶିକ୍ଷଣ କାର୍ଯ୍ୟ, ବିଦ୍ୟାଳୟ ବିକାଶ ଯୋଜନା, ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ଆଲୋକପାତ କରାଇଥିଲେ। ଏହି ବୈଠକରେ ଜିଲାର ୫୦ ଜଣ ସିଆର୍‌ସିସି ଯୋଗଦେଇଥିଲେ।

ଗୁରୁପୂର୍ଣ୍ଣିମା ଉତ୍ସବ

କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ଦେବଗଡ଼,୧୦।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସଂସ୍କାର ଭାରତୀ, ଉତ୍କଳ ପଶ୍ଚିମ ପ୍ରାନ୍ତ ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଗୁରୁବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁଜିତ୍ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରକିତ କୁମାର ଭୋଜ, ଜିଲା ବରିଷ୍ଠ ନାଗରିକ ଫୋରମ୍‌ର ସଭାପତି ରାମଚନ୍ଦ୍ର ମହାପାତ୍ର, ଇଂ. ଚିତ୍ତରଞ୍ଜନ ପ୍ରଧାନ ଯୋଗଦେଇ ଗୁରୁପୂର୍ଣ୍ଣିମା ଦିବସ ପାଳନର ମହତ୍ତ୍ୱ ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଜଗଦାନନ୍ଦ ନନ୍ଦ ଓ ରାଜା ବାସୁଦେବ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଶଶି ଭୂଷଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଚିତ୍ତରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବୟିତ୍ରୀ ସୁମିତ୍ରା ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ପ୍ରଫୁଲ୍ଲ କୁମାର ମହାପାତ୍ର, ଟିକେଶ୍ୱର ସାହୁ, ଗୌରହରୀ ଷଡଙ୍ଗୀ, ଯୁଧିଷ୍ଠିର ଦାଶ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗୋବିନ୍ଦ ଚନ୍ଦ୍ର ସାହୁଙ୍କ ସମେତ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଅମ୍ଳାଂଶୁ ପୂଜାରୀ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଦସ୍ୟ ବିଶାଲ ନାୟକ, ଶିବାଶିଷ ଝାଙ୍କର, ଶୁଭମ୍ ମହାଙ୍କୁର, ପ୍ରକାଶ ଦେବତା, ସଦସ୍ୟା ଜୁଲି ଷଣ୍ଢ, ରେଶମା ନାୟକ ଓ ବିଷ୍ଣୁପ୍ରିୟା ଗଡ଼ତିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତିରେ ବିଏଲ୍‌ଓଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଦେବଗଡ,୧୦।୭(ଶଶାଙ୍କ ଶେଖର ଝାଙ୍କର)

ତ୍ରୁଟିଶୂନ୍ୟ, ବିଶ୍ୱସନୀୟ ଓ ସଂଶୋଧିତ ଭୋଟର ତାଲିକା ପ୍ରସ୍ତୁତି କ୍ଷେତ୍ରରେ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବୁଥ୍‌ସ୍ତରରେ ସେମାନେ ଯେପରି ଦକ୍ଷତାର ସହ ନିର୍ଭୁଲ ଭାବେ ନିଜ ଦାୟିତ୍ୱ ନିର୍ବାହ କରିପାରିବେ ସେଥିପାଇଁ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଶେଷ ହୋଇଛି। ଏଥିରେ ଦେବଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୩୮ ବୁଥ୍‌ସ୍ତରୀୟ ଅଧିକାରୀ ଓ ୩୪ ସୁପରଭାଇଜର ପ୍ରଶିକ୍ଷଣ ନେଇଥିଲେ। ଉପଜିଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ପରକ୍ଷିତ ସାହୁଙ୍କ ତତ୍ତ୍ୱାବଧାନରେ ଜିଲାର ରିଆମାଳ, ବାରକୋଟ ଓ ତିଲେଇବଣୀ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ସୂର୍ଯ୍ୟକାନ୍ତ ବାରିହା, ତିଲେଇବଣୀ ଗୋଷ୍ଠୀ ଉନ୍ନୟନ

କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଇଥିବା ଅଧିକାରୀ ଓ ଅନ୍ୟମାନେ।

ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ, ସହକାରୀ ଜିଲାପାଳ ସୁଶ୍ରୀ ରେଖା ମହାନ୍ତ ଯୋଗଦେଇଥିଲେ। ସେହିପରି ସହାୟକ ପ୍ରଶିକ୍ଷକ ଭାବେ ତିଲେଇବଣୀ ପଞ୍ଚାୟତ ଉନ୍ନୟନ ଅଧିକାରୀ କିଶୋର ଚନ୍ଦ୍ର ନାୟକ, ରିଆମାଳ ପଞ୍ଚାୟତ ଉନ୍ନୟନ ଅଧିକାରୀ ନୀଳିମା ଏକ୍କା, ବାରକୋଟ ପଞ୍ଚାୟତ ଉନ୍ନୟନ ଅଧିକାରୀ ରଞ୍ଜିତ ଟୁଡୁ, ତିଲେଇବଣୀ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ, ଭେନ୍‌ସ କୁମାର ପ୍ରଧାନ, ଦାଶରଥି ସାହୁ, ସୁଶୀଲ କୁମାର ସ୍ୱାଇଁ, ଫଗୁ ପାତ୍ର, ଅଜୟ ବେହେରା, ଉମ୍ବରୁଧର ସାହୁ ଓ ତ୍ରିପୁରାରୀ ପ୍ରଧାନ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ ପରେ ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କ ଦକ୍ଷତା ପରୀକ୍ଷଣ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

ସଂକ୍ଷେପରେ

ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ନୂଆପଡ଼ା, ୧୦।୭ (ମକାରୁ ବେମାଲ): ବିଜୁ ଏକ୍ସପ୍ରେସ ୱେର ନୂଆପଡ଼ା ଜିଲା ଲଖନା ଥାନା ଲଟକନପଡାଠାରେ ବୁଧବାର ମଧ୍ୟରାତ୍ରରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବରଗଡ ଜିଲା ପାଇକମାଲ ଥାନା ଢେକିମୁଣ୍ଡା ଗାଁର ରମେଶ ହଂସ (୨୨)। ଆହତ ଯୁବକ ହେମନ୍ତ ମଲ୍ଲିକ (୨୦) ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ ବୁଧବାର ରାତିରେ ଦୁଇ ଯୁବକ କୌଣସି କାମରେ ଢେକିମୁଣ୍ଡା ଗାଁରୁ ଓଡି୧୭ଡି-୦୩୦୯ ନମ୍ବର ବିଶିଷ୍ଟ ବାଇକରେ କୋମନା ଥାନା ସିଆଲଲଟି ପଞ୍ଚାୟତ ହଲୁଆପାଲି ଗାଁକୁ ଯାଉଥିଲେ। କୁରୁମପୁରି ପଞ୍ଚାୟତ ଲଟକନପଡା ଗାଁଠାରେ ଡିଭାଇଡରରେ ପିଟି ହୋଇ ଉଭୟ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ରମେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଲଖନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଲଖନା ଥାନାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖଡ଼ିଆଳ, ୧୦।୭ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଭୁଲିଆସିକୁଆଁ ସେବାଶ୍ରମର ସହକାରୀ ଶିକ୍ଷକ ପ୍ରଦୀପ କୁମାର ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ତରଫରୁ ଆୟୋଜିତ ସଭାରେ ପ୍ରଧାନ ସେବକ ଟିକେରାମ ମେହେର ସଭାପତିତ୍ୱ କରିଥିଲେ। ଖଡ଼ିଆଳ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଜତ କୁମାର ସାହୁ ମୁଖ୍ୟ ଅତିଥି ଓ ଜିଲା ସେବକ ସେବିକା ସଂଘ ସଭାପତି ସୁଶୀଲ ପତି, ସମ୍ପାଦକ ଲାଇବନ ବାଗ, କୋଷାଧ୍ୟକ୍ଷ ପୂର୍ଣ୍ଣ ପରିଡ଼ା, ସରପଞ୍ଚ ଲକ୍ଷ୍ମୀ ବାଗ, ଲିଙ୍ଗରାଜ ମେହେର, ଚନ୍ଦ୍ର କୈବର୍ତ୍ତ, ଗୌତମ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସହକାରୀ ଶିକ୍ଷକ ମହାପାତ୍ରଙ୍କ ଚାକିରି ଜୀବନ ଉପରେ ଆଲୋକପାତ କରିଥିଲେ। ଶେଷରେ ଶିକ୍ଷକ ଅଲେଖ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବସୁଧା ପ୍ରକଳ୍ପରୁ ତମ୍ବା କେବୁଲ ଚୋରି

କର୍ଲାମୁଣ୍ଡା, ୧୦।୭ (ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ବସୁଧା ପ୍ରକଳ୍ପରୁ ଲକ୍ଷାଧିକ ଟଙ୍କାର ତମ୍ବା କେବୁଲ ଚୋରି ହେଉଥିବା ବେଳେ ପୋଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି। ସୂଚନା ଅନୁସାରେ ଏହି ବ୍ଲକରେ ୫୦ ଦିନ ଭିତରେ ୧୧ ବସୁଧା ପ୍ରକଳ୍ପରୁ ତମ୍ବା ତାର ଚୋରି ହୋଇଛି। ଗତ ମେ ୧୭ ତାରିଖରେ ଗଜବାହାଲ, ଅବୁଜବାହାଲ, ବୁଢ଼ୀପଦର, ଜୁନ ୨୨ରେ ପୌରକେଲା, କୁନ୍ଦେଇପାଲି, ପୁଟିଗାଁ, ବୁଢ଼ୀପଦର, ଚଳିତ ମାସ ୪ ତାରିଖରେ ରିଞ୍ଜା, ଭଟାପଲା, ଦେଓଗାଁ ଆଦି ଗାଁରେ ଥିବା ବସୁଧା ପ୍ରକଳ୍ପରୁ ତାର ଚୋରି ହୋଇଥିବା ନେଇ ପୋଲିସ ନିକଟରେ ଲିଖିତ ଅଭିଯୋଗ ହୋଇଥିଲା। ପୁଣି ବୁଧବାର ରାତିରେ ରିଷିଡାଠାରୁ କେବୁଲ ଚୋରି ହୋଇଥିବା ନେଇ ରିଷିଡା ଫାଣ୍ଡିରେ ଅଭିଯୋଗ ହୋଇଛି। ଏଭଳି ଘଟଣା ନେଇ ଜଳ ଯୋଗାଣରେ ସମସ୍ୟା ସୃଷ୍ଟି ହେଉଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ଅନୁସାୟା ଭଞ୍ଜ କହିଛନ୍ତି। ଏ ନେଇ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥବିର ବରିହାଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ବୋଲି କହିଛନ୍ତି।

୮ଫୁଟ୍ ଲମ୍ବ ଅଜଗର ଉଦ୍ଧାର

କର୍ଲାମୁଣ୍ଡା, ୧୦।୭ (ପ୍ରଦୀପ କୁମାର ସାହୁ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତ ଅବୁଜବାହାଲ ନିକଟରୁ ବନ ବିଭାଗ ଗୁରୁବାର ୮ଫୁଟ୍ ଲମ୍ବର ଏକ ଅଜଗର ଉଦ୍ଧାର କରିଛି। ସୂଚନା ମତେ ଅବୁଜବାହାଲ ଗ୍ରାମର ରଞ୍ଜନ ସାହୁ ତାଙ୍କ ଜମିକୁ ଯାଇଥିବା ବେଳେ ସାପଟିକୁ ଦେଖି ମଦନପୁର ବନ ବିଭାଗକୁ ସୂଚନା ଦେଇଥିଲେ। ମଦନପୁର ବନପାଳ ସମ୍ପଦ କୁମାର, ମ. ରାମପୁର ବନାଞ୍ଚଳ ସହକାରୀ ବନ ସରକ୍ଷକ ଅସିତ କୁମାର ଦାସ, ମ. ରାମପୁର ବନପାଳ ଦୀପକ ସା, ମୋହନଗିରୀ ବନପାଳ ବିଶ୍ୱଜିତ ଠାକୁର, ବନରକ୍ଷୀ ସତ୍ୟ ଭାମା ନାଗ ପ୍ରମୁଖ ସାପଟିକୁ ଉଦ୍ଧାର କରିବା ସହ ଅଲାତରା ସୁନାମୁଖୀ ଜଙ୍ଗଲରେ ଛାଡିଥିବା ମଦନପୁର ବନପାଳ ସମ୍ପଦ କୁମାର ସୂଚନା ଦେଇଛନ୍ତି।

କଳାହାଣ୍ଡି ଆକାଂକ୍ଷା ଜିଲା କାର୍ଯ୍ୟକ୍ରମର ସମୀକ୍ଷା

- ଯୋଗଦେଲେ ନୀତି ଆୟୋଗର କେନ୍ଦ୍ର ପ୍ରଭାରୀ ଅନିତା କର୍ଣ୍ଣ
- ଉତ୍ତମ ପ୍ରଦର୍ଶନ ପାଇଁ ୯ କୋଟି ପୁରସ୍କାର ପାଇଲା କଳାହାଣ୍ଡି

ଭବାନୀପାଟଣା, ୧୦।୭ (ଉତ୍ତମ କୁମାର ଦାଶ)

ବୈଠକରେ କଳାହାଣ୍ଡି ଆକାଂକ୍ଷା ଜିଲା କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଉଛି।

ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର କଳାହାଣ୍ଡି ଆକାଂକ୍ଷା ଜିଲା କାର୍ଯ୍ୟକ୍ରମ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ଯୁଗ୍ମ ସଚିବ ତଥା ନୀତି ଆୟୋଗର କେନ୍ଦ୍ର ପ୍ରଭାରୀ ଅନିତା କର୍ଣ୍ଣ ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବୈତାରୁ ଦୀପ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡାଙ୍କ ସମେତ ବିଭିନ୍ନ ବିଭାଗର ଜିଲା ଅଧିକାରୀ ଓ ସ୍ଥାନୀୟ ବିଡ଼ିଓ ଯୋଗଦେଇଥିଲେ। ବୈଠକରେ ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମର ୬ ଗୋଟି ବିଷୟରେ ସମୀକ୍ଷା କରାଯାଇଥିଲା। ସେଗୁଡିକ ହେଲା ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି ଓ ଜଳ ସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତି ଓ ଦକ୍ଷତା ବିକାଶ, ମୌଳିକ ଭିତ୍ତିଭୂମି ଓ ସାମାଜିକ ବିକାଶ। ଏହାସହ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ, ଗର୍ଭବତୀ ମହିଳାଙ୍କ ପରୀକ୍ଷା ଓ ଟିକାକରଣ, ଜନ୍ମ ସମୟରେ ଲିଙ୍ଗ ଅନୁପାତ, ଶିଶୁର ସମ୍ପୂର୍ଣ୍ଣ ଟିକାକରଣ, ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ, ରକ୍ତ ହୀନତା ନିରାକରଣ, ଗୁଣାତ୍ମକ ଶିକ୍ଷା, ମୃତ୍ତିକା, କୃଷି ଉତ୍ପାଦନ ବୃଦ୍ଧି, ଫସଲ ବୀମା ଉପରେ ସମୀକ୍ଷା କରାଯାଇଥିଲା। ଦେଶର ୧୧୨ ଆକାଂକ୍ଷା ଜିଲାମାନଙ୍କ ମଧ୍ୟରେ କରାଯାଇଥିବା ପ୍ରତିଯୋଗିତାରେ ୩ ଥର କଳାହାଣ୍ଡି ଜିଲା ଉତ୍ତମ ସ୍ଥାନ ପ୍ରଦର୍ଶନ କରିଥିବାରୁ ୯ କୋଟି ଟଙ୍କା ପୁରସ୍କାର ରାଶି ଭାରତ ସରକାରଙ୍କ ନୀତି ଆୟୋଗଠାରୁ ଗ୍ରହଣ କରିଛି। ଜିଲାର ୨ ଗ୍ରାମକୁ ଆଦର୍ଶ ଗ୍ରାମ ହିସାବରେ ନେଇ ତାର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ନୀତି ଆୟୋଗର କେନ୍ଦ୍ର ପ୍ରଭାରୀ କର୍ଣ୍ଣ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭିଟାମିନଯୁକ୍ତ ଚାଉଳ ପିଡ଼ିଏସ୍ ମାଧ୍ୟମରେ ବଣ୍ଟନ କରିବା ଦ୍ୱାରା ଅପପୁଷ୍ଟି ରୋକିବାରେ କେତେ ସଫଳ ହୋଇଛି ତା'ର ଏକ ସର୍ଭେ କରିବା ପାଇଁ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ପାୱାର ସଚିନ ପ୍ରକାଶ କହିଥିଲେ, ଗତବର୍ଷ ୬ଟି ସୂଚକାଙ୍କର ସମ୍ପୂର୍ଣ୍ଣକରଣ ପାଇଁ ସମ୍ପୂର୍ଣ୍ଣତା ଅଭିଯାନ କରାଯାଇଥିଲା। ଯାହାଦ୍ୱାରା ଜିଲାର ୫ଟି ସୂଚକାଙ୍କ ୧୦୦% ସଫଳତା ଜନସାଧାରଣଙ୍କୁ ମିଳିପାରିଥିଲା। ଜିଲାରେ ୭ ମା' ଗୃହ ଅଛି ଓ ଆବଶ୍ୟକତା ଅନୁଯାୟୀ ଆହୁରି ୩ ମା' ଗୃହ ପାଇଁ ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି ବୋଲି କହିଥିଲେ। ଶେଷରେ ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ଦଳେଇ ଧନ୍ୟବାଦ ଦେଇଥିଲେ।

ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ଭବାନୀପାଟଣା, ୧୦।୭ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଦୟାନିଧି ଛକଠାରେ ୨୦୨୦ରେ ସାମାନ୍ୟ ରିକ୍ସା ପାର୍କିଂକୁ ନେଇ ଏକ ହତ୍ୟାକାଣ୍ଡ ହୋଇଥିଲା। ଗୁରୁବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ଅନୁପ ରଞ୍ଜନ ପଟ୍ଟନାୟକ ୨୧ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତିକରି ଭବାନୀପାଟଣା ସହର ବାହାଦୁର ବଗିଚାପଡାର ପୂର୍ଣ୍ଣ ମେହେରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ୧୩।୭।୨୦୨୦ ପୂର୍ବାହ୍ନ ୧୦ଟାରେ ରିକ୍ସା ପାର୍କିଂକୁ ନେଇ ଅଭିଯୁକ୍ତ ପୂର୍ଣ୍ଣ ଏକ କାତି ସାହାଯ୍ୟରେ ଭବାନୀପାଟଣା ସହର ବଡ଼ପଡାର ପିଲା ବାଗଙ୍କ ଗଳାକାଟି ହତ୍ୟା କରିଥିଲେ। ଏ ନେଇ ଅଭିଯୋଗ ପରେ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା (ନଂ.୧୮୧/୨୦୨୦) ରୁଜୁ ହୋଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜିତେନ୍ଦ୍ର କୁମାର ମହାନ୍ତି ପରିଚାଳନା କରୁଥିଲେ।

ବିଦ୍ୟାଳୟ ପରିଦର୍ଶନକଲେ ଅଧିକାରୀ

ବ୍ଲକ୍ ଶିକ୍ଷା ଅଧିକାରୀ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

କର୍ଲାମୁଣ୍ଡା, ୧୦।୭ (ପ୍ରଦୀପ କୁମାର ସାହୁ)

ଉତ୍ତମ ଶିକ୍ଷାଦାନ ତଥା ଆନୁଷଙ୍ଗିକ ବ୍ୟବସ୍ଥା ତଦାରଖ ପାଇଁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ବିଭାଗୀୟ ଅଧିକାରୀ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି। ଏହି କ୍ରମରେ ଗୁରୁବାର କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡା ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ନୋଡାଲ ସିଆର୍‌ସିସି ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରୋହିତ କୁମାର ରଣା ପୁଟିଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କର୍ଲାମୁଣ୍ଡା ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସିଆର୍‌ସିସି ପ୍ରଭାରଞ୍ଜନ ବନଛୋର କଣ୍ଡରେଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସିଆର୍‌ସିସି ଉଜ୍ଜ୍ୱଳ କୁମାର ସାହୁ ଭଟାପଲା ହାଇସ୍କୁଲ, ଯମୁନାପୁର ପ୍ରାଥମିକ ବିଦ୍ୟାଳୟ, ରେଙ୍ଗାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ।

ରାଷ୍ଟ୍ର ଗଠନରେ ଭାଗୀଦାର ହେବାକୁ ପରାମର୍ଶ

ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

ଭବାନୀପାଟଣା, ୧୦।୭ (ଉତ୍ତମ କୁମାର ଦାଶ)

ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଚଳିତବର୍ଷର ଯୁକ୍ତ ୨ ପ୍ରଥମବର୍ଷର ଉଭୟ ସିବିଏସ୍‌ଇ ଓ ସିଏଚ୍‌ଏସ୍‌ଇ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଇଣ୍ଡକ୍ସନ ସେରିମନି- ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ପ୍ରବନ୍ଧକ ଗୁପ୍ତେଶର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟକ୍ଷା ଆରତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଉପାଧ୍ୟକ୍ଷ ନାରାୟଣ ମହାନ୍ତି ପରିଚାଳନା ମଣ୍ଡଳୀ ସଦସ୍ୟଙ୍କ ସମ୍ପର୍କରେ ନବାଗତଙ୍କୁ ଅବଗତ କରାଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ କଠିନ ପରିଶ୍ରମ କରି ଉତ୍କର୍ଷତା ପ୍ରତିପାଦନ ସହ ରାଷ୍ଟ୍ର ଗଠନରେ ଭାଗୀଦାର ହେବା ପାଇଁ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶକ ଡି. ଶ୍ୟାମ ସାମ୍ପ୍ରତିକ ପରିସ୍ଥିତିରେ ବିଭିନ୍ନ ଆହ୍ୱାନର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ଏହାସହ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟକ୍ଷ ଯୁବରାଜ ନାୟକ ଧନ୍ୟବାଦ ଦେଇଥିଲେ।

ପରିଚାଳନା କମିଟି ସଭାପତିଙ୍କ ସ୍ମୃତିଚାରଣ

କେସିଙ୍ଗା, ୧୦।୭ (ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଜବାହର ଉଚ୍ଚ ବିଦ୍ୟାପୀଠ (ଖ) ପରିଚାଳନା କମିଟି ସଭାପତି ସ୍ୱର୍ଗତ ବିରଞ୍ଚି ସାହୁ(୬୯)ଙ୍କ ସ୍ମୃତିଚାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ସାହୁଙ୍କ ବାସଭବନରେ ଅନୁଷ୍ଠିତ ସଭାରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ଜିଲା ସଭାପତି ନୀଳମଣି ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ଜବାହର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅଭୟ କୁମାର ଦେବତା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଆଦର୍ଶ ଜୀବନୀ ଉପରେ ଆଲୋକପାତ କରିଥିଲେ। ସାହୁ ସମାଜର ବହୁ କର୍ମକର୍ତ୍ତା ତାଙ୍କ ସ୍ମୃତିଚାରଣ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସଭାରେ ସାହୁ ସମାଜର ଜିଲା ସାଧାରଣ ସମ୍ପାଦକ ନବୀନ କିଶୋର ସାହୁ, ଜିଲା କାର୍ଯ୍ୟକାରୀ ସଭାପତି ଯୁବରାଜ ସାହୁ, ନେଗି କୋଦଣ୍ଡ ସାହୁ, ବାଲସି ମଣ୍ଡଳ ସଭାପତି ମନୋହର ସାହୁ, ସମ୍ପାଦକ ଅଶ୍ୱନି କୁମାର ସାହୁ, ବାଲସି ଗ୍ରାମ୍ୟ କମିଟି ସଭାପତି ଋଷି ସାହୁ, ଏମ୍.ରାମପୁର ବ୍ଲକ ସଭାପତି ତୁମେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ।

ମହୁଲପାଟଣା-ଥୁଆମୂଳ ରାମପୁର ରାସ୍ତା ଶୋଚନୀୟ

କାଦୁଅ ପଚ ପଚ ରାସ୍ତା।

ଥୁଆମୂଳ ରାମପୁର, ୧୦।୭ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ମହୁଲ ପାଟଣାଠାରୁ ଥୁଆମୂଳ ରାମପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାର ଅନେକ ସ୍ଥାନରେ ଛୋଟବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଲଗାଣ ବର୍ଷାରେ କାଦୁଅ ପଚ ପଚ ହୋଇପଡିଛି। ଫଳରେ ପଥଚାରୀଙ୍କ ଠାରୁ ଆରମ୍ଭ କରି ଯାନବାହନ ଚଳାଚଳରେ ବହୁ ଅସୁବିଧା ଦେଖାଦେଉଛି । ଏପରି କି ଲୋକେ ବାଇକ୍‌ରେ ଯାତାୟାତ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି । ଆମ୍ବୁଲାନ୍ସ ସମେତ ଅନେକ ଛୋଟବଡ଼ ଗାଡ଼ି ସେ ରାସ୍ତା ଦେଇ ଯିବା ସମୟରେ ଘଣ୍ଟା ଘଣ୍ଟା ଧରି ଫସି ରହୁଥିବା ଦୃଶ୍ୟ ସାମ୍ନାକୁ ଆସୁଛି। ଏ ବିଷୟରେ ସ୍ଥାନୀୟ ଲୋକେ ଅନେକ ଥର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି ।

ସଂସ୍କାର ଭାରତୀ ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ

ଭବାନୀପାଟଣା, ୧୦।୭ (ଉତ୍ତମ କୁମାର ଦାଶ):

ଘୁମୁରା ଗୁରୁ ପବିତ୍ର ଗହୀରଙ୍କୁ କଳାଗୁରୁ ସମ୍ମାନରେ ସମ୍ମାନିତ କରାଯାଉଛି।

ସଂସ୍କାର ଭାରତୀ କଳାହାଣ୍ଡି ଶାଖା ପକ୍ଷରୁ ଗୁରୁବାର ଗୁରୁପୂର୍ଣ୍ଣିମା ଉତ୍ସବ ଭବାନୀପାଟଣା ଲେଖକ କଳା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିଳ୍ପୀ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ସଂସ୍କାର ଭାରତୀ ଜିଲା ସଭାପତି ଭାଗୀରଥି ବେହେରା, ନଗର ସଭାପତି ପ୍ରୀତି ପଟ୍ଟନାୟକ ଯୋଗଦେଇ ଗୁରୁପୂର୍ଣ୍ଣିମା ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ବିଶିଷ୍ଟ ଘୁମୁରା ଗୁରୁ ପବିତ୍ର ଗହୀରଙ୍କୁ କଳାଗୁରୁ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ ପ୍ରତିଭା ସୌରଭ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆଲୋକ କୁମାର ସାହୁ ସହାୟତା କରିଥିଲେ। ବିଶିଷ୍ଟ ନାଟ୍ୟକାର ଅଶୋକ ପାତ୍ର, ପ୍ରାନ୍ତ ମହାମନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା, ତାପସ ପଟେଲ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ବିଏଲ୍‌ଓ ସୁପରଭାଇଜରଙ୍କ ତାଲିମ ଶିବିର

ଥୁଆମୂଳ ରାମପୁର, ୧୦।୭ (ଦୁର୍ଗା କୀର୍ତ୍ତି): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଭାଗୃହଠାରେ ଗୁରୁବାର ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ (୭୭)ର ବିଏଲ୍‌ଓ ଓ ସୁଭରଭାଇଜରଙ୍କ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତନ୍ମୟ କୁମାର ଦରୱାନ, ବିଡିଓ ଧ୍ରୁବଚରଣ ମୁଦୁଲି, ଜିପିଡିଓ ତ୍ରିଲୋଚନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅଜିତ କୁମାର ନାୟକ ବିଏଲ୍‌ଓ ଓ ସୁପରଭାଇଜରଙ୍କୁ ସର୍ଭେଠାରୁ ଆରମ୍ଭ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଭୋଟର ତାଲିକା ପ୍ରସ୍ତୁତି ଆଦି ଉପରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ବ୍ଲକ୍‌ର ୫୦ ଜଣ ବିଏଲ୍‌ଓ ଓ ୭ ଜଣ ବିଏଲ୍‌ଓ ସୁପରଭାଇଜର ଅଂଶଗ୍ରହଣ କରିଥିଲେ।

ଡ୍ରାଇଭର ସଂଘ ଆନ୍ଦୋଳନ ୩ୟ ଦିନରେ

ଏମ୍. ରାମପୁର, ୧୦।୭ (ଶଶିଭୂଷଣ ପ୍ରହରାଜ)

୭ ଦଫା ଦାବି ନେଇ ଡ୍ରାଇଭର ସଂଘ ପକ୍ଷରୁ ଚାଲିଥିବା ଷ୍ଟିୟରିଂ ଛାଡ ଆନ୍ଦୋଳନ ଗୁରୁବାର ୩ୟ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନରେ କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ୍‌ର ଶତାଧିକ ଡ୍ରାଇଭର ସାମିଲ ହେଇଛନ୍ତି। ସେମାନେ ମ. ରାମପୁର ସହର ଦେଇ ଯାଇଥିବା ୫୯ନଂ. ଜାତୀୟ ରାଜପଥ, ୬ନଂ. (କ) ରାଜ୍ୟ ରାଜପଥ, ଏମ୍‌ଡିଆର୍ ସଂଯୋଗୀକରଣ ହୋଇଥିବା ଚାରିଛକଠାରେ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ ଉକ୍ତ ରାସ୍ତାରେ ଶତାଧିକ ଗାଡିମୋଟର ଅଟକି ରହିଛି। ଡ୍ରାଇଭର ସଂଘ ବ୍ଲକ୍ ସଭାପତି ବିଶ୍ୱରଞ୍ଜନ ମହାର, ସମ୍ପାଦକ ତରୁଣ ହାତୀଙ୍କ ନେତୃତ୍ୱରେ ଧାରଣା ଜାରି ରହିଛି। ପରିବହନ ବ୍ୟବସ୍ଥା ଠପ୍ ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଆନ୍ଦୋଳନରେ ସାମିଲ ଡ୍ରାଇଭରମାନେ।

ଅଭିଶପ୍ତ ଜୀବନ ବିତାଉଛନ୍ତି ୪ ଗାଁର ଅଧିବାସୀ

ନୂଆପଡ଼ା, ୧୦।୭ (ମକାରୁ ବେମାଲ)

ନାଳ ପାରି ହୋଇ ଛାତ୍ରୀଛାତ୍ର ସ୍କୁଲ ଯାଉଛନ୍ତି।

ନୂଆପଡ଼ା ସଦର ବ୍ଲକ ବୂଲାଭାଟ ପଞ୍ଚାୟତ ପଣ୍ଡରିପାଣି ଗାଁର ୪ ପଡ଼ା ଗାଁର ଅଧିବାସୀ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅଭିଶପ୍ତ ଜୀବନ ବିତାଉଛନ୍ତି। ସୂଚନା ଅନୁଯାୟୀ ଗୋନ୍ଦଲାବାହାରା, ଭାଲୁପାଣି, ବାଉଁଶଡୋଙ୍ଗରି ଓ ଚନ୍ଦାପଡା ଆଦି ପଡ଼ା ଗାଁରେ ଆଦିବାସୀ ସମ୍ପ୍ରଦାୟର ୨ଶହରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ନିକଟରେ ଆମ୍ବଝରନ ନାଳ ବହିଯାଇଥିବାରୁ ବର୍ଷା ଋତୁ ଆସିଲେ ଗ୍ରାମବାସୀଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ନାଳରେ ପୋଲ ନ ଥିବାରୁ ଗାଁ ଲୋକେ ବର୍ଷା ଦିନରେ ଜଳବନ୍ଦୀ ହୋଇ ରହିଥାନ୍ତି । ଭଲ ରାସ୍ତାଟିଏ ନ ଥିବାରୁ ଗାଁକୁ କୌଣସି ଗାଡି କିମ୍ବା ଆମ୍ବୁଲାନ୍ସ ଯାଇପାରେ ନାହିଁ। ଫଳରେ କୌଣସି ଲୋକ ରୋଗରେ ପଡିଲେ କିମ୍ବା ଗର୍ଭବତୀଙ୍କୁ ଖଟିଆରେ ବୋହି ନେବାକୁ ପଡେ। ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ କୋମଳମତି ଶିଶୁମାନେ ପୁଷ୍ଟିକର ଖାଦ୍ୟ ଓ ପ୍ରାକ୍ ଶିକ୍ଷାରୁ ବଞ୍ଚିତ ଅଛନ୍ତି । ପ୍ରାୟ ୫କି.ମି. ଦୂର ଗଙ୍ଗାଦିଗଡ ଗାଁରେ ଅଙ୍ଗନୱାଡି କେନ୍ଦ୍ର ରହିଥିଲେ ମଧ୍ୟ ଜଙ୍ଗଲିଆ ରାସ୍ତାରେ ଶିଶୁ ଯିବା ଅସମ୍ଭବ ହୋଇପଡୁଛି। ଏହି ୪ ଗାଁ ପାଇଁ ଗୋନ୍ଦଲାବାହାରାଠାରେ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଛି । ସେଥିରେ ଦୁଇ ଜଣ ଶିକ୍ଷକ ମଧ୍ୟ ନିଯୁକ୍ତ ହୋଇଛନ୍ତି । ଖରା ଓ ଶୀତ ଦିନରେ ପିଲା ଖୁସିରେ ସ୍କୁଲ ଯାଇ ଅଧ୍ୟୟନ କରି ଘରକୁ ଫେରନ୍ତି । ବର୍ଷା ଦିନ ହେଲେ ନାଳ ପାରି ହୋଇ ସ୍କୁଲ ଯିବା କଷ୍ଟକର ହେଉଥିବାରୁ ପାଠ ପଢା ବନ୍ଦ ହୋଇଯାଉଛି । ଜଳ ଯୋଗାଣ ବିଭାଗ ପକ୍ଷରୁ ଗାଁରେ ପାଇପ ଲାଇନ ବିଛାଯାଇ ଘରକୁ ସଂଯୋଗ ହୋଇଛି । ହେଲେ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇ ନାହିଁ କିମ୍ବା ପାଣି ଯାଉ ନାହିଁ। ଲୋକେ ନଈ, ନାଳ, ମୁଡା, ଖୋଲା କୂଅ ପାଣି ବ୍ୟବହାର କରି ନାନା ରୋଗରେ ପୀଡିତ ହେଉଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ମଧୁସୂଦନ ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ଗାଁଗୁଡିକୁ ଯାଇ ସମସ୍ୟା ବୁଝିଛି। ଉକ୍ତ ଗାଁ ଜଙ୍ଗଲ ବିଭାଗ ଅଞ୍ଚଳରେ ରହିଛି । ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ସହ ନାଳ ଉପରେ ବ୍ରିଜ ନିର୍ମାଣ କରାଯିବ ବୋଲି କହିଥିଲେ ।

୧୧୫ ବୋତଲ କଫ୍ ସିରପ ଜବତ, ଜଣେ ଗିରଫ

ବରଗଡ଼ (ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭଟଲି ଆୟଖିଆ ବନ୍ଧ ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ାଉ କରି ୧୧୫ ବୋତଲ କଫ୍ ସିରପ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭଯୋଗରେ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଗିରଫ ଯୁବକ ଜଣକ ହେଲେ ସଚିନ ପାତିକାର (୨୧)। ଏ ନେଇ ଅବକାରୀ ବିଭାଗ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ୟୁରିଆ, ଡିଏପି ସାର କଳାବଜାର

ବରଗଡ଼,୧୦।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ କଳାପାଣି ଅଞ୍ଚଳରେ ଜଣେ ଚାଷୀ ଜମିରେ ସାର ପ୍ରୟୋଗ କରୁଛନ୍ତି।

ବରଗଡ଼ ଜିଲାରେ କୃଷି ଓ କୃଷକଙ୍କ ସମସ୍ୟା ଅସମାହିତ ରହିଛି। ନିକଟରେ ରବିଧାନ ବିକ୍ରି ନେଇ ଜିଲାର ଚାଷୀମାନଙ୍କୁ ଖୁବ୍ ହଟହଟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଅନ୍ୟପଟେ ଏବେ ଖରିଫ୍ ଚାଷକାର୍ଯ୍ୟ ଆରମ୍ଭରୁ ଚାଷୀଙ୍କୁ ସାର ଅଭାବ ସମସ୍ୟା ଉପୁଜିଛି। ବର୍ତ୍ତମାନ ଚାଷୀଙ୍କୁ ୟୁରିଆ ଏବଂ ଡିଏପି ସାରର ଆବଶ୍ୟକତା ଥିବାବେଳେ ତାହା ସେମାନଙ୍କୁ ଠିକ୍‌ଭାବେ ମିଳି ପାରୁ ନାହିଁ। ଫଳରେ ଚାଷୀମାନେ ସେହି ସାର କିଣିବାରେ କଳାବଜାରର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଚାଷକାର୍ଯ୍ୟ ଆରମ୍ଭରୁ ଏଭଳି ସାର ଅଭାବ ଏବଂ ସାର କଳାବଜାରକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି। ଜିଲାରେ ଏବେ ଖରିଫ୍ ଚାଷକାର୍ଯ୍ୟ ଜୋର୍ ଧରିଛି। ଅନେକ ସ୍ଥାନରେ ଚାଷୀମାନେ ଧାନ ବୁଣାବୁଣି ଆରମ୍ଭ କରିଦେଇ ଥିବାବେଳେ କେତେକ ସ୍ଥାନରେ ଧାନପହ୍ଲା ରୁଆ ମଧ୍ୟ ସରିଯାଇଛି। ଏଭଳି ସ୍ଥଳେ ଚାଷୀଙ୍କୁ ଡିଏପି ଏବଂ ୟୁରିଆ ସାର ଯଥେଷ୍ଟ ଆବଶ୍ୟକ ଥିବାବେଳେ ତାହା ସେମାନଙ୍କୁ ପର୍ଯ୍ୟାପ୍ତ ମିଳି ପାରୁ ନଥିବା ଅଭିଯୋଗ ହେଉଛି।

ସରକାରୀ ଧାର୍ଯ୍ୟଦରରେ ସାର ବିକ୍ରିପାଇଁ ଜିଲାରେ ଲାଇସେନ୍ସପ୍ରାପ୍ତ ରିଟେଲର୍, ହୋଲସେଲର ଏବଂ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି। ଚଳିତ ଖରିଫ୍‌ରେ ଜିଲାରେ ୩ଲକ୍ଷ ୪୨ହଜାର ୨୩୦ହେକ୍ଟର ଜମିରେ ଚାଷକାର୍ଯ୍ୟ ଲକ୍ଷ୍ୟ ରହିଛି। ଏହି କ୍ରମରେ ୟୁରିଆ ୩୩ହଜାର ୮୦୦, ଡିଏପି ୧୭ହଜାର, ଏମ୍‌ଓପି ୪ହଜାର, ଏଏସ୍‌ପି ୫୦୦, କମ୍ପ୍ଲେକ୍ସ(୨୦-୨୦-୦-୧୩) ୧୧ହଜାର, କମ୍ପ୍ଲେକ୍ସ(୨୮-୨୮-୦), ୮୯୫୦, କମ୍ପ୍ଲେକ୍ସ(୧୦-୨୬-୨୬) ୫, କମ୍ପ୍ଲେକ୍ସେସ୍(୧୬-୧୬-୧୬) ୧୩୨୫, କମ୍ପ୍ଲେକ୍ସେସ(୧୪-୩୫-୧୪) ୨୦ମେଟ୍ରିକ ଟନ୍ ଫସଲରେ ପ୍ରୟୋଗ ଲକ୍ଷ୍ୟ ରହିଛି। ମାତ୍ର ଆବଶ୍ୟକତାଠାରୁ ଯଥେଷ୍ଟ ୟୁରିଆ ଏବଂ ଡିଏପି ସାର ବରଗଡ଼ ଜିଲାକୁ ଆସିଛି ଏବଂ କେତେକ ମୁନାଫାଖୋର ବ୍ୟବସାୟୀ ଏହାର ଫାଇଦା ଉଠାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ସରକାରୀ ଧାର୍ଯ୍ୟଦର ମୁତାବକ ୟୁରିଆ ସାର ପକେଟ୍(୪୫କି.ଗ୍ରା) ପ୍ରତି ୨୬୬ଟଙ୍କା ୫୦ପଇସା ରହିଛି। ମାତ୍ର ଏହାକୁ ଚଢ଼ାଦର ଅର୍ଥାତ୍ ୩୫୦ ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ଜଣେ ଚାଷୀ ୨ପକେଟ୍ ୟୁରିଆ ସାର କିଣିଲେ, ତାଙ୍କୁ ନାନୋ ୟୁରିଆ ବୋତଲ ନେବାକୁ ବାଧ କରାଯାଉଛି। ଫଳରେ ସେମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ସେହିପରି ଡିଏପି ସାରକୁ ମଧ୍ୟ ଅନୁରୂପଭାବେ ଚଢ଼ାଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ସରକାରୀ ଧାର୍ଯ୍ୟଦର ମୁତାବକ ଡିଏପି ସାର ପକେଟ୍(୫୦କି.ଗ୍ରା) ପ୍ରତି ୧୩୫୦ଟଙ୍କା ଅଟେ। କିନ୍ତୁ ଏହି ସାରକୁ ମଧ୍ୟ ଲାଇସେନ୍ସପ୍ରାପ୍ତ ରିଟେଲର, ହୋଲସେଲରମାନେ ଚଢ଼ାଦରରେ ଅର୍ଥାତ୍ ୧୫୫୦ଟଙ୍କାରୁ ୧୭୦୦ଟଙ୍କାରେ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଏଭଳି ସ୍ଥଳେ ପ୍ରାଥମିକ କୃଷି ସମବାୟ ସମିତି ଗୁଡ଼ିକୁ ଗଲେ ସେଠାରେ ସାର ନଥିବା ନେଇ ବିଭାଗୀୟ କର୍ମଚାରୀମାନେ କହୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବରଗଡ଼ ବ୍ଲକ କଳାପାଣି ଗ୍ରାମର ଚାଷୀନେତା ସୁରେଶ ନେକାଣ୍ଟି କହିଛନ୍ତି, ଚାଷକାର୍ଯ୍ୟର ପ୍ରାଥମିକ ପର୍ଯ୍ୟାୟରେ ଡିଏପି ଏବଂ ୟୁରିଆ ସାର ପ୍ରୟୋଗର ଯଥେଷ୍ଟ ଆବଶ୍ୟକ ପଡ଼ିଥାଏ। କିନ୍ତୁ ବର୍ତ୍ତମାନ ଏହି ସାର ପାକ୍ସ ଗୁଡ଼ିକରେ ପର୍ଯ୍ୟାପ୍ତଭାବେ ଉପଲବ୍ଧ ହେଉ ନାହିଁ। ଅପରପକ୍ଷେ କେତେକ ରିଟେଲର ଏହାର କଳାବଜାର କରୁଥିବାବେଳେ ସେଥିପ୍ରତି କୃଷିବିଭାଗ ନୀରବଦ୍ରଷ୍ଟା ସାଜିବା ଦୁର୍ଭାଗ୍ୟଜନକ ଅଟେ। ସେଭଳି ରିଟେଲରମାନଙ୍କୁ କଳା ତାଲିକାଭୁକ୍ତ କରିବା ସହିତ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ନେକାଣ୍ଟି ଦାବି କରିଛନ୍ତି। ସେହିପରି ଚାଷୀ ସଙ୍ଗଠନ ଜୟ କିସାନ ଆନ୍ଦୋଳନର ସମ୍ପାଦକ ହର ବଣିଆଁ କହିଛନ୍ତି, ଏବେ ଚାଷୀମାନେ ୟୁରିଆ ଓ ଡିଏପି ସାର ବ୍ୟବହାର କରନ୍ତି। କିନ୍ତୁ ତାହା କଳାବଜାରରେ ବିକ୍ରି ହେଉଛି। ଚାଷୀ ଧାନବିକ୍ରି ସମୟରେ ସରକାରଙ୍କ ନିର୍ଦ୍ଧାରୀତ ସର୍ବନିମ୍ନ ସହାୟକ ମୂଲ୍ୟ ପାଉ ନାହିଁ। ଅନ୍ୟପଟେ ଚାଷ ପାଇଁ ସାର କିଣିବାବେଳେ ଚାଷୀଙ୍କୁ ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଦେବାକୁ ପଡୁଛି। ଏହାସତ୍ତ୍ୱେ ସରକାର ଏବଂ ସ୍ଥାନୀୟ ଜନ ପ୍ରତିନିଧି ଆଖିବୁଜି ଦେବା ବିଡ଼ମ୍ବନାର ବିଷୟ। ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଚାଷୀମାନେ ଯେଭଳି ସରକାରୀ ନିର୍ଦ୍ଧାରୀତ ମୂଲ୍ୟରେ ଆବଶ୍ୟକମତେ ସାର ପାଇବେ, ସେଥିପ୍ରତି ତ୍ୱରିତ୍ ପଦକ୍ଷେପ ନେବାର ଯଥେଷ୍ଟ ଆବଶ୍ୟକତା ରହିଛି। ତେବେ ଏ ସମ୍ପର୍କରେ ମୁଖ୍ୟ ଜିଲା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କୁ ପଚାରିବାରୁ ସାର କଳାବଜାର ନେଇ ତାଙ୍କ ପାଖକୁ ଅଭିଯୋଗ ପହଞ୍ଚି ନାହିଁ। ସେଭଳି ଅଭିଯୋଗ ପାଇଁ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ଲୁହୁରାକୋଟ-ଲହଣ୍ଡିପୁର ରାସ୍ତା ଶୋଚନୀୟ

ପଦ୍ମପୁର, ୧୦।୭ (ପ୍ରଦୀପ୍ତ ଦାଶ)

ଲୁହୁରାକୋଟ-ଲହଣ୍ଡିପୁର ରାସ୍ତା।

ପଦ୍ମପୁର ଉପଖଣ୍ଡ ଚର୍ଦାପାଲି ଗ୍ରାମପଞ୍ଚାୟତ ଲଖମରାଠାରେ ଅଙ୍ଗନଦୀରେ ପୋଲ ନିର୍ମାଣ ପରେ ଅଞ୍ଚଳବାସୀଙ୍କ ଦୁଃଖ ଦୂର ହେବ ବୋଲି ସମସ୍ତେ ଖୁସିରେ ଥିଲେ। କିନ୍ତୁ ପୋଲଠାରୁ ଲୁହୁରାକୋଟ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ଉପରେ ମେଟାଲ କାମ ସରିଯାଇଛି। ତା' ଉପରେ ମୋରମ ବିଛାଇ ପାଣି ନ ଦେବାରୁ ମୋରମ ଉଠିଯାଇଥିଲା। ରାସ୍ତା ଉପରେ ନିମ୍ନମାନର ମୋରମ ଥିବାରୁ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ଯାତାୟାତ କରିବା ବିପଦପୂର୍ଣ୍ଣ ହୋଇଛି। ପ୍ରତିଦିନ ବାଇକ୍‌ଗୁଡିକ ଦୁର୍ଘଟଣାଗ୍ରସ୍ତ ହେଉଛି। ଖାଲି ପାଦରେ ଚାଲିବା ଦ୍ୱାରା ଲୋକେ ଖସି ଯାଉଛନ୍ତି। ବର୍ଷା ପୂର୍ବରୁ ସଂପୃକ୍ତ ଠିକାଦାରଙ୍କୁ ପିଚୁ କାମ ସାରିଦେବାକୁ ବାରମ୍ବାର ଅନୁରୋଧ କରାଯାଇଥିଲେ ସୁଦ୍ଧା କାମ ଅସମ୍ପୂର୍ଣ୍ଣ ରହିଛି। ତେଣୁ ଲୁହୁରାକୋଟ, ଲହଣ୍ଡିପୁର ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ଛାତ୍ରୀଛାତ୍ରମାନେ ପ୍ରତିଦିନ ଯାତାୟାତ କରିବାକୁ ବାଧ ହେଉଛନ୍ତି ଏବଂ କଷ୍ଟ ସହୁଛନ୍ତି।

ବରଗଡ଼ ତହସିଲଦାର ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ବନ୍ୟା ପ୍ରପୀଡ଼ିତଙ୍କୁ ଜରୁରୀ ସହାୟତା ଦାବି

ବରଗଡ଼, ୧୦।୭(ପ୍ରେମାନନ୍ଦ ଖମାରୀ)

ମୌସୁମୀ ଜନିତ ଲଗାଣ ବର୍ଷା କାରଣରୁ ଜୀରାନଦୀ ବନ୍ୟାଜଳ ଦ୍ୱାରା ପ୍ରଭାବିତ ପରିବାରଙ୍କୁ ତୁରନ୍ତ ଆବଶ୍ୟକ ଜରୁରୀ ସହାୟତା ପ୍ରଦାନ କରାଯିବାକୁ ଗୁରୁବାର ବରଗଡ଼ ମହିଳା ସମିତି ଜିଲା ପ୍ରଶାସନକୁ ଫେରାଦ ହୋଇଛି । ସମିତିର ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ସୋନାଲି ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେଥିରେ ସମିତି ପକ୍ଷରୁ ବରଗଡ଼ ୱାର୍ଡ଼ - ୧ ଜୀରା କଲୋନୀରେ ରିଲିଫ ବଣ୍ଟନ ସମୟରେ ବନ୍ୟା ପ୍ରଭାବିତ ଗଣ ଦର୍ଶାଇଥିବା ତାଙ୍କ ଜରୁରୀ ଆବଶ୍ୟକତା ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି। ମୁଖ୍ୟତଃ, ଏହି ଦୁଃସ୍ଥିତି ଲାଗି ରହିଥିବା ଯାଏଁ ରନ୍ଧା ଓ ଶୁଖିଲା ଖାଦ୍ୟ ବ୍ୟବସ୍ଥା, ଚାଳଘର ଛାଉଣୀ ପାଇଁ ମୋଟା ଜରି, ବନ୍ୟା ଜଳରେ ଭାସି ଆସୁଥିବା ବିଷାକ୍ତ ଜୀବ ଭୟରୁ ରକ୍ଷା ପାଇଁ ରାତ୍ରି ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଆଲୁଅ ବ୍ୟବସ୍ଥା, ନିୟମିତ ସ୍ୱାସ୍ଥ୍ୟ ସେବା ଓ ପରିବେଶ ସ୍ୱଚ୍ଛତା, ଅନେକେ ବସ୍ତ୍ର ଅଭାବରୁ ଓଦା ବସ୍ତ୍ର ପରିଧାନ କରିବାକୁ ବାଧ ହେଉଥିବାରୁ ବସ୍ତ୍ର ବ୍ୟବସ୍ଥା ଓ ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶାରୀ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି। ତାଙ୍କ ପକ୍ଷରେ ଯାହା ସମ୍ଭବ ତୁରନ୍ତ ବ୍ୟବସ୍ଥା କରିବେ ଏବଂ ସମିତିର ପ୍ରସ୍ତାବକୁ ଜିଲାପାଳଙ୍କ ପାଖକୁ ପଠାଇଦେବେ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ମହିଳା ସମିତିର ସଭାନେତ୍ରୀ ଅଞ୍ଜନା ଦାସଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ ମମତା ମିଶ୍ର, ଜୟଗୀତା ପଣ୍ଡା, ମନ୍ଦାକିନୀ ପତି, ଜୟନ୍ତୀ ପ୍ରଧାନ ଓ ବାସନ୍ତୀ ଗଡତିଆ ସାମିଲ ଥିଲେ।

ନିଶାସକ୍ତ ଯୁବକଙ୍କ ଛୁରାମାଡ଼ରେ ଜଣେ ଆହତ

ବରଗଡ଼,୧୦।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ସମେତ ଜିଲାରେ ନିଶା କାରବାର ବଢ଼ି ଚାଲିଛି। ନିଶାଖୋର୍ ଲୋକେ ମାରପିଟ୍‌ଠାରୁ ଆରମ୍ଭ କରି ହତ୍ୟାକାଣ୍ଡ ଭଳି ଅପରାଧ ଘଟାଉଥିବା ନଜିର ରହିଛି। ଗୁରୁବାର ସନ୍ଧ୍ୟାରେ ବରଗଡ଼ ସହରସ୍ଥିତ ହାଟପଦା ଶିବ ମନ୍ଦିର ନିକଟରେ ଏଭଳି ଏକ ଘଟଣା ଘଟିଛି। ନିଶାସକ୍ତ ଯୁବକଙ୍କ ଛୁରାମାଡ଼ରେ ସ୍ଥାନୀୟ ୱାର୍ଡ ନଂ.-୩ ରାଧାକୃଷ୍ଣ ମନ୍ଦିର ନିକଟରେ ରହୁଥିବା ବିଜୟ ଅଗ୍ରୱାଲ ଆହତ ହୋଇଛନ୍ତି। ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ଚିକିତ୍ସିତ ହେବା ସହିତ ସ୍ଥାନୀୟ ଟାଉନ ଥାନାରେ ଆକ୍ରମଣ ଘଟଣା ନେଇ ଏତଲା ଦେଇଛନ୍ତି। ସେହିପରି ସ୍ଥାନୀୟ ସଚେତନ ନାଗରିକବୃନ୍ଦ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କୁ ଭେଟି ସହର ମଧ୍ୟରେ ଚାଲିଥିବା ନିଶା କାରବାର ବନ୍ଦ କରିବା ସହିତ ଆହତ ବିଜୟଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ।

ସୂଚନା ଅନୁଯାୟୀ, ବିଜୟ ହାଟପଦାସ୍ଥିତ ଶିବ ମନ୍ଦିରକୁ ଯାଉଥିଲେ। ସେହି ସମୟରେ ଶିବ ମନ୍ଦିର ଉପରେ ଅଭିଯୁକ୍ତମାନେ ନିଶାସକ୍ତ ଅବସ୍ଥାରେ ଥିବା ସେ ଦେଖିବାକୁ ପାଇଥିଲେ ଏବଂ ମନ୍ଦିରରୁ ଓହ୍ଲାଇବାକୁ କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଯୁବକମାନେ ପାଖରେ ରଖିଥିବା ଛୁରିରେ ତାଙ୍କୁ ଆକ୍ରମଣ କରି ପଳାଇଥିଲେ। ଫଳରେ ବିଜୟ ଆହତ ହୋଇଥିଲେ। ସହର ମଧ୍ୟରେ ନିଶା କାରବାରରୁ ଏଭଳି ଅପରାଧକୁ ନେଇ ସହରବାସୀ ନିଜକୁ ସୁରକ୍ଷିତ ମଣୁ ନ ଥିବାବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଥିପ୍ରତି ପୋଲିସ, ଅବକାରୀ ବିଭାଗ ହାତ ବାନ୍ଧିବସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

କାର୍ଯ୍ୟାନୁଷ୍ଠାନ ଦାବିରେ ସଚେତନ ନାଗରିକ ଏସ୍‌ଡିପିଓଙ୍କୁ ଭେଟୁଛନ୍ତି।

ଉଚ୍ଚ ଶିକ୍ଷା ପାଇଁ ୪ ମେଧାବୀଙ୍କୁ ସହାୟତା

ଅତାବିରା, ୧୦।୭(ଯୁଧିଷ୍ଠିର ମହାପାତ୍ର)

ଉଚ୍ଚ ଶିକ୍ଷା ପାଇଁ ନାମଲେଖା ଦେୟ ଜମା କରି ସମ୍ପୃକ୍ତ ଛାତ୍ରୀଛାତ୍ର ଓ ତାଙ୍କ ଅଭିଭାବକଙ୍କ ସହ ଦୀପକ।

ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦର ଏକ ନମ୍ବର ୱାର୍ଡର କାଉନସିଲର ଦୀପକ ରାୟ ଗୁରୁବାର ୪ ଜଣ ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କ ଉଚ୍ଚ ଶିକ୍ଷା ପାଇଁ ନାମଲେଖା ଦେୟ ଜମା କରି ସହାୟତାର ହାତ ବଢ଼ାଇଛନ୍ତି।

ଅତାବିରା ଏନ୍‌ଏସି ଅନ୍ତର୍ଗତ କାଣ୍ଡପାଲି ୧୨ ନମ୍ବର ୱାର୍ଡର ମାମୀ କାଣ୍ଡ, ଅତାବିରା ବ୍ଲକ ଲଚିଦା ଗ୍ରାମର ସସ୍ମିତା ସାହୁଙ୍କ ଅତାବିରା କଲେଜରେ ଏବଂ ଅତାବିରା ବସ୍ତି ୬ ନମ୍ବର ୱାର୍ଡର ସସ୍ମିତା ପାଶାୟତ ଓ ରେଙ୍ଗାଲିକେମ୍ପ ଗ୍ରାମର ପ୍ରେମ କୁମ୍ଭାରଙ୍କ ଗୋଡ଼ଭଗା ସାରସ୍ୱତ କଲେଜରେ ଯୁକ୍ତ ୨ରେ ନାମଲେଖା ଦେୟ ଦେଇ ସହାୟତା କରିଥିଲେ ଦୀପକ। ଏହି ସମୟରେ ସତୀଶ ଦାଶ, ନିକୁ ପ୍ରଧାନ, ପ୍ରତୀକ ସ୍ୱାଇଁ, ଆଲୋକ ମେହେର, ରୋଶନ ନାୟକ, ସାଗର ପାଣ୍ଡେ, ଜି.ରବି, ଅଂଶୁମାନ ପୋଡ଼, ମହାଭାଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସସ୍ମିତା ପଶାୟତଙ୍କ ବାପା ସ୍ୱର୍ଗବାସୀ ହୋଇଛନ୍ତି । ପ୍ରେମ କୁମ୍ଭାରଙ୍କ ବାପା ଦେବାହାଲରେ ଏକ ଛୋଟ ପାନ ଦୋକାନ ଦେଇ ପରିବାର ପ୍ରତିପୋଷଣ କରୁଛନ୍ତି । ସେହିପରି ସସ୍ମିତା ସାହୁଙ୍କ ମା'ବାପା ଉଭୟେ ସ୍ୱାସ୍ଥ୍ୟଗତ କାରଣରୁ ଶଯ୍ୟାଶାୟୀ ଥିବା ବେଳେ ମାମୀ କାଣ୍ଡଙ୍କ ବାପା ମଧ୍ୟ ଅନୁରୂପ ଭାବେ ଶଯ୍ୟାଶାୟୀ ଅଛନ୍ତି । ଏହି ଛାତ୍ରୀଛାତ୍ରମାନେ ଆଗକୁ ପାଠ ପଢ଼ିବା ପାଇଁ ସଂକଳ୍ପ ବଦ୍ଧ ଥିଲେ ହେଲେ ନାମଲେଖାଇବାକୁ ଅର୍ଥ ବାଧକ ସାଜିଥିଲା। ଖବର ପାଇ ଦୀପକ ସେମାନଙ୍କ ନାମଲେଖା ଖର୍ଚ୍ଚ ନିଜେ ଉଠାଇବେ ବୋଲି କହି ଗୁରୁବାର ସହାୟତାର ହାତ ବାଢ଼ିଛନ୍ତି । ଦୀପକଙ୍କ ସମାଜସେବା କ୍ଷେତ୍ରରେ ଏଭଳି ଅବଦାନ ରହିବ ବୋଲି ଏବେ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏଭଳି ମହନୀୟତା ପାଇଁ ଦୀପକଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଗାଇସିଲେଟ,୧୦।୭
(ଦୁର୍ଗା ପ୍ରସାଦ ତ୍ରିବେଦୀ)

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କୁବେର ଚନ୍ଦ୍ର ମହନ୍ତ ଗୁରୁବାର ଗାଇସିଲଟ ବ୍ଲକ ତାଲପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ରକ୍ତଦାନ ଶିବିର ବୁଲି ଦେଖିଥିଲେ। ଶିବିରରେ ୨୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଏହା ସହିତ ବିଭିନ୍ନ ଗ୍ରାମରୁ ଆସିଥିବା ଗର୍ଭବତୀ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଯୋଜନା ଅନ୍ତର୍ଗତ ପରୀକ୍ଷା ଓ ଔଷଧ ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭାବ ଥିବା ଏକ ସିବିସି ମେଶିନ, ଇଲେକ୍ଟ୍ରୋଲାଇଟ ମେଶିନର ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମତ ରଖିଥିଲେ। ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଲି ପଡ଼ିଥିବା ପଦବୀ ଓ ପରିଚାଳିତ ହେଉ ନ ଥିବା ଆୟୁର୍ବେଦିକ ୟୁନିଟ ସମ୍ପର୍କରେ ଆଲୋଚନା କରିଥିଲେ। ଅଗଷ୍ଟ ମାସ ୧୫ ତାରିଖ ସୁଦ୍ଧା ଖାଲି ପଡ଼ିଥିବା ପଦବୀ ପୂରଣ କରାଯିବ ବୋଲି ସେ କହିଥିଲେ। ଫାର୍ମାସିଷ୍ଟ ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ସୁମିତ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ସଭାରେ ବିଭିନ୍ନ ଦିଗରେ ସମର୍ପିତ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟର ବ୍ଲଡବ୍ୟାଙ୍କର ମୁଖ୍ୟ ସଂଗ୍ରାମ କେଶରୀ ମହନ୍ତ ଓ ଅନ୍ୟାନ୍ୟ କର୍ମଚାରୀ ରକ୍ତ ସଂଗ୍ରହରେ ସହାୟତା କରିଥିଲେ।

ଶ୍ରୀଗୁରୁ ପୂର୍ଣ୍ଣିମା ଉତ୍ସବ

ଅତାବିରା,୧୦।୭(ଯୁଧିଷ୍ଠିର ମହାପାତ୍ର)

ଆଷାଢ଼ ପୂର୍ଣ୍ଣିମା ଗୁରୁବାର ଅତାବିରା ଥାନା ଅନ୍ତର୍ଗତ ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ 'ଶ୍ରୀଗୁରୁ ପୂର୍ଣ୍ଣିମା ଉତ୍ସବ' ପାଳିତ ହୋଇଯାଇଛି। ଏହି ଶିଶୁ ବାଟିକା ପ୍ରମୁଖ ସୁଶ୍ରୀ କୁନ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତଙ୍କ ଶୁଭ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ଶ୍ରୀଗୁରୁ ପୂର୍ଣ୍ଣିମା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୁରୁଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶିଶୁମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ କାଳୀଚରଣ ହୋତା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଶ୍ରୀଗୁରୁଙ୍କ ଗୁଣଗାନ କରି ଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରିଥିଲେ। ତାପସ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାର୍ଗବୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

ବାଞ୍ଜିପାଲି ଅଙ୍ଗନୱାଡ଼ି କେନ୍ଦ୍ରରେ ପାଣି

ଅତାବିରା,୧୦।୭(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଅଙ୍ଗନୱାଡ଼ି କେନ୍ଦ୍ରଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ବର୍ଷାରେ କୋଠା ଭିତରେ ପାଣି ଗଳୁଛି। ଏପରି କି ପ୍ରବଳ ବର୍ଷାରେ ଛାତରୁ ପାଣି ଗଳି କୋଠା ଭିତରେ ଆଣ୍ଠୁଏ ପାଣି ଜମି ରହୁଛି। ଫଳରେ କୁନି କୁନି ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବହୁ ଅସୁବିଧା ହେଉଛି। ଏହି କୋଠା ମରାମତି କରିବା ପାଇଁ ବାରମ୍ବାର ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଚିନ୍ତାକରି ଶୀଘ୍ର କୋଠା ମରାମତି କରିବାକୁ ଦାବି ହେଉଛି।

ଆବର୍ଜନାରେ ଭରିରହିଛି ଅତାବିରା

ଅସ୍ୱାସ୍ଥ୍ୟକର ପରିବେଶ ବଢ଼ାଉଛି ଚିନ୍ତା

ଅତାବିରା,୧୦।୭(ଯୁଧିଷ୍ଠିର ମହାପାତ୍ର)

ରାସ୍ତା କଡ଼ରେ ଥିବା ଆବର୍ଜନା କୁଣ୍ଡ ଭର୍ତ୍ତି ହୋଇ ପଡ଼ି ରହିଛି।

ପରିମଳ ଏବଂ ଆବର୍ଜନା କୁଣ୍ଡରେ ପରିପୂର୍ଣ୍ଣ ଅତାବିରା ଏନ୍‌ଏସି। ଯେଉଁଆଡ଼େ ଦେଖିବେ ମଇଳା ପଡ଼ିରହିଛି। ଏପରିକି ଜାତୀୟ ରାଜପଥ ପାର୍ଶ୍ୱରେ ମଧ୍ୟ ଆବର୍ଜନା ପଡ଼ି ରହିଛି। ଆବର୍ଜନା ସଫା ହେଉନଥିବା ନେଇ ପୂର୍ବରୁ ଅନେକ ଥର ଜନସାଧାରଣ ଅଭିଯୋଗ କରିଆସୁଛନ୍ତି। ଏନ୍‌ଏସି ସଭାରେ ମଧ୍ୟ ଅନେକ ଥର ଆବର୍ଜନା ସମ୍ପର୍କରେ ଆଲୋଚନା ହେଉଛି। ପରିଚାଳନାଗତ ତ୍ରୁଟି ଯୋଗୁ ଏ ସମସ୍ୟା ଲାଗି ରହିଥିବା ଅନେକ ୱାର୍ଡ ସଭ୍ୟାସଭ୍ୟ ସଭାରେ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଆବର୍ଜନା ସଫା କରାଗଲା ନାହିଁ। ବିଭିନ୍ନ ଛକଗୁଡ଼ିକରେ ଆବର୍ଜନା ପଡ଼ିରହିବା ଦ୍ୱାରା ଅତାବିରା ଏନ୍‌ଏସିର ଅପାରଗତାକୁ ସୂଚିତ କରୁଛି। ଆବର୍ଜନା ଅନେକ ଦିନ ଧରି ପଡ଼ିରହିଲେ ଜନସାଧାରଣ ସେଥିରେ ନିଆଁ ଲଗାଇ ଦେଉଛନ୍ତି। ଫଳରେ ପରିବେଶ ଦୂଷିତ ହେଉଛି। ଏନ୍‌ଏସି ଗଠନ ଦିନଠାରୁ ଅତାବିରାରେ ପରିମଳ, ଜଳ ନିଷ୍କାସନ ବ୍ୟବସ୍ଥା ସୁଧୁରି ପାରିନାହିଁ। ସ୍ୱଚ୍ଛତା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ମାତ୍ର ଅତାବିରା ଏନ୍‌ଏସି ଅପରିଷ୍କାର ହୋଇ ପଡିରହିଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଅନ୍ୟପଟେ ଅତାବିରା ବ୍ଲକ ହିର୍ଲିପାଲି ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ତେଣୁ ଉକ୍ତ ସମସ୍ୟା ସମାଧାନ କରିବାକୁ ଦାବି ହେଉଛି। ଏ ନେଇ ଅତାବିରା ଏନ୍‌ଏସି ନିର୍ବାହୀ ଅଧିକାରୀ ଅତିରିକ୍ତ ଦାୟିତ୍ୱରେ ଥିବା ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିପୁନାଥ ସୁନାଙ୍କୁ ମୋବାଇଲ ନମ୍ବର (୯୬୬୮୪୦୦୪୫୦)ରେ ଯୋଗାଯୋଗ କରିଥିଲେ ମଧ୍ୟ ଫୋନ ଉଠାଉ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ନିଆଯାଇପାରି ନାହିଁ ।

ଗୁରୁପୂର୍ଣ୍ଣିମାରେ ସଂକୀର୍ତ୍ତନ ସଂସ୍କୃତି ଜାଗରଣକୁ ଗୁରୁତ୍ୱ

ବରଗଡ଼,୧୦।୭(ପ୍ରେମାନନ୍ଦ ଖମାରୀ)

କାର୍ଯ୍ୟକ୍ରମରେ ଉପସ୍ଥିତ ସଂକୀର୍ତ୍ତନ କଳାକାରବୃନ୍ଦ।

ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଗୁରୁବାର ଭଟଲିଠାରେ ପବିତ୍ର ଗୁରୁ ପୂର୍ଣ୍ଣିମା ଓ ମହର୍ଷି ବ୍ୟାସଦେବ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷ ପ୍ରମୋଦ ଦାଶ ଓ ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭଟଲି ଶ୍ରୀ ଶ୍ରୀ ଦଧିବାମନ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ସଂକୀର୍ତ୍ତନ ସଂସ୍କୃତି ଜାଗରଣ ପାଇଁ ଏକ ବିରାଟ ଶୋଭାଯାତ୍ରା ଶ୍ରୀ ଶ୍ୟାମ ମନ୍ଦିର ହୋଇ କୁଶମପୁରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସଂକୀର୍ତ୍ତନ ଗାୟକ ଓ ମୃଦଙ୍ଗ ବାଦକ ଗୁରୁମାନଙ୍କୁ ଫୁଲ ଚନ୍ଦନ ଓ ନାମାବଳୀ ଦେଇ ପୂଜା ଅର୍ଚ୍ଚନା କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ପରିଷଦର ଅଧ୍ୟକ୍ଷ ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତା ଓ ପଣ୍ଡିତ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି କବି ଦେବେନ୍ଦ୍ର ସାହୁ, ସମ୍ପାଦକ ପଣ୍ଡିତ ଜୟଦେବ ପଣ୍ଡା ଉପସ୍ଥିତ ରହି ପରିଷଦର ଆଭିମୁଖ୍ୟ ଉପସ୍ଥାପନ କରି ଗୁରୁ ପରମ୍ପରା ଓ ଭାରତୀୟ ସଂସ୍କୃତର ମୂଳାଧାର ସଂକୀର୍ତ୍ତନ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ସାମାଜିକ କର୍ମୀ ବଜରଙ୍ଗ ଅଗ୍ରୱାଲ, ପରିଷଦର ଆଜୀବନ ସଦସ୍ୟ ଅର୍ଜୁନ ସେଟ, ଉପଦେଷ୍ଟା ଲଳିତ ମୋହନ ପଣ୍ଡା, ପଞ୍ଚାନନ ବାଗ, ଭରତ ପ୍ରଧାନ, ଗୁରୁ ସୁଶିଲ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ସଂକୀର୍ତ୍ତନରେ ପୂଜ୍ୟପୂଜା ସଂସ୍କୃତି ଓ ମହର୍ଷି ବ୍ୟାସଦେବଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂକୀର୍ତ୍ତନ ସଂସ୍କୃତି ସୁରକ୍ଷା ପାଇଁ କାର୍ଯ୍ୟ କରି ଆସୁଥିବା ଜିଲାର ଶତାଧିକ ଗାୟକ ଓ ମୃଦଙ୍ଗ ବାଦକଙ୍କୁ ପରିଷଦ ତରଫରୁ ମାନପତ୍ର ପ୍ରଦାନ କରାଯାଇ ଥିବା ବେଳେ ଉପସ୍ଥିତ ୫୦୦ରୁ ଅଧିକ ସଂକୀର୍ତ୍ତନ କଳାକାରଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସଂକୀର୍ତ୍ତନ ସଂସ୍କୃତି ସୁରକ୍ଷା ପାଇଁ ବିଶିଷ୍ଟ ଧର୍ମ ସଂରକ୍ଷକ ପ୍ରଦୀପ ପଟ୍ଟନାୟକ, ବିନୋଦ ଅଗ୍ରୱାଲ, ପବନ ଅଗ୍ରୱାଲ, ବଜରଙ୍ଗ ଅଗ୍ରୱାଲ ପ୍ରମୁଖ ଆର୍ଥିକ ସହଯୋଗ କରିଥିବାରୁ କୃତଜ୍ଞତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ କରିଥିଲେ।

ଡିଏଭି ସ୍କୁଲରେ ବନ ମହୋତ୍ସବ ପାଳିତ

ରାଉରକେଲା,୧୦।୭(ଦିନେଶ ମିଶ୍ର)

ବାସନ୍ତୀ କଲୋନି ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲରେ ଗୁରୁବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ରାଉରକେଲା ବନ ଅଧିକାରୀ ଯଶୋବନ୍ତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବୃକ୍ଷଲତା ଆମ ସମାଜ ପାଇଁ ବରଦାନ। ବୃକ୍ଷଲତା ବାୟୁମଣ୍ଡଳରେ ଅମ୍ଳଜାନ, ମୃତ୍ତିକା ସଂରକ୍ଷଣ ଓ ବର୍ଷାରେ ସହାୟକ ହୋଇଥାଏ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ପାନପୋଷ ବନ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଲିମା, ବରିଷ୍ଠ ଶିକ୍ଷକ ଏସ୍. କେ. ଯୋଶୀ, ରାଜେଶ ମାଲହୋତ୍ରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପ୍ରତ୍ୟେକ ବିଦ୍ୟାର୍ଥୀ ବୃକ୍ଷ ଲଗାଇ ପରିବେଶକୁ ସୁସ୍ଥ ଓ ସବୁଜ ରଖିବାକୁ ଆହ୍ୱାନ ଦେଇଥିଲେ। ଏହାପୂର୍ବରୁ ସପ୍ତାହ ବ୍ୟାପୀ ଚିତ୍ରାଙ୍କନ, ସ୍ଲୋଗାନ ଆଦି ପ୍ରତିଯୋଗିତା କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ସ୍କାଉଟ, ଗାଇଡ, କବ୍, ବୁଲ୍‌ବୁଲ୍ ଏନ୍‌ସିସି, ଏୟାର ୱିଙ୍ଗସର ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ବୃକ୍ଷଚାରା ରୋପଣ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବୃକ୍ଷରୋପଣକୁ ନେଇ ଚିତ୍ରକଳା, ନୃତ୍ୟ ଓ ନାଟକ ଆଦି ପରିବେଷଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପରିବେଶ ସୁରକ୍ଷା ନେଇ ଶପଥ ପାଠ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ସହ ସଂଯୋଜକ ବିଜୟ କୁମାର ମିଶ୍ର, ମନୋରଞ୍ଜନ ସ୍ୱାଇଁ, ଦୁଷ୍ମନ୍ତ ବେହେରା, ସୁରେଶ ପଣ୍ଡା, ପ୍ରବୀର ମିଶ୍ର, ସତ୍ୟଜିତ ଜେନା, ବିନୋଦ କୁମାର, ମୀନତି ପାତ୍ର, ନନ୍ଦିତା ବୋଷ, ଜ୍ୟୋତିଶ୍ରୀ ମହାପାତ୍ର, ତ୍ରିରଙ୍ଗା ସ୍ମିତା, ସ୍ମିତା ରାୟ ପ୍ରମୁଖ ସହଯୋଗ କରିଥିଲେ।

ଷ୍ଟିଲ୍ ସିଟିରେ ସ୍ୱେରେଜ ବ୍ୟବସ୍ଥା ଫେଲ୍

ରାସ୍ତାରେ ବର୍ଜ୍ୟଜଳ, ଡାଇରିଆ ଆଶଙ୍କା

ରାଉରକେଲା,୧୦।୭(ସଙ୍ଗୀତା ଜେନା)

ରାଉରକେଲା ସହରରେ ସ୍ୱେରେଜ ଚ୍ୟାମ୍ବରରୁ ବର୍ଜ୍ୟଜଳ ବାହାରି ରାସ୍ତାରେ ଭାସୁଛି। ଏହି ବର୍ଜ୍ୟଜଳ ବିଭିନ୍ନ ଜଳାଶୟରେ ମିଶି ପ୍ରଦୂଷଣ କରୁଥିବାରୁ ଆଗାମୀ ଦିନରେ ସହରରେ ଡାଇରିଆ ଭଳି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ଅପରପକ୍ଷେ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

ସୂଚନା ଅନୁସାରେ, ସ୍ମାର୍ଟ ସିଟି ରାଉରକେଲା ଘୋଷଣା ହେବା ପରେ ବର୍ଜ୍ୟଜଳ ସଂଗ୍ରହ, ବିଶୋଧନ, ନିଷ୍କାସନ ବ୍ୟବସ୍ଥା ଏବଂ ସହରର ପରିମଳ ଓ ଜନସ୍ୱାସ୍ଥ୍ୟକୁ ଉନ୍ନତ କରିବାକୁ ସ୍ୱେରେଜ ପ୍ରକଳ୍ପ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଗଲା। ଅପର୍ଯ୍ୟାପ୍ତ ସ୍ୱେରେଜ ଭିତ୍ତିଭୂମିରେ ଥିବା ପ୍ରତିବନ୍ଧକର ସମାଧାନ କରିବା, କୋଏଲ ଓ ବ୍ରାହ୍ମଣୀ ନଦୀର ପ୍ରଦୂଷଣ ହ୍ରାସ କରି ସହର ତଥା ଜିଲାବାସୀଙ୍କ ସାମଗ୍ରିକ ଜୀବନର ଗୁଣବତ୍ତା ବୃଦ୍ଧି ପାଇଁ ଏହି ପ୍ରକଳ୍ପର ଅନ୍ୟତମ ଉଦ୍ଦେଶ୍ୟ ଥିଲା। ବର୍ଜ୍ୟଜଳର ଉପଯୁକ୍ତ ସଂଗ୍ରହ କରି ବିଶୋଧନ ସୁନିଶ୍ଚିତ କରିବା ତଥା ବିଶେଷ ଭାବେ ଜଳବାହିତ ରୋଗର ବିପଦ ହ୍ରାସ କରିବା ଏହାର ଲକ୍ଷ୍ୟ ଥିଲା। ଏହି ପ୍ରକଳ୍ପରେ ସହରର ବର୍ଜ୍ୟଜଳ ପରିଚାଳନା ପାଇଁ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ (ଏସ୍‌ଟିପି)ର ନେଟୱର୍କ ନିର୍ମାଣ ରହିଥିଲା। ଓଡ଼ିଶା ୱାଟର ସପ୍ଲାଇ ଆଣ୍ଡ ସ୍ୱେରେଜ ବୋର୍ଡ (ଓଡବ୍ଲୁଏସ୍ଏସ୍‌ବି) ମାଧ୍ୟମରେ ଉକ୍ତ ନେଟୱର୍କ ତିଆରି କରାଗଲା। ଏବେ ଲୋକେ ଏହାର ସୁଫଳ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଛେଣ୍ଡ, ସିଭିଲଟାଉନସିପ୍, ବାସନ୍ତୀ କଲୋନି ସମେତ କିଛି ଘରରେ ସ୍ୱେରେଜ ବ୍ୟବସ୍ଥା କରାଯାଇଛି। ତତବରିଆ ଭାବେ ଲୋକଙ୍କ ସେପ୍‌ଟି ଟାଙ୍କିକୁ ଏହି ସ୍ୱେରେଜ ଚ୍ୟାମ୍ବର ସହ ସଂଯୋଗୀକରଣ କରାଯାଇଥିବାବେଳେ ଛେଣ୍ଡ କଲୋନିରେ ଏହି ସେବା ଫେଲ୍ ହୋଇଛି। ଉକ୍ତ ବ୍ୟବସ୍ଥାରେ ଉପର ମୁହଁରେ ବିଶେଷ ଅସୁବିଧା ହେଉ ନ ଥିବାବେଳେ ତଳି ଅଞ୍ଚଳରେ ଚ୍ୟାମ୍ବରଗୁଡ଼ିକରୁ ପାଇଖାନା ଓ ଅନ୍ୟ ବର୍ଜ୍ୟଜଳ ବାହାରି ରାସ୍ତାରେ ଭାସୁଛି। ପରବର୍ତ୍ତୀ ସମୟରେ ଏହି ବର୍ଜ୍ୟଜଳ ଅନ୍ୟ ଜଳସ୍ରୋତରେ ମିଶି ପ୍ରଦୂଷଣ ସୃଷ୍ଟି କରୁଛି। ଏଥିଯୋଗୁ ଡାଇରିଆ ଭଳି ଜଳବାହିତ ରୋଗ ହେବା ଆଶଙ୍କା ରହିଛି।

ଉଲ୍ଲେଖନୀୟ, ରାଉରକେଲାରେ ୨୦୧୭ରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୨ ହଜାର ଘରକୁ ଏହି ସେବାରେ ସଂଯୋଗ କରିବା ପାଇଁ ପ୍ରୟାସ ଆରମ୍ଭ ହେଲା। ମାତ୍ର ବର୍ତ୍ତମାନ ପ୍ରାୟ ୧୫ଶହ ଘରକୁ ଏଥିରେ ସଂଯୋଗୀକରଣ ହୋଇଛି। ୨୦୨୩ରେ କୋଏଲନଗର ଅଞ୍ଚଳରେ ୩୮୦.୧୯ କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ୱେରେଜ ମ୍ୟାନହୋଲ ଓ ଚ୍ୟାମ୍ବରଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା। ଉକ୍ତ ବର୍ଜ୍ୟବସ୍ତୁ ବିଶୋଧନ ପାଇଁ ବାଲୁଘାଟରେ ୩୦ ଏମ୍ଏଲ୍‌ଡିର ଏକ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ସେହିପରି କୋଏଲନଗର ଏବଂ ବନ୍ଧମୁଣ୍ଡା ଅଞ୍ଚଳରେ ନୂତନ ଏସ୍‌ଟିପି ନିର୍ମାଣ ପ୍ରସ୍ତାବ ରହିଛି। ଅନୁରୂପ ଭାବେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ସେକ୍ଟର-୧୪ରେ ୩୦ ଏମ୍ଏଲ୍‌ଡିର ଏକ ପ୍ରକଳ୍ପ ନିର୍ମାଣ କରି ବିଶୋଧନ କାମ କରୁଛନ୍ତି। ଛେଣ୍ଡ କଲୋନି ବିହାରବାସୀଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଟଏଲେଟ୍‌ଗୁଡ଼ିକରେ ସେପ୍‌ଟି ଟ୍ୟାଙ୍କ ବ୍ୟବସ୍ଥା ଥିଲା। ସେହିପରି ବର୍ଷାଜଳ ପାଇଁ ସ୍ୱତନ୍ତ୍ର ଡ୍ରେନ ନିର୍ମାଣ କରାଯାଇଥିଲା। କିଛିଦିନ ତଳେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ପରିମଳ ବ୍ୟବସ୍ଥା ବଜାୟ ରଖିବା ପାଇଁ ଟଏଲେଟ୍ ପାଇପଗୁଡ଼ିକ ସ୍ୱେରେଜ ଚ୍ୟାମ୍ବର ସହ ସଂଯୋଗୀକରଣ କରାଗଲା। ଏଥିସହ ବର୍ଷାଜଳ ଓ ଅନ୍ୟ ବର୍ଜ୍ୟବସ୍ତୁକୁ ମଧ୍ୟ ଏଥିରେ ସଂଯୋଗ କରାଗଲା। ଏଥିପାଇଁ ବର୍ଷାଦିନରେ ଟଏଲେଟ୍ ପାଣି ରାସ୍ତା ଉପରେ ଭାସୁଛି। ଏ ନେଇ ଅନେକ ଥର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ସେହିପରି କଲିଙ୍ଗ ବିହାର ତଳି ଅଞ୍ଚଳରେ ଅନୁରୂପ ପରିସ୍ଥିତି ରହିଛି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ୱାଟ୍‌କୋ ପ୍ରକଳ୍ପ ଡିଭିଜନ ମ୍ୟାନେଜର ଧୀରେନ୍ଦ୍ର ସ୍ୱାଇଁଙ୍କୁ ପଚରାଯିବାରୁ ସେ କହିଲେ, ସମସ୍ୟା ରହିଛି। ଏହାର ଅଭିଯୋଗ ଆସିଲେ ନିଶ୍ଚିତ ସମାଧାନ କରାଯିବ। ଏପରି କିଛି ଅଞ୍ଚଳରେ ଟିମ୍ ଯାଇ ନିରୀକ୍ଷଣ କରୁଛି। ସମାଧାନ ବହୁତ ଶୀଘ୍ର ହେବ ବୋଲି ସ୍ୱାଇଁ କହିଥିଲେ।

ଛେଣ୍ଡରେ ସ୍ୱେରେଜ ଚ୍ୟାମ୍ବରରୁ ବର୍ଜ୍ୟଜଳ ବାହାରି ରାସ୍ତାରେ ଭାସୁଛି।

ସ୍ୱେରେଜ ପାଇପ୍ ଯୋଗୁ ବର୍ଜ୍ୟଜଳ ନିଷ୍କାସନରେ ବାଧା

ରାଉରକେଲା,୧୦।୭(ଦିନେଶ ମିଶ୍ର)

ଜିଏମ୍ ବ୍ଲକ ଅଞ୍ଚଳରେ ରାସ୍ତାରେ ଡ୍ରେନ ପାଣି।

ସ୍ୱେରେଜ ପାଇପ୍ ଯୋଗୁ ରାସ୍ତାରେ ଭାସୁଛି ଡ୍ରେନ ପାଣି। ଏଭଳି ଦୃଶ୍ୟ ବାସନ୍ତୀ କଲୋନିସ୍ଥିତ ଜିଏମ୍ ବ୍ଲକ ଓ ଛେଣ୍ଡ କଲୋନିସ୍ଥିତ ଏଲ୍‌ସିଆର ବ୍ଲକରେ ଦେଖିବାକୁ ମିଳିଛି। ଏହି ଅଞ୍ଚଳରେ ଥିବା ସ୍ୱେରେଜ ସିଷ୍ଟମ୍ ପାଇପ୍ ଗୁଡ଼ିକ ଡ୍ରେନ ଭିତରେ ଯାଇଥିବାରୁ ପାଣି ନିଷ୍କାସନରେ ସମସ୍ୟା ହେଉଛି। ଫଳରେ ସହରରେ ସାମାନ୍ୟ ବର୍ଷା ହେଲେ କଲୋନିର ରାସ୍ତାଗୁଡ଼ିକରେ ପାଣି ଜମା ହୋଇ ରହୁଛି।

ସୂଚନା ଅନୁସାରେ, ବାସନ୍ତୀ କଲୋନିସ୍ଥିତ ଜିଏମ୍ ବ୍ଲକରେ ୩୦ରୁ ଊର୍ଦ୍ଧ୍ୱ ଘର ରହିଥିବା ବେଳେ ଏଠାରେ ଥିବା ଡ୍ରେନଗୁଡ଼ିକରେ କଭର୍ଡ ପକାଇ ସମତୁଲ କରାଯାଇଛି। ଆର୍‌ଏସ୍‌ପି ପକ୍ଷରୁ ଏହି ଡ୍ରେନଗୁଡ଼ିକୁ ବର୍ଷାଦିନ ପୂର୍ବରୁ ସଫେଇ କରାଯାଇନାହିଁ। ଲୋକଙ୍କ ଘରକୁ ଯାଇଥିବା ସ୍ୱେରେଜ ପାଇପ୍ ସଂଯୋଗୀକରଣ ଏହି ବ୍ଲକରେ ଥିବା ଡ୍ରେନ ଭିତର ଦେଇଯାଇଛି। ବର୍ଷା ଦିନରେ ସାମାନ୍ୟ ବର୍ଷାହେଲେ ସ୍ଥାନୀୟ ଅଞ୍ଚଳର ପାଣି ଡ୍ରେନରେ ନିଷ୍କାସନ ହେବା ସମୟରେ ସ୍ୱେରେଜ ପାଇପ୍ ବାଧା ସୃଷ୍ଟି କରୁଛି। ଫଳରେ ଡ୍ରେନ ପାଣି ଓଭରଫ୍ଲୋ ହୋଇ ରାସ୍ତାରେ ଲହଡି ମାରୁଛି। କଲୋନି ରାସ୍ତା ଉପରେ ଡ୍ରେନପାଣି ଜମି ରହି କୃତ୍ରିମ ପୋଖରୀ ସାଜିଥିବାରୁ ସ୍ଥାନୀୟ ଲୋକଙ୍କୁ ଯାତାୟାତରେ ସମସ୍ୟା ହେଉଛି। ଏଥିସହ ସ୍କୁଲ ଅଟୋ ଓ ଆମ୍ବୁଲାନ୍ସ ଭଳି ଅତି ଜରୁରୀକାଳୀନ ଗାଡ଼ିଗୁଡ଼ିକ ଉକ୍ତ ବ୍ଲକକୁ ଆସିପାରୁନାହିଁ। ରାସ୍ତା ଉପରେ ପାଣି ଯୋଗୁ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି।

ସେହିଭଳି ଛେଣ୍ଡ କଲୋନିସ୍ଥିତ ଏଲ୍‌ସିଆର ବ୍ଲକର ଲୋକଙ୍କ ଘରକୁ ଯାଇଥିବା ସ୍ୱେରେଜ ସିଷ୍ଟମ ପାଇପ୍ ଗୁଡ଼ିକ ଅଧିକାଂଶ ଡ୍ରେନ ଭିତରେ ରହିଥିବା ଦେଖିବାକୁ ମିଳିଛି। ଏହି ମୋଟା ପ୍ଲାଷ୍ଟିକ୍ ପାଇପ୍ ଡ୍ରେନ ମଝିରେ ଥିବାରୁ ଡ୍ରେନ ପାଣି ନିଷ୍କାସନରେ ସମସ୍ୟା ଉପୁଜୁଛି। ଅନ୍ୟପକ୍ଷେ ଅପରିଷ୍କାର ଜରି ଓ ସାମଗ୍ରୀ ଭାସି ଆସି ପାଇପରେ ଲାଗିବାରୁ ଡ୍ରେନ ଗୁଡ଼ିକ ଜାମ୍ ହେଉଛି। ଉକ୍ତ ଡ୍ରେନ ସଫେଇ କରିବାରେ ଅସୁବିଧା ହେଉଛି। ଡ୍ରେନ ଭିତରେ ସ୍ୱେରେଜ ପାଇପ୍ ସାଙ୍ଗକୁ ପଡୁଥିବାରୁ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଏହି ଡ୍ରେନ ପାଣି ରାସ୍ତା ଉପରେ ବହୁ ଦିନ ଧରି ଜମା ରହି ଉକ୍ତ କଲୋନିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ରାସ୍ତା ଉପରେ ଡ୍ରେନ ପାଣି ଜମି ରହୁଥିବାରୁ ମଶାବଂଶ ବୃଦ୍ଧିରେ ସହାୟକ ହେଉଛି। ଏହାର ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ମ୍ୟାଲେରିଆ ବ୍ୟାପିବା ଆଶଙ୍କା ରହିଛି। ଏ ନେଇ ରାଉରକେଲା ସ୍ୱେରେଜ ବିଭାଗ ଭାରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ତୁଷାର ମେହେରଙ୍କୁ ପଚାରିବାରୁ ସେ କହିଥିଲେ, ଡ୍ରେନ ଭିତର ଦେଇ ଯାଇଥିବା ସ୍ୱେରେଜ ପାଇପ୍ ଯୋଗୁ ଉପୁଜୁଥିବା ସମସ୍ୟାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମେ ଆସନ୍ତା ୭ ଦିନ ଭିତରେ ଉକ୍ତ ଅଞ୍ଚଳରେ ସ୍ୱେରେଜ ପାଇପ୍ ଗୁଡ଼ିକୁ ଅନୁଧ୍ୟାନ କରିବା ପରେ ଏହି ସମସ୍ୟାର ସମାଧାନ କରିବୁ ବୋଲି ସେ କହିଥିଲେ।

ମୁଖ୍ୟ ଡ୍ରେନରେ ଥିବା ସ୍ୱେରେଜ ପାଇପ୍।

ରାଜଗାଙ୍ଗପୁର ରେଳ ଷ୍ଟେସନ କାର୍ଯ୍ୟ ତଦାରଖ କଲେ ଡିଆର୍‌ଏମ୍

ରାଜଗାଙ୍ଗପୁର,୧୦।୭(ଅଶୋକ ପାଣି)

ରାଜଗାଙ୍ଗପୁର ରେଳ ଷ୍ଟେସନରେ ଅମୃତ ଭାରତ ଯୋଜନାରେ ହେଉଥିବା ବିଭିନ୍ନ କାର୍ଯ୍ୟକୁ ଚକ୍ରଧରପୁର ରେଳ ଡିଭିଜନର ଡିଆର୍‌ଏମ (ପ୍ରବନ୍ଧକ) ତରୁଣ ହୁରିଆ ଗୁରୁବାର ତଦାରଖ କରିଥିଲେ। ଏହି ଅବସରରେ ରାଜଗାଙ୍ଗପୁରର ବିଭିନ୍ନ ସଂସ୍ଥା ତଥା ବ୍ୟକ୍ତି ବିଶେଷମାନେ ଷ୍ଟେସନର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଲିଖିତ ଓ ମୌଖିକ ଭାବେ ଉପସ୍ଥାପନ କରିଥିଲେ। ତନ୍ମଧ୍ୟରୁ ବୁକିଂ କାଉଣ୍ଟର, ପାର୍କିଂ ବ୍ୟବସ୍ଥା, ନୂତନ ଫୁଟ ଓଭରବ୍ରିଜ ନିର୍ମାଣ, ରାସ୍ତା ମରାମତି, ବୟସ୍କ ତଥା ଦିବ୍ୟାଙ୍ଗଙ୍କ ପାଇଁ ଲିଫ୍ଟ ବ୍ୟବସ୍ଥା ଆଦି ରହିଥିଲା। ଡିଆର୍‌ଏମ ସମସ୍ୟା ଗୁଡ଼ିକ ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅମୃତ ଭାରତ ଯୋଜନାର ସମସ୍ତ କାର୍ଯ୍ୟ ଦେଢବର୍ଷ ମଧ୍ୟରେ ସମାପ୍ତ ହେବ ବୋଲି ସୂଚନା ପ୍ରଦାନ କରିଛନ୍ତି।

ଡିଆର୍‌ଏମ୍‌ଙ୍କ ସହ ଆଲୋଚନା ହେଉଛି।

ଅକ୍ଷମ ପିଲାଙ୍କ ସହାୟତା ପାଇଁ ଏନ୍‌ଆଇଟିର ଗବେଷଣା

ରାଉରକେଲା,୧୦।୭ (ସଙ୍ଗୀତା ଜେନା)

ଏନ୍‌ଆଇଟିର ଗବେଷକ ଦଳ।

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ମାନବିକ ସାମାଜିକ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଡ. ରାମକୃଷ୍ଣ ବିଶ୍ୱାଳ ଓ ଅଭିଜିତ ପାଠକଙ୍କ ସମେତ ଗବେଷକ ଦଳ ଅକ୍ଷମ ପିଲାମାନଙ୍କ ଲାଳନପାଳନ କିପରି ମାତାପିତାଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଉଥାଏ ତାହା ଉପରେ ଗବେଷଣା କରିଛନ୍ତି। ଏସିଆ ପାସିଫିକ ଜର୍ନାଲ ଅଫ୍ ସୋସିଆଲ ୱାର୍କ ଆଣ୍ଡ ଡେଭଲପମେଣ୍ଟରେ ପ୍ରକାଶିତ ଏହି ଅଧ୍ୟୟନରେ ଯତ୍ନର ନିରନ୍ତର ଚାହିଦା କିପରି ପିତାମାତାଙ୍କ ଶାରୀରିକ ସ୍ୱାସ୍ଥ୍ୟ ପ୍ରଭାବିତ କରେ ଏବଂ ସେମାନଙ୍କ ଜୀବନର ସାମଗ୍ରିକ ଗୁଣବତ୍ତା ଉପରେ ପ୍ରଭାବ ପକାଏ ତାହା ଉପରେ ଅନୁସନ୍ଧାନ କରାଯାଇଛି। ଅକ୍ଷମ ପିଲାମାନଙ୍କ ଲାଳନପାଳନରେ ମାତାପିତା ବିଭିନ୍ନ ଜଟିଳ ପରିସ୍ଥିତିରେ ସମ୍ମୁଖୀନ ହୋଇଥାନ୍ତି। ଗଭୀର ଭାବପ୍ରବଣ କ୍ଳାନ୍ତି, ମୁଣ୍ଡବିନ୍ଧା, ପେଟରେ ଘାଆ, ଦୀର୍ଘକାଳୀନ ଯନ୍ତ୍ରଣା, ଥକ୍କାପଣ ଭଳି ଶାରୀରିକ ଲକ୍ଷଣ ସୃଷ୍ଟି କରେ। ବିଶେଷକରି ମା'ମାନଙ୍କ ମଧ୍ୟରେ ଶାରୀରିକ ରୋଗଗୁଡ଼ିକ ସେମାନଙ୍କ ଯତ୍ନ ନେବାର କ୍ଷମତାକୁ ହ୍ରାସ କରିଥାଏ। ଏହି ଅଭିଜ୍ଞତାଗୁଡ଼ିକ ବୁଝିବା ପାଇଁ ଗବେଷକମାନେ ଅଟିଜିମ୍, ଆଟେନସନ୍ ଡେଫିସିଟ୍ ହାଇପରଆକ୍ଟିଭିଟି ଡିଅର୍ଡର(ଏଡ଼ିଏଚ୍‌ଡି), ସେରେବ୍ରାଲ ପାଲ୍ସି ଓ ବହୁବିଧ ଅକ୍ଷମତା ଭଳି ରୋଗରେ ପୀଡ଼ିତ ପିଲାମାନଙ୍କ ୫୪ଜଣ ପିତାମାତାଙ୍କ ଉପରେ ସର୍ଭେ କରାଯାଇଥିଲା। ଉକ୍ତ ଗବେଷଣାକୁ ନେଇ ଡ. ବିଶ୍ୱାଳ କହିଛନ୍ତି, ବିକାଶଜନିତ ଅକ୍ଷମତା ଥିବା ଶିଶୁର ଯତ୍ନ କେବଳ ଅଭିଭାବକମାନଙ୍କ ନୁହେଁ ବରଂ ପରିବାର ଓ ପଡୋଶୀ ତଥା ସମାଜର ଏକ ମିଳିତ ଦାୟିତ୍ୱ। ଏଭଳି ଅନେକ ମାତାପିତା ସମାଜରୁ ବିଚ୍ଛିନ୍ନ ଅନୁଭବ କରିଥାନ୍ତି। ସେମାନେ ପରିବାର ଓ ଅନ୍ୟଠାରୁ ସହଯୋଗ ପାଇ ପାରି ନ ଥାନ୍ତି। ଗବେଷକମାନେ ବାୟୋସାଇକୋସୋସିଆଲ୍ ମଡେଲ ବ୍ୟବହାର କରିଥିଲେ, ଯାହାକି ସ୍ୱାସ୍ଥ୍ୟକୁ ଶାରୀରିକ, ମାନସିକ ଓ ସାମାଜିକ ଶକ୍ତି ମଧ୍ୟରେ ଜଟିଳ ପାରସ୍ପରିକ କ୍ରିୟା ଦ୍ୱାରା ଅଂଶୀଦାର ବୋଲି ବିବେଚନା କରିଥିଲା। ମଡେଲ ଦ୍ୱାରା ଚାପ ରେକର୍ଡ କରାଯିବା ସକ୍ଷମ ହୋଇଥିଲା। କମ୍ୟୁନିଟି ଭିତ୍ତିକ 'ୱାନ୍ ଷ୍ଟପ୍ ସହାୟତା କେନ୍ଦ୍ର ଦ୍ୱାରା ସମସ୍ୟା ଦୂରୀକରଣ ହେବ ବୋଲି ନିଷ୍କର୍ଷ ବାହାରିଥିଲା। ଯେଉଁଠାରେ ପରିବାର ଗୁଡ଼ିକ ଗୋଟିଏ ସ୍ଥାନରେ ଚିକିତ୍ସା, ମାନସିକ ସ୍ୱାସ୍ଥ୍ୟ ଓ ଆର୍ଥିକ ସହାୟତା ପାଇପାରିବେ ବୋଲି ବିଶ୍ୱାଳ କହିଥିଲେ।

ଗୃହସ୍ଥୀ ପରିବାର ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳିତ

କାର୍ଯ୍ୟକ୍ରମରେ ଉପସ୍ଥିତ ଗୃହସ୍ଥୀ ପରିବାର ସଦସ୍ୟ।

ରାଉରକେଲା,୧୦।୭(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ଗୃହସ୍ଥୀ ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ ପକ୍ଷରୁ ଗୁରୁବାର ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସିଏମ୍‌ଡି ଗଣେଶ ପ୍ରସାଦ ବାଗେଡିଆ, ନିର୍ଦ୍ଦେଶିକା ମଞ୍ଜୁଦେବୀ ବାଗେଡିଆ, ସିଇଓ ଅମିତ ଅଗ୍ରୱାଲ ଓ ହିସାବ ରକ୍ଷକ ମ୍ୟାନେଜର ସାତାରାମ ବାଗେଡିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଗୁରୁ ପରମ୍ପରା, ସେବା କୃତଜ୍ଞତାର ମୂଲ୍ୟବୋଧକୁ ଅବଗତ କରାଯାଇଥିଲା। ଅମିତ ଅଗ୍ରୱାଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏଚ୍ଆର ମ୍ୟାନେଜର ସଙ୍ଗୀତା କୁଣ୍ଡୁ ଅଞ୍ଜଳି ସାହୁ, ପ୍ରଫୁଲ୍ଲ କୁମାର ପାତ୍ର, ଟି. ପୁରୁଷୋତ୍ତମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଉଦ୍ୟମ ଗୃହସ୍ଥୀ ପରିବାରର ସାଂସ୍କୃତିକ ସଚେତନତା ଓ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ସୂଚିତ କରେ। ଏହି ଅନୁଷ୍ଠାନ ଗୁରୁଜନ ଓ ପିତୃଗଣଙ୍କ ପ୍ରତି ଆଭାର ପ୍ରକାଶ କରିବାର ଏକ ଅନୁକରଣୀୟ ଦୃଷ୍ଟାନ୍ତ ବୋଲି ବାଗେଡିଆ କହିଥିଲେ।

ଶିଶୁ ଓ ମାତୃତ୍ୱ ଶୀର୍ଷକ ଆଲୋଚନାଚକ୍ର

ରାଉରକେଲା,୧୦।୭(ଦିନେଶ ମିଶ୍ର):

ରୋଟାରି କ୍ଲବ ଅଫ୍ ରାଉରକେଲା ଷ୍ଟିଲସିଟି ପକ୍ଷରୁ ଶିଶୁ ଓ ମାତୃତ୍ୱ ସମ୍ପର୍କରେ ଏକ ଆଲୋଚନାଚକ୍ର ସଭାପତି ବୀଣାପାଣି ରଥଙ୍କ ଅଧ୍ୟକ୍ଷତାରେ ଗୁରୁବାର ସେକ୍ଟର-୧୯ ସ୍ଥିତ ରାଉରକେଲା କ୍ଲବରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦିକା ରଶ୍ମି ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ସ୍ୱପ୍ନସ୍ମୃତି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃତ୍ୱ ଓ ଶିଶୁର ଯତ୍ନ ସହ ଦାୟିତ୍ୱବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ସୁଷମା ସାହୁ ଉଦ୍‌ବୋଧନ ପାଠ କରିଥିଲେ। ଡ. ସରିତା ମଲ୍ଲ ଅତିଥି ପରିଚୟ ପ୍ରଦାନ ଏବଂ ନମିତା ଆଚାର୍ଯ୍ୟ କାର୍ଯ୍ୟକ୍ରମର ସାରାଂଶ ଉପସ୍ଥାପନା କରିଥିଲେ। ଡ. ଅଞ୍ଜନା ମିଶ୍ର, ରଶ୍ମିବାଳା ରାଉତରାୟ, ପୁତୁଲ ରାଉଳ, କୋମଳ ଅଗ୍ରୱାଲ, ତୁନି ସାହୁ, ପି. କେ. ପତି, ରଶ୍ମି ନାୟକ ପ୍ରମୁଖ ସହଯୋଗ କରିଥିଲେ। ଫିଛୁ ଗୁହ ମଞ୍ଚ ପରିଚାଳନା କରିଥିବାବେଳେ ବିଭୁ ପ୍ରସାଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଟାଙ୍କିରେ ମିଳୁନି ତେଲ, ଦୋକାନରେ ବିକ୍ରି ହେଉଛି

ଷ୍ଟ୍ରାଇକ୍ ଛାଡ ଆନ୍ଦୋଳନର ପ୍ରଭାବ

ରାଉରକେଲା ସହରରେ ପେଟ୍ରୋଲ କଳାବଜାର

ରାଉରକେଲା,୧୦।୭(ଦିନେଶ ମିଶ୍ର)

ଡ୍ରାଇଭରମାନଙ୍କ ଷ୍ଟ୍ରାଇକ୍ ଛାଡ ଆନ୍ଦୋଳନର ପ୍ରଭାବ ବିଶେଷ କରି ରାଉରକେଲା ସହରର ପେଟ୍ରୋଲ ପମ୍ପ ଗୁଡ଼ିକରେ ଦେଖିବାକୁ ମିଳିଛି। ସହରର ବିଷ୍ଣୁ ଛକ, ସେକ୍ଟର-୨, ଛେଣ୍ଡ, ଏଚ୍ଆଇ, ପାନପୋଷ ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକରେ ନର୍ମାଲ ପେଟ୍ରୋଲ ନ ଥିବାରୁ ବହୁ ଗାଡି ଚାଳକ ହଇରାଣ ହେଉଛନ୍ତି। ବିଷ୍ଣୁ ଛକରେ ଥିବା ପେଟ୍ରୋଲ ପମ୍ପରେ ଗୁରୁବାର ତେଲ ସରିଯାଇଥିବାରୁ ବହୁ ଗାଡି ଚାଳକ ନିରାଶ ହୋଇ ଫେରିଛନ୍ତି। ସେହିଭଳି ସେକ୍ଟର-୨ ଗାୟତ୍ରୀ ଶକ୍ତିପୀଠ ନିକଟ ପେଟ୍ରୋଲ ପମ୍ପରେ ତେଲ ସରିଯାଇଥିବାରୁ ବହୁ ଗାଡି ଚାଳକ ତେଲ ପକାଇ ନ ପାରି ଫେରିଥିଲେ। ସହରରେ ଥିବା ଏକାଧିକ ପେଟ୍ରୋଲ ପମ୍ପରେ ଏଭଳି ସମାନ ପରିସ୍ଥିତି ଉପୁଜିଥିବାରୁ ଛେଣ୍ଡ ପେଟ୍ରୋଲ ପମ୍ପରେ ଲୋକେ ଅଧିକ ଦାମ୍ ଦେଇ ସ୍ପିଡ୍ ଅଏଲ ପକାଉଥିବା ଦେଖିବାକୁ ମିଳିଲା। ସେହିଭଳି ପାନପୋଷ ସ୍ଥିତ ପେଟ୍ରୋଲ ପମ୍ପରେ ତେଲ ସରିଯାଇଥିଲା। ବିଭିନ୍ନ ଟାଙ୍କିରେ ତେଲ ନ ଥିବାରୁ ଲୋକେ ହଇରାଣ ହୋଇଥିଲେ। ଏହାର ସୁଯୋଗ ନେଇ ବହୁ ବ୍ୟବସାୟୀ ରାସ୍ତାକଡ ଓ ପ୍ରମୁଖ ଛକରେ ଚଢାଦରରେ ପେଟ୍ରୋଲ ବିକ୍ରି କରୁଥିବା ପରିଲକ୍ଷିତ ହୋଇଛି। ସହରର ଏକାଧିକ ପେଟ୍ରୋଲ ଟାଙ୍କିରେ ତେଲ ସରିଯାଇଥିବାରୁ ଆଗକୁ ସମସ୍ୟା ବଢ଼ିପାରେ ବୋଲି ଆଲୋଚନା ହେଉଛି। ସହରରେ ପେଟ୍ରୋଲ କଳାବଜାର ରୋକିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ, ରାଉରକେଲାରେ ୪ଟି ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ନ ଥିବା ନେଇ ଆମ ପାଖରେ ଖବର ରହିଛି। ଗୁରୁବାର ସନ୍ଧ୍ୟାରେ ୬ଟି ଗାଡ଼ି ସହର ଅଭିମୁଖେ ଯାତ୍ରା କରିଛି। କଳାବଜାର ରୋକିବା ପାଇଁ ଯୋଗାଣ ବିଭାଗର ସମସ୍ତ ଇନ୍‌ସପେକ୍ଟରଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସେଣ୍ଡି ଜିଲାରେ ପେଟ୍ରୋଲକୁ ନେଇ କୌଣସି ଅସୁବିଧା ହେବନାହିଁ ବୋଲି ସାହୁ ମତପ୍ରକାଶ କରିଥିଲେ।

ପାନପୋଷ ରାସ୍ତାକଡ଼ ଏକ ଦୋକାନରେ ପେଟ୍ରୋଲ ବିକ୍ରି ହେଉଛି।

ଗାୟତ୍ରୀ ପୀଠରେ ପଞ୍ଚକୁଣ୍ଡୀୟ ମହାଯଜ୍ଞ

ରାଉରକେଲା,୧୦।୭ (ସଙ୍ଗୀତା ଜେନା/ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୨ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଦ୍ୱି ଦିବସୀୟ ପଞ୍ଚକୁଣ୍ଡୀୟ ମହାଯଜ୍ଞ, ଦୀପଦାନ ଓ ସଂସ୍କାର ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ରାଉରକେଲାର ବହୁ ଶ୍ରଦ୍ଧାଳୁ ଓ ଗାୟତ୍ରୀ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ସେମାନେ ମହାଯଜ୍ଞରେ ଘୃତ ସମର୍ପଣ କରିବା ସହ ଗାୟତ୍ରୀ ମହାମନ୍ତ୍ର ଜପ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ନିତ୍ୟାନନ୍ଦ ଦାସ ଗୁରୁପୂର୍ଣ୍ଣିମା ପାଳନର ଅଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ପରେ ୫ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ସମାରୋହ ଆୟୋଜନ ହୋଇଥିଲା। ଏହି ମହାଯଜ୍ଞରେ ଗାୟତ୍ରୀ ପରିବାରର ବହୁ ଶ୍ରଦ୍ଧାଳୁ ସହଯୋଗ କରିଥିଲେ। ଶେଷରେ ଶକ୍ତି ପାଠ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ କରାଯାଇଥିଲା।

ଗାୟତ୍ରୀ ଶକ୍ତିପୀଠରେ ଚାଲିଥିବା ମହାଯଜ୍ଞରେ ହବନ କରାଯାଉଛି।

ରାସ୍ତା ଖୋଳି ଚୁପ୍ ବସିଛି ୱାଟ୍‌କୋ

ଚୈତନ୍ୟ ନଗରରେ ସ୍ୱେରେଜ ପ୍ରକଳ୍ପ ଅଧାରେ

ସମ୍ବଲପୁର,୧୦।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସାକ୍ଷୀପଡ଼ା ଚୈତନ୍ୟ ନଗରବାସୀ ବିଭିନ୍ନ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ଡ୍ରେନ୍ ସମସ୍ୟା, ଫ୍ଲାଏଆସ୍ ପକାଇବା ଯୋଗୁ ପ୍ରଦୂଷଣ ସମସ୍ୟା ବିଷୟରେ କଲୋନୀର ବରିଷ୍ଠ ନାଗରିକ ସୁରେଶ ଚନ୍ଦ୍ର ପାଢ଼ୀ ଅଭିଯୋଗ କରିଛନ୍ତି। ଗତବର୍ଷ ବର୍ଷା ସମୟରେ କଲୋନୀରେ ଜଣେ ବ୍ୟକ୍ତି ଫ୍ଲାଏଆସ ପକାଇବା ଯୋଗୁ ଲୋକଙ୍କ ଘରେ ଆବର୍ଜନା ପାଣି ପଶିଥିଲା। ଜିଲା ପ୍ରଶାସନକୁ ଅଭିଯୋଗ ପରେ କିଛିମାତ୍ରାରେ ଉଠିଥିଲା। ହେଲେ ଆଜିମଧ୍ୟ କଲୋନୀରେ ବର୍ଷା ହେଲେ ରାସ୍ତାଘାଟ ଆବର୍ଜନାରେ ଭରିଯାଉଛି। ଅନ୍ୟପକ୍ଷରେ ସ୍ଥାନୀୟ ବାସିନ୍ଦା ରାମେଶ୍ୱର ପାଢୀ ଅଭିଯୋଗ କରିଛନ୍ତି, ସ୍ୱେରେଜ ପ୍ରକଳ୍ପ କାମ ଡିସେମ୍ବର ମାସରେ ଆରମ୍ଭ ହୋଇଥିଲା। ସେ ସମୟରେ କଲୋନୀରେ ଠିକ୍ ଥିବା କଂକ୍ରିଟ ରାସ୍ତାକୁ ଖୋଳି କାମ ଆରମ୍ଭ ହୋଇଥିଲା। ହେଲେ କିଛି କାମ ଆରମ୍ଭ ପରେ ପରେ ଅଧାରେ

ଚୈତନ୍ୟ ନଗର ମୁଖ୍ୟରାସ୍ତାରେ କଂକ୍ରିଟ ଖୋଳା ହୋଇ ପଡି ରହିଛି।

ଅଟକି ରହିଛି। ସ୍ୱେରେଜ କାମ ଶେଷ ନ ହେବା ପର୍ଯ୍ୟନ୍ତ କଲୋନୀର ରାସ୍ତା ମରାମତି କରାଯାଇ ପାରୁନାହିଁ। ସ୍ଥାନୀୟ ଲୋକେ ସ୍ୱେରେଜ ବିଭାଗ ଯନ୍ତ୍ରୀ ସଞ୍ଜୟ ମଣ୍ଡଳଙ୍କୁ ବାରମ୍ବାର ଜଣାଇ କାମ ସମ୍ପୂର୍ଣ୍ଣ କରିବାକୁ ଦାବି କରିଆସିଛନ୍ତି। ହେଲେ ଏଥିରେ କୌଣସି ସୁଫଳ ମିଳୁନାହିଁ।

ସମ୍ବଲପୁରରେ ସ୍ୱେରେଜ କାମ 'ଘରପୁରେ' ସଂସ୍ଥାକୁ ଦିଆଯାଇଥିଲା। ହେଲେ ସମ୍ପୃକ୍ତ ସଂସ୍ଥା ନିର୍ଦ୍ଧାରିତ ସମୟରେ ଶେଷ କରି ପାରି ନ ଥିଲା । ଠିକା ସଂସ୍ଥାର କାମ ଯୋଜନା ଅନୁଯାୟୀ ନ ହେବା ପରେ ତା ସହିତ ଟେଣ୍ଡର ବାତିଲ କରି ଆଉଥରେ ଟେଣ୍ଡର କରାଯିବ ବୋଲି ୱାଟକୋ ଇଞ୍ଜିନିୟର ସଞ୍ଜୟ ମଣ୍ଡଳ କହିଛନ୍ତି। ଅନ୍ୟପକ୍ଷରେ କଲୋନୀର ବିଭିନ୍ନ ସମସ୍ୟା ନେଇ ସମ୍ବଲପୁର ମହାନଗର ନିଗମର ଡେପୁଟୀ କମିଶନର ସୁନୀଲ କେର୍‌କେଟାଙ୍କୁ ଲୋକେ ଯୋଗାଯୋଗ କରୁଛନ୍ତି। ସ୍ୱେରେଜ କାମ ନ ସରିବା ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ଆରମ୍ଭ କରାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଠିକାସଂସ୍ଥା ସ୍ୱେରେଜ ପ୍ରକଳ୍ପ ପାଇଁ ରାସ୍ତା ଖୋଳିବା ପୂର୍ବର ସ୍ଥିତିକୁ ଆଣିବ ବୋଲି ମହାନଗର ନିଗମ ଡେପୁଟି କମିଶନର ଲୋକଙ୍କୁ ବୁଝାଇ ଥିଲେ। ଅଧିକାରୀମାନେ ଲୋକଙ୍କୁ କେବଳ ପ୍ରତିଶ୍ରୁତି ଦେଉଥିବା ବେଳେ ଚୈତନ୍ୟ ନ ଗର ବାସିନ୍ଦା ବିକାଶ ନାମରେ ଆହୁରି ପଛକୁ ଚାଲି ଯାଇଛନ୍ତି। କଲୋନୀରେ ନାଁ ରାସ୍ତା ହେଲା, ନାଁ ସ୍ୱେରେଜ ପ୍ରକଳ୍ପ କାମ ସରିଲା। ପୂର୍ବରୁ ସୁବିଧାରେ ଯା'ଆସ କରୁଥିବା ଲୋକେ ଦୀର୍ଘ ଛଅ ମାସ ହେବ ହଇରାଣ ହେଉଛନ୍ତି । ଶେଷରେ କଲୋନୀ ବାସିନ୍ଦା ଜିଲାପାଳ ବଳିରାମ ବୋନ୍ଦରଙ୍କୁ ସମସ୍ୟା ବିଷୟରେ ଅବଗତ କରିଛନ୍ତି। ସେ କଲୋନୀବାସୀଙ୍କ ବିଭିନ୍ନ ସମସ୍ୟାଗୁଡିକର ସମାଧାନ କରାଯିବା ନେଇ ଆଶ୍ୱାସନା ଦେଇଛନ୍ତି।

୪ଦିନ ହେଲା ପାଇପ ଜଳଯୋଗାଣ ବନ୍ଦ

ଡଇଁଚାରେ ଥିବା ଜଳ ପ୍ରକଳ୍ପ ଗୃହ।

ନାକଟିଦେଉଳ,୧୦।୭(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଡଇଁଚା ଗ୍ରାମରେ ଗତ ୪ ଦିନ ହେଲା ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଏଥିଯୋଗୁ ଗ୍ରାମର ଲୋକେ ବିଶୁଦ୍ଧ ପାଇପ ପାଣି ପାଇ ନ ପାରି ହଇରାଣର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଏହି ଗ୍ରାମରେ ୪ଟି ୱାର୍ଡରେ ପ୍ରାୟ ୩ଶହ ପରିବାରର ପ୍ରାୟ ୧୩ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଗ୍ରାମବାସୀଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ସରକାରଙ୍କ ପକ୍ଷରୁ ସ୍ଥାନୀୟ ହାଟପଦାଠାରେ ଏକ ଓଭରହେଡ଼ ପାଣି ଟାଙ୍କି ନିର୍ମାଣ କରାଯିବା ସହ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। କିନ୍ତୁ ଏହି ପ୍ରକଳ୍ପରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଗତ ୪ ଦିନ ହେଲା ଆଉ ପାଣି ଆସୁନାହିଁ । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଡ଼ିଓ କ୍ଷମାନିଧି ଭୋଇଙ୍କୁ ପଚାରିବାରେ ଡଇଁଚା ଗ୍ରାମରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ ରହିଥିବା ନେଇ ସେ ଅବଗତ ହେବା ପରେ ତୁରନ୍ତ ଏହାର ସମାଧାନ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

୧୨୫୫ ବୋତଲ କଫ୍ ସିରପ୍ ଜବତ, ୬ଗିରଫ

ସମ୍ବଲପୁର,୧୦।୭(ପ୍ରମୋଦ ବହିଦାର)

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସାହୁ କଲୋନୀରୁ ପୋଲିସ ଶହେ ମିଲିଲିଟର ବିଶିଷ୍ଟ ୧୨୫୫ଟି ସିଲ୍ଡ ନିଶା କଫ୍‌ସିରପ ବୋତଲ ଜବତ କରିଛି। ଏ ସଂକ୍ରାନ୍ତରେ ଜଣେ ମହିଳାଙ୍କ ସହିତ ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଅଇଁଠାପାଲି ଥାନା ଦାନିପାଲି ଚମାରପଡ଼ାର ଜଗତ ରୋହିଦାସ ଓରଫ ମଣ୍ଟୁ(୨୮) ଓ ଅମନ୍ ମେହେର(୨୪), ଟାଉନ ଥାନା ଅନ୍ତର୍ଗତ ଦାନିବନ୍ଧ ଅଞ୍ଚଳର ପ୍ରମୋଦ ଜାନୀ ଓରଫ ଗୁରୁଦେବ ଓରଫ ବାଲା(୨୪), ସାହୁ କଲୋନୀର କାହ୍ନାରାମ ସିଂ(୨୫), ପବିତ୍ର ଜେନା(୨୮) ଓ ମମତା କୁମାରୀ(୨୫)। ସେମାନଙ୍କ ନିକଟରୁ କଫ୍‌ସିରପ ବୋତଲ ସହିତ ନଗଦ ୧୬୦୦ ଟଙ୍କା, ୨ଟି ମୋବାଇଲ ଫୋନ ଜବତ ହୋଇଛି। ଏ ନେଇ ଟାଉନ ଥାନାରେ ଏକ ଅବକାରୀ ମାମଲା ରୁଜୁ କରି ଗୁରୁବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପତଞ୍ଜଳି ଯୋଗକେନ୍ଦ୍ରରେ ଗୁରୁପୂର୍ଣ୍ଣିମା

ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁବାର ହୋମଯଜ୍ଞ କରାଯାଉଛି।

ସମ୍ବଲପୁର, ୧୦।୭(ବି.ଶଙ୍କର)

ପବିତ୍ର ଗୁରୁ ପୂର୍ଣ୍ଣିମା ପର୍ବ ସମ୍ବଲପୁର ସହର ହୀରାକୁଦ କଲୋନୀସ୍ଥିତ ନିଃଶୁଳ୍କ ଦୈନିକ ପତଞ୍ଜଳି ଯୋଗ କେନ୍ଦ୍ରରେ ଗୁରୁବାର ପାଳିତ ହୋଇଯାଇଛି । ଯୋଗ ପ୍ରଶିକ୍ଷିତା ତଥା ପତଞ୍ଜଳି ଯୋଗ ସମିତିର ରାଜ୍ୟ ମହିଳା ପ୍ରଭାରୀ ଜେ.ଗିରିଜା ଦେବୀଙ୍କ ଅଧ୍ୟକ୍ଷତାରେ ବୈଦିକ ଯଜ୍ଞ ହୋଇଥିଲା । ଏହାପରେ ୮ଟି ମନ୍ତ୍ରପାଠ କରାଯାଇଥିଲା। ଉପସ୍ଥିତ ଭକ୍ତମାନେ ଯଜ୍ଞକୁଣ୍ଡରେ ଆହୂତି ପ୍ରଦାନ କରିଥିଲେ। ଯୋଗ ସେବାରେ ସମସ୍ତେ ବ୍ରତୀ ହେବା ସହିତ ସୁଖଳ ଶାନ୍ତି, ସମୃଦ୍ଧି, ବିଶ୍ୱ କଲ୍ୟାଣ ପ୍ରଭୃତି ସକାଶେ ହୋମଯଜ୍ଞ ହୋଇଥିଲା। ଏହା ପରେ ଯୋଗଗୁରୁ ବାବା ରାମଦେବଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଗୁରୁ ପୂଜନ କରାଯାଇଥିଲା । ଦୟାଶଙ୍କର, ଭୂପେନ ଚାୱାଲା, ସୁଶାନ୍ତ ସାହୁ, ପଙ୍କଜିନି ରାଉତ, ଭଗବତୀ ସଲମା, ମୁରାରୀ ଅଗ୍ରୱାଲ, ଗିରିଧାରୀ ଅଗ୍ରୱାଲ, ସନ୍ତୋଷ ପଟ୍ଟନାୟକ, ସୁମତି ବେରିହା, ସଂଯୁକ୍ତା ଓରାମ, ପ୍ରଶାନ୍ତ ମେହେର, ରାଧିକା ଗୁପ୍ତା, ଗିରିଧାରୀ ପୋଦ୍ଦାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁ ହେଉଛନ୍ତି ପ୍ରକୃତରେ ପଥ ପ୍ରଦର୍ଶକ । ତେଣୁ ଅନ୍ତର ସହ ଗୁରୁଙ୍କ ପୂଜାର୍ଚ୍ଚନା କଲେ ଭଗବାନ ପ୍ରାପ୍ତି ହୋଇଥାଏ। ସେଥିପାଇଁ ସମସ୍ତେ ଗୁରୁମାନଙ୍କର ଆଦର୍ଶକୁ ଅନୁକରଣ କରିବା ଜରୁରୀ ଅଟେ ବୋଲି ଯୋଗ ପ୍ରଶିକ୍ଷିକା ଗିରିଜା ଦେବୀ କହିଛନ୍ତି ।

ଗୁରୁ କୃପା ସାଧନାକୁ ସଫଳ କରିଥାଏ

ସମ୍ବଲପୁର,୧୦।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଯୋଗ ପରିବାର ପକ୍ଷରୁ ଗୁରୁବାର କମିଶନର କଲୋନୀ ପଡିଆରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଯୋଗ ପରିବାର ବରିଷ୍ଠ ସଦସ୍ୟ ବିଚିତ୍ରାନନ୍ଦ ଆଚାର୍ଯ୍ୟଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୀର୍ଘବର୍ଷ ହେବ ନିଃଶୁଳ୍କ ଯୋଗ ଶିକ୍ଷା ଦେଇ ଆସୁଥିବା ଯୋଗ ଗୁରୁ ଟିକେଲାଲ ଭୋଇଙ୍କୁ ସଦସ୍ୟମାନେ ସମ୍ବର୍ଦ୍ଧିତ କରିଥିଲେ। ଯୋଗଗୁରୁଙ୍କୁ ପୁସ୍ତକ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଯୋଗଗୁରୁ ଭୋଇ କହିଥିଲେ, କୌଣସି କ୍ଷେତ୍ରରେ ଗୁରୁର ଭୂମିକା ଯେମିତି ଗୁରୁତ୍ୱପୂର୍ଣ୍ଣ, ଶିଷ୍ୟମାନଙ୍କ ଭୂମିକା ମଧ୍ୟ ସେମିତି ମହତ୍ୱପୂର୍ଣ୍ଣ। କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ହରିହର ମିଶ୍ର, ଶଶିକାନ୍ତ ଜେନା, ବିକାଶ ଭୋଇ ଗୁରୁ ପୂର୍ଣ୍ଣିମା ଅବସରରେ ନିଜର ବକ୍ତବ୍ୟ ରଖି ଗୁରୁ କୃପା ସାଧନାକୁ ସଫଳ କରିଥାଏ ବୋଲି କହିଥିଲେ। ଶେଷରେ ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କିଶୋର ସୁଶାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଯୋଗ ପରିବାର ବିରଞ୍ଚି ନାୟକ, ସ୍ୱରୂପ ପାତ୍ର, କ୍ଷିତୀଶ ବିଶ୍ୱାଳ, ଉଦିପ୍ତ ତ୍ରିପାଠୀ, ବୁଟାନ ସିଂହ ସହଯୋଗ କରିଥିଲେ ।

ପହ୍ଲାଘାରି ଦଳିଦେଲେ ହାତୀପଲ

ହାତୀ ଦଳି ଦେଇଥିବା ତଳି କିଆରି।

ପଡିଆବାହାଲ,୧୦।୭(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ପାପପାଲି ଗ୍ରାମ ଓ ଆଖପାଖ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ଖରିଫ ଫସଲ ପାଇଁ କେତେଜଣ ଚାଷୀ ପକାଇଥିବା ପହ୍ଲାଘାରି(ଧାନତଳି)କୁ ବୁଧବାର ରାତିରେ ହାତୀପଲ ଦଳିଚକଟି ନଷ୍ଟ କରି ପକାଇଛନ୍ତି। ପାପପାଲିର ପଙ୍କଜ ମିର୍ଦ୍ଧା ୮ଏକର ଜମିରେ ଚାଷ ପାଇଁ ପକାଇଥିବା ତଳିଘରାକୁ ହାତୀପଲ ନଷ୍ଟ କରିଥିବା ସେ ଅଭିଯୋଗ କରିଛନ୍ତି। ଆଗାମୀ ସପ୍ତାହରେ ପହ୍ଲା ରୋଇବାକୁ ପ୍ରସ୍ତୁତ ହେଉଥିବା ଚାଷୀ ଏବେ କ'ଣ କରିବେ ଚିନ୍ତାରେ ପଡିଯାଇଛନ୍ତି। କିଛିଦିନ ତଳେ ସେ ପକାଇଥିବା ଅନ୍ୟ ଏକ ଜମିର ତଳି କିଆରିକୁ ମଧ୍ୟ ହାତୀ ମାଡି ଦେଇଥିବା ପଙ୍କଜ କହିଛନ୍ତି। ଖବର ପାଇ ବଡ଼ସାହିର ଫରେଷ୍ଟର ମମତା ଲୁହା ଓ ପ୍ରସାଦି ବାବୁ ଘଟଣାସ୍ଥଳ ପରିଦର୍ଶନ କରି ଫଟୋ ଉଠାଇ ନେଇଛନ୍ତି। ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଯାହା ସରକାରୀ ବ୍ୟବସ୍ଥା ଅଛି ଉଚ୍ଚ କର୍ତ୍ତୃପକ୍ଷ ନିର୍ଦ୍ଦେଶରେ କରାଯିବ ବୋଲି ଫରେଷ୍ଟର ଲୁହା କହିଛନ୍ତି। ପୁନଃ ଚାଷପାଇଁ ସହଯୋଗ ନମିଳିଲେ ଚରମପନ୍ଥା ଆପଣାଇବେ ବୋଲି ଚାଷୀ ଜଣକ କହିଛନ୍ତି।

ହୀରାକୁଦ ଜଳଭଣ୍ଡାର: ଜଳପତ୍ତନ ୬୦୪.୮୧ ଫୁଟ

୧୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର,୧୦।୭(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରରୁ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ଜାରି ରହିଛି ଅତିରିକ୍ତ ବନ୍ୟାଜଳ ନିଷ୍କାସନ। ଜଳସ୍ତର କ୍ରମଶଃ ହ୍ରାସ ପାଇ ରାତି ସାଢ଼େ ୯ଟା ସୁଦ୍ଧା ୬୦୪.୮୧ ଫୁଟ୍‌ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରହାରି ୨ଲକ୍ଷ ୪୪ହଜାର ୬୩୯ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ୨ ଲକ୍ଷ ୬୭ ହଜାର ୯୭୬ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ମହାନଦୀକୁ ନିଷ୍କାସନ କରାଯାଉଛି। ସେଥିମଧ୍ୟରେ ୧୬ଟି ଗେଟ୍ ଜରିଆରେ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୨ଲକ୍ଷ ୩୦ହଜାର ୮୪୮ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୩,୮୯୩ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୩୪ଘନଫୁଟ୍ ଏବଂ ଜଳସେଚନ ପାଇଁ ବରଗଡ଼ କେନାଲରେ ୨୭୫୫, ଶାସନ କେନାଲରେ ୨୦୦ ଓ ସମ୍ବଲପୁର କେନାଲରେ ୪୬ଘନଫୁଟ୍ ଜଳ ମିଶି ମୋଟ ୩୦୦୧ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି।

ସାଇ ବାବା ମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ

ସମ୍ବଲପୁର,୧୦।୭(ବି.ଶଙ୍କର)

ପବିତ୍ର ଗୁରୁ ପୂର୍ଣ୍ଣିମା ଉତ୍ସବ କ୍ଷେତରାଜପୁରସ୍ଥିତ ସାଇ ବାବାଙ୍କ ମନ୍ଦିରରେ ଗୁରୁବାର ସକାଳ ୯ଟାରେ ପାଳିତ ହୋଇଯାଇଛି। ମନ୍ଦିରରୁ ବାବାଙ୍କୁ ନେଇ ଏକ ନଗର ପରିକ୍ରମା ତଥା ପାଲଙ୍କି ଶୋଭାଯାତ୍ରା ବଡବଜାର ମା' ଦୁର୍ଗାଙ୍କ ମନ୍ଦିର ପର୍ଯ୍ୟନ୍ତ ଆସିଥିଲା। ସେଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଜିତେନ୍ଦ୍ରିୟ ପାଣିଗ୍ରାହୀ, ରବି ନାରାୟଣ ସାହୁ, ମହେନ୍ଦ୍ର ଦାଶ, ସୁବାଷ ସାହୁ, ଚନ୍ଦ୍ର ଶେଖର ସେଠ, ବରୁଣ ରେଙ୍ଗୀ, ସୋନୁ ମୂର୍ତ୍ତି, ଭାବେଷ ଚାନ୍ଦ, ରଶ୍ମିତା ସାହୁ, ମିନାକ୍ଷୀ ପାଣିଗ୍ରାହୀ, ମଞ୍ଜୁ ଲତା ରାୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସାଇ ବାବାଙ୍କ ପାଲଙ୍କି ଶୋଭାଯାତ୍ରା କ୍ଷେତରାଜପୁର ଅଞ୍ଚଳ ପରିକ୍ରମା କରୁଛି।

ଶୋକସଭାରେ ଆଇନଜୀବୀ ରାଜେନ୍ଦ୍ର କୁଅଁରଙ୍କ ସ୍ମୃତିଚାରଣ

ସମ୍ବଲପୁର ଜିଲା ଓକିଲ ସଂଘର ପ୍ରାକ୍ତନ ସଭାପତି, ସମ୍ପାଦକ ଥିଲେ

ସମ୍ବଲପୁର,୧୦।୭(ବି.ଶଙ୍କର)

ସମ୍ବଲପୁର ଜିଲା ଓକିଲ ସଂଘର ପ୍ରାକ୍ତନ ସଭାପତି ଏବଂ ସାଧାରଣ ସମ୍ପାଦକ ରାଜେନ୍ଦ୍ର କୁଅଁରଙ୍କ ପରଲୋକରେ ଗୁରୁବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ପ୍ରଦୀପ ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜୀବୀ ପ୍ରମୋଦ ଦାସ, ସୁରେଶ୍ୱର ମିଶ୍ର, ରାଜୁ ଗୁରୁ, ରାଜୀବ ଶତପଥୀ, ଚନ୍ଦ୍ରକାନ୍ତ ମହାନ୍ତି, ଚନ୍ଦ୍ର ପୁରୋହିତ ଅମର ଆତ୍ମାର ସ୍ମୃତିଚାରଣ କରିଥିଲେ। ତାଙ୍କ ପରଲୋକରେ ସମ୍ବଲପୁର ଜିଲା ଓକିଲ ସଂଘର ଅପୂରଣୀୟ କ୍ଷତି ଘଟିଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରି ପରିବାର ବର୍ଗଙ୍କୁ ଓକିଲ ସଂଘ ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇଛି।ଓକିଲ ସଂଘ ଉପସଭାପତି ଅରବିନ୍ଦ ନାୟକ, ସହ ସମ୍ପାଦକ ପ୍ରଦୀପ ସୂପକାର, ଯୁଗ୍ମ ସମ୍ପାଦକ ମହେନ୍ଦ୍ର ବଡ଼େଇ, କାର୍ଯ୍ୟକାରୀ ସଭ୍ୟ ରେଣୁକା ସେଠ, ତ୍ରିନାଥ ପଣ୍ଡା ଓ ବସନ୍ତ ସ୍ୱାଇଁ ପ୍ରମୁଖ ଏହି ଶୋକ ସଭାରେ ସାମିଲ ହୋଇଥିଲେ।

ଆଇନଜୀବୀ କୁଅଁର ୧୯୪୪ ମସିହା ମାର୍ଚ୍ଚ ୩୦ରେ ଜନ୍ମ ଗ୍ରହଣ କରିଥିଲେ। ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲରୁ ମାଟ୍ରିକ

ରାଜେନ୍ଦ୍ର କୁଅଁର।

ପାସ୍ କରିବା ପରେ ଗଙ୍ଗାଧର ମେହେର ମହାବିଦ୍ୟାଳୟରୁ ସ୍ନାତକ, ଲଜପତ ରାୟ ଆଇନ ମହାବିଦ୍ୟାଳୟରୁ ଲ' ଡିଗ୍ରୀ ହାସଲ କରିଥିଲେ। ୧୯୭୩ ମସିହାରେ ସମ୍ବଲପୁର ଜିଲା ଓକିଲ ସଂଘରେ ଆଇନଜୀବୀ ହିସାବରେ ଯୋଗଦାନ କରିଥିଲେ। ଉଭୟ ଫୌଜଦାରୀ ଓ ଦେୱାନି ମାମଲା ପରିଚାଳନାରେ ତାଙ୍କର ସିଦ୍ଧହସ୍ତ ଥିଲା। ୧୯୯୧ ମସିହାରେ ଓକିଲ ସଂଘ ସମ୍ପାଦକ ଓ ପରେ ସଭାପତି ଭାବେ ଦାୟିତ୍ୱ ସଫଳତାର ସହ ତୁଲାଇଥିଲେ। ସୂଚନାଯୋଗ୍ୟ ଯେ, ବୁଧବାର କୁଅଁରଙ୍କ ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କ ଗୋପାଳମାଳସ୍ଥିତ ବାସଭବନରେ ପରଲୋକ ଘଟିଥିଲା।

ମହିଳା ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

କଠିନ ପରିଶ୍ରମର ବିକଳ୍ପ ନାହିଁ

ସମ୍ବଲପୁର,୧୦।୭(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କ ନିମନ୍ତେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ, ଏକାଡ଼େମିକ ଅଧିକାରୀ ପ୍ରଫେସର ମନସ୍ୱିନୀ ପରିଡ଼ା, ପ୍ରଶାନ୍ତ ପ୍ରଧାନ, ବିତ୍ତ ଅଧିକାରୀ ଏବଂ ନୂତନ ଶିକ୍ଷା ନୀତି ପ୍ରଣୟନ ସଂଯୋଜକ ପ୍ରଫେସର ଅଖିଳ ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେର ସ୍ୱାଗତ ଅଭିଭାଷଣ

ମଞ୍ଚାସୀନ ମହାବିଦ୍ୟାଳୟ ଅଧ୍ୟକ୍ଷା ଏବଂ ଅଧ୍ୟାପକ ବୃନ୍ଦ।

ପ୍ରଦାନ କରି ମହାବିଦ୍ୟାଳୟର ନୀତି, ନିୟମ, ଶୃଙ୍ଖଳା ଏବଂ ଶୈକ୍ଷିକ ବିକାଶ ନିମନ୍ତେ ସମସ୍ତଙ୍କ ସହଯୋଗ ଆଶା କରିଥିଲେ। ମହାବିଦ୍ୟାଳୟର ପ୍ରଥମ ଦିନର ଅନୁଭୂତି ନିଆରା। କଠିନ ପରିଶ୍ରମର ବିକଳ୍ପ ନାହିଁ ବୋଲି ଉଲ୍ଲେଖ କରି କଲେଜର ପ୍ରଶାସନିକ ଅଧିକାରୀ ପ୍ରଫେସର ଭୋଇ ମହାବିଦ୍ୟାଳୟରେ ପାଠ ପଢ଼ିଥିବା ସୁନାମଧନ୍ୟ ଛାତ୍ରୀ, ପ୍ରଶାସିକା, ସମାଜସେବୀ ତଥା ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରାକ୍ତନ ଛାତ୍ରୀମାନଙ୍କୁ ଆଦର୍ଶଭାବେ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏକାଡ଼େମିକ ଅଧିକାରୀ ପ୍ରଫେସର ପରିଡ଼ା ବିଭିନ୍ନ ସୁବିଧା, ସୁଯୋଗର ସଦୁପଯୋଗ ସମ୍ପର୍କରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ନୂତନ ଶିକ୍ଷା ସଂଯୋଜକ ପ୍ରଫେସର ବିଶ୍ୱାଳ ଛାତ୍ରୀମାନଙ୍କ ପ୍ରଥମବର୍ଷର ପାଠପଢ଼ା, ପରୀକ୍ଷା, ଏବଂ ସମ୍ପୃକ୍ତ ବିଷୟ ଉପରେ ଆଲୋକପାତ କରିଥିଲେ। ନବାଗତା ଛାତ୍ରୀ ଓ ଅଭିଭାବକମାନେ ନିଜର ଅନୁଭବ ଓ ଅନୁଭୂତି ବିଷୟରେ କହିଥିଲେ। ସହକାରୀ ଏକାଡ଼େମିକ ଅଧିକାରୀ ଡ. ପ୍ରଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ରେଳ ମନ୍ତ୍ରାଳୟ
(ପୂର୍ବ ତଟ ରେଳପଥ)
ବିଜ୍ଞପ୍ତି

ଭୁବନେଶ୍ୱର, 01 ଜୁଲାଇ, 2025

ରେଳବାଇ ଅଧିନିୟମ 1989 ର ଧାରା 20A ଅଧୀନରେ ସୂଚନା

କା.ଆ. 2949 (ଅ).- ରେଳବାଇ (ସଂଶୋଧନ) ଅଧିନିୟମ 1989 (24/89) ବର୍ତ୍ତମାନ ଠାରୁ ଅଧିନିୟମ ଭାବେ ଅଭିହିତ ହେବ) ର ଧାରା 20A ର ଉପଧାରା (1) ର କ୍ଷମତାର ପ୍ରୟୋଗ ଅନୁସାରେ କେନ୍ଦ୍ର ସରକାର ଏହିଯୋଜନାରେ ସନ୍ତୁଷ୍ଟ ହୋଇଛନ୍ତି ଯେ, ରେଳବାଇ(ସଂଶୋଧନ) ଅଧିନିୟମ 1989 ର ଧାରା 20A (1) ସଂଖ୍ୟା 2949 (ଅ) ପ୍ରକାଶିତ ବିଜ୍ଞପ୍ତି ଓଡିଶା ରାଜ୍ୟର ବରଗଡ଼ ଜିଲ୍ଲାର ସ୍ୱତନ୍ତ୍ର ରେଳ ପ୍ରକଳ୍ପ, ଯଥା, **"ବରଗଡ଼ ରୋଡ୍ - ନୱାପଡ଼ା ରୋଡ୍ (୧୩୮.୩୨ କିଲୋମିଟର) ମଧ୍ୟରେ ନୂତନ ଲାଇନ"** ର ନିର୍ମାଣ ପ୍ରକଳ୍ପର ଯାହା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେନିଷ୍ପାଦନ, ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ନିମନ୍ତେ କେନ୍ଦ୍ର ସରକାରଙ୍କୁ ସମସ୍ତ ପ୍ରକାରର ବାଧା/ବୋଝରୁ ମୁକ୍ତ କରାହୋଇ ନ୍ୟସ୍ତ କରା ହେବା ନିମନ୍ତେ ଉଦ୍ଦିଷ୍ଟ ଭୂମିର ଅଧିଗ୍ରହଣ ଆବଶ୍ୟକ ହୋଇଅଛି ।

ଏଣୁ ଉପରୋକ୍ତ ଉଦ୍ଦେଶ୍ୟରେ ଅଧିକରଣ ହେବାକୁ ଥିବା ଭୂମିର ସମ୍ବନ୍ଧେ ଯଦି କାହାର କୌଣସି ଆପତ୍ତି ଥାଏ ତେବେ ସେ ଉପରୋକ୍ତ ଅଧିନିୟମର ଧାରା 20D ର ଉପଧାରା (1) ଅନୁସାରେ ଏହି ଅଫିସିଆଲ ଗେଜେଟର ପ୍ରକାଶିତ ହେବାର ତାରିଖରୁ 30 ଦିନ ମଧ୍ୟରେ ନିଜ ଆପତ୍ତି ଜଣାଇ ପାରିବେ ।

ଏହି ପରି କୌଣସି ଆପତ୍ତିକୁ ଅଧିକୃତ ଅଧିକାରୀ ଅର୍ଥାତ ଭୂମି ଅଧିଗ୍ରହଣ ଅଧିକାରୀ, ବରଗଡ଼, ବରଗଡ଼ ରୋଡ - ନୱାପାରା ରୋଡ (୧୩୮.୩୨ କିଲୋମିଟର) ମଧ୍ୟରେ ନୂତନ ଲାଇନ, ବରଗଡ଼, ଜିଲ୍ଲା - ବରଗଡ଼, ରାଜ୍ୟ – ଓଡ଼ିଶା, ଙ୍କୁ ଲିଖିତ ଭାବେ ଜଣାଇବ ତଥା ନିଜେ ବା ନିଜର କୌଣସି ଆଇନ ଗତ ସହଯୋଗୀଙ୍କ ଦ୍ୱାରା ନିଜର ଆପତ୍ତିକୁ ପ୍ରମାଣ ସହିତ ଉପସ୍ଥାପନ କରି ପାରିବେ, ଯେଉଁ ଥିରେ ପ୍ରାଧିକୃତ କର୍ତ୍ତୃପକ୍ଷ ଯଦି ଅସନ୍ତୋଷ ଅନୁଭବ କରନ୍ତି ତେବେ ଆଦେଶ ଜାରି କରାଇ ଏହି ଆପତ୍ତି ଗ୍ରହଣ ଅଥବା ଅନାଗ୍ରହ କରାଇପାରିବେ ।

ଉପରୋକ୍ତ ଆଇନ ର ଧାରା 20D ର ଉପଧାରା (2) ଅନୁସାରେ ଜାରି ଆଦେଶନାମାକୁ ଚୁଡାନ୍ତ ବୋଲି ଗ୍ରହଣ କରାଯିବ । ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆଗ୍ରହୀପକ୍ଷ ଭୂମିର ପ୍ଲାନ, ଭୂମି ସମ୍ବନ୍ଧୀୟ ସବିଶେଷ ବିବରଣୀ ପ୍ରାପ୍ତ କରି ପାରିବେ ।

ଅନୁସୂଚୀ

ଓଡିଶା ରାଜ୍ୟର ବରଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ **"ବରଗଡ଼ ରୋଡ୍ - ନୱାପଡ଼ା ରୋଡ୍ (୧୩୮.୩୨ କିଲୋମିଟର) ମଧ୍ୟରେ ନୂତନ ଲାଇନ"** ର ନିର୍ମାଣ ପ୍ରକଳ୍ପ ନିମିତ୍ତଥିବା ଭୂମି ଅଧିଗ୍ରହଣ ହେବାକୁ ଥିବା ନିର୍ମାଣ ସହ କିମ୍ବା ବୀନା ନିର୍ମାଣରେ ଜମିର ସଂକ୍ଷିପ୍ତ ବିବରଣୀ ।

ଜିଲ୍ଲାର ନାମ: ବରଗଡ଼

କ୍ର. ସଂ.	ଗ୍ରାମର ନାମ	ଖାତା ନଂ.	ପ୍ଲଟ ନଂ.	ସମୁଦାୟ କ୍ଷେତ୍ର (ଏକର)	ଅଧିକୃତ ହେବାକୁ ଥିବା କ୍ଷେତ୍ର (ଏକର)	କିସମ	ଜମିର ପ୍ରକାର
01	02	03	04	05	06	07	08
1	ମାଝୀପାଲି - 37	63	153	1.330	0.198	ବାହାଲ ସାଧାରଣ/5	ନିଜସ୍ୱ
2	ମାଝୀପାଲି - 37	63	177	4.280	0.652	ଆଟ ସାଧାରଣ	ନିଜସ୍ୱ
3	ମାଝୀପାଲି - 37	68/79	177/716	0.175	0.076	ଆଟ ସାଧାରଣ	ନିଜସ୍ୱ
4	ମାଝୀପାଲି - 37	68/79	177/806	0.175	0.028	ଘରବାରି	ନିଜସ୍ୱ
5	ମାଝୀପାଲି - 37	68/79	177/805	0.175	0.056	ଘରବାରି	ନିଜସ୍ୱ
6	ମାଝୀପାଲି - 37	68/79	177/804	0.175	0.083	ଘରବାରି	ନିଜସ୍ୱ
7	ମାଝୀପାଲି - 37	68/126	184	1.060	0.680	ଘରବାରି	ନିଜସ୍ୱ
8	ମାଝୀପାଲି - 37	68/126	184/591	0.100	0.053	ଘରବାରି	ନିଜସ୍ୱ
9	ମାଝୀପାଲି - 37	68/126	181	2.050	0.084	ଘରବାରି	ନିଜସ୍ୱ
10	ମାଝୀପାଲି - 37	68/127	190	0.110	0.059	ଘରବାରି	ନିଜସ୍ୱ
11	ମାଝୀପାଲି - 37	68/126	191	0.130	0.130	ଘରବାରି	ନିଜସ୍ୱ
12	ମାଝୀପାଲି - 37	62	188/554	0.230	0.092	ଘରବାରି	ନିଜସ୍ୱ
13	ମାଝୀପାଲି - 37	68/127	189	0.360	0.055	ଘରବାରି	ନିଜସ୍ୱ
14	ମାଝୀପାଲି - 37	53	201	2.730	0.063	ଘରବାରି	ନିଜସ୍ୱ
15	ମାଝୀପାଲି - 37	57	535	1.410	0.833	ଆଟ ସାଧାରଣ	ନିଜସ୍ୱ
16	ମାଝୀପାଲି - 37	57	534	0.360	0.130	ମାଳ ସାଧାରଣ	ନିଜସ୍ୱ
24.07.2025	10.30 A.M.	P240296531, P240301794, P240290048, P240302489, P240305057, P230158886, P240311397, P240307450, P230118455, P240284175, P240307353 & P240263044 **= 12 Candidates**
	02.30 P.M.	P240298558, P240303757, P240290273, P240294758, P230102576, P240306330, P240282300, P240309434, P240306781 & P240303320 **= 10 Candidates**
25.07.2025	10.30 A.M.	P240307152, P240268467, P240254600, P230233264, P240283753, P240306833, P240235076, P240282284, P240284542, P240256363, P240308680 & P240286547 **= 12 Candidates**
	02.30 P.M.	P240296465, P230147786, P240297205, P240302701, P240302656, P230107475, P240306589, P240307326, P240309120 & P240310273 **= 10 Candidates**
28.07.2025	10.30 A.M.	P240304681, P240308655, P240302932, P240298755, P240302798, P230145914, P240306858, P240307083, P230118241, P240307399, P240305185 & P240307251 **= 12 Candidates**
	02.30 P.M.	P230112810, P240311843, P240271571, P240307554, P240303007, P240302462, P240275510 & P230106158 **= 08 Candidates**

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.

The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.

Note: It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0266/2526 Sd./- Secretary

BERHAMPUR MUNICIPAL CORPORATION, GANJAM

INVITATIONS FOR BIDS (IFB)

Letter No. 9541/ Date: 02.07.25

Invitation for Bids

No. C-644

NATIONAL COMPETITIVE BIDDING THROUGH E-PROCUREMENT

Bid Identification No. BMC (BAM):- 307/2025-2026

1	**The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A"**	
2	**Nature of work**	**Civil work**
3	**No. of work**	**02 Nos.**
4	**Bid Cost**	The bidders shall remit online the cost of bid document for amount through the process as mentioned in the DTCN as per Annexure "A"
5	**E.M.D.**	The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A".
6	**Class of Contractor**	As per the Annexure "A"
7	**Availability of Bid Documents in the website**	From 11.00 hrs. of **09.07.25** to 17.00 hrs. of **24.07.25**
8	**Date & Time of Opening of Technical Bids**	11.00 hrs. onwards on **Dt. 25.07.25**
9	**Date & time of opening of financial bids**	Shall be intimated to the responsive Technically qualified bidder after evolution of Technical bids.
10	**Mode of submission of tender**	Tender should submitted Online in **www.tendersorissa.gov.in**
11	**The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.**	

Sd./- Commissioner
Berhampur Municipal Corporation, Berhampur, Odisha

OIPR-13035/11/0053/2526

See Career Appointment on every Wednesday & Saturday

WESTERN ODISHA DEVELOPMENT COUNCIL

6TH FLOOR, RAJIV BHAWAN, BHUBANESWAR-1

Phone:(0674) 2391598; Website: www.wodc.odisha.gov.in Email ID: ceowodc@gmail.com

No. 1321 /WODC Date: 08.07.25

ADVERTISEMENT

No. CAD-1066:- Applications are invited from the eligible personnel residing within the State of Odisha in respect of district mentioned below for engagement in the post of Retired Assistant Engineer/ Assistant Executive Engineer WODC on Contractual Basis.

Sl. No.	Name of the Post	Nos. of Post	Eligibility criteria / qualification	Salary	Nature of Post
1	**Assistant Engineer** (Deogarh, Bargarh, Kalahandi, Angul, Boudh, Sonepur, Jharsuguda, Sundargarh)	08	Degree/Diploma in Civil Engineering. A retired Engineer in the rank of AE/AEE (below 65 years) with experience in handling roads, buildings & Irrigation projects.	Monthly consolidated remuneration as per their eligibility for retired Government servant as per Finance Department circular.	Contractual

Application forms and other details are available in the website of WODC i.e. www.wodc.odisha.gov.in

Application complete in all respect with relevant particulars/testimonials must reach the **Chief Executive Officer, Western Odisha Development Council, 6th Floor, Rajib Bhawan, Bhubaneswar-1** by Regd. Post / Speed Post on or before **25th July 2025**. The envelope containing the application should be superscribed with the name of the post applied for.

The CEO reserves the right to accept / reject any or all of the applications without assigning any reason thereof.

OIPR-50007/11/0001/2526 **Sd./- Chief Executive Officer**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮

ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 12822/IND-II-PH-୧୨୭୨ ତାରିଖ: 08.07.2025

No.CAD-1060

ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ଶ୍ରୀ ନରସିଂହ ପାତ୍ର, ଓଡ଼ିଶାର ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି ତହସିଲ ଅନ୍ତର୍ଗତ ପର୍ଶୁରାମପୁର ଗ୍ରାମରେ ସମୁଦାୟ ୬.୭୫୩ ହେକ୍ଟର ପରିମିତ କ୍ଲଷ୍ଟର ଅଞ୍ଚଳରେ ଖାତା ନଂ.୭୮, ପ୍ଲଟ୍ ନଂ. ୨୫୭ ସ୍ଥିତ ପର୍ଶୁରାମପୁର ପଥର ଖଣି-୧** ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ **[State Environment Impact Assessment Authority (SEIAA)]**, ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪.୦୯.୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି ।

ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।

(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।

(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।

(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା.୧୨.୦୮.୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ ଗଜପତି ଜିଲ୍ଲା, ପାରଳାଖେମୁଣ୍ଡି ପଞ୍ଚାୟତ ସମିତି ଅନ୍ତର୍ଗତ କଟଲକଇଥା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଗଜପତି ।**

୨) ଜିଲ୍ଲା ଶିଳ୍ପକେନ୍ଦ୍ର, **ଗଜପତି ।**

୩) ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଗଜପତି ।**

୪) ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।

୫) ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ରାୟଗଡ଼ା ।**

୬) ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ **https://ospcboard.odisha.gov.in**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, **ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାୟଗଡ଼ା**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସଦସ୍ୟ ସଚିବଙ୍କ ଆଦେଶ ଅନୁଯାୟୀ

OIPR-08012/11/0298/2526 **ସ୍ୱା./- ମୁଖ୍ୟ ପରିବେଶ ଯନ୍ତ୍ରୀ**

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:..................................
ଜନ୍ମ ତାରିଖ: ....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ବଜାରରେ ୱାନ୍‌ପ୍ଲସ୍‌ର ନର୍ଡ ୫ସିରିଜ

ଭୁବନେଶ୍ୱର,୧୦ ।୭: 'ୱାନ୍‌ପ୍ଲସ୍'ର ବହୁ ପ୍ରତୀକ୍ଷିତ ତଥା ନର୍ଡ ସିରିଜ୍‌ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୱାନ୍ ପ୍ଲସ୍ ନର୍ଡ ୫ ଏବଂ ୱାନ୍‌ପ୍ଲସ୍ ନର୍ଡ ସିଇ୫ ସହିତ ୱାନ ପ୍ଲସ୍ ବଡ୍ସ ୪କୁ ଅନାବରଣ କରାଯାଇଛି। ୱାନ୍‌ପ୍ଲସ୍ ନର୍ଡ ସିରିଜ୍ ଇଣ୍ଡଷ୍ଟ୍ରିର ଫ୍ଲାଗ୍‌ଶିପ୍ ଟେକ୍ନୋଲୋଜି ସହ ମିନିମାଲ୍ ଡିଜାଇନକୁ ଯୋଡ଼ି ସାରା ବିଶ୍ୱରେ ବ୍ୟବହାରକାରୀଙ୍କ ବିଶ୍ୱାସ ଓ ଭଲପାଇବା ଅର୍ଜନ କରିଛି ବୋଲି ୱାନ୍‌ପ୍ଲସ୍‌ର ପ୍ରତିଷ୍ଠାତା ପିଟେ ଲାଉ କହିଛନ୍ତି।

କୋଲକାତାରେ ଟ୍ରାଭେଲ ଟ୍ରେଡ୍ ଫେୟାର ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୭(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ଟ୍ରାଭେଲ ଶୋ' ନେଟ୍‌ୱର୍କ ଟ୍ରାଭେଲ ଟ୍ରେଡ୍ ଫେୟାର(ଟିଟିଏଫ୍) ଏକ ଏକ୍ସକ୍ଲୁସିଭ ବି୨ବି ଇଭେଣ୍ଟ ଭାବେ କୋଲକାତାରେ ଆରମ୍ଭ ହୋଇଛି। ଜମ୍ମୁ ଓ କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏହାର ଉଦ୍‌ଘାଟନ କରିଛନ୍ତି। ଏହି ଫେୟାର ଜୁଲାଇ ୧୦ରୁ ୧୨ ଯାଏଁ ବିଶ୍ୱ ବଙ୍ଗଳା ମେଳା ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି। ପୂର୍ବ ଭାରତର ସବୁଠାରୁ ପୁରାତନ ଓ ବିଶ୍ୱସ୍ତ ଟ୍ରାଭେଲ ଟ୍ରେଡ୍ ଶୋ' ଭାବେ ପରିଚିତ ଟିଟିଏଫ୍ ୨୫ଟିରୁ ଅଧିକ ଭାରତୀୟ ରାଜ୍ୟ ଓ ୧୪ଟିରୁ ଅଧିକ ଦେଶରୁ ୫୦୦ରୁ ଅଧିକ ପ୍ରଦର୍ଶକ ଏବଂ ୫,୫୦୦ରୁ ଅଧିକ ଗ୍ରାହକଙ୍କୁ ଏକାଠି କରୁଛି। ଦୁର୍ଗାପୂଜା ଓ ଦୀପାବଳି ପୂର୍ବରୁ ଏହା ଟ୍ରାଭେଲ ପ୍ରଫେସନାଲଙ୍କ ପାଇଁ ନେଟ୍‌ୱର୍କିଂ ଓ ବ୍ୟବସାୟିକ ସୁଯୋଗର ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ହେବ ବୋଲି ଆଶା କରାଯାଉଛି। ଉଦ୍‌ଘାଟନ ଅବସରରେ ସିକ୍କିମର ଉପ-ବାଚସ୍ପତି ରାଜକୁମାରୀ ଥାପା, ଥାଇଲାଣ୍ଡର କନସୁଲ ଜେନେରାଲ ସିରିପୋର୍ନ ତାନ୍ତିପାନ୍ୟାଥେପ, ଛତିଶଗଡ଼ ଟୁରିଜମ ବୋର୍ଡର ଅଧ୍ୟକ୍ଷ ନୀଲୁ ଶର୍ମା ଓ ଏସିଟିର ସଂଯୋଜକ ରାଜ ବସୁ ଉପସ୍ଥିତ ଥିଲେ। ଇଣ୍ଡିଆ ଟୁରିଜମ, ଓଡ଼ିଶା ଟୁରିଜମ, ଜମ୍ମୁ ଓ କଶ୍ମୀର ଟୁରିଜମ, ଥାଇଲାଣ୍ଡ ଟୁରିଜମ ଅଥରିଟି ସମେତ ଅନେକ ଟୁରିଜମ ବୋର୍ଡ ଏବଂ ରାମୋଜୀ ଫିଲ୍ମ ସିଟି, ରାଡିସନ ହୋଟେଲ ଗ୍ରୁପ୍ ପରି ବେସରକାରୀ ପ୍ରଦର୍ଶକମାନେ ସାମିଲ ଅଛନ୍ତି।

ଜେଏଜି ମାଧ୍ୟମରେ ସହାୟତା

ଭୁବନେଶ୍ୱର,୧୦।୭

ପଲିସୀ ବଜାରର ବହୁ ପ୍ରତୀକ୍ଷିତ ତଥା ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଜିତୋ ଅପ୍‌ନା ଘର ବା ଜେଏଜି'ର ୫ମ ସଂସ୍କରଣ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଶ୍ରେଷ୍ଠ ପ୍ରଦର୍ଶନୀକାରୀଙ୍କୁ ସ୍ୱତନ୍ତ୍ର ପଦ୍ଧତିରେ ବିଜେତା ଘୋଷଣା ସହ ପୁରସ୍କୃତ କରାଯାଇଥିଲା। ଅପରପକ୍ଷରେ ବିଜେତାମାନଙ୍କୁ 'ସ୍ପିନ୍ ଦି ହ୍ୱିଲ' କାର୍ଯ୍ୟକ୍ରମ ଜରିଆରେ ମନୋନୀତ କରାଯାଇଥିଲା, ଯାହା ଏକ ରୋମାଞ୍ଚକାରୀ ଅନୁଭୂତି ଆଣି ଦେଇଥିଲା। କମ୍ପାନୀର ବରିଷ୍ଠ ନେତୃବୃନ୍ଦ ଟିକଟ ସଂଖ୍ୟା ବିଜେତାମାନଙ୍କ ନାମ ଘୋଷଣା କରିବାକୁ ମଞ୍ଚରେ ଉପସ୍ଥିତ ହେବା ସହ ବିଜେତାମାନଙ୍କ ନାମ ଘୋଷଣା କରାଯିବା ସମୟରେ ସମୁଦାୟ ପ୍ରକୋଷ୍ଠ ଆନନ୍ଦ ଉଲ୍ଲାସ ଏବଂ ଭାବପ୍ରବଣତାରେ ପୂରି ଉଠିଥିଲା, ଯାହା ବାସ୍ତବରେ ଉପସ୍ଥିତ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି ଆଣି ଦେଇଥିଲା। ଏ ସମ୍ପର୍କରେ କମ୍ପାନୀର ଜଏଣ୍ଟ ଗ୍ରୁପ୍ ସିଇଓ ସର୍ବବୀର ସିଂ କହିଥିଲେ, 'ଜିତୋ ଅପ୍‌ନା ଘର ସର୍ବଦା କେବଳ ଏକ ପ୍ରତିଯୋଗିତାଠାରୁ ଅନେକ କିଛି ଅଧିକ ହୋଇ ରହି ଆସିଛି। ଏହା ଉତ୍ସର୍ଗୀକୃତ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ, ପ୍ରଦର୍ଶନକୁ ଆଗେଇ ନେବା ଏବଂ ଶୀର୍ଷ ପ୍ରତିଭାମାନଙ୍କୁ ବଜାୟ ରଖିବାରେ ସହାୟତା କରିବାକୁ ଏକ ନିର୍ଣ୍ଣାୟକ ପ୍ରୟାସ ହୋଇଛି। ଉଲ୍ଲେଖଯୋଗ୍ୟ, ପଲିସୀ ବଜାର ଆଜି ସୁଦ୍ଧା ଜେଏଜି ମାଧ୍ୟମରେ କର୍ମଚାରୀଙ୍କୁ ୩୯ଟି ବାସଗୃହ, ୨୪ କାର୍ ଏବଂ ନଗଦ ଅର୍ଥ ପ୍ରୋତ୍ସାହନ ଭଳି ମୋଟ ୪୦ କୋଟି ଟଙ୍କାର ଫାଇଦା ପ୍ରଦାନ କରିଛି। କେବଳ ଜେଏଜିର ୫ମ ସଂସ୍କରଣରେ ୧୦ଜଣ ଆଡଭାଇଜରଙ୍କୁ ବାସଗୃହ ଏବଂ ୮ଜଣ ଆଡଭାଇଜରଙ୍କୁ କାର୍ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଏଥି ସହ ଆଡଭାଇଜରଙ୍କୁ ସେମାନେ ଏକ ବାସଗୃହ ଅଥବା ଏକ କାର୍ ମାଲିକାନା ହାସଲ କରିଥିଲେ ମଧ୍ୟ ସେମାନଙ୍କ ପ୍ରଦର୍ଶନ ଆଧାରରେ ୧୧କୋଟି ଟଙ୍କା ଅର୍ଥ ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା।

Classified Everyday
0674-2580101, 9692975378

REAL ESTATE
SALE

Resort / Cottage at New Puri 19Lakhs, Sandalwood Project 3Lakhs. 8908113985. D-1225

Commercial land sale Area 2047sqft. NH-57 Pitapalli, Bhubaneswar with boundarywall. 7008634668. D-76287

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ସ୍ଥିତିବାନ ଘରବାରି ପାଚେରି ପ୍ଲଟ୍ ବ୍ରାହ୍ମଣଝରିଲୋ ନଖରାରୁ **5K.M 1500sqft.** କିଣି ଘର କରନ୍ତୁ। **7978947520** D-76283

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347. D-1241

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital- 2** ଏବଂ **Grand Bazar(NH-16)** ସମ୍ମୁଖରୁ ଅଳ୍ପଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **8249422604** D-76281

Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/-. 8328868883. D-76284

Duplex sale near AIIMS Hospital Bhubaneswar, apartment Sum Hospital. 9777433701. D-76285

3 Office space- 1. 2000sqft. in 1st floor, 2. 780sqft. 2nd floor fully furnished Office, 3. 1000sqft. in 3rd floor at 5- Janpath, Unit-3, Kharvelnagar behind Kalsi petrol pump, Bhubaneswar, Odisha-751001. Readily available to operate. Contact: 9437001845, 7504050186. D-76839

LOST

This is to bring to the notice of the General Public that one ID Card of Mr. Rajesh Ku. Swain issued by ICICI Bank Ltd. having ID Card No.- 2525107 has been found missing and/or lost on 20.06.2025. Anyone, who finds the said ID Card, is requested to return the said ID Card to the Manager Debt Services & Management Group, ICICI Bank Limited, Bhubaneswar. Therefore, all the customers of ICICI Bank Limited are hereby notified not to make any payment to any unauthorised person holding the said ID Card No.- 2525107. Please take further notice that anybody making payment to any person holding the said ID Card shall do so at his/her own costs, risk and peril and ICICI Bank shall not be bound and/or responsible for any payment.
Date:20.06.2025
Place:
D-1238

AFFIDAVIT

By virtue of an affidavit sworn before Executive Magistrate, Bheden, dated- 08.07.2025, I, Jagannath Barik, Address: At/P.O.- Ainlapali, P.S.- Bheden, Dist.- Bargarh, PIN-768104 declare that I have changed my daughter's name from Shree to Tanushree Rani Barik. Henceforth, she shall be known as Tanushree Rani Barik for all purposes. D-1240

I, Jagdish Kumar Jena, S/o- Gayadhar Jena, resident of B-401, Snehalata Apartment, Vivekananda Marg, Nageswartangi, Bhubaneswar, P.O.- Old Town, P.S.- Shree Lingaraj, Dist.- Khordha, PIN- 751002, Odisha declare by this affidavit No.- 649, dtd. 08.07.2025. That now onwards I shall be known as JAGADISH KUMAR JENA for all future purposes. D-1246

By virtue of an affidavit sworn before the Notary Public, Balangir, No.- 4478, date- 16.05.25, I, Sangita Gadtya, W/o. Sarjan Barik, R/o. Village- Khairmal Mundapala, P.O.- Kulutapada, P.S.- Tusura, Dist.- Balangir- 767067, declare that I have changed my name from Sangita Barik to Sangita Gadtya. Henceforth I shall be known as Sangita Gadtya for all purposes.
Sangita Gadtya
D-1242

I, Murttiala Jagadamba, W/o- Late Venkat Rama Rao Mutiala, resident of Village- Saraspali, P.O.- Sankirda, P.S.- Bheden, Dist.- Bargarh, PIN- 768103, Odisha, declare by this affidavit No.- 24, dtd- 04.05.2025, that now onwards, I shall be known as Mutiala Jagadamba for all future purposes. D-1243

I, Akshya Kumar Sahoo, S/o. Late Raghunath Sahoo, At/ P.O.- Barpali, Ward No.- 2, P.S./- Tah Barpali, Dist.- Bargarh, do hereby changed my name from Akshay Kumar Sahu to Akshya Kumar Sahoo, by virtue of an affidavit sworn before Notary Public Barpali on dt- 09.07.2025.
Akshya Kumar Sahoo
D-1241

By virtue of an affidavit sworn before the Executive Magistrate, Bhubaneswar on dtd- 13.03.2025. I, Smruti Sudipta Tripathy, W/o- Bishnu Prasad Tripathy resident of Plot- 59, Goutam Nagar, Bhubanewar, PIN- 751014, Odisha, declare that I have change my name from Smruti Sudipta Panda to Smruti Sudipta Tripathy. Henceforth, I shall be known as Smruti Sudipta Tripathy for all purposes. D-1240

By virtue of an affidavit sworn before the Notary Public. Muniguda on dated- 07.07.2025, (SL No.- 569/25), I, Saira Hadrenga of Village- Tagapankal, P.O.- Chandrapur, P.S.- Chandrapur, Dist.- Rayagada, declare that I have changed my name Saira Banu to Saira Hadrenga. Henceforth, I shall be known as Saira Hadrenga for all purposes.
Saira Hadrenga
D-1244

LEGAL NOTICE

IN THE COURT OF THE ADDL SUB COLLECTOR, CUTTACK.
Remand Revision Petition No.- 2292/2001
Abdul Uhab Khan & Others ....Petitioners
Vrs
Punananda Malik & Others ....Opp. parties
Summons/Notice for service by Advertisement in a Daily Oriya News Paper (O.V.R.20 of CPC)

To
1. Puni Bibi, D/o-Late Rasid Khan, Address- Kakatpur, Dist.- Puri, 2. Rehmat Khan, S/o-Late Rasid Khan, At- Majhikhanda, P.O.-Niali, Dist.- Cuttack, 3. Kuni Bibi, D/o- Late Rasid Khan, At- Majhikhanda, P.O.-Niali, Dist- Cuttack, 4. Rajani Bibi, D/o-Late Rasid Khan, Address- Uttarpradesh

Whereas, the petitioners have instituted the above mentioned Consolidation Case U/s 37(2) of the OCH. & PFL. Act, 1972 against the Hal Khata No.- 315, Plot No.- 867, Area A0.18 dec. of Mouza Badakorkor, P.S.- Govindpur, Dist.- Cuttack. You are hereby summoned to appear in this Court either in person or by a pleader on dt. 24.07. 2025 at about 11 O' clock to answer the same, failing which the remand revision petition will be disposed up in accordance with law.

Given under my hand and the seal of the Court this 07th July, 2025
By the order of 07.07.2025
Sd./- Addl. Sub-Collector, Cuttack Sadar.
Place- Cuttack
Date-07.07.2025
D-1245

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

Letter No.-1159, dt- 17.06.2025
ମାନ୍ୟବର ଆଡିସନାଲ୍ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଆଡ଼ିସନାଲ୍ ରିଭିଜନ୍ କୋର୍ଟ ନଂ- ୪ଙ୍କ ଅଦାଲତ, ଭୁବନେଶ୍ୱର, ଓ.ଏସ୍.ଏସ୍. କେଶ ନଂ- ୨୫୫/୨୦୨୪
ପ୍ରଶାନ୍ତ କୁମାର ନାୟକ ...ବାଦୀ/ଦରଖାସ୍ତକାରୀ
ବନାମ
ବିକ୍ରମ କେଶରୀ ରାୟ ଓ ଅନ୍ୟମାନେ ପ୍ରତିବାଦୀମାନେ/ଅପରପକ୍ଷ
ପ୍ରାପ୍ତେଷୁ,
୧. ବିକ୍ରମ କେଶରୀ ରାୟ, ପିତା- ୰ଗୋବିନ୍ଦ ଚନ୍ଦ୍ର ରାୟ, ସା/ପୋ: ବଡ଼ହାଟ, ତ୍ରିଲୋଚନପୁର, ଥାନା- ଅଗରପଡ଼ା, ଜିଲ୍ଲା- ଭଦ୍ରକ, ୨. ଉମେଶ ଚନ୍ଦ୍ର ସାମନ୍ତରାୟ, ପିତା- ୰ସର୍ବେଶ୍ୱର ସାମନ୍ତରାୟ, ପୋଷ୍ୟ ପିତା- ୰ଜୋଗେନ୍ଦ୍ରନାଥ ବଡ଼ଜେନା, ସା/ପୋ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୩. ପ୍ରସନ୍ନ କୁମାର ସାମନ୍ତରାୟ, ପିତା- ୰ସର୍ବେଶ୍ୱର ସାମନ୍ତରାୟ, ସା/ପୋ/ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୪. ମହେଶ୍ୱର ସାମନ୍ତରାୟ, ପିତା- ମଧୁସୂଦନ ସାମନ୍ତରାୟ, ସା/ପୋ- ଗଡ଼ କସନ୍ଦା, ଥାନା- ରଣପୁର, ଜିଲ୍ଲା- ନୟାଗଡ଼, ...ପ୍ରତିବାଦୀ ନଂ.- ୧ରୁ ୪
ନୋଟିସ୍
ସିପିସି ଅର୍ଡର ନଂ. ୫, ରୁଲ୍ ୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା ୧୫(ଖ) ମୁତାବକ ମାନ୍ୟବର ଆଡିସନାଲ୍ କମିଶନର, ଆଡିସନାଲ୍ ରିଭିଜନ କୋର୍ଟ ନଂ. ୪, ଭୁବନେଶ୍ୱର ଅଦାଲତରେ ବାଦୀ, ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ଼ ପାଇଁ ଉପଯୁକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧ ଠାରୁ ୪ଙ୍କ ଠିକଣାରେ ନୋଟିସ୍ ରେଜିଷ୍ଟ୍ରି ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ୍ ବିନା ଜାରି ହୋଇ ଫେରି ଆସିଥିଲା।
ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ. ୧ ଠାରୁ ୪ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ୍ ରିଭିଜନ୍ କୋର୍ଟ ନଂ. ୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ତା।୮।୦୮।୨୦୨୫ରିଖ ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ତଫସିଲ ବୃତ୍ତି
ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ଭୁଆସୁଣୀ, ସାବକ ଖାତା ନଂ.- ୧୨୧, ପ୍ଲଟ୍ ନଂ.-୫୬୨ ଏହାର ହାଲ୍ ଖାତା ନଂ.-୬୪୩, ପ୍ଲଟ୍ ନଂ.-୨୫୦୧, ମୋଟ୍ ଏରିଆ- ଏ୧.୩୦୬ଡି. ସ୍ୱଧରୁ ଏରିଆ- ଏ୦.୧୦୦ଡି., ଏହା ସବ୍ ପ୍ଲଟ୍ ନଂ.- A। ଚୌହଦୀ: ଉତ୍ତର- ସବ୍ ପ୍ଲଟ୍ ନଂ.- J, ଦକ୍ଷିଣ- ପ୍ଲଟ୍ ନଂ.- ୫୬୩, ପୂର୍ବ- ସବ୍ ପ୍ଲଟ୍ ନଂ.- B, ରାସ୍ତା, ପଶ୍ଚିମ- ସରକାରୀ ରାସ୍ତା।
ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନଂ. ୧ ରୁ ୪ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ।
ସ୍ୱା./- ଆଡିସନାଲ ରିଭିଜନ୍ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶ କ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୧୨୩୯

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସହଭାଗିତାରେ ବ୍ୟବସାୟର ସମ୍ପ୍ରସାରଣ

ଭୁବନେଶ୍ୱର,୧୦।୭

ବର୍ତ୍ତମାନ ସମୟରେ ଗ୍ରାହକ ଅନ୍‌ଲାଇନ କାରବାରକୁ ଅଧିକ ପସନ୍ଦ କରୁଥିଲାବେଳେ ଉପଭୋକ୍ତାଙ୍କ ଚାହିଦା ଅନୁଯାୟୀ କମ୍ପାନୀଗୁଡିକ ମଧ୍ୟ ଅନ୍‌ଲାଇନରେ ବ୍ୟବସାୟ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଫଳରେ ସହଭାଗିତା ମାଧ୍ୟମରେ କମ୍ପାନୀଗୁଡିକ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ପସନ୍ଦ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମିଶୋ ସହ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆ ସହଭାଗିତା ସ୍ଥାପନ କରିଛନ୍ତି। ସାରା ଭାରତର ଗ୍ରାହକମାନଙ୍କୁ ଦୈନନ୍ଦିନ ସୁସ୍ଥତା, ପାନୀୟ ଏବଂ ବ୍ୟକ୍ତିଗତ ଯତ୍ନ ଉତ୍ପାଦର ଏକ ବିସ୍ତୃତ ଚୟନ ପ୍ରଦାନ କରିବା ପାଇଁ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆ ମିଶୋ ମଲ୍‌ରେ ଯୋଗଦାନ କରିଛନ୍ତି, ଯାହାକି ଗ୍ରାହକମାନଙ୍କୁ ବ୍ୟକ୍ତିଗତ ଯତ୍ନଠାରୁ ଆରମ୍ଭକରି ସୁସ୍ଥତା ଏବଂ ପାନୀୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଦୈନନ୍ଦିନ ଆବଶ୍ୟକ ସାମଗ୍ରୀର ସହଜ ପ୍ରବେଶ ପ୍ରଦାନ କରିବ। ଏହା ମାଧ୍ୟମରେ ଟାଟା କଞ୍ଜ୍ୟୁମର ପ୍ରଡକ୍ଟସ୍ ଏବଂ କେନଭ୍ୟୁ ଇଣ୍ଡିଆର ପ୍ରମୁଖ ଉତ୍ପାଦଗୁଡ଼ିକ ବର୍ତ୍ତମାନ ଅନେକ ଲକ୍ଷ ମିଶୋ କ୍ରେତାଙ୍କ ପାଇଁ ସହଜରେ ଉପଲବ୍ଧ ହେବ। ଟାଟା କଞ୍ଜ୍ୟୁମର ପ୍ରଡକ୍ଟ ଏବଂ କେନଭ୍ୟୁ ଇଣ୍ଡିଆ ମିଶୋ ସହ ସେମାନଙ୍କର ସହଭାଗିତାକୁ ଆହୁରି ଘନିଷ୍ଠ କରିବା ସହ ସେମାନେ ଡିଜିଟାଲ-ପ୍ରଥମ ଗ୍ରାହକଙ୍କ ଏକ ଦ୍ରୁତ-ବର୍ଦ୍ଧିଷ୍ଣୁ ଏବଂ ବିବିଧ ଆଧାରରେ ପହଞ୍ଚି ପାରୁଛନ୍ତି।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଶରତ ଚନ୍ଦ୍ର ମହାପାତ୍ର
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୦୬।୦୪।୧୯୪୪
ତିରୋଧାନ: ୦୧।୦୭।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମେ ଆମକୁ ଛାଡି ଚାଲିଯିବା ଟା ବିଧି ନିର୍ଦ୍ଦିଷ୍ଟ ଥିଲା। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ଉପରେ ସଦା ସର୍ବଦା ଥାଉ। ଶ୍ରୀଜଗନ୍ନାଥ ମହାପ୍ରଭୁ ତୁମର ପବିତ୍ର ଆତ୍ମା କୁ ଶାନ୍ତି ଦିଅନ୍ତୁ।
-:ଶୋକସନ୍ତପ୍ତ:-
ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୧୨୪୭

ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୦।୭ (ଅଭୟ ଦାଶ)

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୪୬ (୩୪୫.୮୦) ପଏଣ୍ଟ ହ୍ରାସ ଘଟି ୮୩,୧୯୦ (୮୩,୧୯୦.୨୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୧୨୧ (୧୨୦.୮୫) ପଏଣ୍ଟ କମି ୨୫,୩୫୫ (୨୫,୩୫୫.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

ଶକ୍ତି ଖର୍ଚ୍ଚରେ ୩୦% ହ୍ରାସ

ଭୁବନେଶ୍ୱର,୧୦।୭

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭିଟ୍ରିଫାଇଡ୍ ଏବଂ ଚମକଦାର ଟାଇଲ୍ସ ଉତ୍ପାଦନକାରୀ ଏକ୍ସଜାରୋ ଟାଇଲ୍ସ ଲିମିଟେଡ୍ ଗୁଜରାଟର ଇଦରର ଗୋରୋଲଠାରେ ଏକ ୫ ମେଗାୱାଟ ଡିସି ସୌର ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ଘୋଷଣା କରିଛି। ଉକ୍ତ ପ୍ରକଳ୍ପରେ ବର୍ତ୍ତମାନ ବାର୍ଷିକ ପ୍ରାୟ ୨୧ ନିୟୁତ ବିଦ୍ୟୁତ୍ ୟୁନିଟ୍ ବ୍ୟବହାର ହେଉଛି। ଫଳରେ ସୌର ଶକ୍ତି ବର୍ତ୍ତମାନ କାର୍ଯ୍ୟକୁ ସମର୍ଥନ କରୁଥିବାରୁ କମ୍ପାନୀ ବାର୍ଷିକ ପ୍ରାୟ ୫.୬୭ କୋଟି ଟଙ୍କା ସଞ୍ଚୟ କରିବ ବୋଲି ଆଶା କରୁଛି, ଯାହାଦ୍ୱାରା ୟୁନିଟ୍‌ରେ ଶକ୍ତି ଖର୍ଚ୍ଚରେ ୩୦% ହ୍ରାସ ଘଟିବ। ଏକ୍ସଜାରୋ ଟାଇଲ୍ସ ଲିମିଟେଡ୍‌ର ଏମ୍‌ଡି ମୁକେଶ କୁମାର ବି ପଟେଲ କହିଛନ୍ତି, ସୌର ପ୍ରକଳ୍ପ ଆମର ବ୍ୟବସାୟିକ କାର୍ଯ୍ୟକୁ ବିଶ୍ୱସ୍ତରୀୟ ସ୍ଥାୟିତା ଲକ୍ଷ୍ୟ ସହିତ ଯୋଡ଼ିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ହୋଇଥିଲାବେଳେ ଏହା କେବଳ ଆମର ଖର୍ଚ୍ଚ ଦକ୍ଷତାକୁ ସୁଦୃଢ଼ କରେ ନାହିଁ ବରଂ ସ୍ୱଚ୍ଛ ଶକ୍ତି ଏବଂ ପରିବେଶ ଦାୟିତ୍ୱ ପ୍ରତି ଆମର ପ୍ରତିବଦ୍ଧତାକୁ ମଧ୍ୟ ଦର୍ଶାଏ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଅତୁଳନୀୟ ନୀରଜ

ଜାଭେଲିନ୍ ଷ୍ଟାର ନୀରଜ ଚୋପ୍ରା ଭାରତ ପାଇ ଯେଉଁ ସଫଳତା ଅର୍ଜନ କରିଛନ୍ତି ତାହା ଅତୁଳନୀୟ। ଅଲିମ୍ପିକ୍ସ ଟାଇଟଲ ହେଉ କି ବିଶ୍ୱ ଚାମ୍ପିୟନଶିପ୍ ସବୁଥିରେ ସ୍ଥିର ପ୍ରଦର୍ଶନ ଦେଇ ସେ ଅନେକ କିଛି ପ୍ରମାଣ କରିଛନ୍ତି। ବହୁ ପ୍ରତୀକ୍ଷିତ ୯୦ ମିଟର ଦୂରତା ଅତିକ୍ରମ କରିବା ପରେ ସେ ସର୍ବଦା ଚର୍ଚ୍ଚାରେ ରହି ଆସିଛନ୍ତି...

ନୀରଜ ଚୋପ୍ରା

ଏନ୍‌ସି କ୍ଲାସିକରେ ପ୍ରଥମ ୩ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ

ନୀରଜ ଚୋପ୍ରା ଭାରତର ଗର୍ବ ଓ ଗୌରବ। ଏହା ପଛରେ ଯେଉଁ ସଫଳତା ରହିଛି ତାହା ଅଦ୍ୱିତୀୟ। ଅଲିମ୍ପିକ୍ସ ଟାଇଟଲ ହେଉ କି ରନରଅପ୍ ସଫଳତା ସେସବୁ ନୀରଜଙ୍କର ସ୍ଥିର ପ୍ରଦର୍ଶନର ପ୍ରମାଣ ବହନ କରେ। କ୍ରମାଗତ ୨୪ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରି ସେ ଯେଉଁ ଚାଲେଞ୍ଜ ରଖିଛନ୍ତି ତାହା ଅଭେଦ୍ୟ ବୋଲି ପ୍ରତିଦ୍ୱନ୍ଦ୍ୱୀମାନେ ସ୍ପଷ୍ଟ ଅଛନ୍ତି। ଜୁଲାଇ ୫ରେ ବେଙ୍ଗାଲୁରୁ ଶ୍ରୀ କାନ୍ତିରେଭା ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି 'ନୀରଜ ଚୋପ୍ରା କ୍ଲାସିକ୍'। ଏଠାରେ ମଧ୍ୟ ନୀରଜ ତାଙ୍କ ସଫଳତାର ସ୍ୱାକ୍ଷର ଛାଡ଼ିଥିଲେ। ସେ ୮୬. ୧୮ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ଚାମ୍ପିୟନ ହୋଇଥିଲେ। କେନିଆର ଜୁଲିଅସ ୟେଗୋ ୮୪. ୫୧ ମିଟର ଓ ଶ୍ରୀଲଙ୍କାର ରମେଶ ପଥିରାଗେ ୮୪. ୩୪ ମିଟର ଦୂରକୁ ଫିଙ୍ଗି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେପ୍ଟେମ୍ବରରେ ଜାପାନରେ ଅନୁଷ୍ଠିତ ହେବ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍। ଏହାକୁ ଲକ୍ଷ୍ୟରେ ରଖି ନୀରଜ ସମ୍ପ୍ରତି ପ୍ରସ୍ତୁତିରେ ଅଛନ୍ତି। ଭାରତରେ ଜାଭେଲିନ୍ କ୍ରୀଡ଼ାର ପ୍ରସାରରେ ନୀରଜଙ୍କ ଅବଦାନ ସମ୍ପର୍କରେ **ଇଭାନ୍ କୁମାର ସାହୁଙ୍କ** ଆଲେଖ୍ୟ...

ହରିୟାଣାର ପାନିପଥ ନିବାସୀ ଅଲିମ୍ପିଆନ୍ ନୀରଜ ଚୋପ୍ରା ଜଣେ ଜାଭେଲିନ୍ ଷ୍ଟାର୍। ତାଙ୍କ ଯୋଗୁ ଜାଭେଲିନ୍ ପରି ଏକ ପ୍ରମୁଖ ଦୌଡ଼କୁଦ କ୍ରୀଡ଼ା ଭାରତରେ ପ୍ରସାର ଲାଭ କରିପାରିଛି। ପୁରୀ ଜିଲା ବ୍ରହ୍ମଗିରିର କିଶୋର ଜେନା ଏହାର ଜଣେ ଉତ୍କୃଷ୍ଟ ନମୁନା। ନୀରଜ ଦୁଇଟି ଲଗାତର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବାରେ ଭାରତର ପ୍ରଥମ ଆଥ୍‌ଲେଟ। ତେବେ ୯୦ ମିଟର ଦୂରତା ହାସଲ ୨୭ ବର୍ଷୀୟ ନୀରଜଙ୍କ ପାଇଁ ଏକ ଚାଲେଞ୍ଜ ହୋଇ ରହିଥିଲା। ସେ ୮୯. ୯୪ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ୨୦୨୨ ଷ୍ଟକ୍‌ହୋମ୍ ଡାଇମଣ୍ଡ ଲିଗ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଚାମ୍ପିୟନ ହୋଇଥିଲେ। ଏହା ଥିଲା ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ। ହିମାଚଳ ପ୍ରଦେଶର ହିମାନୀ ମୋର୍ ଜଣେ ପୂର୍ବତନ ଟେନିସ ଖେଳାଳି। ଏବେ ସେ ଟେନିସ କ୍ରୀଡ଼ା ପରିଚାଳିକା ଭୂମିକାରେ ଅବତୀର୍ଣ୍ଣ। ନୀରଜ-ହିମାନୀ ସମ୍ପର୍କ ବହୁ ପୁରୁଣା। ପ୍ରେମୀ ଯୁଗଳ ଚଳିତ ବର୍ଷ ଜାନୁଆରୀ ୧୬ରେ ହିମାଚଳର ଶିମଲାରେ ବିବାହ କଲେ। ହିମାନୀ ନୀରଜଙ୍କ ପରି ଜଣେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ପତ୍ନୀ ହେବା ପରେ ଏହା ନୀରଜଙ୍କ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଥିଲା। ଚଳିତ ବର୍ଷ ପ୍ରାରମ୍ଭରେ ନୀରଜ ଚେକ୍ ରିପବ୍ଲିକ୍‌ର ଅଲିମ୍ପିକ୍ ଚାମ୍ପିୟନ୍ ଜାନ୍ ଜାଲେଜ୍‌ନୀଙ୍କୁ ପ୍ରଶିକ୍ଷକ ଭାବେ ନେଇଥିଲେ। ନୂଆ ପ୍ରଶିକ୍ଷକ ସାଙ୍ଗକୁ ନୂଆ ବୈବାହିକ ଜୀବନ ଆରମ୍ଭ ପରେ ନୀରଜ ଏପ୍ରିଲରେ ହିଁ ବର୍ଷର ପ୍ରଥମ ଟାଇଟଲ ହାସଲ କଲେ। ଦକ୍ଷିଣ ଆଫ୍ରିକାର ପୋଟ୍ଟ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ଚାମ୍ପିୟନ ହେଉ ହେଉ ମେ' ମାସରେ ଦୋହା ଡାଇମଣ୍ଡ ଲିଗ୍ ଚରଣ ଅନୁଷ୍ଠିତ ହେଲା। ଏଠାରେ ନୀରଜ ଓ ଜର୍ମାନୀର ଜୁଲିଆନ ୱେବରଙ୍କ ମଧ୍ୟରେ ମୁଖ୍ୟତଃ ମୁକାବିଲା ହୋଇଥିଲା। ୱେବରଙ୍କୁ ନୀରଜ ହରାଇ ପାରି ନ ଥିଲେ ବି ତାଙ୍କର ବହୁ ପ୍ରତୀକ୍ଷିତ ୯୦ ମିଟର ଦୂରତା ହାସଲ କଲେ। ନୀରଜ ୯୦. ୨୩ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗିଥିଲେ, ମାତ୍ର ୱେବର ୯୧. ୧୭ ମିଟର ହାସଲ କରି ଚାମ୍ପିୟନ୍ ହୋଇଥିଲେ। ବିଶ୍ୱ ୯୦ ମିଟର କ୍ଲବରେ ଥିଲେ ୨୪ ଜଣ ଜାଭେଲିନ୍ ଥ୍ରୋୟର। ନୀରଜ ଏମାନଙ୍କ ସହିତ କାନ୍ଧ ମିଳାଇଛନ୍ତି। ଏସିଆର ୨ ଜଣ ଖେଳାଳି ପାକିସ୍ତାନର ଅର୍ସଦ୍ ନଦୀମ୍ (୯୨. ୯୭ ମି.) ଓ ଚାଇନିଜ୍ ତାଇପେର ଚାଓ ତାଇସୁନ୍ ଗେଙ୍ଗ୍ (୯୧. ୩୬ ମି.) ଏହି କ୍ଲବ୍‌ରେ ଥିଲେ। ଜୁନ୍ ୨୦ରେ ଅନୁଷ୍ଠିତ ହେଲା ପ୍ୟାରିସ ଡାଇମଣ୍ଡ ଲିଗ୍ ପ୍ରତିଯୋଗିତା। ଏଥିରେ ନୀରଜଙ୍କୁ ମିଶାଇ ୯୦ ମି. କ୍ଲବରେ ଥିବା ୫ ଆଥ୍‌ଲେଟ ଭାଗ ନେଇଥିଲେ। ମାତ୍ର ନୀରଜ ୱେବରଙ୍କ ଉପରେ ଭାରି ପଡ଼ିଥିଲେ। ୮୮.୧୬ ମି. ଦୂରତା ହାସଲ କରି ନୀରଜ ଚାମ୍ପିୟନ ଏବଂ ୮୭. ୮୮ ମି. ସହ ୱେବର ରନରଅପ ହୋଇଥିଲେ। ଚଳିତ ବର୍ଷ ନୀରଜଙ୍କର ଏହା ଦ୍ୱିତୀୟ ଚାମ୍ପିୟନଶିପ୍ ଟାଇଟଲ।

ଏନ୍‌ସି କ୍ଲାସିକ୍ ପଦକ ବିଜେତା
ସ୍ୱର୍ଣ୍ଣ: ନୀରଜ ଚୋପ୍ରା (୮୬.୧୮ ମିଟର)
ରୌପ୍ୟ: ଜୁଲିଅସ ୟେଗୋ (୮୪.୫୧ ମିଟର)
ବ୍ରୋଞ୍ଜ: ରମେଶ ପଥିରାଗେ (୮୪.୩୪ ମିଟର)

ନୀରଜଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୬ରେ। ଜୁନିୟର ବିଶ୍ୱ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍‌ରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ଜିଣିଥିଲେ। ସେହି ବର୍ଷ ପ୍ରଥମ ଥର ପ୍ୟାରିସ ଡାଇମଣ୍ଡ ଲିଗ୍‌ରେ ଯୋଗ ଦେଇ ୫ମ ସ୍ଥାନରେ ରହିଥିଲେ। ବିଶ୍ୱର ବିଜୟ ହାସଲ ରେକର୍ଡ ନୀରଜଙ୍କ ନାମରେ ଅଛି। ଜୁନିୟର ଓ ସିନିୟର ବିଶ୍ୱ ଚାମ୍ପିୟନ୍ ନୀରଜ କ୍ରମାଗତ ୨୪ ପ୍ରତିଯୋଗିତାରେ ପଦକ ବିଜୟୀ ହୋଇ ଭାରତରେ 'ଗୋଲ୍‌ଡେନ ବୟ' ନାମରେ ପରିଚିତ। ସୁଇଜରଲାଣ୍ଡର ଲୌସାନେ, ଜର୍ମାନୀର ଜୁରିଚ୍ ଓ ପୋଲାଣ୍ଡର ଜାନୁଜ୍ କୁସୋସିନ୍‌ସ୍କି ଆମନ୍ତ୍ରଣୀୟ ଟୁର୍ନାମେଣ୍ଟ ମଧ୍ୟ ନୀରଜଙ୍କର ଏକ ସଫଳ କ୍ଷେତ୍ର। ଜୁଲିଆନଙ୍କୁ ବାଦ୍ ଦେଲେ ଗ୍ରେନେଡାର ଅଣ୍ଡରସନ୍ ପିଟର୍ସ, ବ୍ରାଜିଲର ଲୁଇସ ମୁରାସିଓ ଡି' ସିଲ୍‌ଭା, ଆଡ୍ରିଆନ୍ ମାଇ ଦେରା, କେନିଆର ଜୁଲିୟସ ୟୋଗୋ ଓ ଜର୍ମାନୀର ଥୋମାସ୍ ରୋଲର ହେଉଛନ୍ତି ନୀରଜ ଚୋପ୍ରାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ। ୱାର୍ଲ୍ଡ ଆଥ୍‌ଲେଟିକ୍ସ ବିଶ୍ୱ ର୍‍ୟାଙ୍କିଙ୍ଗ୍ ତାଲିକାର ୧ ନଂ. ସ୍ଥାନକୁ ଫେରିଛନ୍ତି ସେ। ଗ୍ରେନେଡାର ଅଣ୍ଡରସନ୍ ପିଟର୍ସ, ଜର୍ମାନୀର ୱେବର, ପାକିସ୍ତାନର ଅର୍ସାଦ୍ ନଦୀମ ଓ କେନିଆର ଜାକ୍ୟୁବ୍ ବଦଲେଚ୍ ଯଥାକ୍ରମେ ଦ୍ୱିତୀୟରୁ ୫ମ ସ୍ଥାନରେ ଅଛନ୍ତି।

ହରିୟାଣାର ପାନିପଥ ନିବାସୀ ଏହି ମହାନ୍ ଖେଳାଳି ଜାଭେଲିନ୍ କ୍ରୀଡ଼ାର ଶ୍ରୀବୃଦ୍ଧି କରି ହାସଲ କରିଛନ୍ତି ଅନେକ ଅର୍ଥ ପୁରସ୍କାର ଓ ପ୍ରଶଂସା। ଅର୍ଜୁନ ପୁରସ୍କାର, ଖେଳରତ୍ନ ଓ ପଦ୍ମଶ୍ରୀ ଉପାଧି ଅନ୍ୟତମ। ପାନିପଥସ୍ଥିତ ଡିଏଭି କଲେଜ ଓ ଲଭ୍‌ଲୀ ପ୍ରଫେଶନାଲ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ। ସାମରିକ କ୍ଷେତ୍ରରେ ପରମ ବିଶିଷ୍ଟ ସେବା ପଦକ ହାସଲ ସହ ଅବୈତନିକ ଲ୍ୟୁଟନାଣ୍ଟ କଲୋନେଲ ପଦବୀରେ ଅଛନ୍ତି। ପ୍ରତିବଦ୍ଧ ନୀରଜ ତାଙ୍କ ୧. ୮୬ ମିଟର ଉଚ୍ଚତା, ୮୬ କେଜି ଓଜନ ଓ ସର୍ବୋପରି ସୌମ୍ୟ ରୂପ ଓ ବିପୁଳ ସଫଳତା ଯୋଗୁ ଆଜି ସାରା ବିଶ୍ୱରେ ପରିଚିତ। ନୀରଜଙ୍କ ଜନପ୍ରିୟ ବ୍ୟକ୍ତିତ୍ୱ ଭାରତର ସୁନାମ ବୃଦ୍ଧି କରିଛି। ଦେଶ, ବିଦେଶରେ ସେ ୨୦ରୁ ଅଧିକ ବ୍ରାଣ୍ଡ୍ ଉତ୍ପାଦ ପାଇଁ ବିଜ୍ଞାପନ ଫିଲ୍ମରେ ଅଭିନୟ କରିଛନ୍ତି। ୨୦୨୦ ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ଓ ପରବର୍ତ୍ତୀ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ପଦକ ଜିତିବା ପରେ ନୀରଜଙ୍କ ଅନ୍ତର୍ଜାତୀୟ ସ୍ତରର ବ୍ୟକ୍ତିତ୍ୱ ବେଶ୍ ଉର୍ଦ୍ଧ୍ୱକୁ ଯାଇଥିଲା।

ଲିଙ୍ଗ ଯୋଗ୍ୟତା ମାମଲା

ସିମେନ୍ୟାଙ୍କୁ ନିରପେକ୍ଷ ଶୁଣାଣି ମିଳି ନାହିଁ: କୋର୍ଟ

ଜେନେଭା, ୧୦।୭ (ଏପି): ଦୁଇ ଥରର ଅଲିମ୍ପିକ ଚାମ୍ପିୟନ ରନର କାଷ୍ଟର ସିମେନ୍ୟାଙ୍କୁ ୟୁରୋପିଆନ ମାନବାଧିକାର କୋର୍ଟରେ ଗୁରୁବାର ଟ୍ରାକ୍ ଓ ଫିଲ୍ଡର ଲିଙ୍ଗ ଯୋଗ୍ୟତା ନିୟମ ବିରୋଧରେ ୭ ବର୍ଷ ଧରି ଚାଲିଆସୁଥିବା ମାମଲାରେ ଆଂଶିକ ସଫଳତା ମିଳିଛି। କୋର୍ଟଙ୍କ ୧୭ ଜଣିଆ ଖଣ୍ଡପୀଠ ୧୫-୨ ଭୋଟ ସହ କହିଛନ୍ତି ଯେ ସୁଇଜରଲାଣ୍ଡର ସୁପ୍ରିମକୋର୍ଟରେ

ସେମେନ୍ୟାଙ୍କ ଉପଯୁକ୍ତ ଶୁଣାଣି ଅଧିକାର ଉଲ୍ଲଂଘନ ହୋଇଛି। ଟ୍ରାକ୍ସର ୱାର୍ଲ୍ଡ ଆଥ୍‌ଲେଟିକ୍ସ ସପକ୍ଷରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ୍) ଦ୍ୱାରା ଦିଆଯାଇଥିବା ରାୟକୁ ସେମେନ୍ୟା ସୁଇଜରଲାଣ୍ଡର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ମାମଲାର ଶୁଣାଣି ଏବେ ଲାଉସାନେସ୍ଥିତ ସ୍ୱିସ୍ ଫେଡେରାଲ କୋର୍ଟରେ ହେବ। ପୁରୁଷ କ୍ରୋମୋଜମ ଢାଞ୍ଚା ଓ ପ୍ରାକୃତିକ ଭାବେ ଉଚ୍ଚ ଟେଷ୍ଟୋଷ୍ଟେରନ ସ୍ତର ଥିବା ଖେଳାଳିଙ୍କୁ ମୁକ୍ତ ଭାବେ ମହିଳା କ୍ରୀଡ଼ାରେ ଭାଗ ନେବାକୁ ଅନୁମତି ଦେବା ପାଇଁ ସେମେନ୍ୟା ଟ୍ରାକ୍ସର ପରିଚାଳନାକାରୀ ସଂସ୍ଥାକୁ କାସ୍‌ରେ ଚ୍ୟାଲେଞ୍ଜ କରିଥିଲେ।

ଭାରତୀୟ ଦଳରେ କିଟ୍‌ରୁ ସର୍ବାଧିକ ୪୦ ଖେଳାଳି

ଭୁବନେଶ୍ୱର, ୧୦।୭ (ତପନ ସ୍ୱାଇଁ)

ଜର୍ମାନୀର ରାଇନ-ରୁହରଠାରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଚଳିତ ମାସ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଘୋଷିତ ୪୦୭ (କ୍ରୀଡ଼ାବିତ୍, କୋଚ୍ ଓ ଅଫିସିଆଲ) ଜଣିଆ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟରୁ ସର୍ବାଧିକ ୪୦ ସ୍ଥାନ ପାଇଛନ୍ତି। ଚଳିତବର୍ଷ ବିଶ୍ୱବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ବିଭିନ୍ନ ସମୟରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ୧୦୦୦ରୁ ଉର୍ଦ୍ଧ୍ୱ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଦେଶର ୪୦୦ ବିଶ୍ୱବିଦ୍ୟାଳୟ ଏହି ଚୟନ ପ୍ରକ୍ରିୟାରେ ସାମିଲ୍ ହୋଇଥିବା ବେଳେ ଶର୍ଟଲିଷ୍ଟ ଅନୁସାରେ ୬୧ଟି ବିଶ୍ୱବିଦ୍ୟାଳୟରୁ ୩ଶହ ଶ୍ରେଷ୍ଠ କ୍ରୀଡ଼ାବିତ୍ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପାଇଁ ଚୟନ କରାଯାଇଥିଲା। କିଟ୍‌ର ୪୦ ଖେଳାଳି ୭ଟି କ୍ରୀଡ଼ା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର କୌଣସି ଗୋଟିଏ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏତେ ସଂଖ୍ୟକ ଖେଳାଳି ପ୍ରତିନିଧିତ୍ୱ କରିବା ଏହା ହେଉଛି ପ୍ରଥମ। କିଟ୍ ପଛକୁ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟରୁ ଦ୍ୱିତୀୟ ସର୍ବାଧିକ ୨୮ ଓ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ୨୨ ଜଣ ଆଥଲେଟ୍ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ପାଇଁ ଦଳରେ କ୍ରୀଡ଼ା ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ମିଶାଇ ମୋଟ ୧୦୭ଜଣ ଏହି ଗସ୍ତରେ ସାମିଲ ହୋଇଛନ୍ତି। ସେମାନେ ଖେଳାଳିମାନଙ୍କୁ ବୈଷୟିକ, ଡାକ୍ତରୀ ସେବା ତଥା ଲଜିଷ୍ଟିକ୍ ସହାୟତା ଆଦି ଯୋଗାଇ ଦେବେ। ଭାରତୀୟ ପ୍ରତିନିଧି ଦଳରେ ସାମିଲ ହୋଇଥିବା କ୍ରୀଡ଼ା ଅଧିକାରୀ ଏବଂ ପ୍ରଶିକ୍ଷକଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ଅଲିମ୍ପିଆନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ରାହୁଲ ବାନାର୍ଜୀ, ଜାତୀୟ ତୀରନ୍ଦାଜ ପ୍ରଶିକ୍ଷକ ସୁରିନ୍ଦର ସିଂ, ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ, ଅନ୍ତର୍ଜାତୀୟ ଭଲିବଲ୍ ପ୍ରଶିକ୍ଷକ ଲୋତକ ବିନ୍ଦୁ ଦାଶ ଏବଂ ଅନ୍ତର୍ଜାତୀୟ ଟେନିସ୍ ପ୍ରଶିକ୍ଷକ ଟଡ୍ କ୍ଲାର୍କ ପ୍ରମୁଖ।

ସ୍ୱପ୍ନ ସାକାର ହୋଇଛି

"ଆସନ୍ତା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ୪୦ ଖେଳାଳି ସାମିଲ ହୋଇଛନ୍ତି। ଫଳରେ ମୋ ସ୍ୱପ୍ନ ସାକାର ହୋଇଛି ବୋଲି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରକାଶ କରିଛନ୍ତି। ଅନ୍ୟ ସମସ୍ତ ବିଶ୍ୱବିଦ୍ୟାଳୟ ଅପେକ୍ଷା ବିଶ୍ୱ ମଞ୍ଚରେ ଏଠାରୁ ଅଧିକ ଖେଳାଳି ପ୍ରତିନିଧିତ୍ୱ କରିବା ଗର୍ବର କଥା। ରାଜ୍ୟ ହିସାବରେ ଦେଖିବାକୁ ଗଲେ ପଞ୍ଜାବ (୭୨ ଜଣ) ପଛକୁ ଓଡ଼ିଶାରୁ ଦ୍ୱିତୀୟ ସର୍ବାଧିକ ୪୨ ଖେଳାଳି ଭାଗ ନେବାକୁ ଯାଉଛନ୍ତି। କିଟ୍‌ରୁ ୪୦ ଜଣଙ୍କ ସହିତ ଉତ୍କଳ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦଳରୁ ଜଣେ ଲେଖାଏ ଖେଳାଳି ରହିଛନ୍ତି। କିଟ୍ ସର୍ବଦା ଶିକ୍ଷା ସହିତ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି। କିଟ୍‌ର କ୍ରୀଡ଼ାବିତ୍ ଯେଭଳି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳିବାର ସୁଯୋଗ ପାଇବା ସହ ସଫଳତା ହାସଲ କରିବେ ସେ ଦିଗରେ ଆମେ ସର୍ବଦା ଯତ୍ନଶୀଳ ରହି ଆସିଛୁ। ଏପରି କି ୨୦୧୯ଠାରୁ ୨୦୨୫ ପର୍ଯ୍ୟନ୍ତ ସମସ୍ତ ଟୁର୍ନାମେଣ୍ଟରେ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ ଏବଂ ପଞ୍ଜୀକରଣ ପାଇଁ ଆବଶ୍ୟକ ଫି' ମଧ୍ୟ କିଟ୍ ପକ୍ଷରୁ ଆଗୁଆ ପଇଠ କରାଯାଇଛି" ବୋଲି ଅଚ୍ୟୁତ ପ୍ରକାଶ କରିଛନ୍ତି। ସମସ୍ତ ପ୍ରତିଯୋଗୀଙ୍କୁ ଅଚ୍ୟୁତ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟର ଆଥଲେଟ୍‌ଙ୍କ ସହ ଅଚ୍ୟୁତ ସାମନ୍ତ ଓ ଅନ୍ୟମାନେ।

ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଭାରତୀୟ ଦଳରେ ସ୍ଥାନ ପାଇଥିବା କିଟ୍ ବିଶ୍ୱବିଦ୍ୟାଳୟର ଆଥ୍‌ଲେଟ, କୋଚ୍ ଓ ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଆଥ୍‌ଲେଟଙ୍କୁ ମନୋବଳ ବଢ଼ାଇଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ କ୍ରୀଡ଼ାକୁ ଅଗ୍ରାଧିକାର ସହ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କ୍ଷେତ୍ରରେ କିଟ୍ ଓ କିସ୍ କିପରି ଅଗ୍ରଣୀ ଭୂମିକା ନିର୍ବାହ କରି ଆସିଛି ତାହା ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ, କୁଳସଚିବ ଜ୍ଞାନ ରଞ୍ଜନ ମହାନ୍ତି, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ ଓ ଆଥଲେଟିକ୍ସ ପ୍ରଶିକ୍ଷକ ସଞ୍ଜୟ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କିଟ୍ ଦଳରେ ଓଡ଼ିଶାର ୯ ଖେଳାଳି ଥିବାବେଳେ ଉତ୍କଳରୁ ପ୍ରତ୍ୟାଶା ରାୟ ଓ ସମ୍ବାଲପୁରରୁ ଏହସାସ ହୋତା ଭାଗନେବେ। ପ୍ରକାଶଯୋଗ୍ୟ, ୧୯୫୯ରୁ ଆରମ୍ଭ ହୋଇ ଆସୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୧୭ରୁ ୨୫ ବର୍ଷର ଖେଳାଳି ପ୍ରତିନିଧିତ୍ୱ କରି ଆସୁଛନ୍ତି। କିଟ୍ ପକ୍ଷରୁ ପ୍ରତିନିଧିତ୍ୱ କରି ଦୂତୀ ଚାନ୍ଦ ଏହି ମହା ମଞ୍ଚରେ ପ୍ରଥମ ଭାରତୀୟ ଆଥଲେଟ୍ ଭାବେ ସ୍ୱର୍ଣ୍ଣ ପଦକ ଜିତି ସମସ୍ତଙ୍କୁ ଗର୍ବିତ କରିଛନ୍ତି। ସେହିପରି ଅମ୍ଲାନ ବୋରଗୋହେନ ଓ ପ୍ରିୟଙ୍କା ପ୍ରମୁଖ ମଧ୍ୟ ପଦକ ହାସଲ କରିଛନ୍ତି।

ଧରିତ୍ରୀ DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୧/୨୦୨୫ Bhubaneswar, Friday, July 11/ 2025

ରୁଟ୍ ୯୯*, ଇଂଲଣ୍ଡ ୨୫୧/୪

ତୃତୀୟ ଟେଷ୍ଟ

ଲର୍ଡ୍ସ,୧୦।୭

ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ତୃତୀୟ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକର ଘଣ୍ଟି ବଜାଇ ମ୍ୟାଚ୍ ଆରମ୍ଭ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ୪ ଉଇକେଟ ହରାଇ ୨୫୧ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଜୋ ରୁଟ ୯୯ ଓ ଅଧିନାୟକ ବେନ ଷ୍ଟୋକ୍ସ ୩୯ ରନରେ ଅପରାଜିତ ରହିଛନ୍ତି। ଏହି ମ୍ୟାଚ୍ ଲାଗି ଭାରତୀୟ ଦଳରେ କେବଳ ଗୋଟିଏ ପରିବର୍ତ୍ତନ କରାଯାଇଛି। ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ବାଦ୍ ଦିଆଯାଇ ତାଙ୍କ ବଦଳରେ ଯଶପ୍ରୀତ ବୁମରାଙ୍କୁ ସାମିଲ କରାଯାଇଛି।

ଟସ୍ ଜିତି ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଚଳିତ ସିରିଜ୍‌ରେ ଭାରତୀୟ ଟେଷ୍ଟ ଅଧିନାୟକ ଶୁବମନ ଗିଲ ଲଗାତର ତୃତୀୟ ଥର ପାଇଁ ଟସ୍‌ରେ ହାରିଛନ୍ତି। ଅପେକ୍ଷାକୃତ କମ୍ ବାଉନ୍ସ କରୁଥିବା ପିଚ୍‌ରେ ଜ୍ୟାକ କ୍ରାଉଲି ଓ ବେନ ଡକେଟଙ୍କ ଓପନିଂ ଯୋଡ଼ି ଧୈର୍ଯ୍ୟର ସହ ଭାରତୀୟ ପେସ୍ ଆଟାକ୍‌ର ସମ୍ମୁଖୀନ ହୋଇଥିଲେ। ଦୁହେଁ ପ୍ରଥମ ଉଇକେଟ ପାଇଁ ୪୩ ରନ କରିଥିଲେ। ଦୁଇ ଓପନରଙ୍କୁ ନୀତିଶ କୁମାର ରେଡ୍ଡୀ ଗୋଟିଏ ଓଭରରେ ପାଭିଲିଅନ୍ ପଠାଇଥିଲେ। କ୍ରାଉଲି ୧୮ ଓ ଡକେଟ ୨୩ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଓଲି ପୋପ୍ ଓ ରୁଟ୍ ତୃତୀୟ ଉଇକେଟରେ ୧୦୯ ରନ ଯୋଡ଼ିଥିଲେ। ୪ ଚୌକା ସହ ୪୪ ରନ କରି ସେଟ୍ ଜଣାପଡୁଥିବା ପୋପ୍‌ଙ୍କୁ ରବୀନ୍ଦ୍ର ଜାଡେଜା ଆଉଟ୍ କରିଥିଲେ। ସେହିଭଳି ନୂଆ ୱାର୍ଲ୍ଡ ନଂ-୧ ଟେଷ୍ଟ ବ୍ୟାଟର ହ୍ୟାରୀ ବ୍ରୁକ (୧୧)ଙ୍କୁ ବୁମରା କ୍ଲିନ ବୋଲ୍ଡ କରିଥିଲେ। ଏହାପରେ ରୁଟ୍ ଓ ଅଧିନାୟକ ଷ୍ଟୋକ୍ସ ଭ୍ରମଣକାରୀ ବୋଲରଙ୍କୁ ଆଉ କୌଣସି ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ଅବିଭାଜିତ ପଞ୍ଚମ ଉଇକେଟରେ ୭୯ ରନ କରିଛନ୍ତି। ଭାରତ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ଦୁଇ ଉଇକେଟ ନେଇଥିବା ବେଳେ ବୁମରା ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୮୩ ଓଭରରେ ୨୫୧/୪ (ଜୋ ରୁଟ୍-୯୯*, ବେନ ଷ୍ଟୋକ୍ସ-୩୯*, ଓଲି ପୋପ-୪୪, ବେନ ଡକେଟ-୨୩, ନୀତିଶ କୁମାର ରେଡ୍ଡୀ-୨/୪୬, ରବୀନ୍ଦ୍ର ଜାଡେଜା-୧/୨୬, ଯଶପ୍ରୀତ୍ ବୁମରା-୧/୩୫)।

ଅପରାଜିତ ୯୯ ରନ୍‌ର ଇନିଂସ୍ ଅବସରରେ ଏକ ଶଟ୍ ଖେଳୁଛନ୍ତି ଜୋ ରୁଟ୍।

ପନ୍ତ ଆହତ

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ଉଇକେଟକିପର ରିଷଭ ପନ୍ତ ଆହତ ହୋଇଛନ୍ତି। ଇଂଲଣ୍ଡର ପ୍ରଥମ ଇନିଂସର ୩୪ତମ ଓଭରରେ ଯଶପ୍ରୀତ ବୁମରା ବୋଲିଂ କରୁଥିବା ବେଳେ ଲେଗ୍ ସାଇଡ୍‌ରେ ଯାଇଥିବା ଏକ ବଲକୁ ରୋକିବା ପାଇଁ ପନ୍ତ ଡ୍ରାଇଭ ମାରିଥିଲେ। କିନ୍ତୁ ବଲ ତାଙ୍କ ହାତରେ ବାଜିଥିଲା। ଏଥିଯୋଗୁ ପଡ଼ିଆରେ ତାଙ୍କର ଚିକିତ୍ସା କରାଯାଇଥିଲା। ହେଲେ ତାହାର କୌଣସି ସୁଫଳତା ତାଙ୍କୁ ମିଳି ନ ଥିଲା। ବୁମରାଙ୍କ ଓଭର ଶେଷ ହେବା ପରେ ସେ ଫିଲ୍ଡରୁ ଚାଲି ଯାଇଥିଲେ। ପନ୍ତଙ୍କ ବଦଳରେ ଧ୍ରୁବ ଜୁରେଲ ଉଇକେଟକିପିଂ କରିଥିଲେ, ଯିଏକି ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନାହାନ୍ତି।

ଇଂଲଣ୍ଡ ବିପକ୍ଷ ଟି୨୦: ଭାରତୀୟ ମହିଳା ଦଳର ପ୍ରଥମ ସିରିଜ୍ ବିଜୟ

ମାଞ୍ଚେଷ୍ଟର,୧୦।୭(ପି.ଟି.): ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଟି୨୦ ମ୍ୟାଚ୍‌କୁ ଭାରତୀୟ ଦଳ ୩ ଓଭର ପୂର୍ବରୁ ୬ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୩-୧ରେ ଆଗୁଆ ରହିଛି। ଇଂଲଣ୍ଡ ବିପକ୍ଷରେ ଏହା ଭାରତୀୟ ମହିଳା ଦଳର ପ୍ରଥମ ଟି୨୦ ସିରିଜ୍ ବିଜୟ। ଜବରଦସ୍ତ ବୋଲିଂ ପ୍ରଦର୍ଶନ ଲାଗି ରାଧା ଯାଦବଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ କରିଥିଲା। ଦଳ ପାଇଁ ସୋଫିଆ ଡଙ୍କଲି ୨୨ ଓ ଟାମି ବେଉମଣ୍ଟ ୨୦ ରନ କରିଥିଲେ। ଭାରତ ପକ୍ଷରୁ ରାଧା ଯାଦବ ଓ ଶ୍ରୀ ଚରାନି ୨ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତ ୧୭ ଓଭରରେ ୪ ଉଇକେଟରେ ୧୨୭ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ସ୍ମୃତି ମନ୍ଧାନା ୩୨, ଶେଫାଳୀ ବର୍ମା ୩୧ ଓ ଅଧିନାୟକ ହରମନପ୍ରୀତ କୌର ୨୬ ରନ କରି ଆଉଟ୍ ହୋଇଥିବା ବେଳେ ଜେମିମା ରୋଡ୍ରିଗୁଏଜ ୨୪ ରନ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ଲାଗି ଚାର୍ଲଟ ଡିନ, ସୋଫି ଏଲଲେଷ୍ଟୋନ ଓ ଇସି ୱଙ୍ଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଏମ୍‌ସିସି ମ୍ୟୁଜିୟମରେ ତେନ୍ଦୁଲକରଙ୍କ ପ୍ରତିଛବି

ଲଣ୍ଡନ,୧୦।୭(ପି.ଟି.)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାର ତୃତୀୟ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ କିମ୍ବଦନ୍ତୀ ଭାରତୀୟ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ଏକ ପ୍ରତିଛବି ଲର୍ଡ୍ସସ୍ଥିତ ଏମ୍‌ସିସି ମ୍ୟୁଜିୟମରେ ଉନ୍ମୋଚିତ କରାଯାଇଛି। ୧୮ ବର୍ଷ ତଳେ ନିଆଯାଇଥିବା ଫଟୋରୁ ଷ୍ଟୁଆର୍ଟ ପିଅରସନ ରାଇଟ୍ ଚିତ୍ର କରିଛନ୍ତି। ଏହାକୁ ଏବେ କିଛି ମାସ ପାଇଁ ଏମ୍‌ସିସି ମ୍ୟୁଜିୟମରେ ରଖାଯିବ ଏବଂ ପରେ ଏହାକୁ ପାଭିଲିଅନକୁ ସ୍ଥାନାନ୍ତର କରାଯିବ। ପିଅରସନ ରାଇଟ୍ ପୂର୍ବରୁ କପିଲ ଦେବ, ବିଶନ ସିଂ ବେଦୀ ଓ ଦିଲୀପ ଭେଙ୍ଗସରକାରଙ୍କ ଛବି ଆଙ୍କିଥିଲେ।

ଏହି ଅବସରରେ ତେନ୍ଦୁଲକର କହିଛନ୍ତି ଯେ, ଏହା ମୋ ପାଇଁ ବହୁତ ବଡ଼ ସମ୍ମାନ। ୧୯୮୩ରେ ଭାରତ ବିଶ୍ୱକପ୍ ଜିତିଲା ବେଳେ ହିଁ ମୁଁ ଲର୍ଡ୍ସକୁ ପ୍ରଥମ ଥର ଦେଖିଥିଲି। ଆମ ଅଧିନାୟକ କପିଲ ଦେବ ବିଶ୍ୱକପ୍ ଉଠାଉଥିବା ଦେଖିଥିଲି। ସେଠାରୁ ହିଁ ମୋର କ୍ରିକେଟ ଅଭିଯାନ ଆରମ୍ଭ ହୋଇଥିଲା। ଆଜି ମୋ ଛବି ପାଭିଲିଅନରେ ଲାଗିବାକୁ ଯାଉଥିବାରୁ ମୋ ଜୀବନ ପୂରା ହୋଇଥିବା ଅନୁଭବ ହେଉଛି। ଏହା ମୋ ପାଇଁ ଖୁବ୍ ସ୍ୱତନ୍ତ୍ର।

ଲିଜେଣ୍ଡ ଲିଗ୍ କ୍ରିକେଟ ଫେରିବ

ନୂଆଦିଲ୍ଲୀ, ୧୦।୭ (ପି.ଟି.)

ଅବସରପ୍ରାପ୍ତ ଖେଳାଳିମାନଙ୍କୁ ନେଇ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି୨୦ ଇଭେଣ୍ଟ ଲିଜେଣ୍ଡ ଲିଗ୍ କ୍ରିକେଟ ଫେରିବ। ଏହାର ଚତୁର୍ଥ ସିଜନ ନଭେମ୍ବର ୧୯ରୁ ଡିସେମ୍ବର ୧୩ ପର୍ଯ୍ୟନ୍ତ ଭାରତର ୭ଟି ସହରରେ ଅନୁଷ୍ଠିତ ହେବ। ଲିଗ୍ ଚେୟାରମ୍ୟାନ ବିବେକ ଖୁସାଲାନି ଏକ ପ୍ରେସ୍ ଇସ୍ତାହାର ଜରିଆରେ ସୂଚନା ଦେଇଛନ୍ତି। ଇଭେଣ୍ଟର ଅତୀତ ସିଜନଗୁଡ଼ିକରେ ଶିଖର ଧାୱନ, ସୁରେଶ ରାଇନା, ଆରୋନ୍ ଫିଞ୍ଚ, ମାର୍ଟିନ ଗୁପ୍‌ଟିଲ, ଗୌତମ ଗମ୍ଭୀର, ଖ୍ରୀସ୍ ଗେଲ୍, ହାସିମ୍ ଅମ୍‌ଲା ଓ ରସ୍ ଟେଲଙ୍କ ଭଳି ଖେଳାଳି ସ୍ଥାନ ପାଇଥିଲେ।

ଫାଇନାଲରେ ଆନିସିମୋଭା

ୱିମ୍ବଲଡନ୍ ଟେନିସ୍

ଲଣ୍ଡନ,୧୦।୭

ଟେନିସ ସିଜନର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ୧୩ତମ ସିଡ୍ ଆମାଣ୍ଡା ଆନିସିମୋଭା ବିପର୍ଯ୍ୟୟ ଘଟାଇ ଫାଇନାଲରେ ପ୍ରବେଶ କରିଛନ୍ତି। ୱାର୍ଲ୍ଡ ନଂ-୧ ଆରିନା ସାବାଲେଙ୍କା ପରାଜୟ ସହ ସେମିଫାଇନାଲରୁ ଅଭିଯାନ ଶେଷ କରିଛନ୍ତି।

ଗୁରୁବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ୍‌ରେ ୨୩ ବର୍ଷୀୟା ଆନିସିମୋଭା ୬-୪, ୪-୬, ୬-୪ ସେଟ୍‌ରେ ସାବାଲେଙ୍କାଙ୍କୁ ପରାସ୍ତ କରିଛନ୍ତି। ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ବିଜୟରୁ ଅଭିଯାନ ଆରମ୍ଭ କରିଥିବା ଆନିସିମୋଭାଙ୍କୁ ଦ୍ୱିତୀୟ ସେଟ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। କିନ୍ତୁ ତୃତୀୟ ସେଟ୍‌କୁ ଜିତି ସେ କ୍ୟାରିୟରରେ ପ୍ରଥମ ଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଶନିବାର ଖେଳାଯିବାକୁ ଥିବା ଫାଇନାଲରେ ସେ କାହାକୁ ଭେଟିବେ, ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। କିନ୍ତୁ ଗତ ୭ ବର୍ଷ ଭଳି ଏଥର ମଧ୍ୟ ମହିଳା ସିଙ୍ଗଲ୍ସରେ ନୂଆ ଖେଳାଳି ଚାମ୍ପିୟନ ହେବେ ବୋଲି ସ୍ପଷ୍ଟ ହୋଇଛି।

ମ୍ୟାଚ୍ ଜିତିବା ପରେ ଆମାଣ୍ଡା ଆନିସିମୋଭା।

ଅଣଖେଳୁଆଡ଼ ବ୍ୟବହାର ଲାଗି ୧୫ ଖେଳାଳି ଦଣ୍ଡିତ

ଲଣ୍ଡନ,୧୦।୭(ଏପି): ବଡ଼ ପାଟିରେ ଖରାପ ଭାଷାରେ ଗାଳି କରିବା, ର୍‍ୟାକେଟ୍ ଭାଙ୍ଗିବା ଓ ଅଣଖେଳୁଆଡ଼ ବ୍ୟବହାର ଲାଗି ଚଳିତ ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଟେନିସ ଖେଳାଳିଙ୍କୁ ଜରିମାନା କରାଯାଇଛି। ଅଲ୍ ଇଂଲଣ୍ଡ କ୍ଲବ ପକ୍ଷରୁ ନୂଆ ଜରିମାନା ତାଲିକା ଜାରି କରାଯାଇଛି। ଏଥିରେ ୨୦୨୪ ପୁରୁଷ ଡବଲ୍ସ ଚାମ୍ପିୟନ ହେନରୀ ପାଟେନଙ୍କୁ ଗାଳି କରିବା ଲାଗି ୧୨,୫୦୦ ଡଲାର (୧୦.୪୪ ଲକ୍ଷ) ଜରିମାନା କରାଯାଇଛି, ଯାହାକି ସବୁଠୁ ବଡ଼ ଜରିମାନା। ସେ ଗତ ଜୁନ ୨୯ ତାରିଖରେ ପ୍ରାକ୍ଟିସ ଗ୍ରାଉଣ୍ଡରେ ଜଣେ ଷ୍ଟାଫ୍ ସଦସ୍ୟଙ୍କୁ ଗାଳିଗୁଲଜ କରିଥିଲେ। ସେହିଭଳି ଆମାଣ୍ଡା ଆନିସିମୋଭାଙ୍କୁ ଅଣଖେଳୁଆଡ଼ ବ୍ୟବହାର ଲାଗି ୪୦୦୦ ଡଲାର ଜରିମାନା କରାଯାଇଛି। ସମାନ କାରଣ ପାଇଁ ଫ୍ରେଞ୍ଚ ଡବଲ୍ସ ଖେଳାଳି ଥେଓ ଆରିବେଜଙ୍କୁ ୭,୫୦୦ ଡଲାର ଜରିମାନା କରାଯାଇଛି। ମୋଟ ଉପରେ ୭ ପୁରୁଷ ଓ ୮ ମହିଳା ଖେଳାଳିଙ୍କୁ ଜରିମାନା କରାଯାଇଛି।

ଭାରତ ଏ’ ୬-୦ଗୋଲ୍‌ରେ ବିଜୟୀ

ୟୁରୋପିଆନ ଟୁର୍

ଇଣ୍ଡୋଭେନ୍, ୧୦।୭ (ପି.ଟି.)

ୟୁରୋପିଆନ ଟୁର୍‌ରେ ଭାରତୀୟ ‘ଏ’ ପୁରୁଷ ହକି ଦଳ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ସ୍ଥାନୀୟ ହକି କ୍ଲବ ଓରାଞ୍ଜେ-ରୁଡ୍‌ଠାରେ ଖେଳାଯାଇଥିବା ମ୍ୟାଚରେ ଦଳ ୬-୦ ଗୋଲ୍‌ରେ ଆୟର୍ଲାଣ୍ଡକୁ ହରାଇ ଦେଇଛି। ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ଭାରତ ‘ଏ’ ଦଳ ୬-୧ ଗୋଲ୍‌ରେ ବିଜୟ ଲାଭ କରିଥିଲା। ଭାରତ ‘ଏ’ ପକ୍ଷରୁ ଉତ୍ତମ ସିଂ ପ୍ରଥମ ଗୋଲ ସ୍କୋର କରିଥିଲେ। ଅଧିନାୟକ ସଞ୍ଜୟ ଗୋଲ୍‌ରେ ଦଳ ୨-୦ଗୋଲରେ ଅଗ୍ରଣୀ ଲାଭ କରିଥିଲା। ପରେ ମିଡ୍‌ଫିଲ୍ଡର ମହମ୍ମଦ ରାହିଲ ମୋସିନ ପଛକୁ ପଛ ଦୁଇଟି ଗୋଲ୍ ସ୍କୋର କରିଥିଲେ। ଅମନଦୀପ ଲାକ୍ରା ଓ ବରୁଣ କୁମାର ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଭାରତ ‘ଏ’ ଏହାର ପରବର୍ତ୍ତୀ ମ୍ୟାଚ ଶନିବାର ଫ୍ରାନ୍ସ ବିପକ୍ଷରେ ଖେଳିବ। ଦଳ ଫ୍ରେଞ୍ଚ୍ ଟିମ୍ ବିପକ୍ଷରେ ଅନୁରୂପ ଭଲ ପ୍ରଦର୍ଶନ କରିବ ବୋଲି କୋଚ୍ ଶିବେନ୍ଦ୍ର ସିଂ ଆଶା ପ୍ରକାଶ କରି କହିଛନ୍ତି। ୟୁରୋପ ଟୁର୍‌ରେ ଥିବା ଭାରତ ଦୁଇ ସପ୍ତାହ ମଧ୍ୟରେ ଆୟର୍ଲାଣ୍ଡ ଓ ଫ୍ରାନ୍ସ ବ୍ୟତୀତ ଇଂଲଣ୍ଡ, ବେଲଜିୟମ ଏବଂ ଆୟୋଜକ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ।



ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତରେ ଭାରତର ମହମ୍ମଦ ରାହିଲ ମୋସିନ।

ହକି ଇଣ୍ଡିଆର ୩୩ ଜଣିଆ ସମ୍ଭାବ୍ୟ ତାଲିକାରେ ଓଡ଼ିଶାର ୪

ବେଙ୍ଗାଲୁରୁ, ୧୦।୭ (ପି.ଟି.): ଜାତୀୟ ପୁରୁଷ ହକି ଦଳର କୋଚିଂ କ୍ୟାମ୍ପ ଜୁଲାଇ ୧୪ରୁ ଅଗଷ୍ଟ ୭ ପର୍ଯ୍ୟନ୍ତ ସ୍ଥାନୀୟ ସାଇ ସେଣ୍ଟରଠାରେ ଅନୁଷ୍ଠିତ ହେବ। ଏଥିପାଇଁ ହକି ଇଣ୍ଡିଆ ତରଫରୁ ଏକ ୩୩ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଅମିତ ରୋହିଦାସ, ଅମନଦୀପ ଲାକ୍ରା ଶିଳାନନ୍ଦ ଲାକ୍ରା ଓ ନୀଲମ ସଞ୍ଜୀପ ଖେସ୍। ଆଗକୁ ଦୁଇଟି ବଡ଼ ଅନ୍ତର୍ଜାତୀୟ ଇଭେଣ୍ଟ ଖେଳିବାକୁ ଥିବାରୁ ଏହି କ୍ୟାମ୍ପ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ରାଜଗିରିରେ ହିରୋ ଏସିଆ କପ୍ ଖେଳିବ। ଏସିଆ କପ୍‌ର ବିଜେତା ଆସନ୍ତା ଅଗଷ୍ଟ ୧୪ରୁ ୩୦ ପର୍ଯ୍ୟନ୍ତ ହେବାକୁଥିବା ଫିଫା ପୁରୁଷ ବିଶ୍ୱ କପ୍ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏହି ମେଗା ଇଭେଣ୍ଟକୁ ଉଭୟ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ମିଳିତ ଭାବେ ଆୟୋଜନ କରୁଛନ୍ତି। ୟୁରୋପରେ ପ୍ରୋ-ଲିଗ୍ ୨୦୨୪-୨୫ ଅଭିଯାନରେ ଭାରତ ଖେଳିଥିବା ୮ଟି ମ୍ୟାଚ ମଧ୍ୟରୁ କେବଳ ଗୋଟିଏରେ ବିଜୟ ଲାଭ କରି ଟେବୁଲର ୮ମ ସ୍ଥାନରେ ରହିଥିଲା। ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ଆସନ୍ତା ଟୁର୍ନାମେଣ୍ଟଗୁଡ଼ିକରେ ଦଳର ଦୋଷଦୁର୍ବଳତା ସଜାଡ଼ିବା ଦିଗରେ କୋଚିଂ ଷ୍ଟାଫ୍‌ମାନେ ବିଶେଷ ଧ୍ୟାନ ଦେବେ। ଦଳର ବର୍ତ୍ତମାନ ଭାରତ ‘ଏ’ ଦଳ ସହିତ ୟୁରୋପ ଟୁର୍‌ରେ ଥିବା ବରୁଣ କୁମାରଙ୍କୁ ଡିଫେନ୍ସ ଲାଇନ୍‌ରୁ ବାଦ୍ ଦିଆଯାଇଛି। କିନ୍ତୁ ଶୁଣିବାକୁ ମିଳୁଛି ଯେ, ମୁଖ୍ୟ କୋଚ୍ କ୍ରେଗ୍ ଫଲ୍‌ଟନ ଭାରତ‘ଏ’ ଦଳର ପ୍ରଦର୍ଶନ ବିଚାରକୁ ନେବେ। ଅତିକମ୍‌ରେ ଅଷ୍ଟ୍ରେଲିଆ ଟୁର୍ ପାଇଁ କେତେଜଣ ଖେଳାଳିଙ୍କୁ ସାମିଲ କରିପାରନ୍ତି। ଏହି ମ୍ୟାଚ୍‌ଗୁଡ଼ିକ ପର୍ଥରେ ଅଗଷ୍ଟ ୮ରୁ ୨୨ ପର୍ଯ୍ୟନ୍ତ ଖେଳାଯିବ।

ଖେଳାଳି ତାଲିକା-ଗୋଲ୍‌କିପର: କ୍ରିଶନ ବି. ପାଠକ, ସୁରଜ କାର୍‌କେରା, ପୱନ ମୋହିତ ଏସ୍.। ଡିଫେଣ୍ଡର: ସୁମିତ, ଅମିତ ରୋହିଦାସ, ନିଲମ ସଞ୍ଜୀବ ଖେସ୍, ହରମନପ୍ରୀତ୍ ସିଂ, ଜରମନପ୍ରୀତ ସିଂ, ସଞ୍ଜୟ, ୟଶଦୀପ ସିୱାଚ୍, ଅମନଦୀପ ଲାକ୍ରା। ମିଡ୍ ଫିଲ୍ଡର: ରାଜ କୁମାର ପାଲ୍, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ରାଜୀନ୍ଦର ସିଂ, ମନପ୍ରୀତ୍ ସିଂ, ବିବେକ ସାଗର ପ୍ରସାଦ, ସମଶେର ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ, ପୁଭାନ୍ନା ସି.ବି. ବିଷ୍ଣୁକାନ୍ତ ସିଂ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ